RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-273 ♦BHUBANESWAR ♦SATURDAY ♦30 MARCH 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୭୩ ♦ଭୁବନେଶ୍ୱର ♦ଶନିବାର ♦୩୦ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




'ଟକ୍ସିକ୍'ରେ କରିନା

▶ପୃଷ୍ଠା ୨ ଦେଖନ୍ତୁ...

## ପ୍ରଖ୍ୟାତ ଗଣିତଜ୍ଞ ଟିଏନ୍ ସୁବ୍ରମଣିୟମ୍‌ଙ୍କ ପରଲୋକ

■ **ନ୍ୟୁୟର୍କ, ୨୯।୩ (ଏଜେନ୍ସି):** ପ୍ରଖ୍ୟାତ ଭାରତ ଜନ୍ମିତ ଗଣିତଜ୍ଞ ଡ. ଟିଏନ୍ ସୁବ୍ରମଣିୟମ୍‌ଙ୍କ ପରଲୋକ ହୋଇଛି। ଚଳିତମାସ ୨୬ରେ ଆମେରିକାର ମିଚିଗାନ୍‌ଠାରେ ୭୬ ବର୍ଷ ରେ ତାଙ୍କର ଦେହାନ୍ତ ଘଟିଛି। ଶ୍ରୀ ସୁବ୍ରମଣିୟମ୍ ମୂଳ ଭାରତୀୟ ହୋଇଥିବାବେଳେ ୧୯୭୯ରେ ସେ ଆମେରିକା ଚାଲିଯାଇଥିଲେ। ଗଣିତ କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ପାଇଁ ସେ ଉଭୟ ଭାରତ ଓ ଆମେରିକାରେ ପ୍ରସିଦ୍ଧ ଥିଲେ। ସାରା ବିଶ୍ୱ ପାଇଁ ସେ ଏକାଧିକ ଗାଣିତିକ ନମୂନା



ଓ ଥିଓରି ଆବିଷ୍କାର କରିଥିଲେ। ଜେନେରାଲ ମୋଟର୍ସ (ଜିଏମ୍)ର ସେ ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଥିଲେ। ଜିଏମ୍ କାର୍ ପାଇଁ ଗାଣିତିକ ନମୂନା ପ୍ରସ୍ତୁତ କରିବାକୁ ଜେନେରାଲ ମୋଟର୍ସ ତାଙ୍କୁ ନିଯୁକ୍ତ କରିଥିଲା। ପରେ ସେ କମ୍ପାନୀ ପାଇଁ ରୁଟ୍ ୱାନ୍ ସଂସ୍ଥାପନ କରିଥିଲେ, ଯାହାଦ୍ୱାରା ସମସ୍ତ ଜିଏମ୍ କାର୍ ଏବଂ ଜିପିଏସ୍ ସିଷ୍ଟମ ପାଇଁ ଅଟୋ-ଫାଇନାନ୍ସ ବ୍ୟବସ୍ଥା ପରିଚାଳିତ ହେଉଥିଲା। ସେ ଜିଏମ୍ କାର୍ ପାଇଁ ସର୍ଭର ପ୍ରତିଷ୍ଠାର ମଧ୍ୟ ମୂଳ ବିନ୍ଧାଣି ଥିଲେ।

## ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଲା ବୈଦେଶିକ ମୁଦ୍ରା ଭଣ୍ଡାର

■ **ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି):** ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ଚଳିତମାସ ୮ରେ ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ବିଗତ ଦୁଇ ବର୍ଷର ଉଚ୍ଚତମ ସ୍ତର ଛୁଇଁଛି। ୨୦୨୩ ଜୁଲାଇ ୧୪ ପରେ ମୁଦ୍ରା ଭଣ୍ଡାର ଏଭଳି ରେକର୍ଡ ସ୍ତରରେ ପହଞ୍ଚିଛି। ଚଳିତମାସ ପହିଲାରେ ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ୬.୫୫ ବିଲିୟନ୍ ଡଲାର ବୃଦ୍ଧି ଘଟି ୬୨୫.୬୩ ବିଲିୟନ୍





ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ, ଚଳିତ ସମୀକ୍ଷା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାରର ପ୍ରମୁଖ ଉପାଦାନ ବୈଦେଶିକ ମୁଦ୍ରା ସମ୍ପତ୍ତି (ଏଫ୍‌ସିଏ)ରେ ୮.୧୨ ବିଲିୟନ୍ ଡଲାର ବୃଦ୍ଧି ଘଟି ୫୬୨.୩୫ ବିଲିୟନ୍ ଡଲାର ରହିଛି। ଏହି ସମୟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ରେ ଭାରତର ସଂରକ୍ଷଣ ସ୍ଥିତି ୧.୯ କୋଟି ଡଲାର ବୃଦ୍ଧି ଘଟି ୪.୮୨ ବିଲିୟନ୍ ଡଲାରରେ ପହଞ୍ଚିଛି।

### ୫ ସହରରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲା

# ମୁଣ୍ଡଫଟା ଚଇତି ତାତି

■ **ଭୁବନେଶ୍ୱର, ୨୯।୩ (ସମିସ):** ଗତ ୩ ଦିନ ହେବ ରାଜ୍ୟରେ କ୍ରମାଗତ ଭାବେ ତାପମାତ୍ରା ବୃଦ୍ଧି ପାଉଛି। ପହିଲି ଚୈତ୍ରରୁ ରାଜ୍ୟର ତାପମାତ୍ରା ୪୦ ଛୁଇଁଛି। ଗୋଟିଏ ଦିନରେ ଏକାବେଳେ ୫ ଟି ସହରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିବା ବୈଶାଖରେ ତାତି ଆହୁରି ବଢ଼ିବା ନେଇ ଆକଳନ କରାଯାଉଛି। ଫଳରେ ରାଜ୍ୟବାସୀ ଏପ୍ରିଲ ମାସରେ ତାତି ଓ ଗୁଳୁଗୁଳିରେ ସିଝିବା ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ଟିଟିଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡ଼ ସହରର ତାପମାତ୍ରା ୪୦ରେ ପହଞ୍ଚିଛି।

ଅନ୍ୟପଟେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ ଆହୁରି ୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ତାତି ଓ ଗୁଳୁଗୁଳି ଜନିତ ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି କରାଯାଇଥିବା ବୁଲେଟିନ୍ କୁହାଯାଇଛି ଏଭଳି ସ୍ଥିତି ଯୋଗୁଁ ରାଜ୍ୟର ଆଭ୍ୟନ୍ତରୀଣ ଓଡ଼ିଶାର ଏକାଧିକ ସ୍ଥାନରେ ତାପମାତ୍ରା



**୨ ଦିନରେ ଆଉ ୨ ଡିଗ୍ରୀ ବଢ଼ିବା ଆଶଙ୍କା**

**୫ ଦିନ ଯାଏଁ ତାତି ଓ ଗୁଳୁଗୁଳି ସତର୍କତା**

**ଦିନ ୧୦ଟାରୁ ୩ଟା ଘରୁ ବାହାରିବା ମନା**

୩୮-୪୦ ଡିଗ୍ରୀ ଓ ଉପକୂଳ ଓଡ଼ିଶାରେ ତାପମାତ୍ରା ୩୬-୩୮ ଡିଗ୍ରୀ ମଧ୍ୟରେ ରହିବାର ସମ୍ଭାବନା ରହିଛି। ସେହିପରି ତାପମାତ୍ରା ସହିତ ଉପକୂଳ ଓଡ଼ିଶାରେ ୫୦-୭୦ ପ୍ରତିଶତ ଆର୍ଦ୍ରତା ରହିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୩୦-୫୦ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି। ତେଣୁ ତାତି ଓ ଗୁଳୁଗୁଳିରେ ଲୋକେ ଅସହଜ ଅନୁଭବ କରିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସକାଳ ୧୦ ଟାରୁ ଅପରାହ୍ଣ ୩ଟା ମଧ୍ୟରେ ବାହାରକୁ ବାହାରୁ ଥିଲେ ▶ପୃଷ୍ଠା-୯

## ଗ୍ରୀଷ୍ମ ମୁକାବିଲା ବୈଠକ ଡାକିଲେ ଏସ୍‌ଆର୍‌ସି

■ **ଭୁବନେଶ୍ୱର, ୨୯।୩ (ସମିସ):** ରାଜ୍ୟରେ ଟାଣ ଖରା ଆରମ୍ଭ ହୋଇଯାଇଥିବା ବେଳେ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି।

ଏଥିପାଇଁ ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିସନରଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ ବୋଲି ନିଷ୍ପତ୍ତି ହୋଇଛି। ଏହି ବୈଠକେରେ ଚଳିତ ଗ୍ରୀଷ୍ମ ଋତୁର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରାଯିବ। ଏଥିପାଇଁ ଏହି ବୈଠକରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକଙ୍କ ସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେବେ ବୋଲି ଜଣାପଡ଼ିଛି। ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟରୁ ଅତିରିକ୍ତ ଏସ୍‌ଆର୍‌ସି ପଦ୍ମନାଭ ବେହେରା ଏନେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପଞ୍ଚାୟତରାଜ ଓ ପାନୀଜଳ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଏମ୍‌ଏସ୍‌ଏମ୍‌ଇ, ଏସ୍‌ଏସ୍‌ପିଇଡି, ଶିଳ୍ପ, ବାଣିଜ୍ୟ ଓ ପରିବହନ ବିଭାଗ ଓ ଦକ୍ଷତା ବିକାଶ ▶ପୃଷ୍ଠା-୯

### ଯୁବ ବିଜେଡିକୁ କାର୍ତ୍ତିକ ପାଣ୍ଡିଆନଙ୍କ ବିଜୟ ମନ୍ତ୍ର

# ଯୁବଶକ୍ତି ହାତରେ ବିଜୟ ମଙ୍ଗ





■ **ଭୁବନେଶ୍ୱର, ୨୯।୩ (ସମିସ):** ଯୁବ ଶକ୍ତି ହେଉଛନ୍ତି ଦେଶ ଓ ରାଜ୍ୟ ନିର୍ମାଣ ସୂତ୍ରଧର। ସଶକ୍ତ ଯୁବ ସମାଜ ହିଁ ଦେଶକୁ ନୂଆ ସୋପାନରେ ପହଞ୍ଚାଇବାର ସାମର୍ଥ୍ୟ ବହନ କରନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶାର ଯୁବଶକ୍ତି ବିଜୁ ଜନତା ଦଳର ବୃହତ୍ ବିଜୟର ଆୟୁଧ ହେବ। ବିରୋଧୀଙ୍କ ଅପପ୍ରଚାରର ଦୃଢ଼ ଜବାବ୍ ଦେବା ସହିତ ଯୁବ ବର୍ଗ ନବୀନ ବିଜୟର ମଙ୍ଗ ଧରିବେ। ଏକ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନର ସ୍ୱପ୍ନ ଆମର ଯୁବ ସମାଜ ଦ୍ୱାରା ହିଁ ସମ୍ଭବ ବୋଲି କହିଛନ୍ତି 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍। ଶୁକ୍ରବାର ଶଙ୍ଖ ଭବନରେ ବିଜୁ ଯୁବ ଜନତା ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଓଡ଼ିଶାର ଯେଉଁ ବିକାଶ ହୋଇଛି ସେଥିପାଇଁ ପ୍ରତ୍ୟେକ ଓଡ଼ିଶାବାସୀ ଗର୍ବିତ। ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ବିଜୁ ଜନତା ଦଳ ସମର୍ପିତ ଭାବେ ଓଡ଼ିଶାବାସୀଙ୍କ ସେବାରେ ବ୍ରତୀ ରହିଛି। ମୁଖ୍ୟମନ୍ତ୍ରୀଙ୍କ ପାଇଁ ରାଜନୀତି ହେଉଛି ସେବାର ମାଧ୍ୟମ। ଜାତୀୟ ଦଳମାନଙ୍କ ପାଇଁ ଓଡ଼ିଶା କେବଳ ଏକ ବିନ୍ଦୁ ମାତ୍ର ବିଜୁ ଜନତା ଦଳ ପାଇଁ ଓଡ଼ିଶା ହେଉଛି ସିନ୍ଧୁ। ତେଣୁ ଏହାକୁ ଦୃଷ୍ଟିରେ ରଖି ଆମକୁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି।

ସେ କହିଛନ୍ତି ଯେ ଜାତୀୟ ଦଳର ସାଂସଦମାନେ ରାଜ୍ୟର ସ୍ୱାର୍ଥ କଥା ସଂସଦରେ ନ ଉଠାଇ କେବଳ ନିଜ ସ୍ୱାର୍ଥ କଥା ଚିନ୍ତା କରନ୍ତି। ଜାତୀୟ ଦଳର ସାଂସଦମାନେ ରାଜ୍ୟର ସ୍ୱାର୍ଥକୁ ଅଣଦେଖା କରି ଚାଲିଛନ୍ତି। ରାଜ୍ୟର ବିକାଶକୁ ସେମାନେ ସହ୍ୟ କରିପାରୁ ନାହାନ୍ତି। ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ରାଜ୍ୟ ବିରୋଧରେ କାମ

**ନବୀନଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ଯୁବଗୋଷ୍ଠୀ ବଦ୍ଧପରିକର**

**ଜାତୀୟ ଦଳଙ୍କ ପାଇଁ ଓଡ଼ିଶା ବିନ୍ଦୁ; ବିଜେଡି ପାଇଁ ଓଡ଼ିଶା ହେଉଛି ସିନ୍ଧୁ**

**ଓଡ଼ିଶାରେ ୨୦୨୪-୨୦୩୪ ଦଶନ୍ଧି ହେବ ଯୁବ ଉତ୍କର୍ଷର ଯୁଗ**

**ଉଚ୍ଚ ଶିକ୍ଷାରେ ୯୮% ଛାତ୍ରଛାତ୍ରୀ ପାଉଛନ୍ତି 'ନୂଆ-ଓ' ଛାତ୍ରବୃତ୍ତି**

କରୁଛନ୍ତି; କିନ୍ତୁ ଆମ ମୁଖ୍ୟମନ୍ତ୍ରୀ ଓଡ଼ିଶାର ବିକାଶ ପାଇଁ ଦିନ ରାତି କାମ କରୁଛନ୍ତି। ତାଙ୍କରି ମାର୍ଗଦର୍ଶନରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛି। ଖାଦ୍ୟ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ପ୍ରାକୃତିକ ବିପର୍ଯ୍ୟୟ, କୃଷିକର୍ମଣ ପୁରସ୍କାର ଏମିତି ଅନେକ କ୍ଷେତ୍ରରେ ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହେଉଛି। ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ଲିଙ୍ଗରାଜ ମନ୍ଦିର, ମା' ସମଲେଶ୍ୱରୀ ମନ୍ଦିର ସହ ଓଡ଼ିଶାବାସୀଙ୍କ ଆସ୍ଥା ରଖୁଥିବା ସମସ୍ତ ବଡ଼ ମନ୍ଦିର, ମସଜିଦ, ଚର୍ଚ୍ଚର ସବୁ ଧର୍ମାବଲମ୍ବୀଙ୍କ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ରୂପାନ୍ତରୀକରଣ କରିଛନ୍ତି।

ଶ୍ରୀ ପାଣ୍ଡିଆନ ଆହୁରି କହିଛନ୍ତି ଯେ ଓଡ଼ିଶାର ଯୁବଗୋଷ୍ଠୀ ଦକ୍ଷ, ଦାୟିତ୍ୱବାନ, ପ୍ରେରଣାଦାୟୀ ଓ ଚିନ୍ତାଶୀଳ। ସେଥିପାଇଁ ଓଡ଼ିଶାର ଯୁବବର୍ଗ ନବୀନ ବାବୁଙ୍କୁ ପାଞ୍ଚ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ କରିବା ▶ପୃଷ୍ଠା-୯

# ମାଁ ସମଲେଇଙ୍କ ଆଶୀର୍ବାଦ ନେଲେ ପ୍ରଣବ ପ୍ରକାଶ

■ **ସମ୍ବଲପୁର, ୨୯।୩ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାହୁଁଛନ୍ତି 'ବିକଶିତ ଓଡ଼ିଶା'। ସମଲେଇ ମନ୍ଦିରର ରୂପାନ୍ତରଣ ଦେଖିଲେ ଜାଣି ହେଉଛି ରାଜ୍ୟ ବିକାଶ ପଥରେ ଚାଲିଛି। ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବେ ମୋତେ ଯୋଗ୍ୟ ବିବେଚିତ କରିଛନ୍ତି। ସମ୍ବଲପୁର ଲୋକସଭା କ୍ଷେତ୍ର ରାଜ୍ୟରେ ୧ ନମ୍ବର ହେବ। ସମ୍ବଲପୁରବାସୀଙ୍କ ଭଲ ପାଇବା ଦେଖି ମୋ ଆଖିରେ ଲୁହ, ମନରେ କୋହ ଆସିଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଲୋକସଭା ପ୍ରାର୍ଥୀ ହୋଇଛି। ଜନତା ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଇ ଆସୁଛନ୍ତି। ଆଗକୁ ମଧ୍ୟ ନିଶ୍ଚିତ ଦେବେ ବୋଲି ମୋର ଆଶା ଓ ଭରସା। ତେଣୁ ମୋର ପ୍ରତିଦ୍ୱନ୍ଦ୍ୱୀ କିଏ



ଜାଣିବାର ନାହିଁ ବୋଲି ସମ୍ବଲପୁର ଲୋକସଭା ପ୍ରାର୍ଥୀ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) କହିଛନ୍ତି।

ସମ୍ବଲପୁରରୁ ବିଜେଡିର ଲୋକସଭା ପ୍ରାର୍ଥୀ ହେବା ପରେ ବବିଙ୍କ ଏହା ପ୍ରଥମ ଗସ୍ତ ହୋଇଥିଲେ ସୁଦ୍ଧା ଚାରିଆଡ଼େ ଜନସମୁଦ୍ର

**ବିଭିନ୍ନ ସ୍ଥାନରେ ଦଳମତ ନିର୍ବିଶେଷରେ ସ୍ୱାଗତ**

**'ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ସମ୍ବଲପୁର ବିକାଶ'**

ଦେଖାଯାଇଥିଲା। ସେ ସମଲେଇ ମନ୍ଦିରରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲା ବିଜେଡି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସେ କହିଥିଲେ, ମୁଖ୍ୟମନ୍ତ୍ରୀ ଓ ବିଜେଡିର ଗୋଟିଏ ମାତ୍ର ଏଜେଣ୍ଡା; ତାହା ହେଉଛି ବିକଶିତ ଓଡ଼ିଶା। ଏହି ବିକଶିତ ଓଡ଼ିଶାର ପ୍ରକ୍ରିୟା ସମ୍ବଲପୁର ଲୋକସଭାରୁ ଆରମ୍ଭ ହେବ। ସମ୍ବଲପୁରବାସୀ ମତେ ଭଲ ପାଉଥିବାରୁ ମୁଁ ତାଙ୍କ ପାଦତଳେ ଶତଶତ ନମନ କରୁଛି। ଲୋକଙ୍କ ଏହିଭଳି ▶ପୃଷ୍ଠା-୯

## ଲୋକକଥା



ଆଚ୍ଛା ଦିନ କହି ଭୋଟ ନେଇଥିଲେ
ତେୟାଅଶି ଭାଗ ବେକାର,
ବିକଶିତ ଦେଶ କରିବା ପାଇଁକି
କହୁଛନ୍ତି 'ଫୁଲ' ସର୍କାର!
ଗ୍ୟାରେଣ୍ଟିର ଖୁବ୍ ପ୍ରଚାର,
ଦେଶ ହିତ ପାଇଁ କିଏ ଉପଯୁକ୍ତ
ଭୋଟର କରିବେ ବିଚାର !!

## ନବବିବାହିତଙ୍କୁ ଗଳାକାଟି ହତ୍ୟା



**ବିବାହ ଭୋଜିରେ ଯୋଗଦେବାକୁ ଗାଁକୁ ଯାଇଥିଲେ**

**୪୫ ଦିନ ପୂର୍ବେ ବିବାହ କରିଥିଲେ; ହତ୍ୟାର କାରଣ ଅସ୍ପଷ୍ଟ**

■ **ପାରଳାଖେମୁଣ୍ଡି/ଗୋଷାଣି, ୨୯।୩ (ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ତୋଟାଗୁମୁଡ଼ା-ବାଟସିରିପୁର ମୁଖ୍ୟରାସ୍ତା କଡ଼ରେ ଥିବା ଏକ ଯାତ୍ରୀ ବିଶ୍ରାମାଗାର ନିକଟ ନିରୋଳା ସ୍ଥାନରୁ ପୁଲିସ ଜଣେ ନବବିବାହିତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ହେଲେ, ବାଟସିରିପୁର ଗ୍ରାମର ଏମ୍. ଲିଙ୍ଗରାଜ (୨୮)। ସେ ପାରଳାଖେମୁଣ୍ଡିସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗର କର୍ମଚାରୀ ବୋଲି ଜଣାପଡ଼ିଛି। ସେ ପାରଳାଖେମୁଣ୍ଡି ସହରରେ ରହୁଥିଲେ। ନିଜ ଗ୍ରାମ ବାଟସିରିପୁରକୁ ସମ୍ପର୍କିୟଙ୍କ ବାହାଘର ଉତ୍ସବରେ ଯୋଗ ଦେବାପାଇଁ ଗୁରୁବାର ସନ୍ଧ୍ୟାରେ ଯାଇଥିଲେ। ନବବିବାହିତ ଲିଙ୍ଗରାଜଙ୍କ ସ୍ତ୍ରୀ ମଧ୍ୟ ବାହାଘର ଉତ୍ସବରେ ଥିଲେ। ଏହି ସମୟରେ କେହି ଜଣେ ଲିଙ୍ଗରାଜଙ୍କୁ ଡାକି ନେଇଥିବା ଅନୁମାନ କରୁଛନ୍ତି ପରିବାରବର୍ଗ ଓ ▶ପୃଷ୍ଠା-୯

## ପତ୍ନୀହନ୍ତାକୁ ଆଜୀବନ ଜେଲ୍

■ **ଭବାନୀପାଟଣା, ୨୯।୩ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପାହାଣିପଦର ଗ୍ରାମରେ ଘଟିଥିବା ଏକ ହତ୍ୟା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲ୍ଲା ଦୌରାଜଜ ଦୀପ୍ତି ରଞ୍ଜନ କାନୁନଗୋ ୧୭ ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ କାହ୍ନା ମାଝୀ(୩୪) ଙ୍କୁ ଧାରା ୩୦୨ ରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା, ଏବଂ ଜରିମାନା ଅନାଦେୟ ଆଉ ୬ ମାସ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ କାହ୍ନା ମାଝୀ ତାଙ୍କ ପତ୍ନୀ ଆହ୍ଲାଣୀ ମାଝୀକୁ ଗତ ୧୯ ଅକ୍ଟୋବର ୨୦୧୮ ଭୋର୍ ୪ଟା ବେଳେ ପାଣି ମାଗିଥିଲେ। ▶ପୃଷ୍ଠା-୯




# ସମ୍ପୂର୍ଣ୍ଣା



ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୬୬୪- ଶିଖ୍‌ମାନଙ୍କର ଅଷ୍ଟମ ଗୁରୁ ହର କିଶନଙ୍କ ଦେହାନ୍ତ।
- ୧୮୨୨- ଫ୍ଲୋରିଡା ଆମେରିକା ଗଣରାଜ୍ୟରେ ସାମିଲ ହେଲା।
- ୧୮୪୧- ନେସନ୍ୟାଲ୍ ବ୍ୟାଙ୍କ୍ ଅଫ୍ ଗ୍ରୀସ୍‌ର ସ୍ଥାପନା।
- ୧୯୪୫- ସୋଭିଏତ୍ ସଂଘ ଅଷ୍ଟ୍ରିଆ ଉପରେ ଆକ୍ରମଣ କଲା।
- ୧୯୭୭- ସ୍ୱାମୀ ଅଗ୍ନିବେଶ ଭାରତୀୟ ଆର୍ଯ୍ୟସଭା ପାର୍ଟିକୁ ଜନତା ପାର୍ଟିରେ ବିଲୟ କରିଦେଲେ।
- ୨୦୦୨- ଗୀତିକାର ଆନନ୍ଦ ବକ୍ସିଙ୍କ ପରଲୋକ।



## ଭେଣ୍ଟିଲେଟର୍‌ରେ ୩୦ ବର୍ଷ

ସାଧାରଣତଃ ଭେଣ୍ଟିଲେଟରରେ ମଣିଷ ବେଶି ଦିନ ଜୀବନଧାରଣ କରିପାରି ନଥାଏ। କିନ୍ତୁ ପୋଲାଣ୍ଡର ଜାନୁଜ୍ ସ୍ୱିତାଜ ନାମକ ଜଣେ ବ୍ୟକ୍ତି ଭେଣ୍ଟିଲେଟର ସାହାରାରେ ମାସେ କି ବର୍ଷେ ନୁହେଁ, ଦୀର୍ଘ ୩୦ ବର୍ଷ ହେବ ଜୀବନଧାରଣ କରି ଆସୁଛନ୍ତି। ୧୭ ବର୍ଷ ବୟସରେ ତାଙ୍କର ସମସ୍ତ ଅଙ୍ଗ ଅକାମୀ ହୋଇଯିବା ସହ ସେ ଶ୍ୱାସକ୍ରିୟା କ୍ଷମତା ହରାଇ ଥିଲେ। ଏହାପରେ ତାଙ୍କ ଜୀବନଧାରଣର ସାହାରା ପାଲଟିଗଲା ଭେଣ୍ଟିଲେଟର। ଏପରିକି ଭେଣ୍ଟିଲେଟରରେ ସବୁଠୁ ଦୀର୍ଘ ସମୟ ଜୀବିତ ରହିବାରେ ଗିନିଜ୍ ବିଶ୍ୱ ରେକର୍ଡରେ ତାଙ୍କ ନାମ ସ୍ଥାନ ପାଇଛି। ହ୍ୱିଲଚେୟାର୍ ଉପରେ ନିର୍ଭର ରହିବା ତଥା ଶ୍ୱାସକ୍ରିୟାରେ ଅସୁବିଧା ସତ୍ତ୍ୱେ ଜାନୁଜ୍ ସାଧାରଣ ଲୋକଙ୍କ ଭଳି ଜୀବନ ଜିଇଁବାକୁ ଚେଷ୍ଟା କରିଥାନ୍ତି। ବୁଲାବୁଲିଠୁ ଆରମ୍ଭ କରି ଖେଳକୁଦ ପ୍ରତି ବି ତାଙ୍କର ରୁଚି ରହିଛି। ୧୯୯୩ ମସିହାରେ ଏକ ସଡ଼କ ଦୁର୍ଘଟଣା ଯୋଗୁଁ ତାଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଫଳରେ ସେ ୬ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେବା ପରେ ଶେଷରେ ତାଙ୍କୁ ତମାମ ଜୀବନ ଭେଣ୍ଟିଲେଟର ମାଧ୍ୟମରେ ରହିବାକୁ ପରାମର୍ଶ ଦିଆଗଲା। ଏହାବାଦ୍ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ସେ ଅବସାଦକୁ ଗତିକରି ନିଜ ଚିକିତ୍ସା ବନ୍ଦ କରିଦେଇଥିଲେ। କିନ୍ତୁ ଗଣମାଧ୍ୟମରେ ତାଙ୍କ କାହାଣୀ ସାମ୍ନାକୁ ଆସିବା ପରେ ଲୋକମାନେ ତାଙ୍କ ମନୋବଳ ବଢ଼ାଇଥିଲେ। ତେବେ ତାଙ୍କ ଦେଖାଶୁଣା ପାଇଁ ସହାୟକ ଏବଂ ପାଟିରେ ପରିଚାଳିତ କମ୍ପ୍ୟୁଟର ମାଉସ୍ ଏବଂ ପୋର୍ଟେବଲ ଭେଣ୍ଟିଲେଟର ସଂଯୁକ୍ତ ଏକ ହ୍ୱିଲଚେୟାର୍ ପ୍ରଦାନ କରାଗଲା। ଯାହା ମାଧ୍ୟମରେ ସେ ଏବେ ଜୀବନ ଜିଇଁବାକୁ ସକ୍ଷମ ହୋଇଛନ୍ତି। ସେ ଏକ ସଂସ୍ଥାରେ ଇଣ୍ଟରନେଟ୍ ବଜାର ବିଶ୍ଳେଷକ ଭାବେ କାର୍ଯ୍ୟ କରୁଛନ୍ତି। ଜାନୁଜ୍ ତାଙ୍କ ଆତ୍ମକଥାରେ ତାଙ୍କର ସ୍ୱାସ୍ଥ୍ୟ ଓ ସଂଘର୍ଷ ବାବଦରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ତାଙ୍କ ଜୀବନ ସଂଘର୍ଷ ହିଁ ତାଙ୍କୁ ବିଶ୍ୱ ରେକର୍ଡର ଅଧିକାରୀ କରିଥିବାରୁ ଜାନୁଜ୍ ଏନେଇ ଖୁବ୍ ଖୁସି ବୋଲି କୁହନ୍ତି।

## ଶୂନ୍ୟରେ ରୋମାଣ୍ଟିକ୍ ଡିନର୍



ଆଜିକାଲି ଲୋକେ ଦୁଃସାହସିକ କ୍ରୀଡ଼ା ନାମରେ ଜୀବନକୁ ବାଜି ଲଗାଇ ବେଶ୍ ବିପଜ୍ଜନକ କାର୍ଯ୍ୟ କରୁଥିବାର ଦେଖାଯାଇଛି। ଏହି କ୍ରମରେ ଏବେ ଜଣେ ଯୁବକ-ଯୁବତୀଙ୍କ ରୋମାଣ୍ଟିକ୍ ଡିନର୍ ଡେଟ୍ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସେମାନେ କୌଣସି ମନୋରମ ପରିବେଶ କିମ୍ବା ରେସ୍ତୋରାଁରେ ନୁହେଁ, ବରଂ ଖୋଲା ଆକାଶରେ ଝୁଲି ରହି ଡିନର୍ କରୁଥିବାର ଦେଖାଯାଇଛି। ଡାଇନିଂ ଟେବୁଲ୍ ଠାରୁ ଆରମ୍ଭ କରି ଯୁବକ ଯୁବତୀ ସମସ୍ତେ ଶୂନ୍ୟରେ ଝୁଲୁଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଭିଡିଓରୁ ଦେଖିବାକୁ ମିଳିଛି, ପାହାଡ଼ ପର୍ବତ ଘେରା ଅଞ୍ଚଳର ବହୁ ଉପରେ କେବୁଲରେ ଟେବୁଲ ଖଞ୍ଜା ଯାଇଛି। ତା'ସହ ଟେବୁଲ୍‌ର ଦୁଇପାର୍ଶ୍ୱରେ ଯୁବକଯୁବତୀ ଚୌକିରେ ବସିଛନ୍ତି। କେବଳ ସେତିକି ନୁହେଁ, ଟେବୁଲ ଉପରେ କିଛି ଖାଦ୍ୟପଦାର୍ଥ ମଧ୍ୟ ରହିଛି। ଯୁବତୀ ଜଣକ ଧଳା ରଙ୍ଗର ଗାଉନ୍ ପିନ୍ଧିଥିବା ବେଳେ ଯୁବକ ଜଣକ ବ୍ଲାକ୍ ସୁଟ୍‌ରେ ନଜର ଆସିଛନ୍ତି। ତେବେ ସେମାନଙ୍କ ପାଇଁ ଏହା ରୋମାଣ୍ଟିକ୍ ଡେଟ୍ ହୋଇଥିବା ବେଳେ ଲୋକେ କିନ୍ତୁ ଏହାକୁ ଆଦୌ ଗ୍ରହଣ କରି ନାହାନ୍ତି। କାରଣ ଏଭଳି ରୋମାଣ୍ଟିକ୍ ଡିନର୍ କୌଣସି ମୁହୂର୍ତ୍ତରେ ଜୀବନ ନେଇପାରେ ବୋଲି ସେମାନେ ମତ ଦେଇଛନ୍ତି।

## ବିଳମ୍ବ ଭୋଜନରୁ ଓଜନ ବୃଦ୍ଧି!



ଆଜିକାଲି ମେଦବହୁଳତା ଏକ ବଡ଼ ସମସ୍ୟା ପାଲଟିଛି। ମୋଟାପଣ ଯୋଗୁଁ ମଧୁମେହ, ରକ୍ତଚାପ, ହୃଦ୍ ସମସ୍ୟା ଭଳି ଅନ୍ୟାନ୍ୟ ଜଟିଳ ରୋଗ ସୃଷ୍ଟି ହେଉଛି। ମୁଖ୍ୟତଃ ଖାଦ୍ୟପାନୀୟରେ ଅନିୟମିତତା ଯୋଗୁଁ ଲୋକେ ମେଦବହୁଳତାରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ଓଜନ ବୃଦ୍ଧି ପାଇବାର ଅନେକ କାରଣ ରହିଛି। ଏହାକୁ ଦୃଷ୍ଟିରେ ରଖି ରାତ୍ରି ଭୋଜନ ବା କେତେବେଳେ ଖାଇବା ଦରକାର, ସେନେଇ ଲୋକଙ୍କୁ ଯତ୍ନଶୀଳ ହେବା ଦରକାର। କାରଣ ଏହାର ସମ୍ବନ୍ଧ ମଧ୍ୟ ଓଜନ ବୃଦ୍ଧି ସହ ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ରାତ୍ର ଭୋଜନ ସନ୍ଧ୍ୟା ୭ଟା ସୁଦ୍ଧା ସାରିଦେବା ଉଚିତ। ତେବେ ସତରେ କ'ଣ ଜଲ୍‌ଦି ଖାଇବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହେ ନା ଡେରିରେ ଖାଇଲେ ଓଜନ ବଢ଼େ। ବିଭିନ୍ନ ସମୟରେ ଏକଥାକୁ ନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥାଏ। ନିକଟରେ ଏକ ଗବେଷଣାରୁ ପ୍ରକାଶ ପାଇଛି ଯେ, ରାତିରେ ହାଲୁକା ଭୋଜନ କରିବା ଉଚିତ। ତା'ସହ ବିଳମ୍ବିତ ରାତ୍ରିରେ ତେଲ ମସଲାଯୁକ୍ତ ଅଧିକ ଖାଦ୍ୟ ଖାଇବା ଶରୀର ପାଇଁ କ୍ଷତିକାରକ। କାରଣ ଏହାଦ୍ୱାରା ଓଜନ ବୃଦ୍ଧି ପାଏ। ଫଳରେ ଲୋକେ ଧୀରେ ଧୀରେ ମୋଟା ହେବା ଆରମ୍ଭ କରନ୍ତି। ତେବେ ଏହି ଗବେଷଣା ଉପରେ ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଦେଇଛନ୍ତି ଯେ, ଜଣେ କେତେବେଳେ ଖାଦ୍ୟ ଖାଉଛି, ସେଥିରେ କିଛି ଫରକ୍ ପଡ଼ି ନ ଥାଏ। ସବୁଠୁ ବଡ଼ କଥା ହେଉଛି, ଜଣେ କ'ଣ ଓ କେତେ ପରିମାଣର ଖାଦ୍ୟ ଖାଆନ୍ତି, ତାହା ଅଧିକ ଗୁରୁତ୍ୱ ବହନ କରେ। ସେହିପରି ସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହୋଇଥିବା ବେଳେ ଆୟୁର୍ବେଦ ଅନୁସାରେ ଭୋକ ଲାଗିଲେ ଖାଇବା ଗ୍ରହଣ ପାଇଁ କୁହାଯାଇଛି।

## ରାଜନୀତି ଢଗଢମାଳି



କଥା ଅଟକିଚି ସେଇ ଟିକଟରେ
ତାମିଲିନାଡୁରେ ଯାହା ଘଟିଗଲା
ଅଘଟଣ ଏଇ ନିକଟରେ
ପୂରା ପରିବାର ଏବେ ସଙ୍କଟରେ॥

ସମସ୍ତେ ଏବେ ଚିନ୍ତିତ। କି ରାଜନୀତିରେ ବାବୁ ପଶିଲେ କେଜାଣି ? ଟିକେଟ ଚିନ୍ତାରେ ଘାରି ହେଉଚନ୍ତି। ରାତିରେ ଶୋଇପାରୁନାହାନ୍ତି। ପତ୍ନୀଙ୍କ ଚିନ୍ତା ଏବେ ସବୁଠୁ ବେଶୀ। ତା' ସାଙ୍ଗକୁ ଏବେ ଏବେ ଖବରଟେ ଆସି ପହଞ୍ଚିଚି 'ଟିକେଟ ନ ମିଳିବାରୁ ଆତ୍ମହତ୍ୟା'। ଏଇ ଖବରଟି ପତ୍ନୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଦେଇଚି।

ବିଷମ ପରିସ୍ଥିତିରେ ମନକୁ ନିୟନ୍ତ୍ରଣ କରିବାର ଶ୍ରେଷ୍ଠ ଉପାୟଟି ହେଲା ଆଧ୍ୟାତ୍ମ ମାର୍ଗକୁ ଅବଲମ୍ବନ କରିବା। ପତ୍ନୀ ପତିଙ୍କୁ ଅନୁରୋଧ କରି ନିକଟସ୍ଥ ଏକ ମଠକୁ ଯାଆନ୍ତି। ମଠରେ ବାବା ଯାହା କହନ୍ତି, ଅନେକଙ୍କୁ ଲାଗେ ଯେ ସେ ସର୍ବଜ୍ଞାତା। ମନର ଭାବକୁ ପଢ଼ି ଦେଇ ପାରନ୍ତି। ପତି-ପତ୍ନୀ ମଠରେ ପହୁଞ୍ଚନ୍ତେ ବାବା କହନ୍ତି "ସବୁ ସେଇ ଈଶ୍ୱରଙ୍କୁ ସମର୍ପି ଦିଅ। କିଛି ପାଇଲ ତ ତାହା ଈଶ୍ୱରଙ୍କ କୃପା। ଯଦି ନ ପାଇଲ, ତାହା ଈଶ୍ୱରଙ୍କ ଇଚ୍ଛା।

### ହାଟ ମଝିରେ ବ୍ରହ୍ମଜ୍ଞାନ

ପତିଙ୍କ ମୁହଁରେ ମୁରୁକି ହସ ଟିକିଏ ଦେଖି ପତ୍ନୀ ଖୁସି ହୁଅନ୍ତି। ପତିଙ୍କୁ କହନ୍ତି-"ବାବା ସୁନ୍ଦର କଥା ପଦେ କହିନାହାନ୍ତି? ପାଇବା-ନ ପାଇବା ସବୁ ଈଶ୍ୱରଙ୍କ ଇଚ୍ଛା। ଯା' ହେଉ ତମେ ଏତିକି ବୁଝିଗଲ। ବାବାଙ୍କ କଥାମାନି କେବେ ବି ଭାଙ୍ଗିପଡ଼ିବନି।"

ପତିଙ୍କ ହସ ଏବେ ଅଦ୍ଭୁତ। ସତେ ଯେମିତି ଏକ ନୂତନ ଆବିଷ୍କାର କାର୍ଯ୍ୟରେ ସେ ସଫଳ ହେଇଚନ୍ତି। ଖୁସିର କାରଣ ପୁଚ୍ଛନ୍ତେ ପତି ପତ୍ନୀଙ୍କୁ କହନ୍ତି- "ସବୁ ଶବ୍ଦରେ ହିଁ ଫରକ। ମୁଁ ଆଜି ମୁଖିଆଙ୍କ ପାଖକୁ ଯାଇ 'ବଦଳେଇବା' ଶବ୍ଦଟି କହିବି। କହିବି – ମତେ ଟିକେଟ ଦିଅ। ଟିକେଟ ଦେଲେ ମୁଁ ଆମ ଅଞ୍ଚଳ, ରାଜ୍ୟ ତଥା ଦେଶକୁ ବଦଳେଇ ଦେବି। ଅନ୍ୟଥା ଦଳ ବଦଳେଇ ଦେବି।"

ତହୁଁ ପତ୍ନୀ ପୁଚ୍ଛନ୍ତି-"ଏମିତି କଲେ ତମକୁ ଦଳର ଲୋକେ 'ବିଶ୍ୱାସଘାତକ' ବୋଲି କହିବେନି।

ପତି ଏବେ ଦିବ୍ୟଜ୍ଞାନ ପାଇଲା ପରି ତୁରନ୍ତ ଉତ୍ତର ଦିଅନ୍ତି- ମୁଁ ଛାଡ଼ିଥିବା ଦଳର ଲୋକେ ସିନା ବିଶ୍ୱାସ ଘାତକତା ବୋଲି କହିବେ। ଯୋଉ ଦଳକୁ ପଶିବି, ସେମାନେ ତ 'ହୃଦୟ ପରିବର୍ତ୍ତନ' ବୋଲି କହିବେ। ସବୁ ଏ ସଂସାରର ମାୟା। କେବଳ ଭାବ ଆଉ ଶବ୍ଦର ପ୍ରଭେଦ ଯାହା।"

ପତ୍ନୀ ଏଭଳି ଉତ୍ତର ଶୁଣି କହନ୍ତି- "ହଇଓ ! ଏମିତି କଲେ ଲୋକେ କହିବେନି – କି' ନାଟକ କରୁଚନ୍ତି ଏମାନେ!" ପତି ହସି ପୁଣି ଉତ୍ତର ଦିଅନ୍ତି- ବାବା ସେଇକଥା ହିଁ ତ କହୁଥିଲେ। ସଂସାରଟା ଗୋଟିଏ ନାଟକ। ଆମେ ତା'ର କଳାକାର। ପରସ୍ଥିତି ଅନୁସାରେ ଆମେ ନିଇତି ନୂଆ ନୂଆ ନାଟକ କରୁ। ବାବା ସଂସ୍କୃତରେ କହୁଥିଲେ, ମୁଁ ଆମ ଓଡ଼ିଆ ଢଗଢମାଳିରେ କହୁଚି-

ପିତାଶାଗ ବୁଦିବୁଦି
ନିର୍ବାଚନ ବେଳେ ନୂଆ
ନାଟକ ଲୋ
ଡିଆଁଡେଇଁ କୁଦାକୁଦି।"

ପତ୍ନୀ ଠୋ ଠୋ ହେଇ ହସନ୍ତି। ପୁଣି ଏକ ସନ୍ଦେହମୋଚନ ପାଇଁ ପତିଙ୍କୁ ପଚାରନ୍ତି ଆଚ୍ଛା- ଯୋଉମାନେ ତମକୁ ଏତେ ଗାଳି ଦେଉଥିଲେ। ଚୋରି ଆରୋପ କରିଥିଲେ। ସେମାନେ ତମକୁ କ'ଣ ଏତେ ସହଜରେ ଆପଣେଇ ନେଇ ପାରିବେ?"

ପତିଙ୍କ ସରଳ ଉତ୍ତର ପଦେ, ସେଇ ଢଗଢମାଳିରେ:-

ବାଉଁଶ ମୂଳରେ ପାଉଁଶ
ଆରଦଳେ ଥିଲେ ଗାଳି ଦେଉଥାଅ
ଦଳକୁ ଆସିଲେ ଆଉଁଶ।"

ପତ୍ନୀ ଟିକିଏ ଆଶ୍ୱସ୍ତି ଅନୁଭବ କରୁଥା'ନ୍ତି। ଯାହେଉ ପତି ଏବେ ଖୁସିରେ ଢ଼ଗଢମାଳି ଗାଉଚନ୍ତି। ବ୍ୟସ୍ତ ହେଉନାହାନ୍ତି। ଆମର ଚିନ୍ତାଗଲା।

ପତ୍ନୀ ଏଭଳି ଆଶ୍ୱସ୍ତ ହେଲା ବେଳକୁ ପୁଣି ପତିଙ୍କୁ ଚିନ୍ତିତ ମୁଦ୍ରାରେ ଦେଖନ୍ତି। ପତିଙ୍କୁ କାରଣ ପୁଚ୍ଛନ୍ତେ ପତି କହନ୍ତି-

ଗୋଟିଏ ନୂଆ ଆଇଡିଆ ଆସିଚି। ଆମେ ପରାପର ଭେଦ ଭୁଲିଯିବା। ସବୁଦଳ ଆମର ହେଇ ରହିବ।

ପତ୍ନୀ ପଚାରନ୍ତି-"କେମିତି?" ପତି କହନ୍ତି- "ଚାଲ, ଆମେ ମିଶି ମିଛିମିଛିକା କଳି କରିବା। ତମେ ଏଇ ଦଳରେ ରହିଯିବ ମୁଁ ଅନ୍ୟଦଳକୁ ଚାଲିଯିବି। ଏହା ବି ରାଜନୀତିରେ ଏକ ନୂଆ ମନ୍ତ୍ର। ଢଗଢମାଳିରେ ସେଇ ମନ୍ତ୍ରଟି ଏଇଭଳି:-

ବାସି ଘଣାତେଲ କାଣ୍ଟି
ଗୋଟାଏ ଦଳରେ ଅଙ୍କଲ ପଶିଲେ
ଆରଦଳେ ଗଲେ ଆଣ୍ଟି
ବାସି ଘଣାତେଲ କାଣ୍ଟି।" ■

- ଜ୍ଞାନ ହୋତା
ଚହଟା, ବିଡ଼ାନାସୀ, କଟକ-୧୪

## 'ଟକ୍ସିକ୍'ରେ କରିନା





ସାଉଥ୍ ସୁପରଷ୍ଟାର୍ ଯଶ୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍'କୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ଏହି ଫିଲ୍ମ କନ୍ନଡ଼ ଓ ହିନ୍ଦୀରେ ନିର୍ମାଣ କରାଯିବ। ଏଥିରେ ଉଭୟ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର କଳାକାରମାନଙ୍କୁ ଦେଖିବାକୁ ମିଳିବ। ଇତିମଧ୍ୟରେ 'ଟକ୍ସିକ୍'କୁ ନେଇ ଏକ ଖବର ଆସିଛି। ଏଥିରେ ଯଶ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିବେ ଅଭିନେତ୍ରୀ କରିନା କପୁର ଖାନ୍। କରିନା ଏଥିରେ ଯଶ୍‌ଙ୍କ ଭଉଣୀ ଭୂମିକାରେ ଦେଖାଯିବେ। ଫିଲ୍ମର କାହାଣୀ ଭାଇ ଭଉଣୀଙ୍କ ଉପରେ ଆଧାରିତ ହେବ। ତେବେ ଯଶ୍‌ଙ୍କ ବିପକ୍ଷରେ ଏଥିରେ କିଆରା ଆଡଭାନୀ ଅଭିନୟ କରିବେ। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ୧୦ ଏପ୍ରିଲ୍, ୨୦୨୫ରେ ଏହା ରିଲିଜ୍ ହେବ। ଏଥିରେ ସାଇପଲ୍ଲବୀ ଓ ନୱାଜୁଦ୍ଦିନ୍ ସିଦ୍ଦିକି ମଧ୍ୟ ଦେଖାଯିବେ।

## ଧନପ୍ରାପ୍ତିର ସୂଚନା ଦିଏ ଏହି ସ୍ୱପ୍ନ



**ମଣିଷ ନିଦରେ ସ୍ୱପ୍ନ ଦେଖେ। ସ୍ୱପ୍ନ ଶାସ୍ତ୍ର ଅନୁଯାୟୀ, ବ୍ୟକ୍ତିର ଜୀବନ ସହିତ ସ୍ୱପ୍ନର ଗଭୀର ସମ୍ପର୍କ ରହିଥାଏ। ଜଣେ ବ୍ୟକ୍ତି କୌଣସି ଭାବନାରେ ବୁଡ଼ି ରହିବାବେଳେ ସେ ସେହି ବିଷୟରେ ସ୍ୱପ୍ନ ଦେଖିଥାଏ। ଅନେକ ସ୍ୱପ୍ନ ଅଛି, ଯାହା ଆମକୁ ଭବିଷ୍ୟତ ପାଇଁ ଭଲ ଏବଂ ଖରାପ ସଙ୍କେତ ଦେଇଥାଏ। ତେବେ କେଉଁ ସ୍ୱପ୍ନ ଭବିଷ୍ୟତ ସମ୍ପର୍କରେ କ'ଣ କୁହେ ଆସନ୍ତୁ ଜାଣିବା...**

- ଯଦି ଜଣେ ସ୍ୱପ୍ନରେ ଆମ୍ବ ଖାଉଥିବାର ଦେଖନ୍ତି, ଏହାର ଅର୍ଥ ତାଙ୍କୁ ଅତିଶୀଘ୍ର ଧନଲାଭ ହେବ। ସେହିଭଳି ସ୍ୱପ୍ନରେ ଜଳୁଥିବା ଦୀପ ଦେଖିଲେ ଏହା ଭବିଷ୍ୟତରେ ଅର୍ଥ ପ୍ରାପ୍ତି ସୂଚନା ଦେଇଥାଏ।
- ସେହିଭଳି ଯଦି ଜଣେ ସ୍ୱପ୍ନରେ ନିଜକୁ ପହଁରୁଥିବାର ଦେଖୁଛନ୍ତି ନିକଟ ଭବିଷ୍ୟତରେ କୌଣସି ଜାଗାରୁ ଧନପ୍ରାପ୍ତି ହେବାକୁ ଯାଉଛି ବୋଲି ଏହା ସୂଚନା ଦେଇଥାଏ। ଯଦି କୁନି ପିଲାଟିଏ ହସୁଥିବାର ସ୍ୱପ୍ନ ଦେଖାଯାଏ, ତେବେ ଏହା ଅଚାନକ ଧନପ୍ରାପ୍ତିର ସୂଚନା ଦିଏ।
- କୌଣସି ମହିଳାଙ୍କୁ ସ୍ୱପ୍ନରେ ହସୁଥିବାର ଦେଖିଲେ ଏହା ଘରେ କଳିଝଗଡ଼ା ହେବାର ସୂଚନା ଦିଏ। କୁନି ପିଲାଟିଏ କାନ୍ଦୁଥିବାର ସ୍ୱପ୍ନ ଦେଖିଲେ ଏହା ଧନହାନିର ସୂଚନା ଦେଇଥାଏ।
- ସ୍ୱପ୍ନରେ କଇଁଚି ଦେଖିଲେ ଏହା ପରିବାରରେ କଳିଝଗଡ଼ା ହେବାର ସୂଚନା ଦିଏ। ଯଦି ଜଣେ ନିଜକୁ ବ୍ୟତିବ୍ୟସ୍ତ ହୋଇ ବୁଲୁଥିବାର ସ୍ୱପ୍ନ ଦେଖନ୍ତି ତେବେ ଭବିଷ୍ୟତରେ ସେ କୌଣସି ସମସ୍ୟା ଦେଇ ଗତି କରିବେ ବୋଲି ସୂଚାଇଥାଏ।
- ସେହିଭଳି ଅବିବାହିତ ଯୁବକ ଯୁବତୀ ନିଜେ ଗୁଡ଼ ଖାଉଥିବାର ସ୍ୱପ୍ନ ଦେଖିଲେ ସେମାନଙ୍କର ବିବାହ ଖୁବ୍ ଶୀଘ୍ର ହେବ ବୋଲି ସ୍ୱପ୍ନଶାସ୍ତ୍ର କହିଥାଏ। ଯଦି ରଙ୍ଗିନ ପୋଷାକ ଆକାଶରେ ଉଡ଼ୁଥିବାର ଦେଖନ୍ତି, ତେବେ ନିଜ ପସନ୍ଦର ବ୍ୟକ୍ତି ସହ ବିବାହ ହେବ ବୋଲି ଏହା ସୂଚନା ଦେଇଥାଏ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**ରାଜ୍ୟ ବିଜେପି ନେତୃତ୍ୱ ଉପରୁ ଆସ୍ଥା ହରାଉଛନ୍ତି ନେତା**

# ଗୋଟିଏ ଦିନରେ ଦୋହରା ଧକ୍କା

ଭୁବନେଶ୍ୱର, ୨୯ ।୩ (ସମିସ): ନିର୍ବାଚନ ତାରିଖ ଯେତେ ପାଖଉଛି, ରାଜ୍ୟ ବିଜେପିକୁ ସେହି ପରିମାଣରେ ଧକ୍କା ପରେ ଧକ୍କା ଲାଗିଚାଲିଛି । ରାଜ୍ୟ ନେତୃତ୍ୱଙ୍କ ଉପରୁ ଆସ୍ଥା ହରାଉଛନ୍ତି ଛାମୁଆ ନେତା ଓ କର୍ମୀ । ଆଜି ଗୋଟିଏ ଦିନରେ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଏବଂ କଟକ ଜିଲ୍ଲା ବିଜେପି ସଭାପତି ପ୍ରକାଶ ବେହେରା ଦଳରୁ ଇସ୍ତଫା ଦେଇଛନ୍ତି । ଉଭୟ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି । ଉଭୟେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ।

ଇସ୍ତଫା କାରଣ ସମ୍ପର୍କରେ ପ୍ରକାଶ କହିଛନ୍ତି ଯେ ମୁଁ ନିଜେ ସଙ୍ଗଠନକୁ ଯେଉଁ ସ୍ତରରେ ପହଞ୍ଚାଇବାକୁ ଚାହୁଁଥିଲି, ତାହା କରିପାରିଲି ନାହିଁ । ଦଳ ସହ ମୋର ବୈଚାରିକ ମତଭେଦ ରହିଲା । ଆମ ନିଷ୍ପତ୍ତିକୁ ଅଣଦେଖା କରାଗଲା । ସେଥିପାଇଁ ମୁଁ ବିଜେପି ଛାଡ଼ିବାକୁ ବାଧ ହେଲି ବୋଲି ପ୍ରକାଶ କହିଛନ୍ତି । ସେହିପରି ବିଧାୟକ ସୁକାନ୍ତ ନାୟକ ଦଳ ଛାଡ଼ିବାର କାରଣ ଶୀଘ୍ର ଜଣାଇବେ ବୋଲି ଗଣମାଧ୍ୟମକୁ କହିଛନ୍ତି । ତେବେ ସେ ଦଳର ରାଜ୍ୟ ନେତାଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୁଷ୍ଟ ଥିବା ଦୀର୍ଘଦିନ ହେଲା ଚର୍ଚ୍ଚା ହେଉଥିଲା ଏବଂ ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଏବଂ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।



**ଦଳ ଛାଡ଼ିଲେ ନୀଳଗିରି ବିଧାୟକ ସୁକାନ୍ତ ନାୟକ**

**ଇସ୍ତଫା ଦେଲେ କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା**



ବାଲେଶ୍ୱର ରାଜନୀତିରେ ସୁକାନ୍ତ ନାୟକ ଜଣେ ଆଗଧାଡ଼ିର ନେତା । ୨୦୧୪ରେ ସେ ପ୍ରଥମେ ବିଜେଡି ଟିକେଟରେ ନୀଳଗିରି ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ପରେ ୨୦୧୯ ମସିହାରେ ବିଜେପିରେ ଯୋଗଦେଇ ପୁନର୍ବାର ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସେ ଦଳର କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରାର୍ଥୀ ଚୟନରେ ତାଙ୍କର ପରାମର୍ଶ ନ ନେବା, ଦଳୀୟ ନିଷ୍ପତ୍ତିରୁ ତାଙ୍କୁ ଦୂରେଇ ରଖାଯିବା ଏବଂ ରାଜ୍ୟ ନେତୃତ୍ୱଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ସୁକାନ୍ତ ପ୍ରବଳ ଅସନ୍ତୁଷ୍ଟ ଥିବା ନେଇ ଖବର ମିଳିଛି ।

ଅନ୍ୟପକ୍ଷରେ କଟକ ଜିଲ୍ଲା ଓ ସାଲେପୁର ରାଜନୀତିରେ ପ୍ରକାଶ ବେହେରାଙ୍କର ବେଶ୍ ଦବଦବା ରହିଛି । ୨୦୧୪ରେ ପ୍ରକାଶ କଂଗ୍ରେସ ଟିକଟରୁ ବିଧାନସଭାକୁ ନିର୍ବାଚିତ ହେବା ପରେ ୨୦୧୯ ରେ ବିଜେପିରେ ଯୋଗ ଦେଇଥିଲେ । ତେବେ ସେହି ବର୍ଷ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେ ବିଜେଡି ପ୍ରାର୍ଥୀଙ୍କ ନିକଟରୁ ପରାଜୟ ଲଭିଥିଲେ । ଏହାସତ୍ତ୍ୱେ କଟକ ଜିଲ୍ଲା ବିଜେପି ସଂଗଠନକୁ ସକ୍ରିୟ ରଖିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ତେବେ କିଛି ନେତାଙ୍କ ସହ ତାଙ୍କର ମତଭେଦ, ଦଳରେ ତାଙ୍କ ନିଷ୍ପତ୍ତିକୁ ଅଣଦେଖା ସର୍ବୋପରି ଦଳୀୟ ନେତାଙ୍କ ଅସହଯୋଗ କାରଣରୁ ସେ ଦଳ ଛାଡ଼ିଛନ୍ତି ବୋଲି କୁହାଯାଉଛି । ଉଭୟ ନେତା ଦଳ ଛାଡ଼ିବା ବିଜେପିକୁ ଏକ ବଡ଼ କ୍ଷତି ଏବଂ ଦଳ ଏହି କ୍ଷତିର ଭରଣା କରିବା ଅସମ୍ଭବ ବୋଲି ରାଜନୀତିକ ମହଲରେ ଆଲୋଚନା ହେଉଛି । ବିଶେଷକରି ନିର୍ବାଚନ ପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଦଳର ଛାମୁଆ ନେତା ଦଳ ଛାଡ଼ିବା ବିଜେପି ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ଶିମିଳିପାଳରୁ ଶିକାରୀ ଗିରଫ, ୨ଟି ବନ୍ଧୁକ ଜବତ

ବାରିପଦା, ୨୯ ।୩ (ସମିସ): ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରିଥିବା ଜଣେ ଶିକାରୀକୁ ବନବିଭାଗ କର୍ମଚାରୀ କାବୁ କରିବା ସହିତ ପୁଲିସକୁ ହସ୍ତାନ୍ତର କରିଛନ୍ତି । ଅଭୟାରଣ୍ୟ ମଧ୍ୟରେ ଥିବା ଭଞ୍ଜବସା ଫରେଷ୍ଟସେକ୍ସନ ଅଞ୍ଚଳରୁ ଏହି ଶିକାରୀକୁ ଗିରଫପରେ କପ୍ତିପଦା ପୁଲିସକୁ ହସ୍ତାନ୍ତର କରାଯାଇଛି । ଗିରଫ ଶିକାରୀ ଜଣକ ହେଲେ ଉଦଳା ଥାନା ତାଳସରେଇ ଗ୍ରାମର ସୁନାରାମ ହେମ୍ବ୍ରମ (୫୦) । ତାଙ୍କ ନିକଟରୁ ଜବତ ୨ଟି ଦେଶୀ ବନ୍ଧୁକ ପୁଲିସକୁ ଜିମା ଦିଆଯାଇଛି । ଏନେଇ କପ୍ତିପଦା ଥାନାରେ ମାମଲା ରୁଜୁ ପରେ ସୁନାରାମକୁ ଉଦଳା କୋର୍ଟରେ ହାଜର କରାଯାଇଛି । ହୋଲି ପର୍ବ ପାଳନ ସମୟରେ ମାଂସ ଲୋଭରେ ଶିକାର ପାଇଁ ଜଙ୍ଗଲକୁ ପ୍ରବେଶ କରିଥିବା ନେଇ ସ୍ୱୀକାର କରିଛି ।

# ଶଙ୍ଖ ଧରିଲେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ



ଭୁବନେଶ୍ୱର, ୨୯ ।୩ (ସମିସ): ଶଙ୍ଖ ଧରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗିର ଜିଲ୍ଲା କଂଗ୍ରେସ୍ ସଭାପତି ସୁରେନ୍ଦ୍ର ସିଂ ଭୋଇ । ଆଜି ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ନିଜର ଶତାଧିକ ସମର୍ଥକଙ୍କ ସହ ଶ୍ରୀ ଭୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି । ସୁରେନ୍ଦ୍ର ଓ ତାଙ୍କ ସହଯୋଗୀମାନଙ୍କୁ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଦଳରେ ସ୍ୱାଗତ କରିବା ସହିତ ଏହି ମିଶ୍ରଣ ଫଳରେ ବଲାଙ୍ଗିର ଜିଲ୍ଲାରେ ବିଜେଡିର ଶକ୍ତି ବୃଦ୍ଧି ପାଇବ ବୋଲି ବିଶ୍ୱାସବ୍ୟକ୍ତ କରିଛନ୍ତି ।

ବିଜେଡିରେ ଯୋଗଦେବା ଅବସରରେ ଶ୍ରୀ ଭୋଇ କହିଛନ୍ତି ଯେ ଓଡ଼ିଶାର ବିକାଶରେ ନବୀନ ପଟ୍ଟନାୟକ ହେଉଛନ୍ତି ବିନ୍ଧାଣୀ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏବଂ ୫-ଟି ଉପକ୍ରମ ଅଧିନରେ ଓଡ଼ିଶା ଯେଉଁ ଉତ୍କର୍ଷ ହାସଲ କରିଛି ତାହା ଅଭୂତପୂର୍ବ । ସାରା ରାଜ୍ୟରେ ବିକାଶ ପର୍ବ ଚାଲିଛି । ସବୁ ବର୍ଗର ଲୋକଙ୍କ ମୁହଁରେ ହସ ଫୁଟିଛି । ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆଜି ଆମେ ସମସ୍ତେ ଗର୍ବିତ । ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତୀ ତଥା ଉତ୍ସର୍ଗୀକୃତ କାର୍ଯ୍ୟଧାରା ମୋତେ ସର୍ବଦା ପ୍ରଭାବିତ କରିଥିଲା । ଶେଷରେ ସମସ୍ତଙ୍କ ପରାମର୍ଶକ୍ରମେ ଆଜି ମୁଁ ବିଜେଡିରେ ଯୋଗ ଦେଇଛି । ସଭାପତି ମୋତେ ଯେଉଁ ଦାୟିତ୍ୱ ଦେବେ ତାହା ମୁଁ ନିଷ୍ଠାର ସହ ତୁଲାଇବି । ମୋତେ ଦଳରେ ଗ୍ରହଣ କରିଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଅନ୍ୟମାନଙ୍କୁ ମୁଁ ହୃଦୟରୁ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ଭୋଇ ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡ଼ି ମୁଖପାତ୍ର ତୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ ଏବଂ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଜେଡିରେ ମିଶିଲେ ଶତାଧିକ କଂଗ୍ରେସ୍ ନେତା ଓ କର୍ମୀ**

ସଇଁତଳା ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ସଇଁତଳା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଟିଟିଲାଗଡ଼ ବ୍ଲକ କଂଗ୍ରେସ ସଭାପତି ବିକାଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବ୍ଲକ କାର୍ଯ୍ୟକାରୀ ସଭାପତି ଅସୀମ ପଟ୍ଟନାୟକ, ଟାଉନ କଂଗ୍ରେସ ସଭାପତି ସୁଦାମ ସାହୁ, ସାଧାରଣ ସମ୍ପାଦକ ଚନ୍ଦ୍ରମଣୀ ତ୍ରିପାଠୀ, ଯୁବ କଂଗ୍ରେସ ସମ୍ପାଦକ ସୁବ୍ରତ ବେହେରାଙ୍କ ସହ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଯୁବ ନେତା ବିଜେଡିରେ ସାମିଲ ହୋଇଥିଲେ ।

# ଢେଙ୍କାନାଳ ଓ ଅନୁଗୁଳ ବିଜେପିକୁ ପ୍ରଚଣ୍ଡ ଧକ୍କା

**ଦଳ ଛାଡ଼ି ବିଜେଡିରେ ମିଶିଲେ ଶତାଧିକ ନେତା ଓ ନିର୍ବାଚିତ ପ୍ରତିନିଧି**

ଭୁବନେଶ୍ୱର, ୨୯ ।୩ (ସମିସ): ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଶୁକ୍ରବାର ଶଙ୍ଖଭବନ ଠାରେ ଅନୁଷ୍ଠିତ ମିଶ୍ରଣ କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ସାଂସଦ ସୁଲତା ଦେଓ ଓ ବିଜେଡ଼ି ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲଙ୍କ ଉପସ୍ଥିତିରେ ଏହି ନେତା ଓ ନିର୍ବାଚିତ ପ୍ରତିନିଧି ବିଜେଡିରେ ଯୋଗ ଦେଇଛନ୍ତି ।



ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ । ନବୀନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି କହିଥିଲେ । ବିଜେପି ଅନୁଗୁଳ ଜିଲ୍ଲା ଏସ୍‌ସି ମୋର୍ଚ୍ଚା ଉପସଭାପତି ତଥା ୨୭ ନଂ ଜୋନ ଜିଲା ପରିଷଦ ପ୍ରାର୍ଥୀ ମହେଶ୍ୱର ବେହେରା, ବିଜେପି ରାଜ୍ୟ ଏସ୍‌ସି ମୋର୍ଚ୍ଚା ସମ୍ପାଦିକା ସବିତା ନାୟକ, ଓଡ଼ପଡ଼ା ବ୍ଲକ ବିଜେପି ମଣ୍ଡଳ ସଭାପତି ଜ୍ୟୋତି ପ୍ରକାଶ ରାଉତ, ଢେଙ୍କାନାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ତଥା ମଣିପୁର ସରପଞ୍ଚ ରୁଦ୍ର ପଟ୍ଟନାୟକ, ଅନୁଗୁଳ ଜିଲ୍ଲା ବିଜେପି ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଅଜିତ ନାୟକ, ସରପଞ୍ଚ ମଳୟ କୁମାର ବେହେରା, ସୁନିଲ ଧଳ, ପ୍ରାଣବନ୍ଧୁ ନାୟକ, ବିଶ୍ୱଜିତ ନାୟକ, ପୂର୍ବତନ ସରପଞ୍ଚ ବିନୋଦ ଦେହୁରୀ, ବିଜେପି ବଅଁରପାଳ ମଣ୍ଡଳ ସଭାପତି ସନ୍ତୋଷ ପ୍ରଧାନ, ଯୁବମୋର୍ଚ୍ଚା ପ୍ରଭାରୀ ଜୟନ୍ତ କୁମାର ଦଳବେହେରା, ମିଡିଆସେଲ ପ୍ରମୁଖ ପ୍ରିୟବ୍ରତ ସାମଲ, ସଞ୍ଜୟ ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡ଼ି ମୁଖପାତ୍ର ତୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ । ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

**■ ନୂଆରୂପରେ ସଜେଇ ହେଉଛି ଆଖଣ୍ଡଳମଣିଙ୍କ ପୀଠ**

# ଆକର୍ଷଣର କେନ୍ଦ୍ରବିନ୍ଦୁ ୫୧ଫୁଟର ଶିବମୂର୍ତ୍ତି



ଭଦ୍ରକ/ଆରଡ଼ି, ୨୯ ।୩ (ସମିସ): ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ପୀଠ ନୂଆ ରୂପରେ ସଜେଇ ହେଉଛି । ଏହି ପର୍ଯ୍ୟଟନସ୍ଥଳକୁ ନୂଆ ରୂପରେଖ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୬ କୋଟି ଓ ଦ୍ୱିତୀୟ ପର୍ଯ୍ୟାୟରେ ୪୨କୋଟି ଟଙ୍କା ଯୋଗାଇ ଦିଆଯାଇଛି । ପ୍ରଥମ ପର୍ଯ୍ୟାୟ ଅର୍ଥରେ ମନ୍ଦିର ପରିସର ନୂଆରୂପ ପାଇସାରିଥିବା ବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଗାଡି ପାର୍କିଂ, ଶିବପ୍ଲାଜା, ମନ୍ଦିର ଚତୁଃପାର୍ଶ୍ୱର ପରିକ୍ରମା ପ୍ରକଳ୍ପ ଆଦି କାର୍ଯ୍ୟ ଜାରି ରହିଛି । ବିଶେଷକରି ଶିବପ୍ଲାଜାରେ ଆର୍କଷଣର କେନ୍ଦ୍ରବିନ୍ଦୁ ପାଲଟିବ ୫୧ଫୁଟର ଧ୍ୟାନମଗ୍ନ ଶିବମୂର୍ତ୍ତିରି । ଏହି ଶିବମୂର୍ତ୍ତିରିକୁ କଟକରୁ ଆସିଥିବା ୨୫ରୁ ଉର୍ଦ୍ଧ୍ୱ କାରିଗରଙ୍କ ଦ୍ୱାରା ଦୀର୍ଘ ଦେଡ଼ମାସ ହେବ କାର୍ଯ୍ୟ ଜାରି ରହିଛି । ତାହାସହ ଶିବପ୍ଲାଜ ଚତୁଃପାର୍ଶ୍ୱକୁ କଂକ୍ରିଟ ପ୍ରାଚେରୀ ଆବଦ୍ଧ କରାଯିବା ସହ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ୩ଟି ଗେଟ୍ ରହିବ । ଏହି ପ୍ରକଳ୍ପ ସମ୍ପନ୍ନ ହେଲେ ପର୍ଯ୍ୟଟକଙ୍କ ପାଇଁ ଆର୍କଷଣୀୟକେନ୍ଦ୍ର ବିନ୍ଦୁ ପାଲଟିବ ।

## ପୁଲିସ ସୂଚନାଦାତା ସନ୍ଦେହରେ ଜଣଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୨୯ ।୩ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ପଖାଞ୍ଜୁର ଅଞ୍ଚଳରେ ଜଣେ ଗ୍ରାମବାସୀଙ୍କୁ ମାଓବାଦୀମାନେ ପୁଲିସ ସୂଚନାଦାତା ସନ୍ଦେହରେ ହତ୍ୟା କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ, ଛତିଶଗଡ଼ର ପଖାଞ୍ଜୁରରେ ଥିବା ଭାମରାଗଡ଼ ଥାନା ଅଞ୍ଚଳର ଅଶୋକ ସୋଲଙ୍କି ନାମକ ବ୍ୟକ୍ତିଙ୍କୁ ଶୁକ୍ରବାର କିଛି ସଶସ୍ତ୍ର ମାଓବାଦୀ ଘରୁ ଉଠାଇ ଆଣିଥିବାବେଳେ ତାଙ୍କୁ ହତ୍ୟା କରି ପଖାଞ୍ଜୁର ରାସ୍ତା କଡ଼ରେ ଫିଙ୍ଗି ଦେଇଛନ୍ତି । ଏହା ସହ ସେଠାରେ ମାଓବାଦୀମାନେ ଏକ ପୋଷ୍ଟର ଲଗାଇ ଅଶୋକ ପୁଲିସ ସୂଚନାଦାତା ଥିବାରୁ ଏହି ହତ୍ୟାକାଣ୍ଡ ହୋଇଥିବା ଉଲ୍ଲେଖ ରହିଛି । ଏହାପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି ।

# ଲୋକାୟୁକ୍ତରେ ଖାଲି ପଡ଼ିବ ୩ ପଦ

ଭୁବନେଶ୍ୱର, ୨୯ ।୩ (ସମିସ): ଓଡ଼ିଶା ଲୋକାୟୁକ୍ତରୁ କିଛିଦିନ ମଧ୍ୟରେ ୩ ଟି ପଦବୀ ଖାଲି ହେବ । ଆସନ୍ତା ୩୦ ତାରିଖ ଅର୍ଥାତ ଶନିବାର ଦିନ ଲୋକାୟୁକ୍ତର ଜୁଡିସିଆଲ୍ ସଦସ୍ୟ ଥିବା ଜଷ୍ଟିସ୍ ବିଜୟ କୁମାର ନାୟକଙ୍କ ଶେଷ କାର୍ଯ୍ୟ ଦିବସ ହୋଇଥିବା ବେଳେ ସେ ଅବ୍ୟାହତି ନେବେ । ସେହିପରି ଆସନ୍ତା ୪ ତାରିଖରେ ଅନ୍ୟତମ ସଦସ୍ୟ ଡ. ଦେବବ୍ରତ ସ୍ୱାଇଁଙ୍କ କାର୍ଯ୍ୟକାଳ ସରିବାକୁ ଯାଉଛି । ଗତ ୧୮ ତାରିଖରେ ଲୋକାୟୁକ୍ତର ଅଧ୍ୟକ୍ଷ ଥିବା ଜଷ୍ଟିସ ଅଜିତ ସିଂ ଅବ୍ୟାହତି ନେଇସାରିଛନ୍ତି । ଅନ୍ୟତମ ସଦସ୍ୟ ଡକ୍ଟର ଆରପି ଶର୍ମାଙ୍କର କାର୍ଯ୍ୟକାଳ ଅଗଷ୍ଟ ୮ ତାରିଖରେ ସରିବ । ତେଣୁ ଲୋକାୟୁକ୍ତରେ ଥିବା ମୋଟ୍ ୪ ଜଣ ସଦସ୍ୟଙ୍କ ମଧ୍ୟରୁ ୩ଟି ପଦ ଖାଲି ହେବାକୁ ଯାଉଛି । ଅପରପକ୍ଷରେ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ନ ହେବା ପାଇଁ ଅଧ୍ୟକ୍ଷ ପଦ ସମେତ ୫ ଜଣ ସଦସ୍ୟ ପଦ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି । ୫ ଜଣ ସଦସ୍ୟଙ୍କ ମଧ୍ୟରେ ୨ଟି ଜୁଡିସିଆଲ ଓ ୩ଟି ନନ୍-ଜୁଡିସିଆଲ ପଦ ରହିଛି । ସମସ୍ତ ପଦ ପୂରଣ ପାଇଁ ଗତ ଫେବୃଆରୀ ୨୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ମାର୍ଚ୍ଚ ୧ ତାରିଖରୁ ୧୧ ତାରିଖ ମଧ୍ୟରେ ଆବେଦନ ପତ୍ର ଗ୍ରହଣ କରାଯାଇଛି ।

**୬ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି**

**ଆଜି ସରିବ ଜଷ୍ଟିସ୍ ବିଜୟ ନାୟକଙ୍କ କାର୍ଯ୍ୟକାଳ**

**ନିର୍ବାଚନ ପରେ ହେବ ନିଯୁକ୍ତି**

ସୂଚନା ଅନୁଯାୟୀ, ଆବେଦନ ପତ୍ରକୁ ଯାଞ୍ଚ କରିବା ପାଇଁ ସର୍ଚ୍ଚ କମିଟି ଗଠନ କରାଯାଇଛି । ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଭି ଗୋପାଳ ଗୌଡ଼ା କମିଟିର ଅଧ୍ୟକ୍ଷ ରହିଛନ୍ତି । ଏଥିରେ ପୂର୍ବତନ ପ୍ରଶାସକ ରବିନାରାୟଣ ବହିଦାର, ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ଏକେ ସାବତ, ଆରଏନ ସେନାପତି ଓ ମୌସୁମୀ ପାଢ଼ୀ ପ୍ରମୁଖ ସଦସ୍ୟ ଅଛନ୍ତି । ସର୍ଚ୍ଚ କମିଟିର କାର୍ଯ୍ୟ ଶେଷ ହେବା ପରେ ଏହାର ତାଲିକା ସିଲେକ୍ସନ କମିଟିକୁ ପଠାଯିବ । ସିଲେକ୍ସନ କମିଟିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷତା କରୁଥିବାବେଳେ ବିଧାନସଭା ବାଚସ୍ପତି, ବିରୋଧୀ ଦଳ ନେତା, ହାଇକୋର୍ଟ ମୁଖ୍ୟ ବିଚାରପତି କିମ୍ବା ତାଙ୍କ ମନୋନୀତ ଜଣେ ହାଇକୋର୍ଟ ବିଚାରପତି ଏବଂ କମିଟି ଅଧ୍ୟକ୍ଷ ଦ୍ୱାରା ମନୋନୀତ ଜଣେ ବିଶିଷ୍ଟ ଆଇନଜ୍ଞ ସଦସ୍ୟ ରହିବାର ପ୍ରାବଧାନ ରହିଛି । ସମ୍ପ୍ରତି ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ କୌଣସି ସରକାରୀ ନିଯୁକ୍ତି ଦିଆଯାଇପାରିବ ନାହିଁ । ଏଣୁ ପ୍ରାୟ ଦୁଇମାସରୁ ଅଧିକ ଏହି ସମସ୍ତ ପଦ ଖାଲି ରହିବ ଓ ବିଚାର ପ୍ରକ୍ରିୟା ବାଧାପ୍ରାପ୍ତ ହେବ ବୋଲି ଜଣେ ସୂଚନା ଅଧିକାର କର୍ମୀ କହିଛନ୍ତି । ପରବର୍ତ୍ତୀ ଅଧ୍ୟକ୍ଷ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦୁଇ ପୂର୍ବତନ ବିଚାରପତି ଜଷ୍ଟିସ ଏସ ମୁରଲୀଧର ଓ ଜଷ୍ଟିସ ଶୁଭାଶିଷ ତାଳପତ୍ରଙ୍କ ନାମ ଚର୍ଚ୍ଚାରେ ରହିଛି । ସୂଚନାଯୋଗ୍ୟ, ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଲୋକାୟୁକ୍ତ ବିଲ ପାରିତ ହୋଇଥିଲା । ୨୦୧୪ ମସିହାରେ ବିଧାନସଭାରେ ପାରିତ ହେଲାପରେ ୨୦୧୫ ଜାନୁଆରୀରେ ରାଷ୍ଟ୍ରପତି ଏହାକୁ ଅନୁମୋଦନ କରିଥିଲେ ।




# ରେଲୱେ ଓଭରବ୍ରିଜ୍ ଓ ବାଇପାସ୍ ନିର୍ମାଣ; ଦୁର୍ଘଟଣାକୁ କରୁଛି ଆମନ୍ତ୍ରଣ




**କେସିଙ୍ଗା, ୨୯।୩(ସମିସ)**

ବହୁ କଳ୍ପନାଜଳ୍ପନା ପରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ତରଫରୁ ୩୨୬ କୋଟି ଟଙ୍କା ବ୍ୟୟରେ ବାଇପାସ ରାସ୍ତା ସହିତ ରେଳ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ସ୍ଥିରୀକୃତ ହୋଇଛି। ଜମି ଅଧିଗ୍ରହଣ ପରେ ଟେଣ୍ଡର ଡ଼କାଯାଇ ରାଜଲକ୍ଷ୍ମୀ କନଷ୍ଟ୍ରକସନ ନାମକ ଏକ ଘରୋଇ ସଂସ୍ଥାକୁ କାମ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। କମ୍ପାନୀ କାର୍ଯ୍ୟାଦେଶ ପାଇବା ପରେ କାମ ଜୋର୍‌ସୋର୍‌ରେ ଆରମ୍ଭ ହେଉଛି। ତେବେ କାମ ଆରମ୍ଭ ହେବା ଦିନଠାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ତାହାର କାରଣ ହେଲା ସହର ମଧ୍ୟ ଦେଇ ୨୬ ନମ୍ବର ଜାତୀୟ ରାଜପଥ କୋଲକାତା ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ୨୪ ଘଣ୍ଟା ଛୋଟ ବଡ଼ ଯାନବାହନ ଚଳାଚଳ କରୁଛି। କେସିଙ୍ଗା ସହର ମଧ୍ୟ ଭାଗରେ ରାସ୍ତା ଯାଇଥିବାରୁ ରାସ୍ତା କଡ଼ରେ ଦୋକାନ ବଜାର ସମେତ ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି। ସେଥିପାଇଁ ସହରବାସୀଙ୍କୁ ଟ୍ରାଫିକ ସମସ୍ୟା ଓ ସମ୍ଭାବ୍ୟ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ବାଇପାସ ରାସ୍ତା ନିର୍ମାଣ ନିହାତି ପକ୍ଷେ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ତାହାର ଅବସ୍ଥିତିକୁ ନେଇ ସହରର ଜନସାଧାରଣ ବିରୋଧ କରୁଛନ୍ତି। ବଲାଙ୍ଗୀର ପଟୁ ସ୍ଥାନୀୟ କୁର୍ଲୁପଡ଼ା ଛକ ଠାରୁ ଆରମ୍ଭ ହେଉଥିବା ଉକ୍ତ ବାଇପାସ ରାସ୍ତା ଭବାନୀପାଟଣା ପଟେ ସହରର ମଧ୍ୟ ଭାଗରେ

## ● ଆନ୍ଦୋଳନ ପାଇଁ ସଜବାଜ

ଶେଷ ହେଉଛି। ପାଖରେ ଇଣ୍ଡିଆନ ପେଟ୍ରୋଲ ପମ୍ପ ଥିବାବେଳେ ସହରର ମୁଖ୍ୟ ଶିକ୍ଷାନୁଷ୍ଠାନ ଶିଶୁ ବିଦ୍ୟାମନ୍ଦିର ଯେଉଁଠି ସହରର ପ୍ରାୟ ୧୫୦୦ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ଆଗକୁ ଏଫସିଆଇ ଛକ, ଟ୍ରକ୍ ସଂଘ ଥିବା ଫଳରେ ବାଇପାସର ଭବାନୀପାଟଣା ପଟୁ ଏଣ୍ଟ୍ରି ପଏଣ୍ଟରେ ଦୁର୍ଘଟଣା କମିବା ପରିବର୍ତ୍ତେ ବଢ଼ିବ ବୋଲି ବିରୋଧ ବଢ଼ିବାରେ ଲାଗିଛି। ସେମିତି ବି ପ୍ରତିବର୍ଷ କେସିଙ୍ଗା ଇଣ୍ଡିଆନ ପେଟ୍ରୋଲ ପମ୍ପରୁ ବୋରିଙ୍ଗପଦର ମଧ୍ୟରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ତେଣୁ ଏହି ବାଇପାସ ରାସ୍ତା କେସିଙ୍ଗା ସହରର




ମଧ୍ୟ ଭାଗରେ ହେଉଥିବା କେତେ ଦୂର ଯଥାର୍ଥ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଗାମୀ ଦିନରେ ଏହି ବାଇପାସ ରାସ୍ତା କେସିଙ୍ଗା ପାଇଁ ଅଭିଶାପ ପାଲଟିବ ବୋଲି ଚର୍ଚ୍ଚା ଜୋର ଧରିଛି। ସହରର ବୁଦ୍ଧିଜୀବୀଙ୍କ କହିବା ଅନୁସାରେ କେନ୍ଦ୍ର ସରକାରଙ୍କ ଭାରତମାଳା ଯୋଜନାରେ ଛ ଲେନ ରାସ୍ତା ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାର ବରଗଡ଼, ସମ୍ବଲପୁର ଦେଇ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲ୍ଲାକୁ ସଂଯୋଗ କରିବ। ଏହି ରାସ୍ତା କେସିଙ୍ଗା ଦେଇ ଯିବ। ଫଳରେ ଆଗାମୀ ଦିନରେ ଟ୍ରାଫିକ ଭିଡ଼ ହେବା ସହିତ ସହର ମଧ୍ୟରେ ବାଇପାସ ରାସ୍ତା ଦୁର୍ଘଟଣାର ବ୍ଲାକ ସ୍ପଟ୍ ହେବ ବୋଲି ଗୁରୁତ୍ୱାରୋପ କରି ଆଗାମୀ ଦିନରେ ପ୍ରବଳ ବିରୋଧ ପ୍ରଦର୍ଶନ ସହିତ ଜୋରଦାର ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

### ସେମାନେ ଯାହା କୁହନ୍ତି



ସହର ପାଇଁ ଏହି ରେଲୱେ ଓଭରବ୍ରିଜ ଓ ବାଇପାସ୍ ଆଗାମୀ ଦିନରେ ଦୁର୍ଘଟଣା ଜୋନ ହେବା ସହିତ ସହର ମଧ୍ୟରେ ନିର୍ମାଣାଧିନ ବାଇପାସକୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରୁଛୁ। ଆଗାମୀ ଦିନରେ ଏଥିପାଇଁ ଆନ୍ଦୋଳନ ମଧ୍ୟ କରାଯିବ।

**ନୃପରାଜ ଯାଦବ**, ନଗରପାଳ କେସିଙ୍ଗା ଏନ୍‌ଏସି



କେସିଙ୍ଗା ସହରର ସମ୍ପ୍ରସାରଣର ଭବିଷ୍ୟତ ବିଲକୁଲ ଅନ୍ଧାର ହେବା ସହିତ ସହରବାସୀ ଜାଣିଶୁଣି ଚୁପ୍ ରହିବା ଦୁର୍ଘଟଣାଜନିତ ମୃତ୍ୟୁକୁ ଆମନ୍ତ୍ରଣ କରିବା ସଦୃଶ୍ୟ। ସହର ମଧ୍ୟରେ ବାଇପାସ ନିହାତି ଭାବରେ ଭୁଲ ପଦକ୍ଷେପ। ଏହି ପ୍ରକଳ୍ପକୁ ଅତି ଶୀଘ୍ର ବନ୍ଦ କରାଯାଉ।

**ସୁରେଶ ରାଓ**, ଯୁବ ସଙ୍ଗଠକ



ଭବିଷ୍ୟତ ପାଇଁ ଏହି ପ୍ରକଳ୍ପ କେସିଙ୍ଗା ପାଇଁ ଅଭିଶାପ ପାଲଟିବା ସହିତ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଇବ। ଟ୍ରାଫିକ ସମସ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିବ। ବିଭାଗୀୟ ଅଧିକାରୀମାନଙ୍କ ଦୂରଦୃଷ୍ଟିର ଅଭାବ ଜଳଜଳ କରି ଦେଖାଯାଉଛି।

**ପ୍ରଣବ ଭୋକ୍ତା**, ସଚେତନ ନାଗରିକ

# ବିଶ୍ୱ ନାଟ୍ୟ ଦିବସ ପାଳିତ

**ଭବାନୀପାଟଣା,୨୯।୩(ସମିସ):** କଳାହାଣ୍ଡି ଏଜେନ୍ସୀ ଫର୍ ଏନଭାୟାରନମେଣ୍ଟ ଏଣ୍ଡ ୱାଇଲ୍ଡ ଲାଇଫ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଭବାନୀପାଟଣାସ୍ଥିତ ଅମଲା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ମନୋଜ କୁମାର ବେହେରା, ବିଶିଷ୍ଟ ସଂସ୍କୃତି ଗବେଷକ ଅଜୟ କୁମାର ମିଶ୍ର, ଜିଲ୍ଲା କଳା ସଂସ୍କୃତି ସଂଘର ଉପାଧ୍ୟକ୍ଷ କରୁଣାକର ଦାସ, ପ୍ରକୃତିବନ୍ଧୁ ଡୋଳାମଣି ସାହୁ, ନୃତ୍ୟ ଗୁରୁ ଭୀମସେନ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ପାରମ୍ପରିକ ଖଞ୍ଜଣି ବାଦକ, ସାରଙ୍ଗି, ଘୁଡୁକି, ମୃଦଙ୍ଗ ବାଦକ, କଣ୍ଠ ଶିଳ୍ପୀ, ମଞ୍ଚ ଅଭିନେତାମାନଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ କଳା ସାଧକ ଭାବରେ ହୃଷୀକେଶ ସାହୁ, ସୀତାରାମ ନାୟକ, ଛବି ଚନ୍ଦନ, ଗୌତମ ଚନ୍ଦନ, ଧନ ଗୌଡ଼, ଶଙ୍କର ଗୌଡ଼, ଅନାମ ମାଝୀ, ହରି ଶଙ୍କର ଶବର, ବଲ୍ଲେବ ବନ୍ଦିଛୋର୍, ସୁରେଶ ନାଗ, ସୁରେଶ ପଡ଼ନ, ବରୁଣ ଜାନୀ ଓ କୁନି କଳାକାର ଭାବରେ ଅଙ୍କିତା ଚନ୍ଦନ, ସ୍ୱପନା ଚନ୍ଦନ, ସୁପ୍ରଭା ଚନ୍ଦନ, ଛନ୍ଦମୟୀ ରାଉତ, ମାଧୁରୀ ଗୌଡ଼ ଓ ଚାନ୍ଦିନୀ ମାଝୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେଫ୍ୟୁର ସମ୍ପାଦକ ହୃଷୀକେଶ ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଉପାଧ୍ୟକ୍ଷ ଅଜିତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ରଥ ଦୁରିଆ, ସନ୍ତୋଷ କୁମାର ନାଏକ, କୁମାରୀ ରଣା, ପ୍ରିୟଦର୍ଶିନୀ ସାହୁ, ନରେନ୍ଦ୍ର କୁମାର ସାହୁ, ନଳିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା କେନାଲରୁ ବଳଦ ଉଦ୍ଧାର



**କୋକସରା,୨୯।୩(ସମିସ):** କେନାଲରେ ଭାସି ଯାଉଥିବା ଏକ ବଳଦ ଓ ଡ୍ରେନ ଭିତରେ ଫସିଥିବା ଏକ ଗାଇକୁ ଶୁକ୍ରବାର କୋକସରା ଅଗ୍ନିଶମ କର୍ମଚାରୀ ମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଇନ୍ଦ୍ରାବତୀ କେନାଲର ମାଝିଗୁଡା ନିକଟରେ କେନାଲ ପାଣିରେ ଏକ ବଳଦ ଭାସି ଯାଉଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟରାସ୍ଥଳରେ ପହଞ୍ଚି କେନାଲ ଭିତରୁ ଉକ୍ତ ବଳଦକୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ସେହିପରି ବ୍ଲକ ସଦର ମହକୁମା ବଙ୍ଗୋମୁଣ୍ଡା ପେଟ୍ରୋଲ ପମ୍ପ ଛକ ନିକଟସ୍ଥ ଡ୍ରେନରେ ଫସିଥିବା ଏକ ଗାଇକୁ ମଧ୍ୟ ଉଦ୍ଧାର କରିଛନ୍ତି ଅଗ୍ନିଶମ କର୍ମଚାରୀ। ଉଭୟ ସ୍ଥାନର ଉଦ୍ଧାର କାର୍ଯ୍ୟରେ କୋକସରା ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଗ, ଅଗ୍ନିଶମ କର୍ମଚାରୀ ମନୋଜ ବିଶ୍ୱାଳ, ରାଧେଶ୍ୟାମ ପ୍ରଧାନୀ, ବାସୁଦେବ ଭୋଇ, ଶ୍ୟାମଲାଲ ଗଣ୍ଡ, ଗିରିଧର ଦଣ୍ଡସେନା ପ୍ରମୁଖ ସାମିଲ ହୋଇଥିଲେ।

# ଖଣ୍ଡୁଆଳମାଳିରେ ଦୁଇଦିନିଆ ପର୍ବ ଅନୁଷ୍ଠିତ

**ଥୁଆମୂଳ ରାମପୁର, ୨୯।୩(ସମିସ):** କଳାହାଣ୍ଡି ଜିଲ୍ଲା ଖଣ୍ଡୁଆଳ ମାଳି ପର୍ବତ ଶିଖରରେ ଦୁଇଦିନିଆ ପର୍ବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଏହି ମାଳିର ଦେବତା ଖଣ୍ଡୁଆଳ ଦେବଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ଆବାହମାନ କାଳରୁ ପୂଜା ପାଇ ଆସୁଥିବା ଏହି ମାଳିର ପର୍ବତ ଶିଖରର ଏକ ଗୁମ୍ଫାରେ ଅବସ୍ଥାପିତ ବାବା ଖଣ୍ଡୁଆଳ ଦେବ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଯାହାକୁ ନେଇ ପ୍ରତିବର୍ଷ ସେଠାରେ ପୂଜାର୍ଚ୍ଚନା ପାଇଁ ଆଖପାଖ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଦେଖିବାକୁ ମିଳିଥାଏ। ହେଲେ ବକ୍ସାଇଟ ପୂର୍ଣ୍ଣ ଖଣିଜ ସମ୍ପଦ ଗଚ୍ଛିତ ଏହି ମାଳିକୁ ସରକାର ଲିଜ୍ ଦେବା ନେଇ ଯେଉଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଏହାକୁ ପରିବେଶବିତ୍‌ମାନେ ମାଳିର ସୁରକ୍ଷାକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ଯଦି ଖଣି ଲିଜ୍ ପ୍ରଦାନ କରାଗଲେ ଅଞ୍ଚଳ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ସହିତ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଜୀବନ ଜୀବିକା ମଧ୍ୟ ପ୍ରଭାବିତ ହେବ। ଏଭଳି ପ୍ରସଙ୍ଗ ନେଇ ଆଖପାଖ ଅଞ୍ଚଳର ଲୋକଙ୍କୁ ନେଇ ଗତ କିଛି ବର୍ଷ ହେଲା ମାର୍ଚ୍ଚ ଶେଷ ଆଡକୁ ଖଣ୍ଡୁଆଳ ମାଳି ଶିଖରରେ ମେଳି ହୋଇଥାଏ। ଗୁରୁବାର ପୁଣି ଏକତ୍ରିତ ହୋଇ ଖଣ୍ଡୁଆଳ ବାବା ପୀଠରେ ପୂଜାର୍ଚ୍ଚନା ସହିତ ଏହି ପ୍ରସଂଗ ଉପରେ ଆଲୋଚନା କରି ଖଣ୍ଡୁଆଳ ମାଳିର ସୁରକ୍ଷା ପ୍ରତି ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ଖଣି ଲିଜ୍ ପ୍ରକ୍ରିୟାକୁ ବିରୋଧ କରିଛନ୍ତି। ଖଣ୍ଡୁଆଳ ମାଳି ସୁରକ୍ଷା ସମିତିର ଆବାହକ ବ୍ରିଟିସ୍ କୁମାରଙ୍କ ନେତୃତ୍ୱରେ ସଭାପତି କାର୍ତ୍ତିକ ମାଝୀ, କୃଷ୍ଣ ସିକକା, ଲାଇ ମାଝୀ, ଦାମୋଦର ବେହେରା, ସଞ୍ଜୟ ସୁନାନୀ, ବୈଦ୍ୟନାଥ ନାଏକ, ଲୋକନାଥ ମାଝୀ, କୁଞ୍ଜ ମାଝୀ, ମାନ ମାଝୀ, ହୃଷିକେଶ ମାଝୀ, ଦାସୀ ନନ୍ଦିବାଲି, ଲିଙ୍ଗରାଜ ପ୍ରଧାନ, ପ୍ରତାପ ଚିନାରା, ନାରୀ ନେତ୍ରୀ ପୁଲମେଇ ମାଝୀ, ଲାଞ୍ଜିଗଡ଼, ଥୁଆମୂଳ ରାମପୁର ଏବଂ ସଦର ବ୍ଲକର ୧୧ ଗୋଟି ପଞ୍ଚାୟତର ୨୧୦ଟି ଗାଁର ଶହଶହ ଲୋକଙ୍କ ସମାଗମ ହୋଇଥିଲା।

# ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ଜୁନାଗଡ଼ ଓ ଲାଞ୍ଜିଗଡ଼ ବିଧାନସଭା ପ୍ରାର୍ଥୀ ଘୋଷଣା

**ଜୁନାଗଡ଼,୨୯।୩(ସମିସ):** ଜୁନାଗଡ଼ଠାରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଜୁନାଗଡ଼ ଓ ଲାଞ୍ଜିଗଡ଼ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା ସହ ଇସ୍ତାହାର ପ୍ରକାଶ କରିଛି। କଳାହାଣ୍ଡି ଜିଲ୍ଲା ସଂପାଦକ ଗୟାରାମ ପୁଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଉପସ୍ଥିତ ହୋଇ ଜୁନାଗଡ଼ ବିଧାନସଭା ପାଇଁ ଯୁବ ଆଇନଜୀବୀ ତଥା ସମାଜସେବୀ ରାଜେନ୍ଦ୍ର ବୈଠାରୁ ଓ ଲାଞ୍ଜିଗଡ଼ ବିଧାନସଭା ପାଇଁ ସମାଜସେବୀ ତଥା ବରିଷ୍ଠ ଆଦିବାସୀ ନେତା ଉଦ୍ଧବ ନାଏକଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଜୁନାଗଡ଼ ତଥା ଲାଞ୍ଜିଗଡ଼ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଦାଦନ ସମସ୍ୟା, ଚାଷୀ ସମସ୍ୟା, କୃଷିଭିତ୍ତିକ ଶିଳ୍ପ, ଗମନାଗମନ ପ୍ରଭୃତି ସମସ୍ୟା ନେଇ ଦଳର ଇସ୍ତାହାର ପ୍ରକାଶ କରାଯାଇଛି।




# ପ୍ରାର୍ଥୀ ଘୋଷଣା ପରେ ବିଜେଡି ସଦର ବିଧାନସଭା ପ୍ରାର୍ଥୀଙ୍କୁ କେସିଙ୍ଗାରେ ସ୍ୱାଗତ ସମ୍ବର୍ଦ୍ଧନା

**କେସିଙ୍ଗା, ୨୯।୩(ସମିସ):** ବିଜେଡି ବିଧାନସଭା ପ୍ରାର୍ଥୀ ଘୋଷଣା ପରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବିଧାୟକ ପ୍ରାର୍ଥୀ ବିଜେଡି ସଭାନେତ୍ରୀ ଲଳିତା ନାଏକଙ୍କ କେସିଙ୍ଗା ଗସ୍ତ ଅବସରରେ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଛି। କେସିଙ୍ଗା ଏନ୍‌ଏସି ସମେତ କେସିଙ୍ଗା ବ୍ଲକର ୯ଟି ଗ୍ରାମ ପଞ୍ଚାୟତ ସଦର ବିଧାନସଭା ଆସନରେ ମିଶିଥିବାରୁ କେସିଙ୍ଗାର ମହତ୍ତ୍ୱ ରହିଛି। ସେହି ଦୃଷ୍ଟିରୁ ଲଳିତା ନାଏକ ପ୍ରଥମେ କେସିଙ୍ଗା ଆସି ଦଳୀୟ କର୍ମୀଙ୍କ ସହିତ ବୈଠକ କରି ରଣନୀତି ପ୍ରସ୍ତୁତ କରିଥିଲେ। ସମସ୍ତ କର୍ମୀ ନିଷ୍ଠାର ସହ କାର୍ଯ୍ୟ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ବିକାଶ ରଥକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ ବିଜୟ ପରେ ଅଞ୍ଚଳର ବିକାଶ ପାଇଁ ପ୍ରତିବଦ୍ଧତା ଦେଖାଇବା ସହିତ ପ୍ରତ୍ୟେକ ବର୍ଗର ଲୋକଙ୍କ ସୁବିଧା ଅସୁବିଧାରେ ଆଗରେ ଛିଡା ହେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଏନ୍‌ଏସି ନଗରପାଳ ନୃପରାଜ ଯାଦବ, ଉପ ନଗରପାଳ ସରସ୍ୱତୀ ସାହା, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ଯୁବ ନେତା ସିଲୁ ପରିଡ଼ା, କାଉନସିଲର ରମାକାନ୍ତ ଜେନା, ଶମ୍ଭୁ ବଗର୍ତ୍ତି, ହେମ ସୁନାଙ୍କ ସମେତ ସମସ୍ତ ବିଜେଡି କାଉନସିଲର, ରଞ୍ଜନ ବେହେରା, ନର ନିଆଲଙ୍କ ସମେତ ସମସ୍ତ ଟାଉନ ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ।



**● ଦାଦନ ଶ୍ରମିକ ଡୁମୁ ମୁଦୁଲିଙ୍କ କେରଳରେ ମୃତ୍ୟୁ ଘଟଣା**

# ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାଙ୍କୁ ଜାତୀୟ ମାନବାଧିକାର କମିଶନଙ୍କ ତ୍ରିଶୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭବାନୀପାଟଣା, ୨୯।୩(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଦୁଆରସୁଣୀ ଚେପ୍ଲାଘାଟ ଗାଁର ୨୬ ବର୍ଷୀୟ ଯୁବକ ଡୁମୁ ମୁଦୁଲି ଦାଦନ ଖଟିବାକୁ କେରଳର ତ୍ରିଶୁର ଜିଲ୍ଲା ଓଲଲୁର ଥାନା ଅଞ୍ଚଳରେ କୋଠା ନିର୍ମାଣ କାମରେ ନିୟୋଜିତ ଥିଲେ। ସେଠାରେ କାର୍ଯ୍ୟରତ ଥିବାବେଳେ କୋଠା ଛାତରୁ ପଡ଼ି ପ୍ରାଣ ହରାଇଥିଲେ। ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ ୪ ସପ୍ତାହ ମଧ୍ୟରେ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ତ୍ରିଶୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡୁମୁ ୧୯ ସେପ୍ଟେମ୍ବର ୨୦୨୩ରେ ଠିକାଦାର ରାଜେଶଙ୍କ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇ ଏମଜି ରୋଡ ଅଞ୍ଚଳରେ ଶ୍ରୀରୀନ ଜୟସନଙ୍କ ନିର୍ମାଣାଧୀନ କୋଠା ଛାତରୁ ଖସି ପଡ଼ିଥିଲେ। ଏ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନବାଧିକାର କର୍ମୀ ଦିଲ୍ଲୀପ କୁମାର ଦାସ, ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରି ପୀଡିତଙ୍କ ପରିବାରକୁ କ୍ଷତିପୂରଣ ଏବଂ ଠିକାଦାର କମ୍ପାନୀ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। କମିଶନ ଏହି ମାମଲାକୁ କେସ ନମ୍ବର ୬୦୮/୧୧/୧୩/ ୨୦୨୩ରେ ପଞ୍ଜିକରଣ କରି ତ୍ରିଶୁର ଜିଲ୍ଲାପାଳ ଏବଂ ପୁଲିସ କମିଶନରଙ୍କୁ ରିପୋର୍ଟ ତଲବ କରିଥିଲେ। ପୁଲିସ କମିଶନର ୧୬ ଫେବୃଆରୀ ୨୦୨୪ରେ ସବିଶେଷ ରିପୋର୍ଟ ଦାଖଲ କରି ଜଣାଇଥିଲେ ଯେ ଏହି ଘଟଣାରେ କେରଳ ରାଜ୍ୟ ପ୍ରବାସୀ ଶ୍ରମିକ କଲ୍ୟାଣ ଯୋଜନା-୨୦୧୦ ଅନୁଯାୟୀ ୨ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳିବା ବ୍ୟବସ୍ଥା ରହିଛି। ଆହୁରି ମଧ୍ୟ ସୂଚନା ପ୍ରଦାନ କରିଛନ୍ତି ଯେ ମୃତ ଶରୀରକୁ ନିଜ ଗାଁକୁ ପଠାଇବା ପାଇଁ ସମସ୍ତ ୬୦ ହଜାର ଟଙ୍କା ଠିକାଦାର ରାଜେଶ ବହନ କରିଛନ୍ତି। ଏହି ରିପୋର୍ଟ ପାଇଲା ପରେ ମାନବାଧିକାର କମିଶନ ୨୬ ମାର୍ଚ୍ଚ ୨୦୨୪ରେ ଶୁଣାଣି କରିଥିଲେ। ଏବଂ କେରଳ ରାଜ୍ୟ ପ୍ରବାସୀ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ଡୁମୁ ମୁଦୁଲିଙ୍କ ପରିବାରକୁ ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ରାଶି ପ୍ରଦାନ କରିବା ସହିତ କମିଶନଙ୍କ ପାଖରେ ରିପୋର୍ଟ ଦାଖଲ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ନିଶାମଣି ଦେବୀ
ବଡ଼ବେରଣା, ବେଗୁନିଆ, ଖୋର୍ଦ୍ଧା
ଆବିର୍ଭାବ: ୧୦.୦୫.୧୯୪୫
ତିରୋଧାନ: ୨୦.୦୩.୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତନାଥ ଶ୍ରୀ ଜଗନ୍ନାଥ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଚାରି ପୁଅ ବିରଞ୍ଚି ନାରାୟଣ ପଣ୍ଡା, ସତ୍ୟ ନାରାୟଣ ପଣ୍ଡା, ରବି ନାରାୟଣ ପଣ୍ଡା, ସୂର୍ଯ୍ୟ ନାରାୟଣ ପଣ୍ଡା, ବୋହୂ ସରୋଜିନୀ ପଣ୍ଡା, ଗୀତାଞ୍ଜଳି ପଣ୍ଡା, ଲିଜାଲିନ ପଣ୍ଡା, ସୁପ୍ରିୟା ପଣ୍ଡା, ନାତି ଓ ନାତୁଣୀ ଲକି, ଲିକୁ, ଲିପା, ଲଭଲି, ରୋହନ, ଲିପୁନ, ଜିପୁନ ଓ ଆତ୍ମୀୟ ସ୍ୱଜନ

## ବେଦାନ୍ତ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷର

# ୩ ବର୍ଷରେ ୧୩୦୦ରୁ ଊର୍ଦ୍ଧ୍ୱ ଯୁବକ ଓ ଯୁବତୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟ

**ଭବାନୀପାଟଣା, ୨୯।୩(ସମିସ)**

ବେଦାନ୍ତ ଆଲୁମିନିୟମ୍‌ର ଏକ ୟୁନିଟ୍ ଓଏସଡିଏ (ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟୀ) ଓଡ଼ିଶା ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଆଗାମୀ ୩ ବର୍ଷ ମଧ୍ୟରେ ୧୩୦୦ରୁ ଅଧିକ ଯୁବକ-ଯୁବତୀଙ୍କର ଦକ୍ଷତା ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି। ଏହାର ଦକ୍ଷତା ତାଲିମ ପଦକ୍ଷେପ କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳ, ବେକାର ଯୁବକଯୁବତୀମାନଙ୍କୁ ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକ ହେତୁ ବିଦ୍ୟାଳୟ ଛାଡିଥିବା ନିରନ୍ତର ଜୀବିକା ନିର୍ବାହ ପାଇଁ ସହାୟତା କରିଆସୁଅଛି। ନାବାର୍ଡ (ନ୍ୟାସନାଲ ବ୍ୟାଙ୍କ ଫର କୃଷି ଏବଂ ଗ୍ରାମୀଣ ବିକାଶ) ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁଷ୍ଠାନ ସହିତ ବିଭିନ୍ନ ସହଭାଗିତା ମାଧ୍ୟମରେ ଏହି ପଦକ୍ଷେପର ପରିସରକୁ ବ୍ୟାପକ କରିବାକୁ ବେଦାନ୍ତ କମ୍ପାନୀ ଲକ୍ଷ୍ୟ ରଖିଛି। ୨୦୨୨ ମସିହାରୁ ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳର ଯୁବକ, ଯୁବତୀମାନଙ୍କୁ ଖାଦ୍ୟ ଏବଂ ପାନୀୟ, ଟେକ୍ସଟାଇଲ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଶିଳ୍ପ ସହିତ ରୋଜଗାରର ସୁଯୋଗ ପାଇଁ ତାଲିମ ଦେଇଛି। ବିଭିନ୍ନ ଚାକିରୀ ଭୂମିକାରେ ସେମାନଙ୍କୁ ଅଭିଜ୍ଞତା ପ୍ରଦାନ କରିବାକୁ ଶିଳ୍ପ ପରିଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପର୍ଯ୍ୟନ୍ତ ୨୦୦ରୁ ଅଧିକ ଯୁବକଯୁବତୀମାନଙ୍କୁ ଷ୍ଟିୱାର୍ଡସିପ୍, ସିଲେଇ ମେସିନ୍ ଅପରେସନ୍ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପରି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଛି। ନିଯୁକ୍ତିଦାତାମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଜାରି ପ୍ରତିବଦ୍ଧତା, ୭୫ ପ୍ରତିଶତ ପ୍ଲେସମେଣ୍ଟ ରେକର୍ଡ ହାସଲ କରି ଯୁବକ, ଯୁବତୀମାନଙ୍କୁ ରାମୋଜି ଫିଲ୍ମ ସିଟି, ତାଜ୍ ଗ୍ରୁପ ଅଫ୍ ହୋଟେଲ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାରେ ଅବସ୍ଥାପିତ କରାଯାଇଛି। ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ସିଇଓ- ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ସହ ବେଦାନ୍ତ କମ୍ପାନୀର ଅଧିକାରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀ ବୁଝାମଣା ସମୟରେ ଉପସ୍ଥିତ ଥିଲେ।



୧୧ତମ ଜନ୍ମବାର୍ଷିକ ଶୁଭେଚ୍ଛା



ଆଦର୍ଶ ନାୟକ
ମହାପ୍ରଭୁ ଶ୍ରୀ ଜଗନ୍ନାଥ ତୋତେ ନିରୋଗ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ଆଜି ଜନ୍ମଦିନରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ:
ପିତା: ନୃସିଂହ ନାୟକ,
ଏମ୍‌ଡି ମୈଦଲପୁର ଲ୍ୟାମ୍ପ

# ଗାଁ ରାସ୍ତା ମରାମତି ନହେବାରୁ ଭୋଟ୍ ବର୍ଜନ ନିଷ୍ପତ୍ତି

## ବିଡିଓ, ତହସିଲଦାରଙ୍କୁ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ



**ଦେଓଗାଁ, ୨୯।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ରାଏପାଲି ଗାଁ ରାସ୍ତାର ଉନ୍ନତିକରଣ ହୋଇ ନପାରିବାରୁ ଗାଁବାସୀ ଚଳିତ ନିର୍ବାଚନରେ ଭୋଟ ବର୍ଜନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରି ବିଡିଓ ଓ ତହସିଲଦାରଙ୍କ ନିକଟରେ ଲିଖିତ ଭାବେ ଜଣାଇଥିବା ସୂଚନା ଦେଇଛନ୍ତି। ଗତ ୩/୪ବର୍ଷ ହେଲା ୨୬ନଂ ଜାତୀୟ ରାଜପଥରୁ ରାଏପାଲି ଗାଁକୁ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇ ମରଣଯନ୍ତା ପାଲଟିଛି। ଗାଁବାସୀ ବାରମ୍ବାର ପ୍ରଶାସନକୁ ଅବଗତ କରିଆସୁଥିଲେ ମଧ୍ୟ ଏଦିଗରେ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନଥିବାରୁ ଦୁଇଦିନ ତଳେ ଗାଁର ସମସ୍ତ ଅଧିବାସୀଙ୍କୁ ନେଇ ବୈଠକ ବସିଥିଲା। ଉକ୍ତ ବୈଠକରେ ପଞ୍ଚାୟତ କର୍ତ୍ତୃପକ୍ଷ ତଥା ବ୍ଲକ ପ୍ରଶାସନର ଅବହେଳା ପ୍ରତି ଅସନ୍ତୋଷ ପ୍ରକାଶ ପାଇଥିଲା। ଜନପ୍ରତିନିଧିମାନେ ମଧ୍ୟ କୌଣସି ପଦକ୍ଷେପ ନେଇନଥିବା ଅନେକ ଅଭିଯୋଗ ଉଠାଇଥିଲେ। ପରେ ସର୍ବସମ୍ମତିକ୍ରମେ ଚଳିତ ନିର୍ବାଚନରେ ଉଭୟ ବିଧାନସଭା ଓ ଲୋକସଭା ଭୋଟକୁ ଗାଁ ତରଫରୁ ବର୍ଜନ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ଏହାସହ ଦେଓଗାଁ ୟୁଥ ଏକ୍ସନ କମିଟିର ଆହ୍ୱାନରେ ଚାଲିଥିବା ନୋ ରେଳ ନୋ ଭୋଟ ଆନ୍ଦୋଳନକୁ ମଧ୍ୟ ସମର୍ଥନ ଜଣାଇଥିଲେ। ଗାଁର କିଛି ବ୍ୟକ୍ତି ବିଡିଓ କ୍ଷମାନିଧି ଭୋଇ ଓ ତହସିଲଦାର ବିକ୍ରମ କେଶରୀ ନାୟକଙ୍କୁ ଅବଗତ କରିଥିଲେ। ଦେଓଗାଁ ୟୁଥ ଏକ୍ସନ କମିଟିର ସଭାପତି ଶାବକ ବାରିକ ସମେତ ରାଏପାଲି ଗାଁର ଯୁବକ ଉପସ୍ଥିତ ଥିଲେ।

# ରାଜ୍ୟ ନିର୍ବାଚନ କମିଶନରଙ୍କ ବଲାଙ୍ଗିର ଗସ୍ତ

ବଲାଙ୍ଗିର, ୨୯।୩(ସମିସ)

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସମୀକ୍ଷା ବୈଠକ ବଲାଙ୍ଗିର ଜିଲ୍ଲା ପରିଷଦ କାର୍ଯ୍ୟାଳୟ

## ବଲାଙ୍ଗିର ସଂସଦୀୟ କ୍ଷେତ୍ର ପାଇଁ ସମୀକ୍ଷା ବୈଠକ

## ଆରଡିସି, ଆଇଜି, ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ଆଲୋଚନା

ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ସଂସଦୀୟ କ୍ଷେତ୍ର ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲା ଅଧିକାରୀଙ୍କ ସମେତ ସମ୍ବଲପୁର ଆଇଜି, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ଯୁଗ୍ମ ନିର୍ବାଚନ କମିଶନର ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ କିଭଳି ସ୍ୱଚ୍ଛ ଓ ସୁରକ୍ଷିତ ଭାବେ ପରିଚାଳନା କରାଯିବ ସେନେଇ ଆଲୋଚନା ହୋଇଥିଲା। ବଲାଙ୍ଗିର ଜିଲ୍ଲା ଏକ ସମ୍ବେଦନଶୀଳ ଜିଲ୍ଲା ହୋଇଥିବାରୁ ଅବାଧ ନିର୍ବାଚନ ପରିଚାଳନାକୁ ନିର୍ବାଚନ କମିଶନର ଗୁରୁତ୍ୱ ଦେଉଥିବା କହିଛନ୍ତି।

ମେ ୨୦ ତାରିଖରେ ବଲାଙ୍ଗିର ଜିଲ୍ଲାରେ ଅନୁଷ୍ଠିତ ହେବ ଗଣତନ୍ତ୍ରର ମହାନ ପର୍ବ ନିର୍ବାଚନ। ସେନେଇ ରାଜ୍ୟ ନିର୍ବାଚନ ଆୟୋଗ ନିକୁଞ୍ଜ ବିହାରୀ ଧଳ ଶୁକ୍ରବାର ସମୀକ୍ଷା କରିବା ସହ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।




ଜିଲ୍ଲାରେ କିଭଳି ମତଦାତାମାନେ ଅବାଧ ଓ ନିର୍ଭିକ ଭାବେ ମତଦାନ କରିବେ ସେ ଉପରେ ନିର୍ବାଚନ ଆୟୋଗ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ସମୟରେ ଅଧିକ ଖରା କିମ୍ବା କାଲବୈଶାଖୀ ହେବାର ଆଶଙ୍କା ରହିଥିବାରୁ କିଭଳି ଲୋକେ ମତଦାନ କେନ୍ଦ୍ରକୁ ସୁବିଧାରେ ଆସି ମତଦାନ ସାବ୍ୟସ୍ତ କରିବେ ସେନେଇ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଭିନ୍ନକ୍ଷମ, ବରିଷ୍ଠ ମତଦାତାଙ୍କୁ ମତଦାନ କେନ୍ଦ୍ରକୁ ଅଣାଯିବାର ବ୍ୟବସ୍ଥା କରାଯାଉଥିବା ବେଳେ ଯେଉଁ ଭୋଟର ମତଦାନ କେନ୍ଦ୍ରକୁ ଯିବା ଅବସ୍ଥାରେ ନଥିଲେ ମଧ୍ୟ ସେମାନେ ଘରେ ରହି ଭୋଟ କିଭଳି ଦେଇପାରିବେ ସେନେଇ ମଧ୍ୟ ବ୍ୟବସ୍ଥା କରାଯିବାକୁ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହାସହ ମତଦାନ କେନ୍ଦ୍ରରେ ମତଦାତାଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା କରାଯିବା ସହ ଏକ ଉତ୍ତମ ନିର୍ବାଚନୀ ଅଭିଜ୍ଞତାର ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। ପୋଲିଂ ପାର୍ଟିମାନେ କିଭଳି ସୁରକ୍ଷିତ ଭାବେ ଇଭିଏମ ଷ୍ଟ୍ରଙ୍ଗରୁମକୁ ଆଣିବେ ଏଥିପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କିଭଳି କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ନିର୍ବାଚନରେ ନିୟୋଜିତ ସରକାରୀ କର୍ମଚାରୀ, ନିର୍ବାଚନ କମିଶନଙ୍କ ଦ୍ୱାରା ପାସ ପାଇଥିବା ସାମ୍ବାଦିକମାନେ କିଭଳି ପୋଷ୍ଟାଲ ବାଲଟର ସୁବିଧା ନେଇପାରିବେ ସେନେଇ ନିଶ୍ଚିତ କରିବା ପାଇଁ ଏହି ବୈଠକରେ ଆଲୋଚନା ହେଉଥିବା ରାଜ୍ୟ ନିର୍ବାଚନ ଆୟୋଗ ଶ୍ରୀ ଧଳ ପ୍ରତିକ୍ରିୟାରେ କହିଛନ୍ତି।

ବଲାଙ୍ଗିର ମାଓ ପ୍ରବଣ ଜିଲ୍ଲା ହୋଇଥିବାରୁ ସୁରକ୍ଷିତ ଭାବେ ନିର୍ବାଚନ କରାଇବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇରହିଥାଏ। ଏହି ଅଞ୍ଚଳର ମତଦାତା କିଭଳି ବିନା ଭୟରେ ମତଦାନ କେନ୍ଦ୍ରକୁ ଆସି ମତଦାନ ସାବ୍ୟସ୍ତ କରିବେ ତାହା ଜିଲ୍ଲା ପୁଲିସ ନିଶ୍ଚିତ କରିବାକୁ ଉଦ୍ୟମ ଜାରି ରଖିଥିବା କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ। ଏଥିପାଇଁ ମାଓ ଅଞ୍ଚଳରେ ନିୟମିତ ଅପରେସନ କରାଯିବା ସହ ଫ୍ଲାଗମାର୍ଚ୍ଚ, ଫ୍ଲାଇଂସ୍କ୍ୱାଡ୍ ଦ୍ୱାରା ଚଢଉ କରାଯାଉଥିବା କହିଛନ୍ତି। ଅବାକରୀ ଚଢଉ କରି ନିୟମିତ ମଦ ଓ ଗଞ୍ଜେଇ ଜବତ କରିବା ସହ ସ୍ଥାନୀୟ ପୁଲିସ ଓ ସିଆଇଏସଏଫ ଦ୍ୱାରା ନିୟମିତ ନାକାବନ୍ଦୀ କରାଯାଉଥିବା ସେ କହିଛନ୍ତି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ କରିବା ପାଇଁ ପୁଲିସ ଜାଗ୍ରତ ଥିବା କହିଛନ୍ତି। ଏହି ବୈଠକରେ ଯୁଗ୍ମ ନିର୍ବାଚନ ଆୟୋଗ ମିହିର ମହାନ୍ତି, ଆରଡିସି ଶ୍ରୀକାନ୍ତ ପୃଷ୍ଟି, ବଲାଙ୍ଗିର ଜିଲ୍ଲାପାଳ ଗୌରଓ ଶିବାଜୀ ଇସାଲଓର, ଏସପି ରିଷୀକେଶ ଖିଲାରୀ, ସୋନପୁର ଜିଲ୍ଲାପାଳ ଅନ୍ୟା ଦାସ, ଏସପି ଯଶ ପ୍ରତାପ ଶ୍ରୀମଲଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚଳନ୍ତା ଟ୍ରେନ୍‌ରୁ ଖସି ଦାଦନ ଶ୍ରମିକଙ୍କ ମୃତ୍ୟୁ

**ସଇଁତଲା, ୨୯।୩(ସମିସ):** ସଇଁତଲା ବ୍ଲକ ଆମ୍ବପାଲି ପଞ୍ଚାୟତ ଅନ୍ତର୍ଗତ ଭେରୁଆଁଭଟା ଗ୍ରାମର ଜଣେ ଦାଦନ ଶ୍ରମିକ ଘରକୁ ଫେରୁଥିବାବେଳେ ଟ୍ରେନରେ କଟି ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତିନି ମାସ ତଳେ ଭେରୁଆଭଟା ଗ୍ରାମର ବୀରେନ୍ଦ୍ର ମାଝୀ (୪୦) ଦାଦନ ଖଟିବାକୁ ଗୁଜରାଟକୁ ଯାଇଥିଲେ। ଭେରୁଆଁଭଟା ଗ୍ରାମରେ ପ୍ରହରୀ ନାମଯଜ୍ଞ ହେବାକୁ ଥିବାରୁ ପରିବାର ଲୋକେ ପ୍ରହରୀ ଦେଖିବାକୁ ଆସିବା ପାଇଁ କହିଥିଲେ। ନିଜ ଭିଟାମାଟିକୁ ଟ୍ରେନ ଯୋଗେ ଫେରୁଥିଲେ। ଗତକାଲି କୌଣସି କାରଣରୁ ଚଳନ୍ତା ଟ୍ରେନରୁ ଖସିପଡ଼ି ତାଙ୍କ ଦୁଇ ଗୋଡ଼ କଟିଯାଇ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ନିକଟବର୍ତ୍ତୀ ଡଙ୍ଗରଗଡ଼ (ରାୟପୁର) ରେଲୱେ ଜିଆରପି ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶ୍ରୀ ମାଝୀଙ୍କ ମୋବାଇଲରୁ ତାଙ୍କ ପରିବାର ସହ ଯୋଗାଯୋଗ କରି ଡୋଙ୍ଗରଗଡ଼ ଜିଆରପି ଘଟଣା ବିଷୟରେ ସୂଚନା ଦେଇଥିଲା। ପରିବାର ଲୋକ ରାୟପୁର ପହଞ୍ଚି ନିଜ ଗ୍ରାମକୁ ଶ୍ରୀ ମାଝୀଙ୍କ ଶବ ଆଣି ଦାହ କରିଥିଲେ। ମୃତକଙ୍କ ପରିବାରରେ ତାଙ୍କ ବୃଦ୍ଧ ବାପା ରୋଗାଗ୍ରସ୍ତ ଅବସ୍ଥାରେ ରହିଛନ୍ତି। ତାଙ୍କର ଦୁଇଟି ପୁତ୍ର ଅଛନ୍ତି। ସ୍ୱାମୀଙ୍କ ବିୟୋଗରେ ସ୍ତ୍ରୀ ଗୌରୀ ମାଝୀ ଘର ତଥା ପରିବାର କିଭଳି ଚଳାଇବେ ସେ ନେଇ ଭାଙ୍ଗି ପଡିଛନ୍ତି। ମୃତ ମାଝୀଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ପ୍ରଶାସନ ତରଫରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଭେରୁଆଁଭଟା ଗ୍ରାମବାସୀ ଦାବି କରିଛନ୍ତି।

# ତୁରେକେଲା-କଣ୍ଟାବାଞ୍ଜି ରାସ୍ତାକାମରେ ଅନିୟମିତତା !

**ତୁରେକେଲା,୨୯।୩(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ କାର୍ଯ୍ୟାଳୟରୁ କଣ୍ଟାବାଞ୍ଜି ସହର ଯାଏ ଚଳିତବର୍ଷ ୧୫ କିମି ରାସ୍ତା ଉନ୍ନତୀକରଣ କାମ ଚାଲିଛି। ସମ୍ପୃକ୍ତ ଠିକାଦାର ଏହାକୁ ମନମୁଖୀ କରୁଥିବା ଅଭିଯୋଗ ହେଉଛି। ରାସ୍ତାରେ ମେଟାଲ ଓ ଡଷ୍ଟ ପକାଇଲା ପରେ ପାଣି ଦେଉଛନ୍ତି ଯାହାଫଳରେ ଠିକ ଭାବେ ମିଶି ପାରୁନାହିଁ ଡବ୍ଲୁଏମଏମ। ନିୟମ ଅନୁସାରେ ଡଷ୍ଟ ସହ ୧୦ ଏମଏମ. ୬ ଏମଏମ. ୨୦ ଏମ. ୪୦ ଏମଏମ ମେଟାଲ ମିଶିବା କଥା କିନ୍ତୁ ଅନେକ ସ୍ଥାନରେ ଉକ୍ତ ଠିକାଦାର ଜଣକ କେବଳ ୪୦ ଏମଏମ ମେଟାଲ ପକାଉଥିବା ବେଳେ କିଛି ସ୍ଥାନରେ ବିଭିନ୍ନ ପ୍ରକାର ମେଟାଲ ପକାଉଥିବା ଅଭିଯୋଗ ହେଉଛି। କେବଳ ଯେ ଏହି ରାସ୍ତା କାମ ତାହା ନୁହେଁ ଉକ୍ତ ଠିକାଦାର କାମ କରୁଥିବା ଅନେକଗୁଡ଼ିଏ ରାସ୍ତା କାମ ଅନିୟମିତତା ଅଭିଯୋଗ ପୂର୍ବରୁ ମଧ୍ୟ ରହିଆସିଛି।



# ଗୋଳାବାରୁଦ କାରଖାନାରେ ନିଯୁକ୍ତି ପାଇଁ ଜାଲିଆତି ଅଭିଯୋଗ



**ବଲାଙ୍ଗିର,୨୯।୩(ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ବଡ଼ମାଳ ଗୋଳାବାରୁଦ କାରଖାନାର ବରିଷ୍ଠ ଗୁଣବତା ବିଭାଗରେ ଜାଲ୍ ନିଯୁକ୍ତିପତ୍ର ଧରି ଆସିଥିବା କଳାହାଣ୍ଡି ଜିଲ୍ଲାର ତିନିଜଣ ଯୁବକଙ୍କୁ ପୁଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ବଡ଼ମାଳ ଗୋଳାବାରୁତ କାରଖାନାସ୍ଥିତ ବରିଷ୍ଠ ଗୁଣବତ୍ତା ବିଭାଗରେ ବାହାରିଥିବା ପଦରେ ନିଯୁକ୍ତିପତ୍ର ଓ ସୁରକ୍ଷା ଗେଟ ପାସ ନେଇ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ ଥାନା ହରେକୃଷ୍ଣପୁର ଗ୍ରାମର ରଣଜିତ ସାହୁ, ଲଳିତ ସାହୁ ଏବଂ ଭବାନୀପାଟଣା ଥାନା ମେଦିନୀପୁର ଗ୍ରାମର ପ୍ରଦୀପ ସାହୁ ପହଞ୍ଚି ପ୍ରଶାସନିକ ବିଭାଗ ସହ ଯୋଗାଯୋଗ କରି ନିଯୁକ୍ତିପତ୍ର ଦେଖାଇଥିଲେ। ପ୍ରଶାସନିକ ବିଭାଗ ସଂପୃକ୍ତ ନିଯୁକ୍ତିପତ୍ର ଓ ସୁରକ୍ଷା ଗେଟ ପାସ ତଦନ୍ତ କରିବାରୁ ତାହା ନକଲି ବୋଲି ଜାଣିବାପରେ କାରଖାନାର ମହାପ୍ରବନ୍ଧକ ପ୍ରତୀୟ ସାହୁଙ୍କୁ ଏ ବିଷୟରେ ଅବଗତ କରିଥିଲେ। କାରଖାନା କର୍ତ୍ତୃପକ୍ଷ ଘଟଣା ବିଷୟରେ ସଇଁତଲା ପୁଲିସକୁ ଜଣାଇବାରୁ ନକଲି ନିଯୁକ୍ତିପତ୍ର ଆଣିଥିବା ତିନିଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଟିଟିଲାଗଡ଼ ଥାନା ଉତପୁର ଗ୍ରାମର ପ୍ରମୋଦ ସାହୁ ନଅ ଲକ୍ଷ ଟଙ୍କା ନେଇ ଉକ୍ତ ଜାଲ ନିଯୁକ୍ତିପତ୍ର, ସୁରକ୍ଷା ଗେଟ ପାସ ଦେଇଥିବା ସଂପୃକ୍ତ ତିନିଜଣ ପୁଲିସକୁ କହିଥିଲେ। ଅଭିଯୁକ୍ତ ପ୍ରମୋଦର ବଡ଼ମାଳ ଷ୍ଟେଟ ବ୍ୟାଙ୍କରେ ଥିବା ବ୍ୟାଙ୍କ ଖାତାକୁ ଜିତ, ଲଳିତ ଓ ପ୍ରତୀୟ ଲକ୍ଷାଧିକ ଟଙ୍କା ପଠାଇଥିବା ଜଣାପଡିଥିଲା। ଏନେଇ ସଇଁତଲା ପୁଲିସ ଥାନାରେ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ତଦନ୍ତକାରୀ ଅଧିକାରୀ ଏସଆଇ ଆଲୋକ ଭୋଇ ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି। ଅନ୍ୟପକ୍ଷରେ ପ୍ରମୋଦ ସାହୁ କଣ୍ଟାବାଞ୍ଜି ପୁଲିସ ଦ୍ୱାରା ଅନ୍ୟ ଏକ ମାମଲାରେ ଗତ ଦୁଇଦିନ ତଳେ ଗିରଫ ହୋଇଥିବା ସୂଚନା ମିଳିଛି।

**୩ ଗିରଫ**



ପ୍ରମୋଦ ପାଖରୁ ଏକ ପରିଚୟ ପତ୍ର ଓ କିଛି ଟଙ୍କା ଜବତ ହୋଇଥିବା ବେଳେ ଏହି ଜାଲ ନିଯୁକ୍ତି ପ୍ରକ୍ରିୟାରେ କୋଟି କୋଟି ଟଙ୍କା କାରବାର ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ପୁଲିସ ଗୁରୁତର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି।

■ ପାଟଣାଗଡ଼ ନକଲି ନୋଟ୍ ଜବତ ଘଟଣା

# ନିର୍ବାଚନରେ ଉଡ଼ିବ କି ନକଲି ନୋଟ୍ !

**ବଲାଙ୍ଗିର, ୨୯।୩(ସମିସ):** ନିର୍ବାଚନ ସମୟରେ ମଦର ନକଲି କାରବାର ଉପରେ ଅବକାରୀ ବିଭାଗ ନିୟମିତ ବ୍ୟବଧାନରେ ଚଢ଼ଉ କରିଆସୁଛି। ବିଭିନ୍ନ ସ୍ଥାନରୁ ଚୋରା ମଦ କାର୍‌ବାରକୁ ଠାବ କରାଯାଉଥିଲା ବେଳେ ଦୁଇ ଦିନ ତଳେ ପାଟଣାଗଡ଼ ଅଞ୍ଚଳରୁ ଜବତ ହୋଇଥିବା ବିପୁଳ ପରିମାଣରେ ୫୦୦ ଟଙ୍କିଆ ନକଲି ନୋଟ୍‌କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ, ଏଥିରେ ଅନ୍ୟମାନଙ୍କ ସମ୍ପୃକ୍ତି ଏବଂ ଏହାର ଚେର କେଉଁ ଉଦ୍ଦେଶ୍ୟରେ କେଉଁ ପର୍ଯ୍ୟନ୍ତ ଲମ୍ବିଛି ତାହା ପ୍ରଶ୍ନବାଚୀ ମଧ୍ୟରେ ରହିଛି। ପୁଲିସ ତଦନ୍ତ ଜାରି ରଖିଥିବା କହୁଥିବା ବେଳେ ନିର୍ବାଚନ ସମୟରେ ଏହି ନକଲି ନୋଟ୍ ହାତକୁ ଲାଗିପାରେ, ସେନେଇ ସଂଶୟ ସୃଷ୍ଟି ହୋଇଛି। ନକଲି ନୋଟ ଜବତ ହେବା ଏହି ସଂଶୟରେ ଏବେ ନିଆଁ ଢାଳିଛି।



ଏହି ମାମଲାରେ ପାଟଣାଗଡ଼ ପୁଲିସ ଭଇଁଷା ଗାଁର ବରୁଣ ପାଣୁଆ ଓ ଦେଓଗାଁ ଥାନା ବୁଢୀବାହାଲ ଗାଁର ରୋହିତ ବସ୍ତିଆଙ୍କୁ କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତଙ୍କ ଘରୁ ପୁଲିସ ପ୍ରାୟ ୨୭୪ ଖଣ୍ଡ ନକଲି ନୋଟ ଜବତ କରିବା ସହ ଏହାକୁ ତିଆରି କରିବା ପାଇଁ ବ୍ୟବହୃତ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା। ନିର୍ବାଚନ ସମୟରେ ନେତା ବା ପ୍ରାର୍ଥୀ ଖୋଲାଖୋଲି ଟଙ୍କା ବାଣ୍ଟନ୍ତି ତାହା କାହାରିକୁ ଅଛପା ନାହିଁ। ଏହି ସମୟରେ ନକଲି ନୋଟ କାରବାର ହେବାର ମଧ୍ୟ ଯଥେଷ୍ଟ ଆଶଙ୍କା ରହିଛି। ମଦ ଭଳି ନିର୍ବାଚନ ସମୟରେ ନକଲି ନୋଟ ଉଡିବାର ଯଥେଷ୍ଟ ଆଶଙ୍କା ରହିଛି।

ଏହି ଦୁଇ ଯୁବକ ନିଜେ ନୋଟ ଛାପୁଥିଲେ ନା ଏହି ଘଟଣା ପଛରେ ଅନ୍ୟ କିଛି ମାଷ୍ଟରମାଇଣ୍ଡଙ୍କ ହାତ ରହିଛି ? ନୋଟ କେଉଁଥିପାଇଁ ତିଆରି କରାଯାଇଥିଲା ? ନୋଟ ଛାପିବା ପରେ ନିର୍ବାଚନ ପୂର୍ବରୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇଥିଲା କି ଯାହା ପୁଲିସ ହାତରେ ଧରାପଡ଼ିଯାଇଛି। କେତେ ସଂଖ୍ୟାରେ ଏହି ଯୁବକମାନେ ଏହିଭଳି ନକଲି ନୋଟ ଛାପିଛନ୍ତି ଓ କେଉଁ ଅଞ୍ଚଳକୁ ଯୋଗାଣ କରିଛନ୍ତି ତାହା ପୁଲିସ ଏଯାଏଁ ସ୍ପଷ୍ଟ କରିନାହିଁ। ଯଦି ଏହି ନକଲି ନୋଟ ନିର୍ବାଚନ ପାଇଁ ପୂର୍ବ ପ୍ରସ୍ତୁତି ରହିଥିଲା ତେବେ ନିଶ୍ଚିତ ଭାବେ ନିର୍ବାଚନୀ ମାହୋଲ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏହି ଘଟଣାର ଅଧିକ ଛାନଭିନ ଜାରି ରହିଥିବା ପୁଲିସ ସୂଚନା ଦେଇଛି ସତ କିନ୍ତୁ ଏହାର ଚେରକୁ ପହଞ୍ଚିବା ନେଇ ସନ୍ଦେହ ପ୍ରକାଶ ପାଇଛି। ତେବେ ନିର୍ବାଚନ ପୂର୍ବରୁ ଏହାକୁ ଜିଲ୍ଲା ପୁଲିସ ଓ ପ୍ରଶାସନ ଗୁରୁତ୍ୱ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ପଶ୍ଚିମ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଦାବିପତ୍ର

**ପାଟଣାଗଡ଼, ୨୯।୩ (ସମିସ):** ପାଟଣାଗଡ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଡିଏଫଓଙ୍କ ସହ ପଶ୍ଚିମ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ପ୍ରତିନିଧି ଦଳ ଶ୍ରମିକ ଓ କର୍ମଚାରୀଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପାଟଣାଗଡ କେନ୍ଦୁପତ୍ର ଡିଭିଜନ ଅଧୀନରେ କାର୍ଯ୍ୟରତ ମୁନସୀ, ଚପରାଶି, ଚେକର ମାନଙ୍କ ମାସିକ ଦରମା ପ୍ରତି ମାସ ୫ ତାରିଖ ମଧ୍ୟରେ ପ୍ରଦାନ କରିବା, ମୃତ କର୍ମଚାରୀ ମାନଙ୍କ ପରିବାର ସଦସ୍ୟଙ୍କୁ ଗ୍ରାଚୁଇଟି ପ୍ରଦାନ, ନୂତନ ଫଡ଼ି ଗୃହ ନିର୍ମାଣ ସହିତ ପାନୀୟଜଳ ଯୋଗାଣ ବ୍ୟବସ୍ଥା, ପ୍ରତ୍ୟେକ କେନ୍ଦୁପତ୍ର ସେକ୍ସନରେ ଫରେଷ୍ଟର କାର୍ଯ୍ୟାଳୟ ନିର୍ମାଣ, ଯୋଗିମୁଣ୍ଡା ରେଞ୍ଜରେ ୧୯୯୩ରୁ କାର୍ଯ୍ୟରତ ଚେକର ଗନ୍ଧର୍ବ ବରିହାଙ୍କୁ ବନ୍ଧେଇ ଚେକରକୁ ପଦୋନ୍ନତି, ଋତୁକାଳୀନ ଚେକର କର୍ମଚାରୀଙ୍କୁ ସାଇକଲ ଭତ୍ତା ଆଦି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ସଂଘର ଉପସଭାପତି ଚନ୍ଦ୍ରମଣି ବାଗ, ସମ୍ପାଦକ ଲଳିତ ମଲ୍ଲିକ, ବାଲମୁକୁନ୍ଦ କୁଅଁର, ଭୀଷ୍ମ ମଲ୍ଲିକ, ପଞ୍ଚାନନ ଧରୁଆ, ପାଣ୍ଡବ ଭୁଏ, ବସୁଦେବ ରାଏ, ଶେଷଦେବ ପଟେଲ, ଦାମୋଦର ମଲ୍ଲିକ, ପ୍ରଶୁ ଧରୁଆ, ମନୋଜ ମଲ୍ଲିକ, ବିଦେଶୀ ଜାଲ, କମଲ ଲୋଚନ ପ୍ରଧାନ, ନରସିଂହ ମେହେର, କାର୍ତ୍ତିକ ବନଛୋର, ହରେକୃଷ୍ଣ ବାଗ, ସନୁ ଧରୁଆ, ଶୁକରାମ ଧରୁଆ, କରୁଣା ବଗର୍ତ୍ତି, ମଦନ ଥପା, ଶ୍ରମିକ ନେତା ଗିରିଧାରୀ ଭୋଇ ଉପସ୍ଥିତ ଥିଲେ।

# ଆରମ୍ଭ ହେଲାଣି ପାନୀୟଜଳ ସମସ୍ୟା

ବଲାଙ୍ଗିର, ୨୯।୩(ସମିସ)

ଗ୍ରୀଷ୍ମ ଆସିବା ପୂର୍ବରୁ ଦେଖାଦେଲାଣି ପାନୀୟଜଳ ସମସ୍ୟା। ବର୍ଷେ ଦେଢ ବର୍ଷ ପୂର୍ବରୁ ଗ୍ରାମବାସୀଙ୍କ ସୁବିଧା ପାଇଁ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯାଇଥିଲା। ଦେଢ ବର୍ଷ ଭିତରେ ଏକାଧିକ ଥର ପାଣି ମୋଟର ପୋଡିଥିବା ବେଳେ ଗତ ପ୍ରାୟ ଦଶ ଦିନ ହେଲା ପୁଣି ମଟର ପୋଡିଯାଇଥିବାରୁ ଗାଁକୁ ଆସୁନି ପାଣି। ଫଳରେ ଲୋକେ ବାଧ ହୋଇ ପୋଖରୀ ପାଣି ଉପରେ ଭରସା କରୁଥିବା ଅଭିଯୋଗ କରିଛନ୍ତି। କିଛି ଏହିଭଳି ଅଭିଯୋଗ ଆସିଛି ଲୋଇସିଂହା ବ୍ଲକ କୁଶମେଲ ପଞ୍ଚାୟତ ଫଟାବାହାଲ ଗାଁରୁ। ଉକ୍ତ ଗାଁରେ ପ୍ରାୟ ଦଶ ଦିନ ହେଲା ପାଣି ଯୋଗାଣ ବନ୍ଦ ରହିଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି।

କୁଶମେଲ ପଞ୍ଚାୟତର ଏକ ରାଜସ୍ୱ ଗ୍ରାମ ହେଉଛି ଫଟାବାହାଲ। ପ୍ରାୟ ହଜାରେ ଜନସଂଖ୍ୟା ଥିବା ଏହି ଗ୍ରାମବାସୀଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଦେଢ ବର୍ଷ ପୂର୍ବରୁ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଓଭରହେଡ ଟ୍ୟାଙ୍କ ନିର୍ମାଣ କରାଯାଇ ଗାଁରେ ପାଇପ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ନିକଟସ୍ଥ ସୁକତେଲ ନଦୀର ପାଣି ଗ୍ରାମବାସୀଙ୍କୁ ଯୋଗାଣ କରାଯାଉଥିବା ବେଳେ ଅନେକ ସମୟରେ ପାଣି ଯୋଗାଣ ବନ୍ଦ ରହୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ଦଶ ଦିନ ହେଲା ଗାଁରେ ପାଣି ଯୋଗାଣ ବନ୍ଦ ରହିଥିବା ଲୋକେ ଅଭିଯୋଗ କରିଛନ୍ତି। ପାଣି ମଟର ପୋଡି ଯାଇଥିବାରୁ ପାଣି ଯୋଗାଣରେ

## ଫଟାବାହାଲ ଗାଁରେ ବନ୍ଦ ରହୁଛି ପାନୀୟ ଜଳଯୋଗାଣ

## ଦେଢ ବର୍ଷ ପୂର୍ବରୁ ଆରମ୍ଭ ହୋଇଛି ପାଇପ୍ ଜଳଯୋଗାଣ

## ଅଳ୍ପ ଦିନରେ ପୋଡ଼ିଯାଉଛି ମୋଟର, ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ସମସ୍ୟା ଦେଖାଦେଇଥିବା ବିଭାଗୀୟ କର୍ମଚାରୀ କହୁଥିବା ଲୋକେ ଅଭିଯୋଗ କରିଛନ୍ତି। ଏତେ ଦିନ ହେଲା ମଟର ମରାମତି କରାଯାଉ ନଥିବା ବେଳେ ପାଣି ଯୋଗାଣ କେବେ ପୁଣି ଆରମ୍ଭ ହେବ ସେନେଇ ମଧ୍ୟ କେହି କୌଣସି ସୂଚନା ଲୋକଙ୍କୁ ଦେଉ ନଥିବା ଲୋକେ ପ୍ରକାଶ କରିଛନ୍ତି। ଏମିତିରେ ପାନୀୟ ଜଳ ପାଇଁ ଲୋକେ ବାଧ ହୋଇ ସ୍ଥାନୀୟ ପୋଖରୀ କିମ୍ବା ନଳକୂପ ଉପରେ ଭରସା କରିଥିବା କହିଛନ୍ତି। ତେବେ ଆଗକୁ ଖରା ବଢ଼ିବାକୁ ଥିବା ବେଳେ ଏବେଠୁ ପାନୀୟ ଜଳ ସମସ୍ୟା ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ପାନୀୟଜଳ ଯୋଗାଣ ବିଷୟରେ ପମ୍ପ ଅପରେଟରଠାରୁ କନିଷ୍ଠ ଯନ୍ତ୍ରୀଙ୍କୁ ଯାହାକୁ ଯୋଗାଯୋଗ କଲେ ମଧ୍ୟ କେହି ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନେଉ ନଥିବା ଲୋକେ ଅଭିଯୋଗ କରିଛନ୍ତି। ତେବେ ଏହା ପ୍ରଥମ ଥର ନୁହଁ ପାନୀୟ ଜଳ ଯୋଗାଣ ଆରମ୍ଭ ହେବା ଦିନ ଠାରୁ ପାଞ୍ଚରୁ ଅଧିକ ଥର ମଟର ପୋଡିବା ଘଟଣା ସାମ୍ନାକୁ ଆସିସାରିଛି। ସତରେ ମଟର ପୋଡୁଛି ନା ମରାମତି ନାମରେ ଟଙ୍କା ହଡପ କରିବା ପାଇଁ କିଛି ଅସାଧୁ କର୍ମଚାରୀ ଏହି ଚାଲାକି କରୁଛନ୍ତି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏନେଇ ସ୍ଥାନୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ ନଉଠେଇବାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଅନ୍ୟପକ୍ଷରେ ଏନେଇ ସ୍ଥାନୀୟ ସରପଞ୍ଚ କସ୍ତୁବ ସାହୁ କହିଛନ୍ତି, ଦଶ ଦିନ ନୁହଁ ଚାରିରୁ ପାଞ୍ଚ ଦିନ ପାଣି ଯୋଗାଣ ବନ୍ଦ ରହିଥିଲା। ନିର୍ମାଣ କରିଥିବା ସଂସ୍ଥା ହାତରେ ମରାମତି ଦାୟିତ୍ୱ ଥିବାରୁ ମରାମତିରେ ବିଳମ୍ବ ହୋଇଥିବା ସେ ସ୍ୱୀକାର କରିଛନ୍ତି।



# ଖ୍ରୀଷ୍ଟୀୟ ସମାଜ ତରଫରୁ ରକ୍ତଦାନ ଶିବିର

**ବଲାଙ୍ଗିର, ୨୯।୩(ସମିସ):** ବଲାଙ୍ଗିର ସହର ମିଶନ କମ୍ପାଉଣ୍ଡସ୍ଥିତ କମ୍ୟୁନିଟି ହଲ୍‌ଠାରେ ଏକ ରକ୍ତଦାନ ଶିବିରର ଆୟୋଜନ ହୋଇଯାଇଛି। କେନ୍ଦ୍ରୀୟ ଖ୍ରୀଷ୍ଟିୟ ଉଦଯୋଗ ସମିତି ତରଫରୁ ଆୟୋଜିତ ହୋଇଥିବା ଏହି ଶିବିରରେ ୪୦ ୟୁନିଟ ରକ୍ତଦାନ କରାଯାଇଥିବା ଜଣାପଡ଼ିଛି। ସମିତିର ସମ୍ପାଦକ ସୌରଭ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ବିଶିଷ୍ଟ ସମାଜସେବୀ ରତନ ମହାରଣା, ସମ୍ବଲପୁର ଧର୍ମାଞ୍ଚଳ ଉତ୍ତରଭାରତ ମଣ୍ଡଳୀର କୋଷାଧ୍ୟକ୍ଷ ପ୍ରମୋଦ ବାରିକ, କେନ୍ଦ୍ରୀୟ ଖ୍ରୀଷ୍ଟିୟ ଉଦଯୋଗ ସମିତିର ପରାମର୍ଶଦାତା ସୁଚିତ୍ର ସୁନା, ନରେଶ ମାଥିଉ, ସଭାପତି ନଳିନୀ ଜାଲ, ସାହିଗ ସାମୁଏଲ, ଡି. ଆର କାଲଭିନ, ରମିୟକାନ୍ତ ବାଗ, ଅଭିଲାଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।





ମୋତାବୁଆଁରେ ପାନୀୟଜଳ ସମସ୍ୟା

# ୨୨ ପରିବାର ଭୋଗୁଛନ୍ତି ଜଳକଷ୍ଟ

**ଥୁଆମୂଳ ରାମପୁର, ୨୯।୩(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଦର ଗ୍ରାମ ପଞ୍ଚାୟତ ଅଧିନ ମୋତାବୁଆଁ ଗାଁରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଗାଁର ଗୁଡିପଡ଼ାରେ ବସବାସ କରୁଥିବା ପ୍ରାୟ ୨୨ ଆଦିବାସୀ ପରିବାର ପାଇଁ ଗୋଟିଏ ମାତ୍ର ନଳକୂପ ଉପଲବ୍ଧ ଥିବାବେଳେ ତାହା ଦୁଇ ଦିନ ହେଲା ଖରାପ ହୋଇ ପଡ଼ିରହିଛି।

## ଅଚଳ ହୋଇ ପଡ଼ିଛି ସୌର ପ୍ରକଳ୍ପ

ଫଳରେ ଏଠିକାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଏହି ନଳକୂପକୁ ସଂଲଗ୍ନ କରି ଏକ ସୌର ପ୍ରକଳ୍ପ ମାଧ୍ୟମରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ହେଲେ ଗତବର୍ଷ ଏହି ପ୍ରକଳ୍ପ ଉପରେ ବଜ୍ରପାତ ହେବା ଯୋଗୁଁ ପାଣି ଟାଙ୍କି ଉପରେ ଥିବା ସୌର ପେନଲ୍ ନଷ୍ଟ ହେବା ସହିତ ଏହାର ମୋଟର ମଧ୍ୟ ପୋଡି ଯାଇଥିବା ଜଣାପଡ଼ିଛି। ଏହାର ମରାମତି ନେଇ ପ୍ରଶାସନ ପାଖରେ ଜଣାଇଥିଲେ ସୁଦ୍ଧା କେହି ଶୁଣୁନଥିବା ଅଭିଯୋଗ ଆଣିଛନ୍ତି ପଡ଼ାବାସୀ। ବର୍ତ୍ତମାନ ଦିନକୁ ଦିନ ଖରାର ପ୍ରକୋପ ବଢ଼ି ଚାଲିଥିବା ବେଳେ ପାନୀୟ ଜଳର ଆବଶ୍ୟକତା ମଧ୍ୟ ତଦନୁଯାୟୀ ବଢ଼ିବାରେ ଲାଗିଛି। ପ୍ରଶାସନ ତୁରନ୍ତ ସୌର ପ୍ରକଳ୍ପ ମରାମତି ସହ ନଳକୂପ ମଧ୍ୟ ମରାମତି କରିବାକୁ ପଡ଼ାବାସୀ ଦାବି କରିଛନ୍ତି।



# ବ୍ୟାଙ୍କ୍ ମ୍ୟାନେଜରଙ୍କ ସ୍ତ୍ରୀଙ୍କୁ ଖଣ୍ଡାଚୋଟ

**ବୌଦ୍ଧ, ୨୯।୩(ସମିସ):** ବୌଦ୍ଧ ସହର ଶିଶୁ ମନ୍ଦିର ଛକରେ ସାନ୍ଧ୍ୟ ଭ୍ରମଣ ବେଳେ ଜଣେ ମହିଳା ଆକ୍ରମଣର ଶିକାର ହୋଇଛନ୍ତି। ଏହି ମହିଳା ଜଣକ ହେଲେ ବୌଦ୍ଧ ଜିଲ୍ଲା ବଢ଼ିଗାଁ ଇଣ୍ଡିଆନ ବ୍ୟାଙ୍କର ମ୍ୟାନେଜର ତଥା ବରଗଡ଼ ଜିଲ୍ଲା ବରପାଲି ନିବାସୀ ମନିଷ ସେଠୀଙ୍କ ସ୍ତ୍ରୀ ପ୍ରିୟଙ୍କା। ସ୍ତ୍ରୀ ଏବଂ ୨ ଶିଶୁ ସହ ମନିଷ ବୌଦ୍ଧ ସହର ବୁଟୁପାଲିରେ ଭଡା ଘରେ ରହୁଛନ୍ତି। ଶୁକ୍ରବାର ତାଙ୍କ ସ୍ତ୍ରୀ ପ୍ରିୟଙ୍କା ସନ୍ଧ୍ୟା ସମୟରେ ଅନ୍ୟ ଜଣେ ମହିଳାଙ୍କ ସହ ସାନ୍ଧ୍ୟ ଭ୍ରମଣ କରି ଫେରୁଥିଲାବେଳେ କେହି ଜଣେ ତାଙ୍କୁ ଖଣ୍ଡାରେ ଅତର୍କିତ ଆକ୍ରମଣ କରି ଫେରାର ମାରିଥିଲା। ତାଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଛି। ପ୍ରଥମେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏ ନେଇ ବୌଦ୍ଧ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ପ୍ରକୃତ କାରଣ କିନ୍ତୁ ଜଣାପଡ଼ିନାହିଁ।



# ଖତ ନାଁରେ ଜଳୁଛି ଏକର ଏକର ଜମି

**ସୁବଳୟା, ୨୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ତଥା ଆଖପାଖ ଅଞ୍ଚଳରେ ଏବେ ଧାନ ଅମଳ ସରିଯାଇଛି। କ୍ଷେତରୁ ଧାନ ନେଇଯିବା ପରେ ଚାଷୀ ବଳକା ନଡାକୁ ଛାଡିଯାଉଛି। ପୁଣି ଖରିଫ ଚାଷ ଆଗରୁ କ୍ଷେତ ପ୍ରସ୍ତୁତି କରିବା ପାଇଁ ତଥା ଖତ ନାଁରେ ନଡ଼ାରେ ନିଆଁ ଲଗାଇ ଦିଆଯାଉଛି। ଏହା ଫଳରେ ପ୍ରବଳ ମାତ୍ରାରେ ଧୂଆଁ ହେବା ସହ କ୍ଷେତର ଆଖପାଖ ଗାଁରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଉଛି। ଏହା କେବଳ ଗୋଟିଏ ଅଞ୍ଚଳର ସମସ୍ୟା ନୁହେଁ। ବୀରମହାରାଜପୁର ବ୍ଲକର ପ୍ରାୟ ଗ୍ରାମାଞ୍ଚଳରେ ଏହି ସମସ୍ୟା ଦେଖାଦେଉଛି। ଏପରିକି ବୀରମହାରାଜପୁରଠାରୁ ସୁବଳୟା ମୁଖ୍ୟ ରାସ୍ତା, ବୀରମହାରାଜପୁର-ଅମରପାଲି ମୁଖ୍ୟ ରାସ୍ତା, ସୋନପୁର-ବୀରମହାରାଜପୁର ମୁଖ୍ୟ ରାସ୍ତା କଡ କ୍ଷେତରେ ନିଆଁ ଲାଗାଯାଉଥିବାରୁ ପ୍ରବଳ ଧୂଆଁ ସୃଷ୍ଟି ହେଉଛି। ଏହି ରାସ୍ତାରେ ପଥଚାରୀ ଯିବାକୁ ଭୟକରୁଛନ୍ତି। କ୍ଷେତରେ ନିଆଁ ଜଳୁଥିବା ବେଳେ ପବନ ହେଲେ କଥା ସରିଲା। ନିଆଁ ଜନବସତି ଆଡ଼କୁ ଉଡିଆସୁଛି। ଏହା ଫଳରେ ଧନଜୀବନ କ୍ଷୟକ୍ଷତି ହେବାର ଆଶଙ୍କା ରହୁଛି। କ୍ଷେତ ପାଖରେ ଥିବା ଗ୍ରାମବାସୀ ନିଆଁ ଭୟରେ ରାତିରେ ମଧ୍ୟ ଶୋଇ ପାରୁନାହାନ୍ତି। ରବି ଫସଲ ପରେ ବାକି ନଡା କ୍ଷେତରୁ ସଫା କରିବା ବ୍ୟୟବହୁଳ ହୋଇଥିବା ଯୁକ୍ତି କରି ଚାଷୀ ନିଆଁ ଲଗାଇ ଦେଉଥିବା କହିଛନ୍ତି। ଅନ୍ୟପକ୍ଷେ ନିଆଁ ଯୋଗୁ ପଶୁପକ୍ଷୀ, ସରୀସୃପ ତଥା ବିଭିନ୍ନ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ତେବେ ପରିବେଶ ପ୍ରଦୂଷଣ ନେଇ ସରକାରୀସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହେଉଅଛି। ତାହା ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉନାହିଁ। ସଚେତନତା ଅଭାବରୁ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରିବେଶ ସୁରକ୍ଷା ଏବଂ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟି ରଖି କ୍ଷେତରେ ନିଆଁ ଲଗାଯିବା ଉପରେ ରୋକ ଲଗାଯିବାକୁ ପରିବେଶବିତ୍ ଦାବି କରିଛନ୍ତି।

- ନିଆଁ ଦାଉରେ ଛଟପଟ ଅଞ୍ଚଳବାସୀ
- ସଚେତନତା ଅଭାବ

## ଡହ ଡହ ଖରାରେ ସିଝୁଛନ୍ତି ଯାତ୍ରୀ

**ସୁବଳୟା, ୨୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ବିଭିନ୍ନ ଛକ ସ୍ଥାନରେ ଯାତ୍ରୀ ଡହ ଡହ ଖରାରେ ସିଝୁଛନ୍ତି। ନିଜର ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଗାଡ଼ିକୁ ଅପେକ୍ଷା କରୁଛନ୍ତି। ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ ନାହିଁ। ବୀରମହାରାଜପୁରଠାରୁ ଗରିଆମୁଣ୍ଡା ମୁଖ୍ୟ ରାସ୍ତା ବାଗବର ମହିଳା କଲେଜ ଛକ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଛକ, ଜଟେସିଂହା ସ୍ୱାସ୍ଥ୍ୟକେନ୍ଦ୍ର ଛକ, ଡୁମୁରୀ ଛକ, ଠାକୁରପୁର ଛକ, ମୁର୍ଷୁଣି ମେଟାକାନୀ ଛକ, ଭୁତିଆପାଲି ଛକ, ରଥପୁର ଛକ ପ୍ରଭୃତି ସ୍ଥାନରେ ଛାତ୍ରଛାତ୍ରୀ ତଥା ଯାତ୍ରୀ ବିଭିନ୍ନ ସ୍ଥାନକୁ ଯିବା ଆସିବା ଲାଗି ଖରାରେ ସିଝୁଛନ୍ତି।

## ପାଣି ପାଇଁ ଡହଳବିକଳ ପଶୁପକ୍ଷୀ

**ସୁବଳୟା, ୨୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ଭୀଷଣ ଖରା ତାତି ଯୋଗୁଁ ପଶୁପକ୍ଷୀ ଓ ଗୃହ ପାଳିତ ଜୀବଜନ୍ତୁ ପିଇବା ପାଣି ପାଇଁ ଖୁବ୍ ଡହଳ ବିକଳ ହେଉଥିବା ଲକ୍ଷ୍ୟ କରାଯାଇଛି। ପ୍ରଚଣ୍ଡ ଖରାରେ ତୃଷ୍ଣା ମେଣ୍ଟାଇବାକୁ ପଶୁପକ୍ଷୀ ଓ ଗୃହ ପାଳିତ ଜୀବଜନ୍ତୁ ଆଖପାଖରେ ଥିବା ଜଳାଶୟ ଓ ପୋଖରୀ ଆଡ଼କୁ ଧାଉଁଛନ୍ତି। ତେବେ ବର୍ତ୍ତମାନ ଅଧିକାଂଶ ସ୍ଥାନରେ ଗାଡିଆ, ପୋଖରୀ, ନାଳ, ଜୋର ଆଦି ଜଳଶୟ ଶୁଖି ଯାଇଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପାଇଁ ପଞ୍ଚାୟତ ପକ୍ଷରୁ ବିଭିନ୍ନ ଛକ ନିକଟରେ ଜଳ ଛାତ୍ର ଖୋଲା ଯାଉଥିବା ବେଳେ ପଶୁପକ୍ଷୀଙ୍କ ପାଇଁ କିଛି ବ୍ୟବସ୍ଥା ନାହିଁ।

## ସୁବଳୟା ଥାନାରେ ପିସିଆର ଭ୍ୟାନ୍ ନାହିଁ

**ସୁବଳୟା, ୨୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ଥାନରେ ପିସିଆର ଭ୍ୟାନ୍ ନାହିଁ। ଏଣୁ ପୁଲିସକୁ କାର୍ଯ୍ୟ ନିର୍ବାହ କରିବାରେ ସମସ୍ୟା ହେଉଛି। ଥାନା ଅଞ୍ଚଳରେ ଥିବା ଗାଁଗଣ୍ଡାକୁ ଠିକ ସମୟରେ ପୁଲିସ ପହଞ୍ଚି ପାରୁନାହିଁ। ଏ ନେଇ ସାମାଜିକ କର୍ମୀ ଶେଷଦେବ ବାରିକ କହିଛନ୍ତି ଯେ, ଆଗରୁ ସୁବଳୟା ଫାଣ୍ଡି ଥିଲା। ଅନେକ ଥର ଦାବି କରିବା ପରେ ଏହାକୁ ଥାନା ମାନ୍ୟତା ମିଳିଛି; ହେଲେ ପିସିଆର୍ ନ ଥିବାରୁ ପୁଲିସ ଲାଗି ସମସ୍ୟା ହେଉଛି। ବରିଷ୍ଠ ଆଇନଜୀବୀ ନନ୍ଦକିଶୋର ମିଶ୍ର କହିଛନ୍ତି ଯେ, ଏହି ଥାନା ଅଧୀନରେ ବହୁ ଗ୍ରାମ ଉପାନ୍ତ ଅଞ୍ଚଳରେ ରହିଛି। ପିସିଆର୍ ସମସ୍ୟା ହେତୁ ଠିକ୍ ସମୟରେ ଘଟଣା ସ୍ଥଳରେ ପହଞ୍ଚିବା ପାଇଁ ପୁଲିସକୁ ଘୋର ସମସ୍ୟା ଦେଖାଦେଇଛି। ଜଟେସିଂହାର ବିନୋଦ ପାଣ୍ଡେ କହିଛନ୍ତି ଯେ, ପିସିଆର ଭ୍ୟାନ ଯୋଗଦେବା ପାଇଁ ଜିଲ୍ଲା ପୋଲିସ ପ୍ରଶାସନ ଓ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଜରୁରି। ବରିଷ୍ଠ ସାମ୍ବାଦିକ ରାଜେଶ ସେଠି କହିଛନ୍ତି ଯେ, ଏହା ଜଙ୍ଗଲ ଓ ଉପାନ୍ତ ଅଞ୍ଚଳ। ଏଣୁ ଏକ ପିସିଆର ଭ୍ୟାନ ଆବଶ୍ୟକତା ରହିଛି।

## କିଡ୍‌ନୀ ରୋଗରେ ପୀଡ଼ିତ ମହିଳାଙ୍କ ପରଲୋକ

**ସୋନପୁର, ୨୯।୩(ସମିସ):** ସୋନପୁର ମଝିପଡ଼ା ନିବାସୀ ତଥା ସୋନପୁର ଡ୍ରଗିଷ୍ଟ ଆଣ୍ଡ କେମିଷ୍ଟ ଆସୋସିଏସନ୍ ସମ୍ପାଦକ ସତ୍ୟ ନାରାୟଣ ଦରୱାନଙ୍କ ମା' ଟିକେନନି ଦରୱାନ (୬୨)ଙ୍କ ପରଲୋକ ହୋଇଯାଇଛି। ଗତ ବର୍ଷରୁ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ସେ ଚିକିତ୍ସାଧୀନ ଥିଲେ। ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, କାଉନସିଲର ପୀୟୁଷ ପଣ୍ଡାଙ୍କ ସହ ରାମଧୁନ କ୍ଲବ୍, କାଳୀ ପୂଜା କମିଟିର ସମସ୍ତ ସଦସ୍ୟ ଏବଂ ଡ୍ରଗିଷ୍ଟ କେମିଷ୍ଟ ସଂଘର ସଦସ୍ୟ ତାଙ୍କ ଶେଷ ଦର୍ଶନ କରିଥିଲେ। ଶନିବାର ଶ୍ରୀ ରାମେଶ୍ୱର ଶ୍ମଶାନ ଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ।



# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

**ଭବାନୀପାଟଣା, ୨୯।୩ (ସମିସ):** ଭବାନୀପାଟଣା ସହରସ୍ଥିତ ବିବିସି ପଡ଼ା, ସେବକ କୋଲନୀ ଅଞ୍ଚଳରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତ ଦେହକୁ ଉଦ୍ଧାର କରିଛି। ପ୍ରାଥମିକ ତଦନ୍ତରେ ଏହା ଆତ୍ମହତ୍ୟା କୁହାଯାଉଥିବା ବେଳେ ପରିବାର ପକ୍ଷରୁ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରାଯାଇଛି। ସେବକ କଲୋନୀରେ ରହୁଥିବା ପରମେଶ୍ୱର ନାୟକଙ୍କ ବଡ଼ ପୁଅ ସାଗର ନାୟକ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଚାରିଆଡେ ରାତିସାରା ଖୋଜାଖୋଜି କରି ପାଇ ନ ଥିଲେ। ପରେ ଏକ ପରିତ୍ୟକ୍ତ ଘରେ ଝୁଲନ୍ତା ଅବସ୍ଥାରେ ଦେଖି ସଙ୍ଗେ ସଙ୍ଗେ ଟାଉନ ଥାନା ପୁଲିସକୁ ଜଣାଇଥିଲେ। ପୋଲିସ ସକାଳେ ଘଟଣାସ୍ଥଳକୁ ଯାଇ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଥିଲେ। ମୃତ ଦେହଟି ଯେଉଁଭଳି ଝୁଲି ରହିଛି ଯେ କେହି ଦେଖିଲେ ହତ୍ୟା କରିବାପରେ ଅଭିଯୁକ୍ତ ଆତ୍ମହତ୍ୟାର ଭ୍ରମ ସୃଷ୍ଟି କରିବାକୁ ଯାଇ ଏମିତି କରିଥାଇପାରେ ତାହା ସନ୍ଦେହ କରାଯାଉଛି। ମୃତ ଯୁବକ ପରିବାର ତରଫରୁ ହତ୍ୟା କରାଯାଇଥିବା ବିଷୟରେ ଜୋର ଦେବାରୁ ପୁଲିସ ଏହି ମାମଲାରେ ଜଣେ ଯୁବକ ଓ ଆଉ ଜଣେ ନାବାଳିକାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି।

# ଦୁର୍ଘଟଣାର କାରଣ ପାଲଟିଛି ଗତି ନିୟନ୍ତ୍ରକ ବୋର୍ଡ




**ସୋନପୁର, ୨୯।୩(ସମିସ):** ସୋନପୁର ସହରରେ ଦୁର୍ଘଟଣା ଏଡାଇବା ପାଇଁ ବିଭିନ୍ନ ସ୍ଥାନରେ ଗତି ନିୟନ୍ତ୍ରକ ବୋର୍ଡ ଦିଆଯାଇଛି। ସହରର ବ୍ୟସ୍ତବହୁଳ କଚେରି ଛକ, ବ୍ଲକ ଛକ, ଗ୍ରୀଡ୍‌କୋ ରାସ୍ତା, ବସଷ୍ଟାଣ୍ଡ, ନଳିନୀ ଛକ, କୁଞ୍ଜଛକ ଆଦି ସ୍ଥାନରେ ସହରର ବହୁ ଅନୁଷ୍ଠାନ ତଥା ଖୋଦ ପୁଲିସ ବିଭାଗ ତରଫରୁ ରାସ୍ତା ଉପରେ ସ୍ପିଡ୍ ବ୍ରେକର ରଖି ଟ୍ରାଫିକ ନିୟନ୍ତ୍ରଣ କରାଯାଉଛି। ତେବେ ବିଭିନ୍ନ ସମୟରେ ଅମାନିଆ ଗାଡିଚାଳକଙ୍କ ଧକ୍କାରେ ବିଭିନ୍ନ ସ୍ଥାନରେ ଥିବା ଏହି ଗତି ନିୟନ୍ତ୍ରକ ରାସ୍ତାରେ ପଡ଼ି ଯାଇଛି। ଏହା ରାସ୍ତାରେ ପଡ଼ିରହି ଅଯଥାରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ବହୁ ଦିନ ଯାଏଁ ଏହା ପଡ଼ି ରହିଥିଲେ ମଧ୍ୟ ଜନସାଧାରଣ କିମ୍ବା କୌଣସି ଟ୍ରାଫିକ ପୁଲିସ୍ ନଜର ଦିଅନ୍ତି ନାହିଁ। ବିଭିନ୍ନ ସମୟରେ ଏହି ସବୁ ଦୁର୍ଘଟଣାର କାରଣ ସାଜେ। ଦୁଇ ଦିନ ତଳେ ରାସ୍ତାରେ ପଡ଼ିଥିବା ଗଛ ସଫା କରା ନ ଯିବାରୁ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ଜୀବନ ଚାଲିଗଲା। ତେଣୁ ସୋନପୁର ସହରରେ ଥିବା ଗତି ନିୟନ୍ତ୍ରକ ବୋର୍ଡ ଗୁଡିକୁ ଠିକ ଢଙ୍ଗରେ ରଖିବା ସହ ରାସ୍ତାରେ ପଡ଼ିରହିଥିବା ବୋର୍ଡ ଗୁଡିକୁ ଉଠାଇବା ଆବଶ୍ୟକ।

## କୁଡାସିଙ୍ଗାରୁ ଗାଡ଼ଭାଲୁ ଉଦ୍ଧାର

**ହରଭଙ୍ଗା, ୨୯।୩(ସମିସ):** ବୌଦ୍ଧ ବନ ଖଣ୍ଡ ପୁରୁଣା କଟକ ରେଞ୍ଜ କୁସଙ୍ଗ ସେକ୍ସନ ଅଧୀନ ନୂଆ କୁଡାସିଙ୍ଗଲ ଗ୍ରାମରୁ ଶୁକ୍ରବାର ଅପରାହ୍ନରେ ଏକ ଗାଡ଼ ଭାଲୁ ଉଦ୍ଧାର ହୋଇଛି। ନିକଟସ୍ଥ ଜଙ୍ଗଲରୁ ଏକ ଗାଡ଼ ଭାଲୁ କୌଣସି ମତେ ଗାଁ ମୁହାଁ ହୋଇଥିବା ବେଳେ ଗ୍ରାମବାସୀଙ୍କ ନଜରରେ ଆସିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ବନ ବିଭାଗ ଉଦ୍ଧାର କରିଥିଲା। ଭାଲୁଟି ରୋଗୀଣା ଥିବାରୁ ତାକୁ ତୁରନ୍ତ ହରଭଙ୍ଗା ପ୍ରାଣୀ ସହାୟକ କେନ୍ଦ୍ରରେ ଚିକିତ୍ସା କରାଯାଉଛିଛି।



# ମା' ପାଟଖଣ୍ଡାଙ୍କ ମନ୍ଦିର ପ୍ରତିଷ୍ଠା ଓ ଖଣ୍ଡାବସା ଉତ୍ସବ

**ଭବାନୀପାଟଣା, ୨୯।୩(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରା ପଞ୍ଚାୟତ ଅନ୍ତର୍ଗତ ଧଅଁରାମାଲ ଠାରେ ମା' ପାଟଖଣ୍ଡାଙ୍କ ମନ୍ଦିର ପ୍ରତିଷ୍ଠା ଓ ଖଣ୍ଡାବସା ଉତ୍ସବ ପାଳିତ ହୋଇଯାଇଛି। ନବନିର୍ମିତ ମନ୍ଦିରର ପ୍ରତିଷ୍ଠା ପାଇଁ ବୁଧବାର ସନ୍ଧ୍ୟାରେ କଳସ ଯାତ୍ରା ପରଠୁ ପୂଜା ଆରମ୍ଭ ହୋଇଥିଲା। ଗୁରୁବାର ସକାଳୁ ହୋମଯଜ୍ଞ ସହ ନୂତନ ମନ୍ଦିର ଗୃହକୁ ମନ୍ତ୍ରାଚାର ବିଧିରେ ପ୍ରତିଷ୍ଠା କରାଯାଇଥିଲା। ସନ୍ଧ୍ୟାରେ ତନ୍ତ୍ରାଚାର ବିଧି ମତେ ପ୍ରତ୍ୟକ୍ଷ ଦେବୀ ମା' ପାଟଖଣ୍ଡାଙ୍କର ଅସ୍ତ୍ରଶସ୍ତ୍ର ଓ ଆସନକୁ ନୂତନ ଗୃହରେ ସ୍ଥାପନା କରାଯାଇଥିଲା। ଏହି ଅବସରରେ ଗ୍ରାମର ସମସ୍ତ ଶକ୍ତିପୀଠ ମାନଙ୍କରେ ମଧ୍ୟ ଆରାଧନା ପୂର୍ବକ ପୂଜା ସମ୍ପନ୍ନ ହୋଇଥିଲା। ଶୁକ୍ରବାର ଦେବୀଙ୍କ ମୂଳପୀଠ ବଲାଙ୍ଗୀର ଜିଲ୍ଲା ଜରାସିଂହାରୁ ଦେବୀଙ୍କ ପ୍ରତୀକ ସ୍ୱରୂପ ପାଟଖଣ୍ଡା ସହ ଜରାସିଂହା ଜମିଦାର ଦୁର୍ଗାପ୍ରସାଦ ସିଂହଦେଓ, ମୁଖ୍ୟ ଦେହୁରୀ ସନ୍ତୋଷ ଥନାପତି, ଉଜ୍ଜ୍ୱଳ ଝାଙ୍କର, ବୁଢୁ ପଥିମାଳିଙ୍କ ସମେତ ଦେହୁରୀମାନେ ଗାଁରେ ପହଞ୍ଚିଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ସମେତ ଶ୍ରଦ୍ଧାଳୁ ଓ ଭକ୍ତମାନେ ପ୍ରବଳ ମାତ୍ରାରେ ଏକତ୍ରିତ ହୋଇଥିଲେ। ହୁଳହୁଳି, ଘଣ୍ଟ, ଶଙ୍ଖ, ଢୋଲ, ନିଶାନ, ମହୁରୀର ତାଳରେ ଦେବୀଙ୍କ ଖଣ୍ଡାକୁ ମନ୍ଦିରକୁ ନେଇ ସ୍ଥାପନା କରାଯାଇଥିଲା। ଏଥିରେ ହରଦେବ ପଟ୍ଟନାୟକ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଦେବୀଙ୍କ ପୂଜକ ରାମଚନ୍ଦ୍ର ପଟ୍ଟନାୟକ ପୂଜା ଦାୟିତ୍ୱ ତୁଲାଇଥିଲେ। ଗ୍ରାମର ସମସ୍ତ ବାସିନ୍ଦା ପୂଜା ପରିଚାଳନାରେ ସହଯୋଗ କରିଥିଲେ।



ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଏକଜୁଟ୍

# ଆଦିବାସୀଙ୍କୁ ଅଣଦେଖା କରୁଛି ବିଜେପି, କଂଗ୍ରେସ

**ନୂଆପଡ଼ା, ୨୯।୩(ସମିସ)**

ସାଧାରଣ ନିର୍ବାଚନ ପାଖେଇ ଆସୁଛି। ଏଥିପାଇଁ ଟିକଟ ରାଜନୀତି ସରଗରମ ହୋଇଛି। ଶନିବାର ନୂଆପଡ଼ା ଖୁଣ୍ଟିଆ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଏକଜୁଟ ହୋଇଛି। ଜିଲ୍ଲାର ଆଦିବାସୀଙ୍କୁ ବିଜେପି ଓ କଂଗ୍ରେସ ଭଳି ରାଜନୈତିକ ଦଳ ଅଣଦେଖା କରୁଛନ୍ତି ବୋଲି ସଂଘ ଅଭିଯୋଗ କରିଛି।

ଆଦିବାସୀ ନେତା ଚିତ୍ତରଞ୍ଜନ ବନଗୋଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଉପଦେଷ୍ଟା ଖାମସିଂ ମାଝି, ରାଜ୍ୟ ଆଦିବାସୀ କଲ୍ୟାଣ ସଂଘ ସଭାପତି ବାଳକୃଷ୍ଣ ଶବର, ଜିଲ୍ଲା ସଭାପତି ଭାନୁପ୍ରତାପସିଂ ମାଝି, ପିସିସି ସମ୍ପାଦକ ଘାସିରାମ ମାଝି, ବରିଷ୍ଠ ଆଦିବାସୀନେତା ସୋମନାଥ ଖାମାରୀ, ବଟକୃଷ୍ଣ ପରୁଆ, ପ୍ରଶନ୍ନ ମାଝି, ସରୋଜିନୀ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ନୂଆପଡ଼ା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ଆଦିବାସୀ କଲ୍ୟାଣ ସଂଘ ଉପସଭାପତି କମଲେଶ ଠାକୁର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭକ୍ତରାମ ଶବର, ପୂର୍ବତନ ଜିଲ୍ଲା ପରିଷଦ ଗିରିରାଜ ମାଝି, ପୂର୍ବତନ ସରପଞ୍ଚ କନସନ ଧରୁଆ, ହରି ମାଝି, ତିରତରାମ ମାଝି, କମଳସିଂ ମାଝି, କରୁଣା ମାଝି ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବିଗତ ଦିନରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ବିଭିନ୍ନ କାରଣରୁ ଦୁଇ ଭାଗ ହୋଇଥିଲା। ବର୍ତ୍ତମାନ ଜିଲ୍ଲାର ସବୁ ଆଦିବାସୀ ନେତାଙ୍କ ମଧ୍ୟରେ ମତାନ୍ତର ଓ ମନାନ୍ତର ସବୁ ଦୂର ହୋଇଛି। ଆଦିବାସୀଙ୍କ ସାମୂହିକ ସ୍ୱାର୍ଥସାଧନ ପାଇଁ ଏକତା ଓ ଅଖଣ୍ଡତା ବଜାୟ ରହିବ ବୋଲି ସଂକଳ୍ପ ନେଇଛନ୍ତି। ନୂଆପଡ଼ା ବିଧାନସଭା କ୍ଷେତ୍ରରେ ୯୮ ହଜାର ଓ ଖଡ଼ିଆଳ ବିଧାନସଭାରେ ୧ ଲକ୍ଷ ୩ ହଜାର ଆଦିବାସୀ ଭୋଟର ରହିଛନ୍ତି।




## ଅପମିଶ୍ରିତ ମୃଦୁ ପାନୀୟ ବିକ୍ରି ଉପରେ ପ୍ରଶାସନର ଲଗାମ ନାହିଁ

**ସୁବଳୟା, ୨୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ ବିଭିନ୍ନ ଦୋକାନରେ ଅପମିଶ୍ରିତ ମୃଦୁ ପାନୀୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ମୃଦୁ ପାନୀୟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବହୁ ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ଅପମିଶ୍ରିତ ମୃଦୁ ପାନୀୟ ବିକ୍ରି କରୁଛନ୍ତି। ବୀରମହାରାଜପୁର ସହ ସୁବଳୟା, ଖଣ୍ଡହତା, ମୁର୍ଷୁଣି ତଥା ଗ୍ରାମାଞ୍ଚଳରେ ବହୁ ପରିମାଣର ଅପମିଶ୍ରିତ ମୃଦୁ ପାନୀୟ ବିକ୍ରି ହେଉଛି। ବିଭିନ୍ନ ନାମୀଦାମୀ କମ୍ପାନୀ ମୃଦୁ ପାନୀୟ ଦର ଢେର ଅଧିକ ରହିଥିବାରୁ ବହୁ ଅନାମଧେୟ କମ୍ପାନୀ କମ୍ ଦରରେ ମୃଦୁ ପାନୀୟ ଉପଲବ୍ଧ କରାଉଛନ୍ତି। ଏହି କମ୍ପାନୀଗୁଡ଼ିକ କେତେ ବୈଧ ତାହା ଜଣାପଡୁନି। ସେହିପରି ବଜାରରେ ବିକ୍ରି ହେଉଥିବା ବହୁ ସଂସ୍ଥାର ପାଣି ବୋତଲ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅଧିକ ଲାଭ ଆଶାରେ ବିଶୁଦ୍ଧ ପାନୀୟ ଜଳର ବିଭିନ୍ନ କେମିକାଲରେ ନିର୍ମିତ କଲର ସହ ସାକାରିନ୍ ମିଶ୍ରଣ କରି ବିଭିନ୍ନ ନାମରେ ଗ୍ରାମାଞ୍ଚଳରେ ବହୁ ପରିମାଣରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଏହି ମୃଦୁ ପାନୀୟ ଶରୀର ପାଇଁ କ୍ଷତିକାରକ ଓ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ସ୍ଥାନୀୟ ଡାକ୍ତର ପ୍ରକାଶ କରିଛନ୍ତି। ଏଥିପ୍ରତି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନଜର ନାହିଁ। ପ୍ରଶାସନ ପକ୍ଷରୁ ଏହାର ଯାଞ୍ଚ କରାଯାଉନି କି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ।

# କଂଗ୍ରେସକୁ ପୁଣି ୧୮୨୩ କୋଟିର ଆୟକର ନୋଟିସ୍



ନୂଆଦିଲ୍ଲୀ, ୨୯ ।୩(ଏଜେନ୍ସି)

- ଟିକସ ବିଭାଗ କାର୍ଯ୍ୟରେ ହସ୍ତକ୍ଷେପକୁ ହାଇକୋର୍ଟଙ୍କ ନା
- ରାହୁଲ ଗାନ୍ଧୀଙ୍କ ଚେତାବନୀ
- ସରକାର ବଦଳିଲେ ଗଣତନ୍ତ୍ର ଧ୍ୱଂସ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୯ ।୩(ଏଜେନ୍ସି): ଆୟକର ବିଭାଗ ଆଜି କଂଗ୍ରେସକୁ ହିସାବ ବର୍ଷ (ଆସେସମେଣ୍ଟ ଇୟର) ୨୦୧୭-୧୮ ଠାରୁ ୨୦୨୦-୨୧ ଯାଏ ଟିକସ, ଜୋରିମାନା ଓ ସୁଧ ବାବଦକୁ ପ୍ରାୟ ୧୮୨୩ କୋଟି ୮ଲକ୍ଷ ଟଙ୍କା ପୈଠ କରିବାକୁ ଡିମାଣ୍ଡ ନୋଟିସ୍ ପଠାଇଛି। ଲୋକସଭା ନିର୍ବାଚନ ମଧ୍ୟରେ କ୍ୟାସ୍ ସଙ୍କଟ ସମସ୍ୟାର ସମ୍ମୁଖୀନ ହେଉଥିବା କଂଗ୍ରେସ ପାଇଁ ଏହା ବଡ଼ ଝଟ୍କା ବୋଲି ଧରାଯାଉଛି। ଏହା ପୂର୍ବରୁ ଦିନକ ଦଳେ ଆୟକର ବିଭାଗର ଏହି ପୁନଃହିସାବ ଓ ଟିକସ ଆଦାୟ ପାଇଁ ପଦକ୍ଷେପ (ରିଆସେସମେଣ୍ଟ ପ୍ରୋସିଡିଙ୍ଗସ)କୁ ଚ୍ୟାଲେଞ୍ଜ କରି କଂଗ୍ରେସ ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲା ଯାହା ଗତକାଲି ଖାରଜ ହୋଇଯାଇଛି। ବିଚାରପତି ଯଶୋବନ୍ତ ବର୍ମା ଓ ପୁରୁଷାଇନ୍ଦ୍ରା କୁମାର କୌରବଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଆୟକର ବିଭାଗର ଦଲିଲ ଅନୁଧ୍ୟାନ କରି ହିସାବ ବର୍ହିଭୂତ ମନି ଟ୍ରାନ୍ସଫର ହୋଇଥିବା, ଟିକସ ଅନାଦାୟ ରହିଥିବା ଓ ଟିକସ ଦାବିର ଯଥାର୍ଥତା ଥିବା ନେଇ ହୃଦୟଙ୍ଗମ କରିଥିଲେ। ତେଣୁ ଆୟକର ବିଭାଗର କାର୍ଯ୍ୟରେ ହସ୍ତକ୍ଷେପ କରିବେ ନାହିଁ କହି କଂଗ୍ରେସର ଆବେଦନକୁ ଖାରଜ କରିଥିଲେ। ଏଥିପୂର୍ବରୁ ଆୟକର ବିଭାଗ କଂଗ୍ରେସକୁ ହିସାବ ବର୍ଷ ୨୦୧୪-୧୫ରୁ ୨୦୧୬-୧୭ଯାଏ ଟିକସ ଆଦି ବାବଦକୁ ପ୍ରାୟ ୧୦୫ କୋଟି ଟଙ୍କା ପୈଠ ପାଇଁ ନୋଟିସ୍ ପଠାଇଥିଲା। କଂଗ୍ରେସ ଉପରେ ୨୧୦ କୋଟି ଟଙ୍କା ଜୋରିମାନା ଲଗାଇ ବ୍ୟାଙ୍କ ଖାତା ଅଚଳ କରିଦେଇଥିଲା। ଏହା ବିରୋଧରେ କଂଗ୍ରେସ କରିଥିବା ଆବେଦନ ମଧ୍ୟ ଖାରଜ ହୋଇ ଯାଇଥିଲା। ନୂଆ ଟିକସ ନୋଟିସକୁ ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଚେତାବନୀ ଦେଇଛନ୍ତି। ସରକାର ବଦଳିଲେ ଗଣତନ୍ତ୍ରକୁ ଧ୍ୱଂସ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି କାର୍ଯ୍ୟାନୁଷ୍ଠାନ ଏଭଳି ଭାବେ ନିଆଯିବ ଯେମିତି ଆଉ କେହି ଏପରି କରିବାକୁ ସାହାସ କରିବେ ନାହିଁ। ଏହା ତାଙ୍କ ଗ୍ୟାରେଣ୍ଟି ବୋଲି ରାହୁଲ କହିଛନ୍ତି। 'ବିଜେପି ଟିକସ ଆତଙ୍କବାଦ' ଚଳାଉ ଥିବା ହାସଟାଗ ବ୍ୟବହାର କରିଛନ୍ତି।

ଟିକସ ନୋଟିସ ମିଳିବା ପରେ କଂଗ୍ରେସ ଦ୍ୱିପହରେ ସାମ୍ବାଦିକ ସମ୍ମିଳନୀ କରି ଅଜୟ ମାକନ କହିଥିଲେ ଯେ ଯେଉଁ ମାନଦଣ୍ଡ ଆଧାରରେ କଂଗ୍ରେସକୁ ଜରିମାନା ନୋଟିସ ପଠାଯାଇଛି ସେହି ଆଧାରରେ ବିଜେପିଠାରୁ ୪୬୦୦ କୋଟି ଟଙ୍କା ଆଦାୟ କରାଯିବା ଉଚିତ। ୨୦୧୭-୧୮ରେ ବିଜେପିର ଆୟକର ବିଭାଗ ଦଳର ଖାତାରୁ ୧୩୫ କୋଟି ଟଙ୍କା ନେଇ ଯାଇଥିଲା। ୨୦୧୭-୧୮ରେ ବିଜେପିକୁ ୧୨୯୭ ଲୋକ ୪୨ କୋଟି ଟଙ୍କା ଚାନ୍ଦା ଦେଇଥିଲେ। କିନ୍ତୁ ବିଜେପି କେବଳ ଏହି ଲୋକଙ୍କର ନାମ ଲେଖି ଛାଡ଼ି ଦେଇଥିଲା। ଆୟକର ନିୟମ ଉଲ୍ଲଙ୍ଘନ ମାମଲାରେ ବିଜେପି ଆଖିରେ ପୁଟୁଳି ବାନ୍ଧି ରଖିଛି। ମାତ୍ର କଂଗ୍ରେସର ୨୩ ସାଂସଦ ଏବଂ ବିଧାୟକ ଦେଇଥିବା ୧୪ ଲକ୍ଷ ଟଙ୍କା ଆଧାରରେ ୧୩୫ କୋଟି ଟଙ୍କା ନେଇ ଯାଇଥିଲା।

କଂଗ୍ରେସ ଅଭିଯୋଗ କରିଆସୁଛି ଯେ ଲୋକସଭା ନିର୍ବାଚନ ବେଳେ ବିଜେପି ଦଳକୁ ଆର୍ଥିକ ସଙ୍କଟରେ ପକାଇବା ପାଇଁ ଚାହୁଁଛି। ବିଜେପିର ଇସାରାରେ ଆୟକର ବିଭାଗ କଂଗ୍ରେସଠାରୁ କର ଆଦାୟ ପାଇଁ ଡିମାଣ୍ଡ ନୋଟିସ୍ ଦେଉଛି ଓ ବ୍ୟାଙ୍କ ଖାତା ଅଚଳ କରିଛି। କଂଗ୍ରେସକୁ ଆର୍ଥିକ ଭାବେ ପଙ୍ଗୁ କରିଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରି କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କିଛି ଦିନ ତଳେ କହିଥିଲେ ଏହା କେବଳ କଂଗ୍ରେସକୁ ନୁହେଁ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ ଗଭୀର ପ୍ରଭାବିତ କରୁଛି। ନିର୍ବାଚନୀ ବଣ୍ଡ ଜରିଆରେ ବିପୁଳ ପାଣ୍ଠି ସଂଗ୍ରହ କରି ବିଜେପି ତା'ର ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳଙ୍କ ତୁଳନାରେ ଅତି ସୁବିଧାଜନକ ସ୍ଥିତିରେ ରହିଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସର ବ୍ୟାଙ୍କ ଖାତା ଅଚଳ କରାଇ ତା'ର ନିର୍ବାଚନ ପ୍ରସ୍ତୁତି ଓ ପ୍ରଚାରରେ ବିଘ୍ନ ସୃଷ୍ଟି କରିଛି। କଂଗ୍ରେସ ଲୋକଙ୍କଠାରୁ ସଂଗ୍ରହ କରି ବ୍ୟାଙ୍କରେ ରଖିଥିବା ଟଙ୍କା ଆୟକର ବିଭାଗର ଆକାଉଣ୍ଟ ଫ୍ରିଜ୍ ନିର୍ଦ୍ଦେଶ ଯୋଗୁଁ ଉଠାଇ ପାରୁନାହିଁ। ପୁଣି କଂଗ୍ରେସ ଆକାଉଣ୍ଟରୁ ଆୟକର ବିଭାଗ ଟିକସ ବକେୟା ଓ ଜୋରିମାନା ବାବଦକୁ ୧୩୫ କୋଟି ଟଙ୍କା ଜୋରଜବରଦସ୍ତି କାଟିନେଇଛି। ନିର୍ବାଚନ ଲଢ଼େଇକୁ ଏକତରଫା କରିବା ପାଇଁ ଶାସକ ଦଳ ଆୟକର ବିଭାଗକୁ ଅସ୍ତ୍ର ଭାବେ ବ୍ୟବହାର କରି ବିରୋଧୀଙ୍କୁ ନିରାଶ ଓ ନିଃସ୍ୱ କରିବାକୁ ଷଡ଼ଯନ୍ତ୍ର କରିଛି।

## ସିପିଆଇକୁ ୧୧ କୋଟିର ନୋଟିସ

କଂଗ୍ରେସ ପରେ ଆୟକର ବିଭାଗ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)କୁ ୧୧ କୋଟି ଟଙ୍କାର ଟିକସ ନୋଟିସ୍ ପଠାଇଛି। ନୋଟିସ ଅନୁଯାୟୀ ଗତ କିଛି ବର୍ଷ ହେଲା ଆୟକର ରିଟର୍ଣ୍ଣ ଦାଖଲ ସମୟରେ ଏହି ଦଳ ପୁରୁଣା ପାନ କାର୍ଡ ବ୍ୟବହାର କରୁଛି। ଏଥିପାଇଁ ଦଳକୁ ୧୧ କୋଟି ଟଙ୍କା ପୈଠ କରିବାକୁ କୁହାଯାଇଛି। ଏହି ରାଶିରେ ଜରିମାନା ଏବଂ ସୁଧ ସାମିଲ ରହିଛି। ଆୟକର ବିଭାଗର କାର୍ଯ୍ୟାନୁଷ୍ଠାନକୁ ଜବାବ ଦେବା ପାଇଁ ଦଳ ଓକିଲଙ୍କ ପରାମର୍ଶ ନେଉଥିବା ସୂଚନା ମିଳିଛି।

● ବିହାରରେ ଇଣ୍ଡିଆ ମେଣ୍ଟର ଆସନ ବୁଝାମଣା

## ଆରଜେଡି ୨୯, କଂଗ୍ରେସ ୯ ଆସନରେ ଲଢ଼ିବ

ପାଟନା, ୨୯ ।୩(ଏଜେନ୍ସି): ବିହାରରେ ଇଣ୍ଡିଆ ମେଣ୍ଟ ଚଳାଇଥିବା ଲୋକସଭା ନିର୍ବାଚନ ଆସନ ବଣ୍ଟନ ବୁଝାମଣା ଆଜି ଚୂଡ଼ାନ୍ତ ହୋଇଛି। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ନେତା ଅବଦୁଲ ବାରି ସିଦ୍ଦିକି ମେଣ୍ଟର ଆସନ ବଣ୍ଟନ ବୁଝାମଣା ନେଇ ଘୋଷଣା କରିଛନ୍ତି ଯେ ବିହାରର ମୋଟ ୪୦ ଲୋକସଭା ଆସନ ମଧ୍ୟରୁ ଆରଜେଡି ୨୬ଟି, କଂଗ୍ରେସ ୯ଟି ଓ ବଳକା ୫ ଆସନରେ ଦୁଇ କମ୍ୟୁନିଷ୍ଟ ଦଳ ପ୍ରାର୍ଥୀ ଦେବେ। ୨୦୧୯ ଲୋକସଭା ନିର୍ବାଚନରେ ଆରଜେଡି ୨୦ ଆସନରେ ପ୍ରାର୍ଥୀ ଦେଇଥିଲା, କିନ୍ତୁ କେହି ଜିତିନଥିଲେ। ସେହିଭଳି ୨୦୧୯ରେ ବିହାରରେ କଂଗ୍ରେସ ୯ଟି ଆସନରେ ପ୍ରାର୍ଥୀ ଦେଇ ସେଥିରୁ ୮ଟିରେ ହାରିଥିଲା ଓ ଗୋଟିଏ ଆସନ ଜିତିଥିଲା। ୨୦୧୯ ନିର୍ବାଚନରେ ଏନଡିଏ ମେଣ୍ଟ ଚମତ୍କାର ପ୍ରଦର୍ଶନ କରି ୩୯ ଆସନରେ ବିଜୟୀ ହୋଇଥିଲା।

## ଘର ଖାଦ୍ୟ ପାଇଁ କୋର୍ଟ ଗଲେ କବିତା

ନୂଆଦିଲ୍ଲୀ, ୨୯ ।୩(ଏଜେନ୍ସି): ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ନେତ୍ରୀ କେ କବିତା ତିହାର ଜେଲରେ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା କାରଣରୁ ତାଙ୍କୁ ଖାଦ୍ୟ ଘରୁ ମଗାଇ ଖାଇବାକୁ ଅନୁମତି ଦେବାକୁ ଓ ଶୋଇବା ପାଇଁ ଏକ ଗଦି(ମ୍ୟାଟ୍ରେସ) ଯୋଗାଇ ଦେବାକୁ ତିହାର ଜେଲ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଉ ବୋଲି ପ୍ରାର୍ଥନା କରି କବିତାଙ୍କ ପକ୍ଷରୁ ରାଉଜ ଏଭେନ୍ୟୁ ପିଏମଏଲଏ(ମନିଲଣ୍ଡରିଂ) କୋର୍ଟରେ ଏକ ଯାଚିକା ଦାଖଲ କରାଯାଇଛି। ଯାଚିକାରେ ଏହା ଲେଖାଅଛି ଯେ ଗତ ମାର୍ଚ୍ଚ ୨୬ ତାରିଖରେ କୋର୍ଟ ଦେଇଥିବା ଆଦେଶ ପାଳନ କରିବାକୁ ମଧ୍ୟ ତିହାର ଜେଲ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଉ। କୋର୍ଟଙ୍କୁ କବିତା ନିବେଦନ କରିଛନ୍ତି, ତାଙ୍କୁ ଚଷମା, ଜପାମାଳି, ବହି, ପେନ୍ ପେପର, ସ୍ଲିପର, ବେଡସିଟ୍, କମ୍ବଳ, ଔଷଧ ଓ ଗହଣା ଜେଲକୁ ନେବାକୁ ଅନୁମତି ମିଳୁ। କୋର୍ଟ ଏଥିପାଇଁ ତିହାର କର୍ତ୍ତୃପକ୍ଷଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଅନ୍ତୁ। କବିତାଙ୍କ ଆବେଦନ ନେଇ କୋର୍ଟ ତିହାର ପ୍ରଶାସନଙ୍କ ମତ ଲୋଡିଛନ୍ତି ଓ ଆସନ୍ତା କାଲି କବିତାଙ୍କ ଯାଚିକାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

● ବିଏସ୍‌ପି ବିଧାୟକଙ୍କ ହତ୍ୟା ମାମଲା

## ୬ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଲକ୍ଷ୍ନୌ, ୨୯।୩ (ଏଜେନ୍ସି): ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟାକାଣ୍ଡ ମାମଲାରେ ଲକ୍ଷ୍ନୌର ସିବିଆଇ କୋର୍ଟ ସମସ୍ତ ୭ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ୬ ଜଣଙ୍କୁ ଇସରାର ଅହମ୍ମଦ, ରଞ୍ଜିତ ପାଲ, ଜାଭେଦ, ଗୁଲସାନ ଏବଂ ଅବଦୁଲ କବିକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା ଲଗାଇଛନ୍ତି। ସେହିପରି ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ମାମଲାରେ ଫରହାନକୁ ୪ ବର୍ଷ ଜେଲ୍ ଦଣ୍ଡ ସହିତ ୨୦ ହଜାର ଟଙ୍କା ଜରିମାନା ଲଗାଯାଇଛି। ପୁଲିସ ହେପାଜତରେ ପ୍ରାଣ ହରାଇଥିବା ଅତିକ ମହମ୍ମଦ ଏବଂ ତା ଭାଇ ଅସରଫ ମଧ୍ୟ ରାଜୁ ପାଲ୍ ହତ୍ୟାକାଣ୍ଡର ଅଭିଯୁକ୍ତ ଥିଲା।

## ଆସାମରେ 'ଆଫସ୍ପା' ସୀମା ବୃଦ୍ଧି

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ଗତ ଦୁଇ ଦିନ ମଧ୍ୟରେ ତୃତୀୟ ରାଜ୍ୟ ଭାବେ ଆସାମର ୪ ଜିଲ୍ଲା ତିନସୁକିଆ, ଡିବ୍ରୁଗଡ଼, ଚରାଇଦେବ ଏବଂ ଶିବସାଗରରେ ସଶସ୍ତ୍ର ବାହିନୀକୁ ମିଳୁଥିବା ସ୍ୱତନ୍ତ୍ର ଅଧିକାର 'ଆଫସ୍ପା' ଆଇନକୁ ଆଉ ୬ ମାସ ପାଇଁ ବୃଦ୍ଧି କରିଦିଆଯାଇଛି। ଏହା ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଆସାମ ପୁଲିସ ଦାବି କରିଛି ଯେ ଏହି ଚାରି ଜିଲ୍ଲାରେ ଉଗ୍ରବାଦୀ ସଂଗଠନ ସକ୍ରିୟ ରହିଛି। ମାତ୍ର ଅନ୍ୟ ସବୁ ଅଞ୍ଚଳରେ ଆଇନ ବ୍ୟବସ୍ଥା ସ୍ଥିତିରେ ସୁଧାର ଆସିଛି।

## ସି-ଭିଜିଲ ଆପ୍‌ରେ ୭୯ ହଜାର ଅଭିଯୋଗ

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି): ସି-ଭିଜିଲ ଆପ୍ ମାଧ୍ୟମରେ ନିର୍ବାଚନ ଆଚରଣବିଧି ଉଲ୍ଲଙ୍ଘନ ନେଇ ୭୯ ହଜାର ଅଭିଯୋଗ ହୋଇଛି। ଏହା ମଧ୍ୟରୁ ୯୯ ପ୍ରତିଶତ ଅଭିଯୋଗର ସମାଧାନ କରିଦିଆଯାଇଛି ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି। ଏଥିରୁ ୮୯ ପ୍ରତିଶତ ମାମଲାର ସମାଧାନ କେବଳ ଶହେ ମିନିଟ ଭିତରେ କରାଯାଇଥିଲା। କେବଳ ୫୮, ୫୦୦ ଅଭିଯୋଗ ବେଆଇନ ହୋର୍ଡିଂ ଏବଂ ବ୍ୟାନରକୁ ନେଇ ଥିଲା। ସେହିପରି ୧୪୦୦ରୁ ଅଧିକ ଟଙ୍କା ଏବଂ ଉପହାର ସମ୍ବନ୍ଧିତ, ୨୪୫୪ଟି ସମ୍ପତ୍ତି ଜାଲିଆତି, ସମୟସୀମା ପରେ ସ୍ପିକର ବଜାଇବାକୁ ନେଇ ୧୦୦ରୁ ଅଧିକ ଅଭିଯୋଗ ଏବଂ ଧମକକୁ ନେଇ ୫୩୫ଟି ଅଭିଯୋଗ କରାଯାଇଥିଲା।

## ପ୍ରଫୁଲ୍ଲ ପଟେଲଙ୍କ ବିରୋଧରେ ଦୁର୍ନୀତି ମାମଲା ବନ୍ଦ କଲା ସିବିଆଇ

ନୂଆଦିଲ୍ଲୀ, ୨୯ ।୩(ଏଜେନ୍ସି)



ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନସିପି) ନେତା ତଥା ମନମୋହନ ସିଂହଙ୍କ ୟୁପିଏ ସରକାରରେ ବେସାମରିକ ବିମାନ ଚଳାଚଳ ବିଭାଗର କେନ୍ଦ୍ର ମନ୍ତ୍ରୀ ଥିବା ପ୍ରଫୁଲ୍ଲ ପଟେଲଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ୨୦୧୭ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ତାଙ୍କ ବିରୋଧରେ ସିବିଆଇ ଯେଉଁ ବିମାନ ଲିଜ୍ ସମ୍ପର୍କିତ ଦୁର୍ନୀତି ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା, ଆଜି ତାହାକୁ ଏଜେନ୍ସି ବନ୍ଦ(କ୍ଲୋଜ୍) କରିଦେଇଛି। କ୍ଲୋଜର ରିପୋର୍ଟରେ ସିବିଆଇ ଦର୍ଶାଇଛି ଯେ ୨୦୦୬ରେ ଏୟାର ଇଣ୍ଡିଆ ପାଇଁ ୪ଟି ବୋଇଂ୭୭୭ ବିମାନ ୫ବର୍ଷ ପାଇଁ ଲିଜରେ ଅଣାଯିବା ପ୍ରକ୍ରିୟାରେ ଅନିୟମିତତା ହୋଇଥିବାର କୌଣସି ପ୍ରମାଣ ମିଳୁନାହିଁ। ଅଭିଯୋଗ ଥିଲା ଯେ ଏୟାର ଇଣ୍ଡିଆ ଓ ଇଣ୍ଡିଆନ୍ ଏୟାରଲାଇନ୍ସର ମିଶ୍ରଣ ପରେ ଯେଉଁ ନ୍ୟାସନାଲ ଏଭିଏସନ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନଏସିଆଇଏଲ) ନାମକ ନୂଆ ସଂସ୍ଥା ଗଢ଼ାଗଲା, ସେହି ସଂସ୍ଥା ବିଭାଗୀୟ ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ ପଟେଲଙ୍କ ଅନୁମୋଦନରେ ୨୦୦୬ରେ ଏୟାର ଇଣ୍ଡିଆ ପାଇଁ ୪ଟି ବୋଇଂ୭୭୭ ବିମାନ ୫ବର୍ଷ ପାଇଁ ଲିଜରେ ଆଣିଥିଲା। ସେତେବେଳେ ଏୟାର ଇଣ୍ଡିଆର ବିମାନଗୁଡ଼ିକରେ ଯାତ୍ରୀ ସଂଖ୍ୟା କମ୍ ଥିବାରୁ ସିଟଗୁଡ଼ିକ ଖାଲି ରହୁଥିଲା ଓ ଏୟାର ଇଣ୍ଡିଆ ପ୍ରଚୁର କ୍ଷତି ସହୁଥିଲା। ବିମାନରେ ଯାତ୍ରୀ ହେଉନଥିବାରୁ ୨୦୦୭ରୁ ୨୦୦୯ ମଧ୍ୟରେ ଏନଏସିଆଇଏଲ'କୁ ମୋଟ ୮୪୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ ଯେ ପ୍ରାୟ ୮ମାସ ତଳେ ଅଜିତ ପାୱାରଙ୍କ ସହ ମିଶି ପ୍ରଫୁଲ ଏନସିପିର ବିଭାଜନ ଘଟାଇଥିଲେ। ଅଜିତ-ପ୍ରଫୁଲ୍ଲ ଗୋଷ୍ଠୀ ବିଜେପି ନେତୃତ୍ୱାଧୀନ ଏନଡିଏ'ରେ ଯୋଗଦେଇଥିଲେ। ଏବେ ସେ ଅଭିଯୁକ୍ତ ଥିବା ଦୁର୍ନୀତି ମାମଲାର କ୍ଲୋଜର ରିପୋର୍ଟ ଦିଆଯାଇଥିବାରୁ ପଟେଲ ଆଶ୍ୱସ୍ତ ହୋଇଛନ୍ତି।

● ପୋଲ ତଳକୁ ଖସି ପଡ଼ିଲା ବସ୍

## ୪୫ ଶ୍ରଦ୍ଧାଳୁ ଜୀବନ୍ତ ଦଗ୍ଧ



କେପଟାଉନ, ୨୯।୩ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଲିମ୍ପୋପୋ ପ୍ରଦେଶରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଇଷ୍ଟର ଉତ୍ସବ ପାଇଁ ଶ୍ରଦ୍ଧାଳୁଙ୍କୁ ନେଇଯାଉଥିବା ଏକ ବସ୍ ମତାତଲକାଲା ପୋଲରେ ନିୟନ୍ତ୍ରଣ ହରାଇ ୧୬୪ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏଥିଯୋଗୁଁ ବସ୍‌ରେ ନିଆଁ ଲାଗିଯାଇଛି। ଏଥିରେ ୪୫ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୮ ବର୍ଷର ଶିଶୁ ଅଳ୍ପକେ ବର୍ତ୍ତି ଯାଇଛି। ଏବେ ତାର ଚିକିତ୍ସା ଜାରି ରହିଛି। ପ୍ରଦେଶ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ତଲାସୀ ଅଭିଯାନ ଶେଷ ହୋଇଛି। ଦୁର୍ଘଟଣାରେ ଅନେକ ମୃତଦେହ ସମ୍ପୂର୍ଣ୍ଣ ଜଳି ଯାଇଛି। ଏଥିପାଇଁ ମୃତକଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଏବେ ବି ଅନେକ ମୃତଦେହ ବସ୍‌ରେ ଫସି ରହିଛି।

## ଖାଇକୁ ଖସିଲା ଟ୍ୟାକ୍ସି; ୧୦ ଶ୍ରମିକ ମୃତ

ରାମବନ, ୨୯।୩ (ଏଜେନ୍ସି): ଜମ୍ମୁ ରାମବନର ବ୍ୟାଟରି ଚଷମା ଅଞ୍ଚଳ ଦେଇ ଯାଇଥିବା ୪୪ ନଂ ଜାତୀୟ ରାଜପଥରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ୟାକ୍ସି ୩୦୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ବିହାରର ୯ ଜଣ ଏବଂ ଜମ୍ମୁର ଜଣେ ସାମିଲ ଅଛନ୍ତି। ଉଦ୍ଧାରକାରୀ ଦଳର ସୂଚନା ଅନୁଯାୟୀ ଏହି ଟ୍ୟାକ୍ସି ଶ୍ରୀନଗରରୁ ଜମ୍ମୁ ଯାଉଥିଲା। ମାର୍ଗରେ ପ୍ରବଳ ବର୍ଷା ଯୋଗୁଁ ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ି ଥିଲା। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ସମ୍ପର୍କୀୟଙ୍କ ପ୍ରତି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫୦ ହଜାର ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ଜୈନ୍‌ଙ୍କ ବିରୋଧରେ ସିବିଆଇ ତଦନ୍ତକୁ କେନ୍ଦ୍ରର ମଞ୍ଜୁରୀ

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି)



ଜେଲ୍‌ରେ ଥିବା ଆମ ଆଦମୀ ପାର୍ଟି (ଆପ୍) ନେତା ସତ୍ୟେନ୍ଦ୍ର ଜୈନଙ୍କ ସମସ୍ୟା ପୁଣି ବୃଦ୍ଧି ପାଇପାରେ। କେନ୍ଦ୍ର ସରକାର ତାଙ୍କ ବିରୋଧରେ ସିବିଆଇ ତଦନ୍ତକୁ ଶୁକ୍ରବାର ଅନୁମତି ଦେଇଛନ୍ତି। ଏହି ମାମଲା ଠକ ସୁକେଶ ଚନ୍ଦ୍ରଶେଖର ସମ୍ବନ୍ଧିତ। ଜୈନ ତିହାର ଜେଲ୍‌ରେ ଥିବାବେଳେ ସୁକେଶଠାରୁ ୧୦ କୋଟି ଟଙ୍କା ବଟି ଆଦାୟ କରିଥିବା ଅଭିଯୋଗ ହୋଇଛି। ଗତ ଫେବୃଆରୀ ମାସରେ ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସକ୍ସେନା ଏହି ମାମଲାର ସିବିଆଇ ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରାଳୟକୁ ସୁପାରିସ କରିଥିଲେ। ଏବେ ଏହାକୁ ଅନୁମତି ଦିଆଯାଇଛି। ଏହା ପୂର୍ବରୁ ୨୦୨୨ ଅକ୍ଟୋବର ୭ରେ ଠକ ସୁକେଶ ଦିଲ୍ଲୀ ଏଲ୍‌ଜିଙ୍କୁ ଚିଠି ଲେଖିଥିଲା। ଏଥିରେ ସେ କହିଥିଲା ଯେ ଜେଲ୍‌ରେ ସୁବିଧା ଦେବା ପାଇଁ ଜୈନ ତାଙ୍କଠାରୁ ୧୦ କୋଟି ଟଙ୍କା ଆଦାୟ କରିଥିଲେ। ସେ ନିଜ ଘନିଷ୍ଠଙ୍କ ମାଧ୍ୟମରେ ଏହି ଟଙ୍କା ନେଇଥିଲେ। ସୂଚନାଯୋଗ୍ୟ ଯେ ୨୦୦ କୋଟି ଟଙ୍କାର ଠକେଇ ମାମଲାରେ ସୁକେଶ ଏବେ ମଣ୍ଡୋଲି ଜେଲ୍‌ରେ ଅଛି। ତାକୁ କିଛି ମାସ ତଳେ ତିହାର ଜେଲ୍‌ରୁ ଏଠାକୁ ଅଣା ଯାଇଥିଲା।

## ହିଜ୍‌ବୁଲ୍ଲା ଠିକଣାରେ ଇସ୍ରାଏଲର ଆକ୍ରମଣ; ୩୮ ମୃତ

ଦାମାସକସ୍, ୨୯।୩ (ଏଜେନ୍ସି)

ଇସ୍ରାଏଲ ଗୁରୁବାର ବିଳମ୍ବିତ ରାତିରେ ଇରାନ ସମର୍ଥନ ପାଇଥିବା ଆତଙ୍କବାଦୀ ସଂଗଠନ ହିଜ୍‌ବୁଲ୍ଲାର ସିରିୟା ସ୍ଥିତ ଠିକଣା ଉପରେ ଏୟାର ଷ୍ଟ୍ରାଇକ୍ କରିଛି। ଏହି ଆକ୍ରମଣରେ ୩୮ ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ହିଜ୍‌ବୁଲ୍ଲାର ୫ ସଦସ୍ୟ, ସୈନିକ ଏବଂ ସାଧାରଣ ନାଗରିକ ସାମିଲ ଅଛନ୍ତି। ସିରିୟା ପ୍ରତିରକ୍ଷା ମନ୍ତ୍ରାଳୟ ଅନୁଯାୟୀ ରାତି ପ୍ରାୟ ୧ଟା ୪୫ରେ ଆକ୍ରମଣ ଆରମ୍ଭ ହୋଇଥିଲା। ପ୍ରାୟ ୨ ଘଣ୍ଟା ପର୍ଯ୍ୟନ୍ତ ବିସ୍ଫୋରଣର ଶବ୍ଦ ଶୁଭୁଥିଲା। ଏହି ସମୟରେ କିଛି ଆତଙ୍କବାଦୀ ସଂଗଠନ ଇଦଲିବ ସହରରେ ଡ୍ରୋନ ଷ୍ଟ୍ରାଇକ୍ ମଧ୍ୟ କରିଥିଲେ। ତେବେ ଇସ୍ରାଏଲ ପକ୍ଷରୁ ଏ ବିଷୟରେ କୌଣସି ସୂଚନା ଦିଆଯାଇ ନାହିଁ। ହମାସ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲ ଅନେକ ଥର ସିରିୟାରେ ଆକ୍ରମଣ କଲାଣି।

● କେଜ୍ରିୱାଲଙ୍କ ମାମଲାରେ ଜାତିସଂଘର ମନ୍ତବ୍ୟ

## ସମସ୍ତଙ୍କ ଅଧିକାରର ସୁରକ୍ଷା ହେଉ

ନୂଆଦିଲ୍ଲୀ, ୨୯।୩ (ଏଜେନ୍ସି)

ଜର୍ମାନୀ ଏବଂ ଆମେରିକା ପରେ ଜାତିସଂଘ ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପ୍ରସଙ୍ଗରେ




ମନ୍ତବ୍ୟ ଦିଆଯାଇଛି। ୟୁଏନ ମହାସଚିବ ଆଣ୍ଟୋନିଓ ଗୁତରେସଙ୍କ ପ୍ରବକ୍ତା ଷ୍ଟିଫେନ ଦୁଜାରିକ କହିଛନ୍ତି ଯେ ଭାରତରେ ସମସ୍ତଙ୍କ ଅଧିକାରର ସୁରକ୍ଷା ହେବ ବୋଲି ଆଶା କରୁଛୁ। ଏବେ ଭାରତରେ ନିର୍ବାଚନର ସମୟ। ଏଭଳି ସ୍ଥିତିରେ ସମସ୍ତ ନାଗରିକଙ୍କୁ ନିରପେକ୍ଷ ଭାବେ ଭୋଟ ଦେବାକୁ ସୁଯୋଗ ମିଳିବା ଉଚିତ। ଏକ ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲଙ୍କ ଗିରଫ ଉପରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତର ଦେଇ ଦୁଜାରିକ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ପ୍ରସଙ୍ଗରେ ଜର୍ମାନୀ ଏବଂ ଆମେରିକା ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ ଉପରେ ଭାରତ ପ୍ରଶ୍ନ ଉଠାଇ ଥିବାବେଳେ ୟୁଏନ୍ ପକ୍ଷରୁ ଏହି ମନ୍ତବ୍ୟ ଆସିଛି। ଏହା ପୂର୍ବରୁ ଗୁରୁବାର ସନ୍ଧ୍ୟାରେ ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଥିଲେ ଯେ ଭାରତ ନିଜ ଦେଶର ନ୍ୟାୟିକ ବ୍ୟବସ୍ଥାରେ କାହାର ଦଖଲକୁ କେବେ ବି ବରଦାସ୍ତ କରିବନି। ନିଜର ଆଇନ ବ୍ୟବସ୍ଥାକୁ ନେଇ ଆମେ ଗର୍ବୀତ। ସହଯୋଗୀ ଦେଶ ଭାରତର ଆଇନ ପ୍ରକ୍ରିୟାକୁ ସମ୍ମାନ ଦେବା ଉଚିତ।

କେଜ୍ରିୱାଲଙ୍କ ସମର୍ଥନରେ ପ୍ରତିବାଦକୁ ଇସିଙ୍କ ଅନୁମତି

# ୩୧ରେ ଇଣ୍ଡିଆ ମେଣ୍ଟର ମହାରାଲି

ନୂଆଦିଲ୍ଲୀ, ୨୯ ।୩ (ଏଜେନ୍ସି)



- 'କେଜ୍ରିୱାଲଙ୍କୁ ଆଶୀର୍ବାଦ' ପ୍ରଚାର ଆରମ୍ଭ
- ସମ୍ବୋଧନ କରିବେ ସୋରେନଙ୍କ ପତ୍ନୀ

ଆସନ୍ତା ୩୧ ତାରିଖରେ କେଜ୍ରିୱାଲଙ୍କ ସମର୍ଥନ ଏବଂ ତାଙ୍କ ଗିରଫ ପ୍ରତିବାଦରେ ଦିଲ୍ଲୀର ରାମଲୀଳା ମଇଦାନରେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନର ଆୟୋଜନ କରାଯାଉଛି। ଏହି ର୍‍ୟାଲିକୁ ନିର୍ବାଚନ କମିଶନ (ଇସିଆଇ) ଓ ଦିଲ୍ଲୀ ପୁଲିସ୍ ଅନୁମତି ଦେଇଛି। ପୂର୍ବାହ୍ନ ୯ଟା ୩୦ ମିନିଟରୁ ଅପରାହ୍ନ ୨ଟା ଯାଏ ର୍‍ୟାଲିକୁ ଅନୁମତି ଦିଆଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ର୍‍ୟାଲୀରେ ଇଣ୍ଡିଆ ମେଣ୍ଟର ପ୍ରାୟ ସମସ୍ତ ଅଂଶୀଦାର ଦଳର ନେତା ସାମିଲ ହେବେ। ଏଥିରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ, ଶାରଦ ପାୱାର, ଉଦ୍ଧବ ଠାକରେ, ଅଖିଳେଶ ଯାଦବ, ଫାରୁକ ଅବଦୁଲ୍ଲା, ସୀତାରାମ ୟେଚୁରୀ, ଡି ରାଜା, ଭଗୱନ୍ତ ମାନ, ଚମ୍ପାଇ ସୋରେନ୍, ତେଜସ୍ୱୀ ଯାଦବ, ଡେରିକ୍ ଓ ବ୍ରାଇନ୍, ଦୀପଙ୍କର ଭଟ୍ଟାଚାର୍ଯ୍ୟ, ତ୍ରିଚି ଶିବା, କଳ୍ପନା ସୋରେନ ଓ ଜି ଦେବରାଜନ ପ୍ରମୁଖ ଯୋଗ ଦେଉଛନ୍ତି। ଆଶା କରାଯାଉଛି ଯେ ଏହି ପ୍ରତିବାଦ ପ୍ରଦର୍ଶନ ର୍‍ୟାଲୀରେ ଆମ୍ ଆଦମୀ ପାର୍ଟି(ଆପ୍) ନେତା ସୌରଭ ଭରଦ୍ୱାଜ, ଆତିଶୀ, ଗୋପାଲ ରାୟ ଓ ଅରବିନ୍ଦ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ ମଧ୍ୟ ଯୋଗଦେବେ। ଏହି ରାଲିକୁ କଳ୍ପନା ସୋରେନ ଏବଂ ସୁନିତା କେଜ୍ରିୱାଲ ସମ୍ବୋଧନ କରିପାରନ୍ତି।

ଏହା ମଧ୍ୟରେ ଆପ୍ ପକ୍ଷରୁ 'କେଜ୍ରିୱାଲଙ୍କୁ ଆଶୀର୍ବାଦ' ଅଭିଯାନ ଆରମ୍ଭ କରାଯାଇଛି। ଏଥିପାଇଁ କେଜ୍ରିୱାଲଙ୍କ ପତ୍ନୀ ଏକ ହ୍ୱାଟ୍‌ସଆପ୍ ନଂ ଜାରି କରିଛନ୍ତି। ଏହି ନମ୍ବରକୁ ବାର୍ତ୍ତା ପଠାଇ ଅରବିନ୍ଦଙ୍କୁ ଆଶୀର୍ବାଦ ଦେଇପାରିବେ ବୋଲି କହିଛନ୍ତି। ଏପରି ସମୟରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରି ଇଡି ହେପାଜତରେ ଥିବା କେଜ୍ରିୱାଲଙ୍କୁ ନିଶାଣ କରିଛନ୍ତି। କେଜ୍ରିୱାଲ ଦିନ ଗଣୁଛନ୍ତି ଏବଂ ତାଙ୍କ ପତ୍ନୀ ମୁଖ୍ୟମନ୍ତ୍ରୀ ହେବାକୁ ସ୍ୱପ୍ନ ଦେଖୁଥିବା କହିଛନ୍ତି। ରାଜସ୍ୱ ସେବାରେ ଥିବା ସମୟରେ କେଜ୍ରିୱାଲଙ୍କ ସହ ନ ଥିଲେ। ଆପ୍ ମୁଖ୍ୟ ସମସ୍ତଙ୍କୁ ଅଣଦେଖା କରିସାରିଛନ୍ତି। ଏବେ ମାଡାମ ପ୍ରସ୍ତୁତି କରୁଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ମନ୍ତ୍ରୀ ଆତିଶୀ ମର୍ଲେନା ଅଭିଯୋଗ କରିଛନ୍ତି ଯେ ବିଜେପିର ରାଜନୈତିକ ଅସ୍ତ୍ର ଭଳି ଇଡି କାମ କରୁଛି। କେଜ୍ରିୱାଲଙ୍କ ଫୋନ୍ ପର୍ଯ୍ୟନ୍ତ ପହଞ୍ଚି ଲୋକସଭା ରଣନୀତି ବିଷୟରେ ଜାଣିବାକୁ ଚାହୁଁଛି। ତାଙ୍କ ଫୋନ୍ ପାସୱାର୍ଡ ଇଡି ନୁହେଁ, ବିଜେପି ଚାହୁଁଛି।



ଆମର ପରିବେଶ ସନ୍ତୁଳନ ରଣନୀତି ଓ ପ୍ରଯୁକ୍ତିବିଦ୍ୟାର ବିକାଶ- ଏ ଦୁଇଟିର ସମନ୍ୱୟରେ ହିଁ ଖାଦ୍ୟ ନିରାପତ୍ତାର ଭବିଷ୍ୟତ ନିର୍ଭର କରେ।
-ଏମ୍‌ଏସ୍ ସ୍ୱାମୀନାଥନ୍


ସକାଳ
THE SAKALA


# ବିକଶିତ ରାଷ୍ଟ୍ରଙ୍କ କ୍ରମବର୍ଦ୍ଧିଷ୍ଣୁ ଅଳିଆ ବୋଝ

ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ବିଶ୍ୱର ବିକଶିତ ଓ ଉନ୍ନତ ରାଷ୍ଟ୍ରମାନେ ସେମାନଙ୍କ ଯାବତୀୟ ଅଳିଆ ବା ବର୍ଜ୍ୟବସ୍ତୁକୁ ପୃଥିବୀର ଅଧିକାଂଶ ଅନଗ୍ରସର ଓ ଅନ୍ନୋନ୍ନତ ରାଷ୍ଟ୍ରଙ୍କୁ ଚାଲାଣ କରି ତାହାକୁ ସେଠାରେ ଗଦା କରୁଛନ୍ତି। ଏହାକୁ ଅଳିଆ ଗଦା କରିବା ପ୍ରକ୍ରିୟା ବା 'ୱେଷ୍ଟ ଡମ୍ପ' କୁହାଯାଏ। ଆଶ୍ଚର୍ଯ୍ୟର ବିଷୟ ହେଲା ଭାରତ ନିଜକୁ ଏକ ଦ୍ରୁତ ବିକାଶଶୀଳ ଦେଶ ବୋଲି ଦାବି କରୁଥିବା ବେଳେ ବିଦେଶରୁ କୋଟି କୋଟି ଟନ୍ ଓଜନର ବର୍ଜ୍ୟବସ୍ତୁ ଭାରତକୁ ଆସୁଛି ଏବଂ ଏହା ଏକ ବ୍ୟବସାୟରେ ପରିଣତ ହୋଇଛି।

ଏହା ଆଶ୍ଚର୍ଯ୍ୟ ହେଲେ ମଧ୍ୟ ସତ୍ୟ; କାରଣ ଏହା ପଛରେ 'ସର୍କୁଲାର ଇକନମି' ବା 'ପୁନଃପ୍ରକ୍ରିୟାକୃତ ଅର୍ଥନୀତି' କାର୍ଯ୍ୟ କରୁଛି। ଏଥିରେ ଅନେକ ଲୋକ ନିଯୁକ୍ତି ପାଉଛନ୍ତି ଏବଂ ଏକ ଅର୍ଥନୀତି ଗଢ଼ି ଉଠୁଛି। ଏହାସତ୍ତ୍ୱେ ଏହି ପ୍ରକ୍ରିୟାରେ ବର୍ଜ୍ୟବସ୍ତୁର କିଛି ସମାଗ୍ରୀ ପୁନର୍ବାର ତିଆରି ହେବା ସତ୍ତ୍ୱେ ଆହୁରି ବଳକା ରହିଯାଉଥିବା ବର୍ଜ୍ୟବସ୍ତୁର ନିରାପଦ ପରିଚାଳନା ବ୍ୟବସ୍ଥା ନାହିଁ। ସର୍କୁଲାର ଅର୍ଥନୀତି ସହିତ ପ୍ରଦୂଷଣ ଜଡ଼ିତ। ଉଦାହରଣ ସ୍ୱରୂପ ଗୁଜରାଟର ସମୁଦ୍ର ତଟବର୍ତ୍ତୀ ସହର ଅଲଙ୍ଗରେ ଏକ ପ୍ରକାଣ୍ଡ ଜାହାଜ ଭଙ୍ଗା କାରଖାନା ରହିଛି। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପୁରୁଣା ଓ ଅବ୍ୟବହୃତ ଜାହାଜସବୁ ଏଠାକୁ ଆସି ଭଙ୍ଗାଯାଇ ତାହାର ଲୁହା ଏବଂ ଅନ୍ୟାନ୍ୟ ଧାତବ, ଅଧାତବ ସାମଗ୍ରୀକୁ ବିଭିନ୍ନ କାମରେ ବ୍ୟବହାର କରାଯାଉଛି। ଏପରିକି ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜ ପୁରୁଣା ହେଲେ ତାହାକୁ ମଧ୍ୟ ଏଠାରେ ଭାଙ୍ଗିବାର ବ୍ୟବସ୍ଥା ଅଛି। ଏହି ପ୍ରକ୍ରିୟାରେ ଯେଉଁ ପ୍ରଦୂଷଣ ଓ ବିଷାକ୍ତ ପ୍ରକ୍ରିୟା ସୃଷ୍ଟି ହେଉଛି, ତାହାକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

୨୦୨୨ ବର୍ଷର ଏକ ରିପୋର୍ଟ ଏବେ ପ୍ରକାଶ ପାଇଛି, ଯେଉଁଥିରେ ଉଲ୍ଲେଖ ଅଛି ଯେ ସେ ବର୍ଷ ୟୁରୋପୀୟ ସଂଘ (ଇୟୁ) ର ରାଷ୍ଟ୍ରମାନେ ସାମୂହିକ ଭାବେ ୩୨.୧ ନିୟୁତ ଟନ୍ ବର୍ଜ୍ୟବସ୍ତୁ ବିଭିନ୍ନ ଦେଶକୁ ରପ୍ତାନି କରିଥିଲେ। ସେଥିମଧ୍ୟରୁ ସବୁଠୁ ବଡ଼ ଭାଗ ୧୨.୪ ପ୍ରତିଶତ ତୁର୍କୀ ଓ ଦ୍ୱିତୀୟ ସର୍ବାଧିକ ଭାଗ ୩.୫ ପ୍ରତିଶତ ଭାରତକୁ ଆସିଥିଲା। ଆମ ପଡ଼ୋଶୀ ପାକିସ୍ତାନକୁ ଯାଇଥିଲା ମାତ୍ର ୧.୨ ଶତାଂଶ। ୟୁରୋପୀୟ ସଂଘ ଏକ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରଙ୍କ ସମଷ୍ଟି। 'ୟୁରୋକାଷ୍ଟ'ର ରିପୋର୍ଟ ଅନୁସାରେ ୟୁରୋପୀୟ ସଂଘର ଏହି ବର୍ଜ୍ୟ ରପ୍ତାନିରେ ମୁଖ୍ୟତଃ ରହିଛି ଲୌହ ଜାତୀୟ ଧାତବ ଯଥା ଲୁହା, ଇସ୍ପାତ, କାଗଜ ଓ କାଗଜ ପ୍ରସ୍ତୁତ ସାମଗ୍ରୀ। ସେଥିରୁ ଭାରତକୁ ୫୫ ଶତାଂଶ ଲୁହା ଓ ଇସ୍ପାତ ଜାତୀୟ ବର୍ଜ୍ୟ ଏବଂ ୩୦ ଶତାଂଶ କାଗଜ ବର୍ଜ୍ୟ ରହିଛି। ସର୍କୁଲାର ଅର୍ଥନୀତିରେ ବର୍ଜ୍ୟବସ୍ତୁର ମୂଲ୍ୟବାନ ସାମଗ୍ରୀ ପୁନର୍ବାର ତିଆରି କରିବା ପାଇଁ ପ୍ରଚୁର ସ୍ୱଚ୍ଛଜଳ, ଅମ୍ଳଜାନ ଓ ବିଜୁଳି ଦରକାର ପଡ଼େ। ଏହାସହିତ ଅନ୍ୟାନ୍ୟ ମୂଲ୍ୟବାନ ଧାତବ ଏବଂ ଅନ୍ୟାନ୍ୟ ଉପକରଣ ମିଶାଯାଏ। ସମଗ୍ର ପ୍ରକ୍ରିୟାଟି ଅତ୍ୟନ୍ତ ପ୍ରଦୂଷଣଯୁକ୍ତ। ପୁନଃ ବିନିଯୋଗ ପରେ ମଧ୍ୟ କିଛି ଅବଶେଷ ବା ବର୍ଜ୍ୟ ରହେ, ଯାହାର ଉପଯୁକ୍ତ ପରିଚାଳନା ନ ହେବାରୁ ତାହା ପରିବେଶ ପାଇଁ ଏକ ଆହ୍ୱାନ ସୃଷ୍ଟି କରେ।

ସବୁ ବିକଶିତ ଓ ବିକାଶଶୀଳ ଦେଶ କିଛି କିଛି ବର୍ଜ୍ୟ ସାମଗ୍ରୀ ନିଜର ଆବଶ୍ୟକତା ପାଇଁ ଆମଦାନି କରିଥା'ନ୍ତି। ଏପରିକି ଆମେରିକା, ବ୍ରିଟେନ୍, ସୁଇଜରଲ୍ୟାଣ୍ଡ ଓ ନରୱେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ତେବେ ତୁର୍କୀ ଓ ଭାରତ ଯେଉଁ ପରିମାଣରେ ଏହାକୁ ଆମଦାନୀ କରୁଛନ୍ତି, ତାହା ପରିବେଶବିତ୍‌ଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯେଉଁ ଦେଶରେ ଲୁହାପଥର ଅଭାବ ରହିଛି, ସେ ସବୁ ଦେଶ ବିଦେଶରୁ ତାହା ଆମଦାନୀ କରିବା ପରିବର୍ତ୍ତେ ସ୍କ୍ରାପ ବା ଖଣ୍ଡ ଏବଂ ପରିତ୍ୟକ୍ତ ଲୁହା ଲକଡ଼ ଆମଦାନୀ କରି ତାହାକୁ ଶସ୍ତାରେ ପୁନଃବ୍ୟବହାର ଉପଯୋଗୀ କରନ୍ତି। କାଗଜ ମଧ୍ୟ ସେହିଭଳି। ତେବେ ପ୍ଲାଷ୍ଟିକ୍, ପ୍ରାଣିଜ ଅବଶେଷ, ପାଉଁଶ, ଅଙ୍ଗାର, ସ୍ଲାପ୍ ଅଳିଆ (ଉଭୟ କଠିନ ଓ ତରଳ) ଆଦି ଆମଦାନୀ କରିବା ସର୍କୁଲାର ଅର୍ଥନୀତି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ସ୍ପର୍ଶକାତର। ଇସ୍ପାତ କାରଖାନାରୁ ବାହାରୁଥିବା ସ୍ଲାଗ୍ ବା ଲୌହମଳ ମିଶା ମାଟି ପଥର ସିମେଣ୍ଟ ତିଆରିରେ ବ୍ୟବହୃତ ହୁଏ। ତେବେ ଭାରତର ସବୁ ପୁରୁଣା ଇସ୍ପାତ କାରଖାନା ଆଖପାଖରେ ସ୍ଲାଗ୍ ଗଦା ହୋଇ ଯେଉଁ କୃତ୍ରିମ ପାହାଡ଼ ସବୁ ସୃଷ୍ଟି ହୋଇଛି, ତାହା ଏବେ ଚିନ୍ତାର କାରଣ ପାଲଟିଛି। ରାଜଧାନୀ ଦିଲ୍ଲୀ ସମେତ ଦେଶର ପ୍ରମୁଖ ନଗରୀ ଓ ମହାନଗରୀ ଉପକଣ୍ଠରେ ସହରୀ ଆବର୍ଜନା / ଅଳିଆ କୃତ୍ରିମ ପାହାଡ଼ ଆମ ପାଇଁ ଏବେ ଏକ ବଡ଼ ଆହ୍ୱାନ। ଏଭଳି ସ୍ଥଳେ ଭାରତ ବିଦେଶରୁ ଯେଉଁ ଆବର୍ଜନା ଓ ବର୍ଜ୍ୟ ସାମଗ୍ରୀ ଆମଦାନୀ କରୁଛି, ସେ ନୀତିର ସମୀକ୍ଷା ଆବଶ୍ୟକ। ପରିବେଶ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଜରୁରୀ।

କିଛିଦିନ ତଳେ ଆମ ଭୁବନେଶ୍ୱରର ସହରି ବର୍ଜ୍ୟ ନଗର ଉପକଣ୍ଠ ଦାରୁଠେଙ୍ଗରେ ଗଦା କରାଯିବା ଫଳରେ ଗୁରୁତର ପରିବେଶ ଓ ଜନବିରୋଧ ସମସ୍ୟା ଦେଖା ଦେଇଥିଲା। ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଭୁବନେଶ୍ୱର ମହାନଗର ନିଗମ ପ୍ରଥମ କରି ସହର ଆବର୍ଜନାର ପୁନଃ ପ୍ରକ୍ରିୟାକରଣ କାମ ଆରମ୍ଭ କରି ଏଥିରୁ ଖତସାର ଉତ୍ପାଦନ କରିବାକୁ ପ୍ଲାଣ୍ଟ ବସାଇ ସେଥିରେ ସଫଳ ହୋଇଛି। ଏବେ ଆବର୍ଜନା ବା ୱେଷ୍ଟକୁ ସୁନା ସହିତ ତୁଳନା କରାଯାଉଛି ଏବଂ 'ୱେଷ୍ଟ ଟୁ ୱେଲ୍‌ଥ'ର ସ୍ଲୋଗାନ ଦିଆଯାଇ ସର୍କୁଲାର ଅର୍ଥନୀତିକୁ ପ୍ରୋତ୍ସାହିତ କରାଯାଉଛି। ତେବେ ଭାରତର ସମସ୍ୟା ହେଲା ଦେଶ ଭିତରେ ଯେତେ ଆବର୍ଜନା ସୃଷ୍ଟି ହେଉଛି ତାହାର ସୁପରିଚାଳନା କରି ଏହାକୁ ସମ୍ପଦରେ ପରିଣତ କରିବା। ଏଥିରେ ରହିଛି ମଣିଷ ଓ ପଶୁପକ୍ଷୀଙ୍କ ମଳ, ସହରର ଆବର୍ଜନା, ଶିଳ୍ପ ଆବର୍ଜନା। ସେ ପ୍ରକ୍ରିୟା ଅବଶ୍ୟ ସରକାର ଆରମ୍ଭ କରିଛନ୍ତି। ତେବେ ନିଜ ଆବର୍ଜନାର ଉପଯୁକ୍ତ ପରିଚାଳନା ଆଗ କରି ବିଦେଶୀ ବର୍ଜ୍ୟକୁ ନିରୁତ୍ସାହିତ କରିବା ବୁଦ୍ଧିମାନର କାର୍ଯ୍ୟ ହେବ। ସରକାର ଏଥିପ୍ରତି ସଚେତନ ଥିବେ ବୋଲି ଆଶା।

# ସର୍ବନିମ୍ନ ସହାୟକ ମୂଲ୍ୟ ଆଇନର ଆବଶ୍ୟକତା




ନଳିନୀକାନ୍ତ ଧର
ରାଉରକେଲା, ମୋ: ୯୪୩୭୩୪୪୬୫୪


ବିଗତ ଦିନରେ ଭାରତବର୍ଷରେ ଚାଷୀମାନଙ୍କ ଦ୍ୱାରା ସେମାନଙ୍କ ଉତ୍ପାଦିତ ସମସ୍ତ ଫସଲର ଆଇନଗତ ସ୍ୱୀକୃତି ପାଇଁ ଅନେକ ବଡ଼ ଆନ୍ଦୋଳନ ହୋଇଛି ଓ ବର୍ତ୍ତମାନ ମଧ୍ୟ ଏହାର ପୁନରାବୃତ୍ତି ଘଟିଛି। ଭାରତ ଯଦିଓ ବର୍ତ୍ତମାନ କେବଳ ଏକ କୃଷିପ୍ରଧାନ ଦେଶ ନୁହେଁ, ତଥାପି ହାରାହାରି ୫୫ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ତେଣୁ କୃଷି ଓ କୃଷକ ସବୁବେଳେ ଅଧିକ ଗୁରୁତ୍ୱ ବହନ କରୁଥିବା ସହ ସରକାରଙ୍କ ପାଇଁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ହୋଇ ରହୁଛି। କେନ୍ଦ୍ର ସରକାର ୨୩ଟି କୃଷିଜାତ ଶସ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଧାର୍ଯ୍ୟ କରୁଥିଲେ ମଧ୍ୟ ଉଣାଅଧିକେ ଧାନ ଓ ଗହମ କ୍ଷେତ୍ରରେ ହିଁ ଏହା ସଫଳ ହୋଇଛି ଓ ଅନ୍ୟ ଉତ୍ପାଦିତ ଫସଲ ଖୁବ୍‌କମ୍ ମାତ୍ରାରେ ନିୟମିତ ଭାବରେ ସରକାର କିଣୁଥିବାରୁ ଏହା ସଫଳ ହୋଇପାରୁନାହିଁ।

**ବର୍ତ୍ତମାନର ସ୍ଥିତି:** ସରକାର ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣରେ କେବଳ ଧାନ ଓ ଗହମ କୃଷକଙ୍କଠାରୁ ଏମ୍‌ଏସ୍‌ପି ଦରରେ କିଣୁଛନ୍ତି ଏବଂ ଖାଦ୍ୟ ନିରାପତ୍ତା ଆଇନ ଲାଗୁ କରିଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍) ମାଧ୍ୟମରେ ସୁଲଭ ମୂଲ୍ୟରେ ଉପଭୋକ୍ତାଙ୍କୁ ଯୋଗାଇ ଦେଉଛନ୍ତି। ଏହା କୃଷକ ଓ ଉପଭୋକ୍ତା ଉଭୟଙ୍କ ପାଇଁ ଯଥାକ୍ରମେ ଆୟ ଓ ସ୍ୱଳ୍ପ ବ୍ୟୟର ସୁରକ୍ଷା ଯୋଗାଇଥାଏ। କିନ୍ତୁ ଚାଷୀମାନେ ସମସ୍ତ ୨୩ଟି ଫସଲକୁ ଏମ୍‌ଏସ୍‌ପି ଦରରେ କ୍ରୟ କରିବା ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଛନ୍ତି। କୃଷିକ୍ଷେତ୍ର ଓ କୃଷକଙ୍କୁ ସରକାର ବର୍ତ୍ତମାନ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବିଭିନ୍ନ ରିହାତି ଦେଇଆସୁଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷର କେନ୍ଦ୍ରୀୟ ବଜେଟ୍‌ରେ କେବଳ ଖାଦ୍ୟ ସୁରକ୍ଷା ବାବଦରେ ୨ ଲକ୍ଷ ୫ ହଜାର କୋଟି ଟଙ୍କା, ରସାୟନିକ ସାର ବାବଦରେ ୧ଲକ୍ଷ ୭୫ ହଜାର କୋଟି ଟଙ୍କା, କୃଷି କ୍ଷେତ୍ରରେ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନା ବାବଦକୁ ୧ଲକ୍ଷ ୨୫ ହଜାର କୋଟି ଟଙ୍କା, ପିଏମ କିଷାନ ବାବଦରେ ପ୍ରତି କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କା ହିସାବରେ ବାର୍ଷିକ ୬୦ହଜାର କୋଟି ଟଙ୍କା, ଫସଲ ବୀମା ଯୋଜନାରେ ୧୩୬୨୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ବାର୍ଷିକ ୧୦୦ ଦିନ ନିଶ୍ଚିତ ଗ୍ରାମୀଣ କର୍ମଯୋଗାଣ ପାଇଁ ବାର୍ଷିକ ୬୦,୦୦୦କୋଟି ଟଙ୍କା ଦ୍ୱାରା ଅନେକ ଗ୍ରାମୀଣ କୃଷକ ଉପକୃତ ହୋଇଥା'ନ୍ତି। ଏହାବ୍ୟତୀତ ରାଜ୍ୟ ସରକାରମାନେ ମଧ୍ୟ ବିଭିନ୍ନ ରିହାତି ଯୋଗାଇ ଦେଇଥା'ନ୍ତି। ଯଥା ପଞ୍ଜାବ ସରକାର ମାଗଣ ବିଦ୍ୟୁତ ଓ ଜଳ, ଛତିଶଗଡ଼ ସରକାର ଧାନ ଉପରେ ଅଧିକ ବୋନସ୍, ଓଡ଼ିଶା ସରକାର 'କାଳିଆ' ଯୋଜନାରେ ବାର୍ଷିକ ୧୦୦୦୦ଟଙ୍କା ପ୍ରଦାନ କରିଥା'ନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ୬୦ ଦଶକରେ ଯେତେବେଳେ ଭାରତରେ ଉତ୍କଟ ଖାଦ୍ୟ ସମସ୍ୟା ଦେଖାଦେଇଥିଲା ଓ ଆମେରିକାରୁ ଖାଦ୍ୟଶସ୍ୟ ଆମଦାନୀ କରିବାକୁ ପଡୁଥିଲା, ସେତେବେଳେ କୃଷି କ୍ଷେତ୍ରରେ ଉତ୍ପାଦିକତାକୁ ବୃଦ୍ଧି କରିବା ପାଇଁ ସରକାର ପ୍ରଥମେ ଏମ୍‌ଏସ୍‌ପି ଲାଗୁ କରିଥିଲେ। କିନ୍ତୁ ପର୍ଯ୍ୟାୟକ୍ରମେ ଏହା ସମ୍ବଳ ଆବଣ୍ଟନ ମାଧ୍ୟମରୁ ଆୟ ହସ୍ତାନ୍ତର ମାଧ୍ୟମ ହୋଇଯାଇଛି। ଜାତୀୟ କ୍ଷେତ୍ରରେ ବିଭିନ୍ନ ଶସ୍ୟର ଉତ୍ପାଦନ, ଉତ୍ପାଦକତା, କ୍ରୟ ମୂଲ୍ୟ, ଲାଭ ଇତ୍ୟାଦିରେ ସାମଞ୍ଜସ୍ୟ ନାହିଁ। ଯଥା ପଞ୍ଜାବରେ ଜନସାଧାରଣଙ୍କର ମୁଖ୍ୟତଃ ବ୍ୟବହୃତ ହେଉଥିବା ଶସ୍ୟ ଧାନ ହୋଇ ନ ଥିଲେ ମଧ୍ୟ ଏଠାରେ ଧାନ ଉତ୍ପାଦନ ଉପରେ ପୂର୍ଣ୍ଣମାତ୍ରାରେ ଏମ୍‌ଏସ୍‌ପି ଲାଗୁ ହେଉଥିବାରୁ ସେଠାରେ ଧାନ ବହୁଳ ଭାବରେ ଚାଷ ହେଉଛି। ପଞ୍ଜାବରେ ୭୦ ଦଶକରେ ଧାନ ଅତ୍ୟନ୍ତ ସ୍ୱଳ୍ପ ପରିମାଣରେ ଚାଷ କରାଯାଉଥିଲା। ବର୍ତ୍ତମାନ ଜାତୀୟ ସ୍ତରରେ ଏହା ୧୦.୫ ପ୍ରତିଶତକୁ ବୃଦ୍ଧି ପାଇଛି। କେବଳ ଧାନ ଓ ଗହମ ବେଶୀ ମାତ୍ରାରେ ଚାଷ କରୁଥିବାରୁ ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ ଦ୍ୱାରା ମୃତ୍ତିକାର କ୍ଷୟକ୍ଷତି ହେବା ସହ ଜଳବାୟୁ ଉପରେ କୁପ୍ରଭାବ ପଡୁଛି। ଧାନ ପାଇଁ ଅଧିକ ଜଳର ଆବଶ୍ୟକତା ପଡୁଥିବାରୁ ବହୁମାତ୍ରାରେ ନଳକୂପ ଖନନ ହେବା ଦ୍ୱାରା ଭୂତଳ ଜଳସ୍ତର ମଧ୍ୟ ଖସି ଚାଲିଛି। ଏହାଦ୍ୱାରା ଆଗାମୀ ଦିନରେ ଜଳସଂକଟ ମଧ୍ୟ ଦେଖାଯିବ।

**ଏମ୍‌ଏସ୍‌ପି କ'ଣ:** ଯେତେବେଳେ ଚାହିଦାଠାରୁ ଅଧିକ ପରିମାଣରେ ଉତ୍ପାଦନ ହୁଏ ବଜାରରେ ଏହାର ଦର ହ୍ରାସ ପାଏ ଓ ଅନେକ ସମୟରେ ଦର ଯଦି ବେଶିମାତ୍ରାରେ ହ୍ରାସ ପାଏ, ବିଶେଷକରି କ୍ଷୁଦ୍ର ଚାଷୀ ଏହି କ୍ଷତିକୁ ସହ୍ୟ କରିପାରି ନଥା'ନ୍ତି। ଦେଶରେ କୃଷି ସଙ୍କଟ ଦେଖାଯାଇଥାଏ। ଭାରତରେ ବହୁସଂଖ୍ୟାରେ ଚାଷୀ ଆତ୍ମହତ୍ୟା ମଧ୍ୟ ଏହାର ଏକ ପ୍ରମୁଖ କାରଣ। ଏହି ଅଭାବନୀୟ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ତଥା ଚାଷୀମାନଙ୍କର ଆୟ ବୃଦ୍ଧି କରିବା ପାଇଁ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ସମସ୍ତ ୨୩ ପ୍ରକାର ଶସ୍ୟ ପାଇଁ ନିର୍ଦ୍ଧାରିତ କରିଥା'ନ୍ତି। ହେଲେ ମୁଖ୍ୟତଃ ବଜାରରୁ ଧାନ ଓ ଗହମ ପୂର୍ଣ୍ଣମାତ୍ରାରେ କିଣିଥା'ନ୍ତି। ବର୍ତ୍ତମାନ ସରକାର ଏମ୍‌ଏସ୍‌ପିରେ ଚାଷୀ କରିଥିବା ସମସ୍ତ ଖର୍ଚ୍ଚ ଓ ଚାଷୀ ତଥା ଏହାର ପରିବାର ଦେଇଥିବା ଶ୍ରମର ମୂଲ୍ୟ ଉପରେ ୫୦ ପ୍ରତିଶତ ଅଧିକ ଲାଭ ଦେଉଛନ୍ତି। କିନ୍ତୁ ଦାବି ହେଉଛି ବିଶିଷ୍ଟ କୃଷି ବୈଜ୍ଞାନିକ ଭାରତରତ୍ନ ସ୍ୱର୍ଗତ ସ୍ୱାମୀନାଥନଙ୍କ ସୂତ୍ର ଲାଗୁ କରିବା ପାଇଁ, ଯାହାକି ଉପରୋକ୍ତ ଖର୍ଚ୍ଚ ସହ ପୂର୍ଣ୍ଣ ଭାବରେ ବିନିଯୋଗ ପୁଞ୍ଜି ଉପରେ ସୁଧ ଓ ଚାଷ ଜମି ଉପରେ ନିର୍ଦ୍ଦିଷ୍ଟ ଭତ୍ତା ମଧ୍ୟ ଯୋଡ଼ା ଯିବ ଓ ଏହା ଉପରେ ୫୦ ପ୍ରତିଶତ ଲାଭ ଦିଆଯିବ। ଏହା ଲାଗୁ ହେଲେ ବର୍ତ୍ତମାନ ଧାର୍ଯ୍ୟ ହେଉଥିବା ଏମ୍‌ଏସ୍‌ପି ଆହୁରି ୩୧ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଯିବ, ଯାହାକୁ ସରକାର ବର୍ତ୍ତମାନ ଗ୍ରହଣ କରୁନାହାନ୍ତି।

**ଏମ୍‌ଏସ୍‌ପିକୁ ଆଇନଗତ କରିବାର ପ୍ରତିବନ୍ଧକ:** ପ୍ରଥମତଃ ଏହା ବ୍ୟୟବହୁଳ ଓ ଆମର ବିତ୍ତୀୟ ବ୍ୟବସ୍ଥା ଉପରେ ବହୁମାତ୍ରାରେ ପ୍ରତିକୂଳ ପ୍ରଭାବ ପକାଇବ। ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥାରେ ସବୁ ଶସ୍ୟରେ ପୂର୍ଣ୍ଣମାତ୍ରାରେ ଏମ୍‌ଏସ୍‌ପି ଲାଗୁ କଲେ ଏହା ୫ ଲକ୍ଷ କୋଟି ଟଙ୍କାରୁ ମଧ୍ୟ ଊର୍ଦ୍ଧ୍ୱ ପରିମାଣର ବ୍ୟୟ ଭାର ସରକାରଙ୍କ ଉପରେ ପଡ଼ିବ। ସ୍ୱାମୀନାଥନ କମିଟି ରିପୋର୍ଟର ସୂତ୍ରକୁ କାର୍ଯ୍ୟକାରୀ କଲେ ଏହା ଆଉ ୩୧ ପ୍ରତିଶତ ବଢ଼ିଯିବ। ଏକଥା ମଧ୍ୟ ନିଶ୍ଚିତ ଯେ ଚାହିଦା ଓ ଯୋଗାଣ ମଧ୍ୟରେ ସମନ୍ୱୟ ରହିବ ନାହିଁ ଓ ଅଳ୍ପ ସମୟ ମଧ୍ୟରେ ପ୍ରଚୁର ଖାଦ୍ୟ ଶସ୍ୟ ମହଜୁଦ ହେବ, ଯାହାକୁ ସୁଚାରୁ ରୂପେ ପରିଚାଳନା ଓ ବଣ୍ଟନରେ ମଧ୍ୟ ଅନେକ ବାଧା ସୃଷ୍ଟି ହେବ। ଜାତୀୟସ୍ତରରେ ଗୋଟିଏ ନିର୍ଦ୍ଦିଷ୍ଟ ଏମ୍‌ଏସ୍‌ପି ମଧ୍ୟ ସବୁ ରାଜ୍ୟର ଚାଷୀକୁ ସହାୟକ ହେବ ନାହିଁ। କାରଣ ରାଜ୍ୟଭିତ୍ତିରେ ଉତ୍ପାଦକତାର ବିଶେଷ ତାରତମ୍ୟ ରହୁଥିବାରୁ ପଞ୍ଜାବର ଚାଷୀ ଧାନରେ ୧୫୦.୩ ପ୍ରତିଶତ ଲାଭ ପାଉଥିବା ବେଳେ ପଶ୍ଚିମବଙ୍ଗ ଚାଷୀ ମାତ୍ର ୩.୪ ପ୍ରତିଶତ ପାଇଥା'ନ୍ତି ଓ ଓଡ଼ିଶା କ୍ଷେତ୍ରରେ ଏହା ମାତ୍ର ୨୧.୨ ପ୍ରତିଶତ। ସମସ୍ତ ୨୩ଟି ଶସ୍ୟକୁ ଏମ୍‌ଏସ୍‌ପିର ଆଇନଗତ ସ୍ୱୀକୃତି ଦେଲେ ମଧ୍ୟ ଚାଷୀମାନେ କେବଳ ଧାନ ଓ ଗହମ ଉତ୍ପାଦନ ନ କରି ଆବଶ୍ୟକ ଅନୁଯାୟୀ ଅନ୍ୟାନ୍ୟ ଫସଲ ମଧ୍ୟ ଯେ ଚାଷ କରିବେ ତା'ର କୌଣସି ନିଶ୍ଚିତତା ନାହିଁ। କାରଣ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତି ଧାନ ଓ ଗହମ କ୍ଷେତ୍ରରେ କମ୍, ଯାହାକି କପା, ମୁଗ ଓ ଅନ୍ୟାନ୍ୟ ଅନେକ ଶସ୍ୟରେ ଏହା ବହୁତ ଅଧିକ। ଯେଉଁ ଚାଷୀ ଧାନ, ଗହମ ବଦଳରେ ମସୁର, ବିରି, ହରଡ଼ ଡାଲି, ମକା ଓ କପା ଚାଷ କରିବେ ଏମ୍‌ଏସ୍‌ପି ଦରରେ ଆଗାମୀ ୫ ବର୍ଷ ପାଇଁ ପୂର୍ଣ୍ଣ ମାତ୍ରାରେ କ୍ରୟ କରିବେ ବୋଲି ନିକଟରେ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଲେ। କିନ୍ତୁ ଚାଷୀମାନେ ଏହାକୁ ପ୍ରତ୍ୟାଖ୍ୟାନ କଲେ। ଭାରତ ବିଶ୍ୱବାଣିଜ୍ୟ ସଂଗଠନରେ ସ୍ୱାକ୍ଷର କରିଥିବାରୁ ରିହାତି ଇତ୍ୟାଦି ଦେବାରେ ଅନେକ ପ୍ରତିବନ୍ଧକ ଅଛି। ଅବଶ୍ୟ ଭାରତ ରଖିଥିବା ପୂର୍ବ ସର୍ତ୍ତ ଅନୁଯାୟୀ କୁଟନୈତିକ ସ୍ତରରେ ହୁଏତ ଏହା ସମାଧାନ ହୋଇପାରେ।

**ଦାବି କେତେ ଯଥାର୍ଥ:** ଏକଥା ସତ ଯେ ଭାରତରେ ଯଦିଓ ମୋଟ ଘରୋଇ ଉତ୍ପାଦନରେ କୃଷିର ଯୋଗଦାନ ମାତ୍ର ୧୫ ପ୍ରତିଶତ, ଏବେ ମଧ୍ୟ ୫୫ ପ୍ରତିଶତରୁ ଊର୍ଦ୍ଧ୍ୱ ଜନସାଧାରଣ କୃଷି ଉପରେ ହିଁ ନିର୍ଭର କରିଥା'ନ୍ତି। ପୁଣି ଭାରତରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ଅଧିକ, ଯାହାକି ଅନ୍ୟ ଦେଶରେ ଏତେ ସଂଖ୍ୟାରେ ଦେଖାଯାଇ ନ ଥାଏ। ସରକାରଙ୍କର କୌଣସି ବିଶେଷ ସାମାଜିକ ସୁରକ୍ଷା ମଧ୍ୟ ଯେପରି ବେତନଭୋଗୀ କର୍ମଚାରୀମାନଙ୍କ ପାଇଁ ଥାଏ, ଚାଷୀମାନଙ୍କ ପାଇଁ ତାହା ବର୍ତ୍ତମାନ ନାହିଁ। ଅବଶ୍ୟ କିଛିମାତ୍ରାରେ ସରକାର ଏ ଦିଗରେ ନିକଟରେ କିଛି ପଦକ୍ଷେପ ନେବା ଆରମ୍ଭ କରିଛନ୍ତି। ସରକାରୀ ଓ ସଂଗଠିତ କ୍ଷେତ୍ରରେ କର୍ମଚାରୀମାନେ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଦରମା ବୃଦ୍ଧି, ଦରଦାମ ବୃଦ୍ଧି ଅନୁଯାୟୀ ମହଙ୍ଗାଭତ୍ତା ବୃଦ୍ଧି, ଆଜୀବନ ପେନ୍‌ସନ୍ ତଥା ଅନ୍ୟାନ୍ୟ ଅନେକ ସୁବିଧା ଲାଭ କରିଥା'ନ୍ତି ଓ ଅଣସଂଗଠିତ କ୍ଷେତ୍ରରେ ମଧ୍ୟ ସରକାର ସର୍ବନିମ୍ନ ମଜୁରୀ ପ୍ରଦାନ ଓ ଅନ୍ୟାନ୍ୟ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ଅନେକ ସୁବିଧା ସୁଯୋଗ ଯୋଗାଇଦେଇ ସୁରକ୍ଷା ଦେଇ ଆସୁଛନ୍ତି। ଭାରତରେ କିନ୍ତୁ କୃଷି କ୍ଷେତ୍ରରେ ସମସ୍ୟା ବହୁ ଜଟିଳ। ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ଉତ୍ପାଦିତ ଫସଲର ବଜାରର ସ୍ଥିରତା ରହୁ ନଥିବାରୁ ଚାଷୀ ଅଧିକାଂଶ ସମୟରେ କ୍ଷତିଗ୍ରସ୍ତ ହୋଇଥାଏ। କୌଣସି ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କ ପାଇଁ ସମାନ ସୁବିଧା ସୁଯୋଗ ସୃଷ୍ଟି କରି, ମୌଳିକ ଆବଶ୍ୟକତାକୁ ପୂରଣ କରି ଏକ ବ୍ୟକ୍ତିକୁ ସମ୍ମାନଜନକ ଭାବେ ଜୀବନଧାରଣ କରିବାରେ ସହାୟତା କରିବା ସରକାରଙ୍କର ମଧ୍ୟ ନୈତିକ କର୍ତ୍ତବ୍ୟ।

**ଆଇନଗତ ଏମ୍‌ଏସ୍‌ପି ପାଇଁ ସରକାର କେତେ ସମର୍ଥ:** ଆଲେଖ୍ୟ ପ୍ରଥମ ଭାଗରେ ସରକାର କୃଷି ଓ କୃଷକଙ୍କ ପାଇଁ କେତେ ଖର୍ଚ୍ଚ କରୁଛନ୍ତି ତାହାର ଏକ ପରିସଂଖ୍ୟାନ ଦିଆଯାଇଛି। ଏହାମଧ୍ୟ ସତ୍ୟ ଯେ ଯଦି ସମସ୍ତ ୨୩ଟି ଫସଲକୁ ଏମ୍‌ଏସ୍‌ପିର ଆଇନ ପରିସରଭୁକ୍ତ କରାଯାଏ, ତାହାହେଲେ ବିତ୍ତୀୟ ଭାର ଖୁବ୍ ଅଧିକ ହେବ। ଭାରତ ବର୍ତ୍ତମାନ ପୃଥିବୀରେ ବୃହତ୍ ଅର୍ଥନୈତିକ ରାଷ୍ଟ୍ରମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଅଭିବୃଦ୍ଧି କରୁଥିବା ରାଷ୍ଟ୍ର। ସ୍ୱାଧୀନତା ସମୟରେ କେନ୍ଦ୍ରୀୟ ବଜେଟ୍, ଯାହାକି ୧୦୦କୋଟି ଟଙ୍କାରେ ସୀମିତ ରହିଥିଲା, ତାହା ଚଳିତ ଆର୍ଥିକ ବର୍ଷରେ ହାରାହାରି ୫୦ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଏ। ଭବିଷ୍ୟତରେ ବଜେଟ୍ କଳେବର ଯେତେ ବୃଦ୍ଧି ପାଇବ, ଏମ୍‌ଏସ୍‌ପି କ୍ଷେତ୍ରରେ ରିହାତିର ଅଂଶ ଅନେକାଂଶରେ ହ୍ରାସ ପାଇବ। ଜାତୀୟ ଖୋଲା ବଜାର, ଅନ୍ତର୍ଜାତୀୟ ବଜାରରେ ଏମ୍‌ଏସ୍‌ପି ଓ ବଜାର ଦର ମଧ୍ୟରେ ଯଦି ତାରତମ୍ୟ କମ୍ ରୁହେ ରିହାତି ବୋଝ ମଧ୍ୟ ଅନେକାଂଶରେ ହ୍ରାସ ପାଇବ। କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଯଦି ବିତ୍ତୀୟ ପ୍ରଭାବ ପଡ଼େ ସରକାର ଅନ୍ୟାନ୍ୟ ଅଣଯୋଜନା ଖର୍ଚ୍ଚ କିଛି କାଣ୍ଟଛାଣ୍ଟ କରିପାରନ୍ତି ତଥା ବିଭିନ୍ନ ଉପାୟରେ ରାଜସ୍ୱ ବୃଦ୍ଧି କରିବା ପାଇଁ ଯୋଜନା ମଧ୍ୟ କରିପାରନ୍ତି, ଯାହାକି ଅନେକାଂଶରେ ସମ୍ଭବ। ରାଜ୍ୟମାନେ କୃଷି କ୍ଷେତ୍ରରେ ଅନେକ ସହାୟତା ବର୍ତ୍ତମାନ ମଧ୍ୟ ଦେଉଥିବାରୁ କେନ୍ଦ୍ର ସହ ରାଜ୍ୟମାନେ ମଧ୍ୟ କିଛିମାତ୍ରାରେ ସହଯୋଗ କରି ଏମ୍‌ଏସ୍‌ପି ଆଇନକୁ ସଫଳ କରିପାରନ୍ତି। ବିଶେଷକରି ଯେଉଁ ରାଜ୍ୟରେ ଉତ୍ପାଦନ କମ୍ ସେଠାରେ ରାଜ୍ୟ ସହାୟତା ବିଶେଷ ଭାବରେ ଆବଶ୍ୟକ। କ୍ରୟ, ବିକ୍ରୟ, ରପ୍ତାନୀ, ବଣ୍ଟନ ଇତ୍ୟାଦି ପାଇଁ ସରକାର ଘରୋଇ ସଂସ୍ଥାମାନଙ୍କୁ ସମ୍ପୃକ୍ତ କରିପାରନ୍ତି। ଅବଶ୍ୟ ଏମ୍‌ଏସ୍‌ପିର ଆଇନଗତ ସ୍ୱୀକୃତିକୁ ବର୍ତ୍ତମାନ ପ୍ରଚଳିତ ସୂତ୍ରରେ ପ୍ରବର୍ତ୍ତନ କରାଯାଇପାରେ; ନଚେତ ସ୍ୱାମୀନାଥନ ସୂତ୍ର, ଯାହାକି ମୋଟ ଖର୍ଚ୍ଚ ଉପରେ ୫୦ ପ୍ରତିଶତ ଲାଭ ସହିତ ସୁପାରିସ କରିପାରନ୍ତି, ଏହାକୁ୧୦ରୁ ୧୫ ପ୍ରତିଶତରେ ସୀମିତ କରାଯାଇପାରେ। ସ୍ଥଳବିଶେଷରେ ଚାହିଦା ଓ ଆବଶ୍ୟକତାକୁ ନେଇ ଧାନ ଓ ଗହମ ବ୍ୟତୀତ ଅନ୍ୟ ଶସ୍ୟକୁ କେନ୍ଦ୍ର / ରାଜ୍ୟ ସରକାର ବିଶେଷ ସହାୟତା ମାଧ୍ୟମରେ ପ୍ରୋତ୍ସାହନ ଦେଲେ କୃଷି କ୍ଷେତ୍ରରେ ବିବିଧତା ବୃଦ୍ଧି ପାଇବା ସହିତ ଓ ମୃତ୍ତିକା, ଜଳବାୟୁ ଇତ୍ୟାଦି କ୍ଷେତ୍ରରେ ସନ୍ତୁଳନ ଓ ସଂରକ୍ଷଣ ପାଇଁ ମଧ୍ୟ ଅନୁକୂଳ ହେବ। ଏହାସହ ତୈଳବୀଜ, ଡାଲି ଇତ୍ୟାଦି ଫସଲରେ ଆତ୍ମନିର୍ଭରଶୀଳ ହେବା ପାଇଁ ମଧ୍ୟ ସହାୟକ ହେବ ଓ ଆମଦାନି ହ୍ରାସ ପାଇବ।

ସ୍ୱାଧୀନତା ପୂର୍ବରୁ ଓ ପରେ ମଧ୍ୟ ନିମ୍ନ ଆୟବର୍ଗର ଶ୍ରେଣୀର ଜନସାଧାରଣ ବିଭିନ୍ନ ଭାବରେ ଶୋଷିତ ହୋଇ ଆସୁଛନ୍ତି। ତେଣୁ ଏବେ ମଧ୍ୟ ଅଧିକାଂଶ ଗରିବ ଶ୍ରେଣୀର ଲୋକ ସମାନ ଭାବରେ ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଘରୋଇକରଣ, ଜଗତୀକରଣ, ଉଦାରୀକରଣ ଅର୍ଥନୀତିରେ ଉଚ୍ଚବର୍ଗ ଧନିକ ଶ୍ରେଣୀ ଭଳି ଏହାର ସୁଫଳ ଗରିବ ଶ୍ରେଣୀ ପାଇପାରୁ ନାହାନ୍ତି। ତେଣୁ ସାମଗ୍ରିକ ଭାବରେ ବିଚାର କଲେ କୃଷକମାନଙ୍କୁ ସମସ୍ତ ଉତ୍ପାଦିତ କୃଷିଜାତ ଶସ୍ୟକୁ ଏମ୍‌ଏସ୍‌ପିର ଆଇନଗତ ସ୍ୱୀକୃତି ଦେଇ କୃଷକମାନଙ୍କର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସହାୟକ ହୁଅନ୍ତୁ, ଯାହାକି ସ୍ୱାଧୀନତା ପରେ ସବୁଠାରୁ ଜନକଲ୍ୟାଣକାରୀ ଯୋଜନା ହେବ।

## ଲୋକମତ

### ଧାରାବାହିକରେ ଆମ ସଂସ୍କୃତିର ଛାପ ରହୁ

ସମ୍ପ୍ରତି ଓଡ଼ିଆ ଯାତ୍ରା, ନାଟକ, ଧାରାବାହିକ ଆଦି ବହୁ କ୍ଷେତ୍ରରେ ବିକଶିତ ହୋଇ ଦର୍ଶକମାନଙ୍କର ମନୋରଞ୍ଜନ କରି ଆସୁଛନ୍ତି। କିନ୍ତୁ ଓଡ଼ିଆ ଘରର ପାରମ୍ପରିକ କାହାଣୀ ଦୃଶ୍ୟରେ ରୂପ ନେଲା ବେଳେ ଅଧିକାଂଶ କ୍ଷେତ୍ରରେ ଆଧୁନିକ ଅପସଂସ୍କୃତି ପ୍ରଭାବରେ ପରିବର୍ତ୍ତିତ ହୋଇ ଯାଉଥିବା ପରିଲକ୍ଷିତ ହେଉଛି। ଅପସଂସ୍କୃତି ନିଶ୍ଚିତ ଭାବେ ଉତ୍କଳୀୟ ପାରମ୍ପରିକ ମହାନ୍ ସଂସ୍କୃତିକୁ ବିଲୋପ କରି ଦେଇପାରେ, ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍। ଏମିତି ବି ହୋଇପାରେ, ଦିନ ଆସିବ ଯେତେବେଳେ ଓଡ଼ିଆଙ୍କ ଭାଷା, ସଂସ୍କୃତି, ଆଚରଣ, ଉଚ୍ଚାରଣ, କାର୍ଯ୍ୟକରଣୀ, ଚାଲି ଚଳଣି, ଜୀବନଶୈଳୀରେ ଆଉ ଓଡ଼ିଆତ୍ୱ ଦେଖିବାକୁ ମିଳିବ ନାହିଁ। ଏହି ଧାରା ବଜାୟ ରହିଲେ ଓଡ଼ିଆଙ୍କ ଗୌରବ, ଓଡ଼ିଶୀ ସଂସ୍କୃତିର ମହତ୍ତ୍ୱ ସମ୍ପୂର୍ଣ୍ଣ ଭାବେ ନିଃଶେଷ ହୋଇଯିବା ବିଚିତ୍ର ନୁହେଁ। ଏହି ପରିପ୍ରେକ୍ଷୀରେ ଅଧିକାଂଶ ଓଡ଼ିଆ ଦୃଶ୍ୟକାବ୍ୟ, ଯାତ୍ରା, ନାଟକ, ଚଳଚ୍ଚିତ୍ର ଅଥବା ଦୂରଦର୍ଶନ ଧାରାବାହିକରେ ଦେଖିବାକୁ ମିଳୁଥିବା କେତୋଟି ଛୋଟ ଛୋଟ ଉଦାହରଣ ଉପରେ ନଜର ପକାଇବା। ଯେପରିକି, ସକାଳୁ ବିଛଣାରୁ ଉଠି ମୁହଁ ନଧୋଇ କିମ୍ବା ଦାନ୍ତ ନଘଷି, ଚା' - କଫି ପିଉଥିବା, ଜନ୍ମଦିନରେ କେକ୍ ଉପରେ ଜଳୁଥିବା ମହମବତୀ ଲିଭେଇ ସେଇ କେକ୍‌କୁ କାଟି ବାର୍ଥଡେ ପାର୍ଟି କରିବା, ଘରେ ପରିବାରର ଗୁରୁଜନ ଅର୍ଥାତ୍ ବାପା, ମାଆ, ଦାଦା, ଖୁଡି, ଭାଇ, ଭଉଣୀଙ୍କୁ ଯଥାକ୍ରମେ ଡାଡ୍, ମମ୍, ଅଙ୍କଲ, ଆଣ୍ଟି, ବ୍ରୋ, ଦି ଭଳି ଶବ୍ଦରେ ସମ୍ବୋଧନ କରିବା, କଥା କଥାରେ ଓଡ଼ିଆ ଶବ୍ଦ ବଦଳରେ ଇଂରେଜୀ ଭାଷା ପ୍ରୟୋଗ କରିବା, ଓଡ଼ିଆମାନଙ୍କ ପାରମ୍ପରିକ ପୋଷାକ ପରିବର୍ତ୍ତେ ଆଧୁନିକ ଅରୁଚିସମ୍ପନ୍ନ ପୋଷାକ ପରିଧାନ କରିବା, ବିବାହିତ ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ବିବାହ ଉତ୍ସବ ପାଳନ କରାଯାଉଥିବା ଇତ୍ୟାଦି ଆମ ଓଡ଼ିଆ ସଂସ୍କୃତି ଉପରେ କୁଠାରାଘାତ କରୁ ନାହିଁକି? ଆମ ଓଡ଼ିଆଙ୍କ ଜୀବନଧାରାରେ ଯାତ୍ରା, ନାଟକ, ଚଳଚ୍ଚିତ୍ର ତଥା ଓଡ଼ିଆ ଧାରାବାହିକ ଆଦିର ଯଥେଷ୍ଟ ପ୍ରଭାବ ଥିବାରୁ ଏ ସବୁଥିରେ କାହାଣୀର ବିଷୟବସ୍ତୁ, ସଂଳାପ ଏବଂ ଦୃଶ୍ୟମାନଙ୍କରେ ଆମ ମହାନ୍ ସଂସ୍କୃତିର ଛାପ ରହିବା ନିତାନ୍ତ ଆବଶ୍ୟକ।

ଅବନୀ ଚନ୍ଦ୍ର ଦାସ
ଭୁବନେଶ୍ୱର, ମୋ: ୯୯୩୭୫୩୭୯୭୪

### ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା

ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ଏବଂ ବର୍ଜ୍ୟଜଳ (ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ, ପ୍ରାଣୀ ଚିକିତ୍ସା ପ୍ରତିଷ୍ଠାନ, ପଶୁପାଳନ କେନ୍ଦ୍ର ଇତ୍ୟାଦିରୁ ଉତ୍ପନ୍ନ) ପରିଚାଳନା ଏକ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଏହାର ସଠିକ୍ ପରିଚାଳନା ନ ହେଲେ ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା ସୁବିଧା(ସିବିଡବ୍ଲୁଟିଏଫ୍) ଦ୍ୱାରା ଏହିସବୁ ବର୍ଜ୍ୟବସ୍ତୁକୁ ନିଷ୍କାସନ କରାଯାଇଥାଏ। ସେହିପରି ବର୍ଜ୍ୟଜଳ ବିଶୋଧନାଗାର (ଇଟିପି) ଦ୍ୱାରା ନିର୍ଗତ ଦୂଷିତ ଜଳକୁ ବିଶୋଧନ କରି ପରିବେଶକୁ ଛଡ଼ା ଯାଇଥାଏ। ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ଦୈନିକ ପ୍ରାୟ ୧୫-୧୬ ମେଟ୍ରିକ୍ ଟନ୍ ବାୟୋ-ମେଡିକାଲ୍ ବର୍ଜ୍ୟ ବାହାରିଥାଏ। ଏହାର ପରିଚାଳନା ନିମନ୍ତେ ୧୨ଟି ସିବିଡବ୍ଲୁଟିଏଫ୍ ଏବଂ ୧୬ଟି ଇଟିପି ରହିଛି। ପ୍ରାଥମିକତା ଆଧାରରେ ସମସ୍ତ ଜିଲ୍ଲାରେ ସିବିଡବ୍ଲୁଟିଏଫ୍ ଏବଂ ଇଟିପି ସୁବିଧା ଉପଲବ୍ଧ କରାଯାଇ ଏଗୁଡ଼ିକର କାର୍ଯ୍ୟକ୍ଷମତା ନିୟମିତ ବ୍ୟବଧାନରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦାରଖ କରାଗଲେ ଅନେକ ସୁଫଳ ମିଳିବ।

ନବ୍‌ନିତ୍ ପାଣିଗ୍ରାହୀ
ରାୟଗଡ଼ା, ମୋ: ୯୮୬୧୧୩୮୮୩୬

### ପାହାଡ଼କୁ ସବୁଜ ସୁନ୍ଦର କରିବା ଆମ ଦାୟିତ୍ୱ

ଆମ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପାହାଡ଼ ଉଭୟ ପ୍ରାକୃତିକ ଏବଂ ମାନବକୃତ କାରଣରୁ ସେମାନଙ୍କର ସବୁଜିମା ହରାଇ ଲଣ୍ଡା ପାହାଡ଼ ଭାବେ ବିବେଚିତ ହୋଇ ଆସୁଛନ୍ତି। ଏହାର ସୁଯୋଗ ନେଇ ଅନେକ ଜାଗାରେ ଅନୈତିକ ଉପାୟରେ ଡିନାମାଇଟ ବିସ୍ଫୋରଣ କରାଯାଇ ଉକ୍ତ ପାହାଡ଼ଗୁଡ଼ିକୁ ଚୂରମାର କରି ଦିଆଯାଉଛି, ଯାହାଫଳରେ ସେଗୁଡ଼ିକ କ୍ରମଶଃ ନିଜର ଅସ୍ତିତ୍ୱ ହରେଇ ଦେଉଛନ୍ତି। ଏହା କେବଳ ଆମ ଜୈବ ବିବିଧତା ପାଇଁ ସମସ୍ୟା ସୃଷ୍ଟି କରୁନାହିଁ, ବରଂ ପରିବେଶ ପ୍ରଦୂଷଣରେ ମଧ୍ୟ ସହାୟକ ହେଉଛି। ଲଣ୍ଡା ପାହାଡ଼ଗୁଡ଼ିକ ନଷ୍ଟ ହେବା ଯୋଗୁଁ ଅନେକ ସ୍ଥାନରେ ଏହା ଜଳ ଉତ୍ସ ପାଇଁ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ଏହି ସମସ୍ୟାରୁ ମୁକୁଳିବା ପାଇଁ କେବଳ ସରକାରୀ କଳ ଉପରେ ନିର୍ଭର କଲେ ଚଳିବ ନାହିଁ। ଆଖ ପାଖ ଗାଁର ଲୋକମାନଙ୍କ ଦ୍ୱାରା ସମୂହ ଉଦ୍ୟମ ଆରମ୍ଭ ହେବା ଆବଶ୍ୟକ। ଏ ପ୍ରକାର ସାଧୁ ଉଦ୍ୟମକୁ ସରକାର ମଧ୍ୟ ବିଭିନ୍ନ ଭାବେ ପ୍ରୋତ୍ସାହିତ କରି ଆସୁଛନ୍ତି। ସଚେତନ ନାଗରିକ ହିସାବରେ ଆମେ ଏସବୁ ଯୋଜନା ଓ ପ୍ରକଳ୍ପଗୁଡ଼ିକର ସଫଳ ଉପଯୋଗ କରିବା ସହିତ ସ୍ୱରୂପ ବ୍ୟାପକ ଚାରାରୋପଣ ଏବଂ ଏହାର ରକ୍ଷଣାବେକ୍ଷଣ କରିବା ଦରକାର। ପ୍ରଥମେ ଓଡ଼ିଶାରେ କେତେ ଲଣ୍ଡା ପାହାଡ଼ ଅଛି ଏବଂ ସେଗୁଡ଼ିକର ପ୍ରକାରଭେଦ ସମ୍ପର୍କରେ ସରକାରଙ୍କୁ ସୂଚିତ କରି ଉପଯୁକ୍ତ ପଦକ୍ଷେପ ନେବାରେ ବୁଦ୍ଧିଜୀବୀ ଏବଂ ସଭ୍ୟ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଡ ସୀତାକାନ୍ତ ତ୍ରିପାଠୀ, ଭଦ୍ରକ

### ସମ୍ପାଦକୀୟ ପୃଷ୍ଠାରେ ଉପାଦେୟ ଲେଖା

ଗତ ୧୯ ତାରିଖର ସମ୍ପାଦକୀୟ ପୃଷ୍ଠାରେ ସ୍ଥାନିତ ଡକ୍ଟର ଶାନ୍ତନୁ କୁମାର ରଥଙ୍କ ମାତୃଭାଷା ଓଡ଼ିଆର ସ୍ଥିତି ସମ୍ପର୍କିତ ଆଲୋଚନା ଅତ୍ୟନ୍ତ ଭାବଗର୍ଭକ ଓ ଉପାଦେୟ। ଆମେ ଅନେକ ବିଭାଗରେ ବିଭିନ୍ନ ପ୍ରକାରର ସାହିତ୍ୟ ସୃଷ୍ଟି କରୁଥିଲେ ହେଁ ସାହିତ୍ୟର ଏହି ଦିଗଟିକୁ ଯଥାର୍ଥ ଦୃଷ୍ଟି ଦେବାରେ ଅବହେଳା କରୁଥିବା ଦୃଷ୍ଟିଗୋଚର ହୁଏ। ଏ ଦିଗରେ ଲେଖକ ଆମକୁ ସଚେତନ କରାଇଥିବାରୁ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି। ସମ୍ପାଦନା ମଣ୍ଡଳୀ ମଧ୍ୟ ଧନ୍ୟବାଦାର୍ହ।

ଡକ୍ଟର କମଳା କୃଷ୍ଣ ତ୍ରିପାଠୀ
ଜୟପୁର, ମୋ: ୯୯୩୭୦୧୪୮୬୩


ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଘୋଷଣା
ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ଉତ୍ତର ଘୁମୁସର ବନଖଣ୍ଡରେ ପୁଣି ବାଘ ଆତଙ୍କ

### ବଳଦ ମାରି ଖାଇଲା; ଗ୍ରାମବାସୀ ଭୟଭୀତ

**ଭଞ୍ଜନଗର, ୨୯ ।୩(ସମିସ):** ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ମୁଜାଗଡ଼ ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଏବେ ବାଘ ଆତଙ୍କ ଲାଗି ରହିଛି । ବାଘ କେଉଁଠି ଛେଳି ମାରି ଖାଉଛି ତ କେଉଁଠି ଗାଇ ଖାଉଛି । ବନ ବିଭାଗ ତାର ଟେର ପାଉନି । ଭଞ୍ଜନଗର



ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ମୁଜାଗଡ଼ ରେଞ୍ଜର ବେଡ଼ିଗୋବା ଗ୍ରାମରେ ଗୁରୁବାର ବାଘ ଏକ ବଳଦକୁ ମାରି ଟାଣି ନେଇ ନିକଟ ଜଙ୍ଗଲରେ ଖାଇଥିବା ଜଣାପଡ଼ିଛି । ଗ୍ରାମର କପିଳ କହଁରଙ୍କ ଗାଇ ଓ ବଳଦ ଘର ସାମ୍ନା ଖୁଣ୍ଟରେ ବନ୍ଧା ହୋଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଏକ ବାଘ ଘର ମୁହଁରୁ ବଳଦକୁ ଘୋଷାଡ଼ି ନେଇ ଜଙ୍ଗଲ ନିକଟ ଏକ ଝରଣା କୂଳରେ ତାକୁ ମାରି ଖାଇଥିବା ଜଣାପଡ଼ିଛି । ଗ୍ରାମବାସୀ ଓ ବନ ବିଭାଗ ଖୋଜାଖୋଜି କରିବା ପରେ ବଳଦର ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଛି । ବନବିଭାଗ ମୃତଦେହକୁ ବ୍ୟବଚ୍ଛେଦ କରି ପୋତି ଦେଇଛି । ହେଲେ କପିଳଙ୍କ ଘର ନିକଟରେ ବାଘର ଚଳପ୍ରଚଳ ଦେଖି ଗ୍ରାମବାସୀ ସମ୍ପୂର୍ଣ୍ଣ ଭୟଭୀତ ହୋଇ ସନ୍ଧ୍ୟା ହେଲେ ଘରୁ ବାହାରି ପାରୁନାହାନ୍ତି ।

ସେହିପରି ଗତ ୧୯ ତାରିଖ ବୁଢୁଲିଠାରେ ସନ୍ତୋଷ ଗୌଡ଼ଙ୍କ ୩ଟି ଗାଇକୁ ବାଘ ଖାଇବା ପରେ ପର୍ଯ୍ୟାୟ କ୍ରମେ ବାଘଟି ନିକଟ ଗୁଣ୍ଡୁରିବାଡ଼ି ଗ୍ରାମର ସନ୍ତୋଷ ଡାକୁଆଙ୍କ ଛେଳିକୁ ଖାଇଥିଲା । ମହୁଲପଲ୍ଲୀ ଗ୍ରାମରେ ମଧ୍ୟ ଆଉ ଏକ ଛେଳିକୁ ଗୋଠରୁ ଟାଣି ନେଇ ଖାଇଥିବା ଜଣାପଡ଼ିଛି । ବାଘର ଗତିବିଧି ଜାଣିବାକୁ ବନବିଭାଗ ଟ୍ରାପ୍ କ୍ୟାମେରା ଲଗାଉଥିବା ବେଳେ ଶୁକ୍ରବାର ବେଡ଼ିଗୋବାଠାରେ ବାଘର ପାଦଚିହ୍ନକୁ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇଯାଇଛନ୍ତି । ତେବେ ଗୃହପାଳିତ ପଶୁମାନଙ୍କ ସହିତ ଲୋକଙ୍କୁ କିପରି ସୁରକ୍ଷା ଯୋଗାଇ ଦିଆଯିବ ସେନେଇ ବନବିଭାଗ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଏପ୍ରିଲ ୮ରୁ ସକାଳୁଆ ନିମ୍ନ ଅଦାଲତ

**କଟକ, ୨୯ ।୩(ସମିସ):** ଆସନ୍ତା ଏପ୍ରିଲ ୮ ତାରିଖ ଠାରୁ ଗ୍ରୀଷ୍ମ ଅବକାଶ ପର୍ଯ୍ୟନ୍ତ ରାଜ୍ୟର ନିମ୍ନ ଅଦାଲତ ଗୁଡିକ ସକାଳୁଆ କାର୍ଯ୍ୟ କରିବ । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟି ରେ ରଖି ହାଇକୋର୍ଟ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଥି ସହ ସମସ୍ତ ଜିଲ୍ଲା ଓ ଦୌରା ଜଜ୍‌ଙ୍କୁ ହାଇକୋର୍ଟ ରେଜିଷ୍ଟ୍ରି ପକ୍ଷରୁ ଅବଗତ କରାଯାଇଛି । ବ୍ରହ୍ମପୁର, ଛତ୍ରପୁର, ଭୁବନେଶ୍ୱର, କୋରାପୁଟ ସଦର ଓ ପୁରୀ ସଦର ବ୍ୟତୀତ ବାକି ସମସ୍ତ ସ୍ଥାନରେ ଜିଲ୍ଲା ତଥା ଅନ୍ୟ ନିମ୍ନ ଅଦାଲତ ଗୁଡିକ ସକାଳ୭ଟାରୁ ଦିନ ୦୧ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଅଦାଲତ ସିଟିଂ ସକାଳ ସାଢେ଼୭ଟାରୁ ଦିନ ସାଢେ ୧୨ଟା ପର୍ଯ୍ୟନ୍ତ ରହିବ । ପ୍ରତି କାର୍ଯ୍ୟ ଦିବସରେ ସକାଳ ୧୦ଟାରୁ ସାଢେ଼୧୦ଟା ବିରତି ରହିବ ।

### ତଥ୍ୟ ଲୁଚାଇଥିବା ପ୍ରାର୍ଥୀଙ୍କୁ ଶିକ୍ଷା ସହାୟକ ନିଯୁକ୍ତି ମାମଲା

## ଭଦ୍ରକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ହାଇକୋର୍ଟରେ ରଦ୍ଦ

**କଟକ, ୨୯ ।୩(ସମିସ):** ଶିକ୍ଷା ସହାୟକ ନିଯୁକ୍ତି କ୍ଷେତ୍ରରେ ତଥ୍ୟ ଲୁଚାଇଥିବା ପ୍ରାର୍ଥୀଙ୍କ ସପକ୍ଷରେ ଭଦ୍ରକ ଜିଲ୍ଲାପାଳଙ୍କ ଆଦେଶ ପ୍ରଦାନ ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଭୁଲ କାମ କରିଥିବା ବ୍ୟକ୍ତିଙ୍କୁ ଜିଲ୍ଲାପାଳ ପୁରସ୍କାର ପ୍ରଦାନ ପାଇଁ ବାଛିଥିବା ନେଇ ଅଦାଲତ ଅସନ୍ତୋଷ ଜାହିର କରିଛନ୍ତି । ଏଥି ସହିତ ଭଦ୍ରକ ଜିଲ୍ଲାପାଳଙ୍କ ୨୦୧୫, ଅଗଷ୍ଟ ୨୧ର ନିର୍ଦ୍ଦେଶ ହାଇକୋର୍ଟ ରଦ୍ଦ କରିଛନ୍ତି । ଥରେ ଜାଲିଆତି ପ୍ରମାଣିତ ହେଲେ ଏହା ଦ୍ୱାରା ପାଇଥିବା ସମସ୍ତ ସୁବିଧା ପାଇବାରୁ ସମ୍ପୃକ୍ତ ବ୍ୟକ୍ତି ବଞ୍ଚିତ ହେବେ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି । ତଥ୍ୟ ଲୁଚାଇଥିବା ଭୋକେସନାଲ, ଉପଶାସ୍ତ୍ରୀ ପ୍ରାର୍ଥୀଙ୍କୁ ବାଦ ଦେଇ ସାନି ମେଧା ତାଲିକା ପ୍ରକାଶ ପାଇଁ ଭଦ୍ରକ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶିକ୍ଷା ସହାୟକ ବା ଅନ୍ୟ କୌଣସି ସମାନ ପଦରେ ଆବେଦନକାରୀଙ୍କୁ ୪ ମାସ ଭିତରେ ନିଯୁକ୍ତି ପ୍ରଦାନ କରିବାକୁ ହାଇକୋର୍ଟ କହିଛନ୍ତି । ସୁରେଖା ସାମଲ ଓ ଅନ୍ୟ ଦୁଇ ଜଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ୨୦୧୧, ଡିସେମ୍ବର ୮ ରେ ଶିକ୍ଷା ସହାୟକ ନିଯୁକ୍ତି ପାଇଁ ଭଦ୍ରକ ଜିଲ୍ଲାପାଳଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କଳା/ବାଣିଜ୍ୟ/ବିଜ୍ଞାନରେ ଯୁକ୍ତ ଦୁଇ ବା କର୍ତ୍ତୃପକ୍ଷଙ୍କ ଦ୍ୱାରା ସାମନ ଘୋଷିତ ପରୀକ୍ଷା ପାସ୍ କରିବା ସହିତ ସିଟି ଟ୍ରେନିଂ ନେଇଥିବା ପ୍ରାର୍ଥୀ ଏହି ପଦବି ପାଇଁ ଯୋଗ୍ୟ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା । ପ୍ରକାଶିତ ମେଧା ତାଲିକାରେ ଆବେଦନକାରୀ ସ୍ଥାନ ପାଇଥିଲେ । ଭୋକେସନାଲ ପାଠ୍ୟକ୍ରମରେ ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କୁ ତାଲିକାରେ ସ୍ଥାନ ମିଳି ନଥିବା ଦର୍ଶାଇ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା । ଯୁକ୍ତ ଦୁଇ ଭୋକେସନାଲ ପାଠ୍ୟକ୍ରମ ସହିତ ସିଟି ଟ୍ରେନିଂ ସମ୍ପୂର୍ଣ୍ଣ କରିଥିବା ପ୍ରାର୍ଥୀଙ୍କ ପ୍ରସଙ୍ଗ ବିଚାରକୁ ନେଇ ସାନି ତାଲିକା କରିବାକୁ ଜିଲ୍ଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଫଳରେ ପ୍ରକାଶିତ ମେଧା ତାଲିକାରୁ ଆବେଦନକାରୀ ବାଦ ପଡ଼ିଥିଲେ । ହେଲେ କେତେକ ଭୋକେସନାଲ ଓ ଉପଶାସ୍ତ୍ରୀ ପ୍ରାର୍ଥୀ ପୂର୍ବରୁ ଯୁକ୍ତ ଦୁଇ କଳା/ବାଣିଜ୍ୟ/ବିଜ୍ଞାନ ପାସ୍ କରିଥିଲେ ମଧ୍ୟ ଏହି ପ୍ରସଙ୍ଗ ଲୁଚାଇ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି ମେଧା ତାଲିକାରେ ସ୍ଥାନ ପାଇଥିବା ଅଭିଯୋଗ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ତଦନ୍ତ ହୋଇ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଥିଲେ । ଯଦିଓ ଭୋକେସନାଲ/ଉପଶାସ୍ତ୍ରୀ ପ୍ରାର୍ଥୀ ତଥ୍ୟ ଲୁଚାଇଥିବା ପ୍ରମାଣ ରହିଛି କିନ୍ତୁ ପରୀକ୍ଷା ପରିଚାଳନା କରିଥିବା କର୍ତ୍ତୃପକ୍ଷ ସେମାନଙ୍କୁ ପ୍ରଦାନ କରାଯାଇଥିବା ସାର୍ଟିଫିକେଟ ପ୍ରତ୍ୟାହାର କରି ନାହାନ୍ତି । ଏହା ଭିତରେ ୪ରୁ ୫ ବର୍ଷ ଏହି ପ୍ରାର୍ଥୀ ଚାକିରି କରି ସାରିଲେଣି ବୋଲି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା । ଜିଲ୍ଲାପାଳଙ୍କ ଏପରି ନିର୍ଦ୍ଦେଶ ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ୨୦୧୫ରେ ଆବେଦନକାରୀ ହାଇକୋର୍ଟରେ ମାମଲା ଦାୟର କରିଥିଲେ ।

## ଚମ୍ପୁଆ ରେଞ୍ଜରେ ବୁଲୁଛନ୍ତି ୬୩ ହାତୀ

### ଡ୍ରୋନ୍ ସହାୟତାରେ ଗତିବିଧି ଲକ୍ଷ୍ୟ ରଖୁଛି ବନବିଭାଗ

**ଯୋଡ଼ା, ୨୯।୩(ସମିସ):** ଅବ୍ୟବସ୍ଥିତ ଢଙ୍ଗରେ ବେପରୁଆ ଖଣି ଖନନ ଯୋଗୁଁ ଦ୍ରୁତ ଜଙ୍ଗଲ ଅବକ୍ଷୟ ଫଳରେ ହାତୀ ଏବେ ଚମ୍ପୁଆ ରେଞ୍ଜରେ ଆତଙ୍କ ସୃଷ୍ଟି କରିଛନ୍ତି । ଚମ୍ପୁଆ ରେଞ୍ଜର ବିଭିନ୍ନ ସ୍ଥାନରେ ୬୩ଟି ହାତୀ ଡେରା ପକାଇ ରହିଥିବା ବେଳେ ଖଣି ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ବନ ବିଭାଗ ସୂଚନା ଅନୁଯାୟୀ ଏହି ହାତୀ ପଲ ଏବେ ବନବିଭାଗର ନିଦ ହଜାଇ ଦେଇଥିବା ବେଳେ ସେମାନଙ୍କ ଗତିବିଧି ଲକ୍ଷ କରିବା ପାଇଁ ବନବିଭାଗ ପକ୍ଷରୁ ଡ୍ରୋନ୍ ବ୍ୟବହାର କରାଯାଉଛି । ଚମ୍ପୁଆ ରେଞ୍ଜର ବିଭିନ୍ନ ସ୍ଥାନରେ ୪୦ରୁ ଊର୍ଦ୍ଧ୍ୱ ହାତୀ ବର୍ଷ ତମାମ ଡେରା ପକାଇ ରହୁଥିବା ବେଳେ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ୬୩ଟି ହାତୀ ଦେଖିବାକୁ ମିଳୁଛି । ଚମ୍ପୁଆ ରେଞ୍ଜର ୧୫ଟି ବିଟ୍ ଓ ୫ଟି ସେକ୍ସନର ବନ କର୍ମଚାରୀ ହାତୀକୁ ନିୟନ୍ତ୍ରଣ କରିବାରେ ନାକେଦମ ହୋଇପଡ଼ିଲେଣି ।

ମିଳିଥିବା ସୂଚନା ମୁତାବକ ଯୋଡା ସେକ୍ସନର ଖଣ୍ଡବନ୍ଧ, ଚୋରମାଲଦା ଜଙ୍ଗଲରେ ୫ଟି, ଭୋଳବେଡ଼ା ଠାରେ ୧୭ଟି, ଗୁରୁବେଡ଼ା ଜଙ୍ଗଲରେ ୯ଟି ହାତୀ ରହୁଥିବା ବେଳେ ବାଲିବନ୍ଧ ସେକ୍ସନରେ ସର୍ବାଧିକ ଚମକପୁରରେ ୨୪ଟି,



ବାମେବାରୀ, ଦୁବୁନାରେ ୮ଟି ହାତୀ ରହିଥିବା ଜଣାପଡ଼ିଛି । ଉଗ୍ର ଖଣି ଖନନ ଏବଂ କାଠ ମାଫିଆଙ୍କ ଜଙ୍ଗଲ ଅବକ୍ଷୟ ଯୋଗୁଁ ଖଣି ଅଞ୍ଚଳରେ ହାତୀମାନଙ୍କ ଦେହ ଲୁଚାଇବା ପାଇଁ ପର୍ଯ୍ୟାପ୍ତ ଜଙ୍ଗଲ ଆଉ ନାହିଁ । ଏହା ସହିତ ବଡ଼ ବଡ଼ ବରଗଛ, ବାଉଁଶ ଗଛ ଯାହା ସେମାନଙ୍କର ପ୍ରିୟ ଖାଦ୍ୟ; ତାହା ଜଙ୍ଗଲରେ ଆଉ ମିଳୁନାହିଁ । ସେମାନଙ୍କର ଚଲା ପଥକୁ ବିଭିନ୍ନ ଖଣି ସଂସ୍ଥା ଅବରୋଧ କରି ଖଣି ଖନନ କରୁଥିବା ବେଳେ ଖଣିରେ ଉଚ୍ଚଶକ୍ତି ସମ୍ପନ୍ନ ବିସ୍ଫୋରଣ ଯୋଗୁଁ ହାତୀ ପଲ ଏବେ ଜନବସତି ମୁହାଁ ହେବାରେ ଲାଗିଛନ୍ତି । ଫଳରେ ସେମାନେ ଜନବସତି ମଧ୍ୟକୁ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି । ଏକ ହିସାବରୁ ଜଣାଯାଇଛି ବିଗତ ୪ ବର୍ଷ ମଧ୍ୟରେ ଏକ ଡର୍ଜନରୁ ଊର୍ଦ୍ଧ୍ୱ ହାତୀ ଅକାଳରେ ପ୍ରାଣ ହରାଇ ସାରିଲେଣି । ସେମାନଙ୍କର ଗତିବିଧି ଲକ୍ଷ୍ୟ କରିବା ଓ ନିୟନ୍ତ୍ରଣ କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ଗଜ ସାଥି ନିୟୋଜିତ କରାଯାଇଥିଲା । ତେବେ ଗତ ଫେବୃଆରୀ ମାସ ଠାରୁ ଏହି ଗଜ ସାଥିମାନଙ୍କୁ ହଟାଇ ଦିଆଯାଇଛି । ହାତୀମାନଙ୍କର ଗତିବିଧି ଲକ୍ଷ୍ୟ କରିବା ପାଇଁ ପରିବେଶବିତ୍‌ମାନେ ଜିପିଏସ୍ ସିଷ୍ଟମର ପ୍ରୟୋଗ କରିବା ପାଇଁ ଦାବି କରୁଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ ।

## ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଲୁଟିନେଲେ



ଖୁଚୁରା ଛାଡ଼ି ନୋଟ୍ ନେଇଗଲେ

**କେନ୍ଦୁଝର, ୨୯।୩(ସମିସ):** କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି । ଗୁରୁବାର ମଧ୍ୟରାତ୍ରରେ ଦୁର୍ବୃତ୍ତମାନେ ହୁଣ୍ଡି ତାଡ଼ି ହୁଣ୍ଡିରେ ଥିବା ଟଙ୍କା ଏବଂ ଅନ୍ୟ ଦାନ ସାମଗ୍ରୀ ଲୁଟି ନେଇଯାଇଛନ୍ତି । ମନ୍ଦିର ପ୍ରବେଶ ଦ୍ୱାର ବାମ କଡ଼ରେ ଥିବା ଏହି ହୁଣ୍ଡିଟି ଗତ ଅକ୍ଟୋବର ମାସ ପରଠୁ ଖୋଲା ଯାଇନଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି । ଖବର ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର, ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ, ସଦର ଏସ୍‌ଡିପିଓ, ଡିଆଇବି ଡିଏସ୍‌ପି, ଟାଉନ ଥାନା ଅଧିକାରୀ, ଘସିପୁରା ଥାନା ଅଧିକାରୀ, ଟାଉନ ପୁଲିସ, ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି । ମନ୍ଦିରରେ ଲାଗିଥିବା ୧୬ଟି ସିସିଟିଭି କ୍ୟାମେରା ଫୁଟେଜରେ ଏହି ଘଟଣା ସମ୍ପୂର୍ଣ୍ଣ ଉତ୍ତୋଳନ ହୋଇଛ । ପୁଲିସ ଏହି ସିସିଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଛି ।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଦୁର୍ବୃତ୍ତମାନେ ପ୍ରଥମେ ମନ୍ଦିରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାରକୁ କାଟିଦେଇ ରାତି ୧.୪୫ରୁ ୨.୧୫ ମଧ୍ୟରେ ଏହି ଘଟଣା ଘଟାଇଛନ୍ତି । ମନ୍ଦିର ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଏହି ସମୟରେ ଶୋଇଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି । ମନ୍ଦିର ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀମାନଙ୍କ ଅବହେଳା ଯୋଗୁଁ ହୁଣ୍ଡିରୁ ଚୋରି ହୋଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି । ତେବେ ଦୁର୍ବୃତ୍ତମାନେ ହୁଣ୍ଡିରୁ ଖୁଚୁରା ପଇସା ନ ନେଇ ଫିଙ୍ଗି ଦେଇଥିଲେ । ଏହାକୁ ସନ୍ଧାନୀ କୁକୁର ଶୁଙ୍ଘିବା ପରେ ଜୁଡ଼ିଆ ନିକଟ ଏକ ସ୍ଥାନ ପର୍ଯ୍ୟନ୍ତ ଯାଇଥିବାରୁ ଦୁର୍ବୃତ୍ତମାନେ ସେହି ରାସ୍ତାରେ ଫେରାର ହୋଇଥିବା ପୁଲିସ ସନ୍ଦେହ କରୁଛି । ଘଟଣାଟି ମନ୍ଦିର ଓ ସାଧାରଣ ଭକ୍ତଙ୍କର ଭାବାବେଗ ସହିତ ଜଡ଼ିତ ଥିବାରୁ ପୁଲିସ ଏହାକୁ ଗୁରୁତ୍ୱର ସହିତ ନେଇ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ ଗଠନ କରିଛି । ଟାଉନ ପୁଲିସ ଥାନା କେଶ ନମ୍ବର ୧୯୭/୨୦୨ ରେ ଏକ ମାମଲା ରୁଜୁ କରି ମନ୍ଦିରର ସୁରକ୍ଷା କର୍ମୀ, ମନ୍ଦିରରେ କାମ କରୁଥିବା ଲୋକଙ୍କୁ ପଚରାଉଚୁରା ଚଲାଇଛି । ସୂଚନା ଯୋଗ୍ୟଯେ, କିଛି ଦିନ ତଳେ ମନ୍ଦିର ପରିସର ଭିତରୁ ଏକ ବଡ଼ ଚନ୍ଦନ ଗଛ କାଟି ଚୋରମାନେ ନେଇଯାଇଥିଲେ । ତେଣୁ ମନ୍ଦିର ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି ହେଉଛି ।

## ଅବଶିଷ୍ଟାଂଶ...

### ମୁଣ୍ଡଫଟା ଚଇତି...

ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସାରା ରାଜ୍ୟରେ ତାତି ଆହୁରି ବଢ଼ିବ । ଶନିବାରଠାରୁ ଭୁବନେଶ୍ୱର ସମେତ ସମଗ୍ର ଉପକୂଳରେ ତାପମାତ୍ରା ବଢ଼ିବ । ସମ୍ଭବତଃ ଏପ୍ରିଲ ୧ ତାରିଖରେ ଭୁବନେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିପାରେ । ଉତ୍ତର ଉପକୂଳ, ଉତ୍ତର ଆଭ୍ୟନ୍ତରୀଣ ଓ କେନ୍ଦ୍ରୀୟ ଓଡ଼ିଶାର ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିବାର ମଧ୍ୟ ସମ୍ଭାବନା ରହିଛି । ଆସନ୍ତା ୩ ଭିତରେ ଆଉ ୧ ଡିଗ୍ରୀ ସେଲସିୟସ ତାପମାତ୍ରା ବଢ଼ିପାରେ । ତେବେ ସପ୍ତାହେ ପର୍ଯ୍ୟନ୍ତ ତାତି କମିବାର ସମ୍ଭାବନା ନ ଥିବା ବେଳେ ଏପ୍ରିଲ୍ ୨ ତାରିଖରେ ଭୁବନେଶ୍ୱର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ହୋଇପାରେ ଏବଂ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି ।

ଶୁକ୍ରବାର ଚାନ୍ଦବାଲିରେ ତାପମାତ୍ରା ୩୮.୬ ଡିଗ୍ରୀ, କଟକରେ ୩୭.୫ ଡିଗ୍ରୀ, ଭୁବନେଶ୍ୱରରେ ୩୭.୪ ଡିଗ୍ରୀ, ଅନୁଗୋଳରେ ୩୯.୧ ଡିଗ୍ରୀ, ଝାରସୁଗୁଡ଼ାରେ ୩୯.୧ ଡିଗ୍ରୀ, ସୁନ୍ଦରଗଡ଼ର ତାପମାତ୍ରା ୩୮.୨ ଡିଗ୍ରୀ, ତାଳଚେରରେ ୩୯.୮ ଡିଗ୍ରୀ, ଫୁଲବାଣୀରେ ୩୯.୨ ଡିଗ୍ରୀ, ସୋନପୁରରେ ୩୮.୬ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୮ ଡିଗ୍ରୀ ଓ ରାୟଗଡ଼ାର ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି । ସେପଟେ ଓଡ଼ିଶାରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ଉତ୍ତର ଓଡ଼ିଶାରେ କିଛି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।

### ଗ୍ରୀଷ୍ମ ମୁକାବିଲା...

ଓ ବୈଶଷିୟକ ଶିକ୍ଷା ବିଭାଗର ପ୍ରମୁଖ ସଚିବ ଏବଂ ସ୍ୱାସ୍ଥ୍ୟ ବିଭାଗ, କ୍ରୀଡ଼ା ବିଭାଗ, ଉଚ୍ଚ ଶିକ୍ଷା, ଗଣ ଶିକ୍ଷା ଓ ଶ୍ରମ ବିଭାଗର ସଚିବଙ୍କୁ ପତ୍ର ଲେଖି ବୈଠକରେ ଉପସ୍ଥିତ ରହିବାକୁ ଅବଗତ କରାଇଛନ୍ତି । ଶନିବାର ସାଢ଼େ ୩ ଟାରେ ଭର୍ଚ୍ଚୁଆଲ୍ ମୋଡ୍‌ରେ ଏହି ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡମା)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି ।

### ଯୁବଶକ୍ତି ହାତରେ...

ପାଇଁ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଆଗାମୀ ୨୦୨୪ ନିର୍ବାଚନ ବିଜୁ ଜନତା ଦଳର ବୃହତ ବିଜୟର ମଙ୍ଗ ଧରିବା ସହ ବିରୋଧୀଙ୍କ ଅପପ୍ରଚାର ବିରୋଧରେ ଆମକୁ ଲଢ଼େଇ ଜାରି ରଖିବାକୁ ହେବ । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଷଷ୍ଠ ଥର ପାଇଁ ଓଡ଼ିଶାରେ ବିଜୁ ଜନତା ଦଳ ଆଗାମୀ ନିର୍ବାଚନରେ ସମୃଦ୍ଧିର ଶିଖର ଛୁଇଁବ । ଯୁବ ବିଜେଡିର ପ୍ରତ୍ୟେକ କର୍ମକର୍ତ୍ତା ରାଜ୍ୟର କୋଣ ଅନୁକୋଣରେ ପହଞ୍ଚି ରାଜ୍ୟ ସରକାରଙ୍କ ସଫଳ ବାର୍ତ୍ତା ପହଞ୍ଚାଇବା ସହ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ଦୁର୍ବାର ଶପଥ ନେଇଛନ୍ତି । ଓଡ଼ିଶାର ରାଜ୍ୟର ପ୍ରାୟ ୮୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ରୂପାନ୍ତରୀକରଣ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଛଅ ମାସ ମଧ୍ୟରେ ଲକ୍ଷ୍ମୀ ବସ ସେବା ଦ୍ୱାରା ସମସ୍ତ ଜିଲ୍ଲାରେ ପରିବହନ ଓ ଗମନାଗମନକୁ ସୁଦୃଢ଼ କରାଯାଇଛି । ଓଡ଼ିଶାର ଯୁବବର୍ଗ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଯୁବ ବଜେଟ ଷଷ୍ଠ ପାଳିରେ ପ୍ରଥମ ଦିଗ ରହିଛି । ଯୁବବର୍ଗଙ୍କ ପାଇଁ ୨୦୨୪ରୁ ୨୦୩୪ ହେଉଛି ଯୁବ ବର୍ଗଙ୍କ ଦଶନ୍ଧି । ନୂଆ-ଓ ବୃତ୍ତି ଦ୍ୱାରା ରାଜ୍ୟର ୯୮% ପିଲା ଛାତ୍ରବୃତ୍ତି ପାଉଛନ୍ତି, ଯେଉଁଠି ଅନ୍ୟ ସବୁ ରାଜ୍ୟରେ ଛାତ୍ରବୃତ୍ତି ୨୦ରୁ ୨୫% ରହିଛି । ଏକ ସଶକ୍ତ ଓଡ଼ିଶା ନୂଆ ଓଡ଼ିଶା ଗଠନରେ ଯୁବମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ।

ଏହି ଅବସରରେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିରୋଧୀଙ୍କ ଅପପ୍ରଚାରକୁ ସାମାଜିକ ଗଣମାଧ୍ୟମରେ କଡ଼ା ଜବାବ ଦେବା ସହ ସାଙ୍ଗଠନିକ ସ୍ତରରେ ଯୁବ ଜନତା ଦଳର ଲଢ଼େଇ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି । ବିରୋଧୀ ଜାତୀୟ ଦଳ ପାଇଁ ନିଜ ପାର୍ଟି ଆଗ ଓ ମାଟି ପଛ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରତିଟି ଓଡ଼ିଆଙ୍କ ବିକାଶ ସଦାସର୍ବଦା ଆଗରେ ରହିଛି । ସେଥିପାଇଁ ପ୍ରତ୍ୟେକ ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ଦାସ କହିଛନ୍ତି । ବିଜୁ ଯୁବ ଜନତା ଦଳର ସଭାପତି ତଥା ବିଧାୟକ ଡଃ ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜୁ ଯୁବ ଜନତା ଦଳର ସମସ୍ତ ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲ୍ଲା ସଭାପତି, ଜୋନ ସଭାପତି ପ୍ରମୁଖ ଯୋଗ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ଶପଥ ନେବା ସହିତ ବିଜୁ ଜନତା ଦଳ ରେକଡର୍ ସଂଖ୍ୟକ ଆସନ ଅକ୍ତିଆର କରି ଓଡ଼ିଶା ରାଜନୀତିରେ ଇତିହାସ ରଚିବ । ଓଡ଼ିଶାର ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ବିପୁଳ ବିଜୟଲାଭ କରିବା ପାଇଁ ବିଜୁ ଯୁବ ଜନତା ଦଳ ନିର୍ଣ୍ଣାୟକ ଭୂମିକା ନେବ ବୋଲି ବ୍ୟୋମକେଶ କହିଥିଲେ । ସେହିପରି ଛାତ୍ର ବିଜେଡ଼ି ସଭାପତି ଦେବୀରଞ୍ଜନ ତ୍ରିପାଠୀ ବିଜୁ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଦଳ କାମ କରିଆସୁଛି ଓ ଆସନ୍ତା ଜୁନ ୪ ତାରିଖରେ ବିଜୁ ଜନତା ଦଳ ଇତିହାସ ସୃଷ୍ଟି କରିବ ବୋଲି କହିଥିଲେ । ଶେଷରେ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ ଆଜିର କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଧୃତିରଞ୍ଜନ ମାର୍ଥା, ଶୁଭେନ୍ଦୁ ମଙ୍ଗରାଜ, ଉପସଭାପତି ସୋଫିଆ ଆଲାମ, ସାଧାରଣ ସମ୍ପାଦିକା ମଧୁସ୍ମିତା ନାୟକ, ମହୀକ୍ଷିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ନବବିବାହିତଙ୍କୁ ଗଳାକାଟି...

ଗ୍ରାମବାସୀ । ଏହାପର ଠାରୁ ଲିଙ୍ଗରାଜ ନିଖୋଜ ହୋଇଯାଇଥିଲେ । ପରିବାରବର୍ଗ ଏବଂ ସମ୍ପର୍କୀୟ ରାତିରେ ଖୋଜାଖୋଜି କରିଥିଲେ । ଲିଙ୍ଗରାଜ କେଉଁ ସମ୍ପର୍କୀୟ କିମ୍ବା ସାଙ୍ଗ ଘରେ ଶୋଇ ପଡ଼ିଥିବେ ବୋଲି ଧରିନେଇଥିଲେ ।

ଶୁକ୍ରବାର ସକାଳେ ତୋଟାଗୁମୁଡ଼ା-ବାଟସିରିପୁର ମୁଖ୍ୟରାସ୍ତା କଡ଼ରେ ଥିବା ଯାତ୍ରୀ ବିଶ୍ରାମାଗାର ନିକଟସ୍ଥ ବିଲରେ ଏକ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ତୁରନ୍ତ ଗୁରାଣ୍ଡି ଥାନା ପୁଲିସକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ମହାନ୍ତି, ଏସ୍‌ଡିପିଓ ମାଧବାନନ୍ଦ ନାୟକ, ସାଇଣ୍ଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ପହଞ୍ଚି ତନ୍ନ ତନ୍ନ କରି ଯାଞ୍ଚ କରିଥିଲେ । ମୃତଦେହ ପଡ଼ିଥିବା ସ୍ଥଳରେ କୌଣସି ରକ୍ତ ଛିଟା ପଡ଼ି ନ ଥିବାରୁ ତାଙ୍କୁ କେଉଁଠାରେ ହତ୍ୟା କରି ଏଠାକୁ ଆଣି ଫୋପାଡ଼ି ଦିଆଯାଇଥିବା ଅନୁମାନ କରାଯାଉଛି । ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି । ଲିଙ୍ଗରାଜ କ୍ଷୁଦ୍ର ଜଳସେଚନ ବିଭାଗର ସ୍ଥାୟୀ କର୍ମଚାରୀ ଥିଲେ । ସେ ୪୫ ଦିନ ପୂର୍ବେ ବିବାହ କରିଥିଲେ

ଲିଙ୍ଗରାଜଙ୍କୁ ହତ୍ୟା କରି ତାଙ୍କ ସୁନାଚେନ୍ ଓ ମୁଦି ଅଜଣା ଦୁର୍ବୃତ୍ତ ଲୁଟି ନେଇଥିବା ବେଳେ ହତ୍ୟାର ବିଭିନ୍ନ ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି । ଆଖପାଖ ସିସିଟିଭି ଫୁଟେଜ୍‌କୁ ମଧ୍ୟ ତଦନ୍ତରେ ସାମିଲ କରାଯିବ ବୋଲି ପାରଳାଖେମୁଣ୍ଡି ଏସ୍‌ଡିପିଓ ଶ୍ରୀ ନାୟକ କହିଛନ୍ତି । ଏନେଇ ଗୁରାଣ୍ଡି ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି । ଅନ୍ୟପକ୍ଷରେ ଏପରି ହତ୍ୟାକୁ ଗ୍ରାମବାସୀ ଓ ଲିଙ୍ଗରାଜଙ୍କ ପରିବାରବର୍ଗ ସହଜରେ ବିଶ୍ୱାସ କରିପାରୁନଥିବା ବେଳେ କାନ୍ଦ ବୋବାଳିରେ ଗାଁ ଫାଟି ପଡୁଛି ।

### ମାଁ ସମଲେଇଙ୍କ...

ଭଲ ପାଇବା ଦେଖି ମୁଁ ନିଜ ଘରେ ଛିଡ଼ା ହେବା ଭଳି ଲାଗୁଛି । ମୋ ଆଖିରୁ ଲୁହ ଓ ମୋର ହୃଦୟରୁ କୋହ ବାହାରି ଆସୁଛି । ଏଥିପାଇଁ ସମ୍ବଲପୁରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ମୋର ବାପା ଏଠି ପାଠ ପଢୁଥିଲେ । ମୋର ପିଉସୀ ଏଠି ରହୁଥିଲେ । ସମ୍ବଲପୁର ସହ ମୋର ପରିବାରର ୬୦/୭୦ ବର୍ଷର ସମ୍ପର୍କ ରହିଛି । ମୁଖ୍ୟମନ୍ତ୍ରୀ ମତେ ସମ୍ବଲପୁର ଲୋକସଭା ପ୍ରାର୍ଥୀ କରିଥିବାରୁ ମୁଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ସମ୍ବଲପୁରର ଆହୁରି ବିକାଶ ଓ ରୂପାନ୍ତରୀକରଣ ପାଇଁ ମୁଖ୍ୟମନ୍ତ୍ରୀ ମୋତେ ଏଠାରୁ ଛିଡ଼ା କରିଛନ୍ତି । ଜନତା ନିଷ୍ପତ୍ତି ନେବେ, ସେ କାହାକୁ ବିଜୟୀ କରିବେ । ଜନତା ମୁଖ୍ୟମନ୍ତ୍ରୀଙ୍କ ସହ ପାଞ୍ଚ-ପାଞ୍ଚଥର ଛିଡ଼ା ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ଜନତାଙ୍କ ସୁଖଦୁଃଖରେ ଭାଗୀଦାରି ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଆଜି ପର୍ଯ୍ୟନ୍ତ ଯାହା ନିଷ୍ପତ୍ତି ନେଇଛନ୍ତି, ସେଥିରେ ସମ୍ବଲପୁରବାସୀ ସବୁବେଳେ ସମର୍ଥନ ଦେଇଆସିଛନ୍ତି ବୋଲି ଶ୍ରୀ ଦାସ କହିଥିଲେ ।

ପ୍ରଣବଙ୍କ ଏହି ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । ସମ୍ବଲପୁରର ୭ଟି ବିଧାନସଭା ସହ ଲୋକସଭା ସିଟ୍ ଲକ୍ଷାଧିକ ଭୋଟ୍‌ରେ ବିଜେଡି ଜିତିବ ବୋଲି କର୍ମୀମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ, ସମ୍ବଲପୁର ଓ ରେଙ୍ଗାଲି ବିଧାନସଭା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଦଳୀୟ ପ୍ରବକ୍ତା ତଥା କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ ବାବୁ, କେନ୍ଦୁପତ୍ର ୱେଲଫେୟାର କମିଟି ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ଭଳି ଅନେକ ବରିଷ୍ଠ, ଯୁବ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ପତ୍ନୀହନ୍ତାକୁ...

ସ୍ତ୍ରୀ ମନା କରିବାରୁ ଏକ ପାହାରୁନ ବାଡିରେ ମୁଣ୍ଡକୁ ବାରମ୍ବାର ପିଟିବାରୁ ଆହ୍ଲାଣୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଏହି ଘଟଣାରେ ଭବାନୀପାଟଣା ସଦର ଥାନାରେ ଏତଲା କ୍ରମେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରିଥିଲା ।

## ଖେସରା ଜଙ୍ଗଲରୁ ଭାଲୁର ମୃତଦେହ ଉଦ୍ଧାର



**ରେଢ଼ାଖୋଲ, ୨୯।୩(ସମିସ):** ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ବାହାଲ ରେଞ୍ଜ ଅଧୀନ ଟାଲ ଗ୍ରାମ ନିକଟ ଖେସରା ଜଙ୍ଗଲରୁ ବନବିଭାଗ ଏକ ଭାଲୁର ମୃତଦେହ ଉଦ୍ଧାର କରିଛି । ଗତକାଲି ଭାଲୁ ଆକ୍ରମଣରେ ଟାଲ ଗ୍ରାମର ଅଭି ସେଠୀଙ୍କ ମୃତ୍ୟୁ ହୋଇଥିଲା । ଏଥିରେ ଗ୍ରାମବାସୀ ଭୟଭୀତ ହୋଇ ଭାଲୁକୁ ଅନ୍ୟତ୍ର ଜଙ୍ଗଲକୁ ସ୍ଥାନାନ୍ତରଣ ଦାବିରେ ବଡ଼ବାହାଲ ରେଞ୍ଜ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ । ରେଞ୍ଜ ଅଧିକାରୀ ପ୍ରଜ୍ଞାପାରମିତା ଦୀପଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ତେବେ ଶୁକ୍ରବାର ସକାଳୁ ରେଞ୍ଜ ଅଧିକାରୀ ଏବଂ କର୍ମଚାରୀ ଟାଲ ଗ୍ରାମ ଖେସରା ଜଙ୍ଗଲର ନାଳ ନିକଟରୁ ଏକ ଭାଲୁର ମୃତଦେହ ଉଦ୍ଧାର କରିଥିଲେ । ମୃତ ଭାଲୁଟି ପୁରୁଷ ଏବଂ ପାଖାପାଖି ୬/୭ବର୍ଷର ହେବ ବୋଲି ଅନୁମାନ କରାଯାଉଛି । ତେବେ ଭାଲୁକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ବନ ଅଧିକାରୀ ପ୍ରତିଶ୍ରୁତି ଦେବା ଏବଂ ତା' ଆରଦିନ ଭାଲୁ ମୃତ୍ୟୁବରଣ କରିବା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୃତ ଭାଲୁଟି ଆକ୍ରମଣ କରିଥିବା ଭାଲୁ ନୁହେଁ ବୋଲି ଟାଲ ଗ୍ରାମବାସୀ କହୁଛନ୍ତି । ଘଟଣାସ୍ଥଳକୁ ରେଢ଼ାଖୋଲ ବନ ବିଭାଗ ଅଧିକାରୀ ଅରବିନ୍ଦ ମହାନ୍ତି, ଏସିଏଫ୍ ମାଳତୀଲତା ହାଜଦ, ରେଞ୍ଜ ଅଧିକାରୀ ପ୍ରଜ୍ଞାପାରମିତା ଦୀପ ପ୍ରମୁଖଙ୍କ ସମେତ ବନକର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ । ବଡ଼ବାହାଲ ରେଞ୍ଜ କାର୍ଯ୍ୟାଳୟରେ ରେଢ଼ାଖୋଲ ପ୍ରାଣୀଧନ ଡାକ୍ତର ସୁବଧୋ ପ୍ରକାଶ ସାହୁ ଶବ ବ୍ୟବଚ୍ଛେଦ କଲାପରେ ପୋତି ଦିଆଯାଇଛି ।

## ମଦ, କୀଟନାଶକ ଖାଇ ଯୁବକ ମୃତ

**ଭୋଗରାଇ, ୨୯।୩ (ସମିସ):** ମଦ ସହିତ କୀଟନାଶକ ଔଷଧ ଖାଇ ଜନୈକ ଯୁବକର ମୃତ୍ୟୁ ଘଟିଛି । ମୃତକ ହେଲେ ଭୋଗରାଇ ଥାନା ନିମାତପୁର ପଞ୍ଚାୟତ କାଉବଣି ଗ୍ରାମର ଦିବାକର ମଣ୍ଡଳଙ୍କ ପୁଅ ପଦ୍ମଲୋଚନ ମଣ୍ଡଳ (୪୨) ।

ସୂଚନା ମୁତାବକ, କିଛି ମାସ ପୂର୍ବେ ପଦ୍ମଲୋଚନ ତାଙ୍କ ଝିଅ ବାହାଘର କରିଥିଲେ । ଏଥିପାଇଁ ସେ ବହୁ ଟଙ୍କା ଋଣରେ ଆଣିଥିଲେ । ସେହି ଋଣ ପରିଶୋଧ ଚିନ୍ତାରେ ସେ କିଛି ଦିନ ହେଲା ମାନସିକ ଅବସାଦଗ୍ରସ୍ତ ରହୁଥିଲେ । ଗୁରୁବାର ଅପରାହ୍ଣରେ ମଦ ପିଇ ସେ ଘରକୁ ଫେରିଥିଲେ । ସନ୍ଧ୍ୟାରେ ସେ ବାନ୍ତି କରିଥିଲା ବେଳେ ସେଥିରୁ କୀଟନାଶକ ଔଷଧ ଗନ୍ଧ ମିଳିବା ପରେ ପରିବାର ଲୋକେ ଜାଣିବାକୁ ପାଇଥିଲେ ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I RASHMI PRIYA SAHOO, D/O-PRAVAKAR SAHOO, RESIDENT OF SHANTI BHAWAN, PLOT NO-726, AT-BADAGADA, PO-BADAGADA BRIT COLONY, BHUBANESWAR, DIST-KHURDA, PIN - 751018, ODISHA DECLARE BY THIS AFFIDAVIT NO .1502 DTD-06/02/2004 THAT NOW ONWARDS I SHALL BE KNOWN AS **RASHMI PRADEEP DAS** FOR ALL FUTURE PURPOSES.

**AFFIDAVIT**

By virtue of an affidavit before The Executive Magistrate, Bhubaneswar. I, **Kumari Namita,** D/o-Bholanath Pradhan do hereby declare that as per my Aadhar Card and CBSE certificate my name has been mentioned as Kumari Namita, but I have used my name as Namita Pradhan (my nick name) for election purposes. So I declare that **KUMARI NAMITA and NAMITA PRADHAN** is one and same person.

**AFFIDAVIT**

I, Narpat Jain, S/o- Milap Chand Betala, resident of At- Kushal Milap. 58C, Jaydurga Nagar, Ps-Laxmisagar, Bhubaneswar, Dist-Khurda, Pin-751006, Odisha declare by this affidavit No.562, date- 27/03/2024 that now onwards I shall be known as **NARPAT CHAND JAIN** for all future purposes.

# ସୋସିଆଲ ମିଡିଆ ନିର୍ବାଚନୀ ରଣକ୍ଷେତ୍ର

- ଟାର୍ଗେଟ୍‌ରେ ୮ ଲକ୍ଷ ନୂଆ ଭୋଟର୍ ଏବଂ ସ୍ମାର୍ଟଫୋନ ବ୍ୟବହାରକାରୀ
- ସୋସିଆଲ ମିଡିଆର ଚର୍ଚ୍ଚିତ ବ୍ୟକ୍ତି ଆଶାୟୀଙ୍କ ପ୍ରଥମ ପସନ୍ଦ
- ୟୁ-ଟ୍ୟୁବ୍, ଇନଷ୍ଟା ଓ ଫେସବୁକ୍‌ରେ ସରଗରମ୍ ହେଲାଣି ପ୍ରଚାର
- ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଛାଉନାହାନ୍ତି ଆଶାୟୀ
- ପୁଲିସ ସତର୍କ, ମିଛ ପୋଷ୍ଟିଂ କଲେ ବନ୍ଧା ହେବେ

ଭୁବନେଶ୍ୱର, ୨୯ ।୩ (ସମିସ)

ଆସନ୍ତା ସାଧାରଣ ନିର୍ବାଚନ ବିଭିନ୍ନ ଦୃଷ୍ଟିକୋଣରୁ ବେଶ୍ ରୋଚକ ହେବାକୁ ଯାଉଛି। ଭାରତ ନିର୍ବାଚନ ଆୟୋଗଙ୍କ ଘୋଷଣା ଅନୁଯାୟୀ, ଦେଶର ଶେଷ ୪ ପର୍ଯ୍ୟାୟରେ ଓଡ଼ିଶାରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ। ମେ' ୧୩- ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ମାସକରୁ ଅଧିକ ସମୟ ଥିଲେ ହେଁ ଏବେଠାରୁ ରାଜ୍ୟ ରାଜନୀତି ସରଗରମ୍ ହୋଇ ଉଠିଲାଣି। ପ୍ରଥମେ ବିଜେପି ଏବଂ ଗତ ବୁଧବାର ବିଜେଡି ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବା ପରେ ରାଜ୍ୟ ରାଜନୀତିରେ ଉଷ୍ମତା ବାରି ହେଲାଣି। ଟିକଟ୍ ପାଇଥିବା ନେତା ଏବେ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଯାଇ ପ୍ରଚାର କାର୍ଯ୍ୟ ଆରମ୍ଭ କରିବାକୁ ପାଗ ଭିଡ଼ିଲେଣି। କିନ୍ତୁ ଏଥର ନିର୍ବାଚନୀ ପ୍ରଚାର ଗତ ନିର୍ବାଚନ ଅପେକ୍ଷା ଭିନ୍ନ ହେବାକୁ ଯାଉଛି। ରାଲି, ସଭା-ସମିତି, ଘରକୁ ଘର ବୁଲି ପ୍ରଚାର ବ୍ୟତୀତ ନେତାମାନେ ସାମାଜିକ ଗଣମାଧ୍ୟମର ଅଧିକରୁ ଅଧିକ ଫାଇଦା ଉଠାଇବା ପାଇଁ ପୂରା ଦମ୍‌ରେ ପ୍ରସ୍ତୁତ ହୋଇଛନ୍ତି। ତେଣୁ ଚଳିତ ନିର୍ବାଚନରେ ସାମାଜିକ ଗଣମାଧ୍ୟମ ଏକ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରାଜନୈତିକ ମହଲ ଆକଳନ କରୁଛନ୍ତି।

ରାଜ୍ୟର ପ୍ରାୟ ୮୦ ଭାଗ ଭୋଟର୍‌ଙ୍କ ନିକଟରେ ସ୍ମାର୍ଟଫୋନ୍ ରହିଛି। ସେହିପରି ଚଳିତଥର ରାଜ୍ୟରେ ପ୍ରାୟ ୮ ଲକ୍ଷ ନୂଆ ଭୋଟର୍ ପ୍ରଥମଥର ଭୋଟ୍ ଦେବାକୁ ଯାଉଛନ୍ତି। ଏମାନେ ସମସ୍ତେ ଯୁବପିଢ଼ି। ଫେସ୍‌ବୁକ୍, ଏକ୍ସ, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍ ଆଦି ସାମାଜିକ ଗଣମାଧ୍ୟମ ସହ ଏମାନେ ଓତପ୍ରୋତ ଭାବେ ଜଡ଼ିତ। ତେଣୁ ଏହି ସବୁ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରି କିପରି ଭୋଟରଙ୍କୁ କିପରି ଅଧିକରୁ ଅଧିକ ଭୋଟର୍‌ଙ୍କୁ ଆକୃଷ୍ଟ କରିହେବ, ସେନେଇ ୩ ପ୍ରମୁଖ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିଜ ନିଜସ୍ତରରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ଏ କ୍ଷେତ୍ରରେ ଶାସକ ବିଜେଡି ଏବଂ ବିଜେପି ରାଜ୍ୟରେ ବେଶ୍ ଆଗୁଆ ରହିଥିବା ବେଳେ ଉଭୟ ଦଳ ପାଇଁ ବିଭିନ୍ନ ଘରୋଇ ସଂସ୍ଥା ଏବଂ ବ୍ୟକ୍ତିବିଶେଷମାନେ କାମ କରୁଛନ୍ତି। ବିଜେଡି ପକ୍ଷରୁ ନିଜର ଯୁବ ଓ ଛାତ୍ରୱିଙ୍ଗ୍‌କୁ ନେଇ ଏକାଧିକ କର୍ମଶାଳା ଏବଂ ତାଲିମ୍ ଶିବିର ଆୟୋଜନ କରାଯାଇଛି।

ଏକ ଖବର ଅନୁଯାୟୀ, ବିଭିନ୍ନ ରାଜନୈତିକ ଦଳ, ଆଶାୟୀ ଏବଂ ଘୋଷିତ ପ୍ରାର୍ଥୀମାନେ ନିଜ ନିଜ ପାଇଁ ସାମାଜିକ ଗଣମାଧ୍ୟମ ବିଶେଷଜ୍ଞଙ୍କୁ ଫେବ୍ରୁଆରୀରୁ ଜୁନ୍ ମାସ ଯାଏଁ ମୋଟା ଅଙ୍କର ଅର୍ଥ ଦେଇ ନିଯୁକ୍ତ କରିଛନ୍ତି। ୟୁ-ଟ୍ୟୁବ୍, ଇନଷ୍ଟାଗ୍ରାମ୍, ଫେସବୁକ୍ ପରି ସାମାଜିକ ଗଣମାଧ୍ୟମରେ ସକ୍ରିୟ ଥିବା ପେଜ୍ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରଚାରପ୍ରସାର ଦାୟିତ୍ୱ ଦିଆଯାଉଛି। ଏମାନେ ପ୍ରାୟ ୬୦ରୁ ୭୦ ହଜାର ମାସିକ ପାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଇନ୍‌ଷ୍ଟା ଏବଂ ୟୁ-ଟ୍ୟୁବ୍‌ରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷମାନେ ଆଶାୟୀଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି। ସେମାନଙ୍କୁ ଆଶାୟୀ ଲକ୍ଷାଧିକ ଟଙ୍କା ଦେବାକୁ ମଧ୍ୟ ପଛାଉ ନାହାନ୍ତି। ସେହିପରି କମ୍ ଅଭିଜ୍ଞତାସମ୍ପନ୍ନ ଏଜେନ୍ସି ତଥା ବ୍ୟକ୍ତିବିଶେଷଙ୍କୁ ଆଶାୟୀମାନେ ମାସିକ ପ୍ରାୟ ୧୫ରୁ ୩୦ହଜାର ଟଙ୍କା ପ୍ରଦାନ କରୁଛନ୍ତି। ଏହି ଅର୍ଥ ଦ୍ୱାରା ପ୍ରାର୍ଥୀଙ୍କ ସପକ୍ଷରେ ଭିଡିଓ, ଫଟୋ, କଣ୍ଟେଣ୍ଟ ଏବଂ ମିମ୍ ପ୍ରସ୍ତୁତ କରାଯାଉଛି।

ଏ ସଂପର୍କରେ ସାମାଜିକ ଗଣମାଧ୍ୟମ ବିଶେଷଜ୍ଞ ସୁବ୍ରତ ନାୟକ କୁହନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ନୂଆ ଭୋଟର୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଏମାନେ ମୁଖ୍ୟତଃ ସର୍ଟ-ଭିଡିଓ ପିଢ଼ିର ହୋଇଥିବାରୁ ସୋସିଆଲ ମିଡିଆ ଏମାନଙ୍କୁ ଆକୃଷ୍ଟ କରିବାର ମାଧ୍ୟମ ସାଜିଛି। ଲୋକପ୍ରିୟ ଇନଫ୍ଲୁଏନ୍ସର୍‌ଙ୍କ ଜରିଆରେ ଦଳର ମତକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହଜ ହୋଇପାରିଛି। କେବଳ ସହରରେ ନୁହେଁ; ଗ୍ରାମାଞ୍ଚଳରେ ମଧ୍ୟ ଏହାର ପ୍ରଭାବ ନିଶ୍ଚୟ ରହିବ ବୋଲି ସେ କହିଛନ୍ତି। ସେହିପରି ଜଣେ ଆଶାୟୀଙ୍କ ପାଇଁ କାମ କରୁଥିବା ଆଶିଷ ନାମକ ଜଣେ ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି ଯେ ସାମୟିକ ସମୟ ପାଇଁ ହେଲେ ମଧ୍ୟ ଏଥିରୁ ଆମକୁ ପ୍ରଚୁର ଅର୍ଥ ମିଳୁଛି। ଦିନକୁ ମାତ୍ର ୪-୫ ଘଣ୍ଟା ସମୟ ଦେବାକୁ ପଡୁଥିବା ବେଳେ ମାସିକ ୨୫ ହଜାରରୁ ଅଧିକ ଟଙ୍କା ମିଳୁଛି। ଏପରିକି ସେ ନିଜେ ପ୍ରାୟ ୧୫ଜଣଙ୍କୁ ରୋଜଗାର ଯୋଗାଇ ଦେଇଥିବା କହିଛନ୍ତି।

ଅପରପକ୍ଷେ ସାମାଜିକ ଗଣମାଧ୍ୟମ ବ୍ୟବହାର ଚଳିତଥର ସର୍ବାଧିକ ହେବାକୁ ଥିବା ବେଳେ ଏହା ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି ନିର୍ବାଚନ କମିସନ। କୌଣସି ମିଥ୍ୟା ପ୍ରଚାର ବିରୋଧରେ ଆଇଟି ଆଇନକୁ କଡ଼ାକଡ଼ି ଭାବେ ଉପଯୋଗ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି। ମିଛ ସୋସିଆଲ ମିଡିଆ ପୋଷ୍ଟିଂ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରିଥିବା ଜଣାପଡ଼ିଛି।

କଟକ ଲୋକସଭା

## ବିଜେଡି ଗଡ଼ରେ କଂଗ୍ରେସ ଓ ବିଜେପି ପାଇଁ ଆହ୍ୱାନ

କଟକ, ୨୯ ।୩(ସମିସ): କଟକ ଲୋକସଭା ଆସନ ରାଜ୍ୟର ଏକ ମର୍ଯ୍ୟାଦାଜନକ ସଂସଦୀୟ କ୍ଷେତ୍ର। ଏଠାରୁ ସ୍ୱର୍ଗତ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭଳି ନେତୃତ୍ୱ ମଧ୍ୟ ବିଭିନ୍ନ ଦଳରୁ ନିର୍ବାଚିତ ହୋଇ ପ୍ରତିନିଧିତ୍ୱ କରିଥିଲେ। ଏହି ନିର୍ବାଚନମଣ୍ଡଳୀଟି ବିଗତ ୨୬ ବର୍ଷ ଧରି ଶଙ୍ଖଗଡ଼ରେ ପରିଣତ ହୋଇଛି। ଏଠାରୁ ବିଜୁ ଜନତା ଦଳ କେବେ ପରାଜୟର ସ୍ୱାଦ ଚାଖିନି। ବିଗତ ୬ଟି ସାଧାରଣ ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଆସିଛନ୍ତି। ଆସନ୍ତା ମେ' ୨୫ ତାରିଖରେ କଟକ ଲୋକସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ଅନୁଷ୍ଠିତ ହେବାକୁ




ଥିବା ବେଳେ ଏବେଠାରୁ ବିଭିନ୍ନ ଦଳର ସମରସଜ୍ଜା ଦେଖିବାକୁ ମିଳିଲାଣି। ତେବେ ବିଗତ ରେକର୍ଡ ଅନୁସାରେ, ବିଜୁ ଜନତା ଦଳର ବିଜୟଧାରାକୁ ୨୦୨୪ ନିର୍ବାଚନରେ ରୋକିବା ବିଜେପି ଓ କଂଗ୍ରେସ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ବିଜେଡି ମଧ୍ୟ ଆଗୁଆ ପ୍ରାର୍ଥୀ ଘୋଷଣା କରି ନିର୍ବାଚନ ପ୍ରସ୍ତୁତିରେ ବିରୋଧୀଙ୍କଠାରୁ ଆଗରେ ରହିଛି। ବିଜେଡି ଏହି ଆସନରୁ ଡଃ ସଂତୃପ୍ତ ମିଶ୍ରଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ୧୯୯୮ରୁ ୨୦୧୯ କଟକ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ଭାବେ ଲଗାତାର ୬ଥର ଜିତିଥିବା ଭର୍ତ୍ତୃହରି ମହତାବ ଏବେ ବିଜେଡି ଛାଡ଼ି ବିଜେପି ହାତ ଧରିଛନ୍ତି। ଏଣୁ ସମ୍ଭବତଃ ଏଥର ଏହି ଲୋକସଭା ଆସନରୁ ଭର୍ତ୍ତୃହରି ବିଜେପି ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ବିଗତ ନିର୍ବାଚନଗୁଡ଼ିକରେ କଂଗ୍ରେସ ଓ ବିଜେପି ଏହି ଲୋକସଭା ଆସନରେ ପ୍ରାର୍ଥୀ ବଦଳାଇ ଆସିଥିଲେ ମଧ୍ୟ ସଫଳତା ମିଳିନଥିବା ଦେଖିବାକୁ ମିଳିଛି।

**୨୦୨୪ ନିର୍ବାଚନ ମତ ସାବ୍ୟସ୍ତ କରିବେ**

| | | |
|---|---|---|
| ମୋଟ ଭୋଟର ସଂଖ୍ୟା | - | ୧୫, ୫୦, ୨୯୬ |
| ମହିଳା ଭୋଟର | - | ୭, ୪୯, ୬୦୫ |
| ପୁରୁଷ | - | ୮, ୦୦୪୮୪ |
| ଅନ୍ୟାନ୍ୟ | - | ୨୦୭ |

**୨୦୧୯ ଫଳାଫଳ**

| | |
|---|---|
| ବିଜୟୀ-ଭର୍ତ୍ତୃହରି ମହତାବ(ବିଜେଡି) | - ୫, ୨୪, ୫୯୨ ଭୋଟ |
| ନିକଟତମ ପ୍ରତିଦ୍ୱନ୍ଦୀ- ପ୍ରକାଶ ମିଶ୍ର (ବିଜେପି) | -୪, ୦୩, ୩୯୧ ଭୋଟ |
| ପଞ୍ଚାନନ କାନୁନଗୋ(କଂଗ୍ରେସ) | - ୯୯, ୮୪୭ ଭୋଟ |

୧୯୫୧-୫୨ ପ୍ରଥମ ଲୋକସଭା ନିର୍ବାଚନରେ ଏହି ଆସନରୁ ଆଇଏନସି ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ ହରେକୃଷ୍ଣ ମହତାବ। ୧୯୫୭ରେ ନିତ୍ୟାନନ୍ଦ କାନୁନଗୋ(ଆଇଏନସି), ୧୯୬୨ରେନିତ୍ୟାନନ୍ଦ କାନୁନଗୋ(ଆଇଏନସି), ୧୯୬୭ରେ ଶ୍ରୀନିବାସ ମିଶ୍ର (ପିଏସପି), ୧୯୭୧ରେ ଜାନକୀ ବଲ୍ଲଭ ପଟ୍ଟନାୟକ(ଆଇଏନସି), ୧୯୭୭ରେ ଶରତ କର (ବିଏଲଡି), ୧୯୮୦ରେ ପୁଣି ଜାନକୀ ବଲ୍ଲଭ ପଟ୍ଟନାୟକ (ଆଇଏନସି), ୧୯୮୪ରେ ଜୟନ୍ତୀ ପଟ୍ଟନାୟକ, ୧୯୮୯ରେ ଶ୍ରୀକାନ୍ତ ଜେନା(ଜନତା ଦଳ), ୧୯୯୧ରେ ଶ୍ରୀକାନ୍ତ ଜେନା(ଜନତା ଦଳ), ୧୯୯୬ରେ ଏକାଦଶ ଲୋକସଭାକୁ ବିଜୁ ପଟ୍ଟନାୟକ(ଜନତା ଦଳ) ନିର୍ବାଚିତ ହୋଇଥିଲେ। ଏହା ପରଠାରୁ ୧୯୯୮, ୧୯୯୯, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଜୁ ଜନତା ଦଳ ଏହି ନିର୍ବାଚନମଣ୍ଡଳୀରେ ବିଜୟ ବାନା ଉଡ଼ାଇ ଆସିଛି। କଟକ ଲୋକସଭା ଆସନ ଅଞ୍ଚଳରେ ୭ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବାଙ୍କୀ, ବଡ଼ମ୍ବା, ଆଠଗଡ଼ ଓ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ରହିଛି। ଗତ ୨୦୧୯ କଟକ ଲୋକସଭା ଆସନ ଅନ୍ତର୍ଗତ ବାରବାଟୀ-କଟକ ବ୍ୟତୀତ ସବୁ ବିଧାନସଭା କ୍ଷେତ୍ରରେ ବିଜେଡି ବିଧାୟକ ପ୍ରାର୍ଥୀମାନେ ବିଜୟୀ ହୋଇପାରିଥିଲେ।

କୋରାପୁଟ ବିଧାନସଭା

## ନିର୍ଣ୍ଣାୟକ ହେବେ ଗ୍ରାମାଞ୍ଚଳ ମତଦାତା

କୋରାପୁଟ, ୨୯ ।୩ (ସମିସ)



ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ (ମେ' ୧୩)ରେ ଉଭୟ କୋରାପୁଟ ଲୋକସଭା ଏବଂ ବିଧାନସଭା ନିମନ୍ତେ ଭୋଟ୍ ଗ୍ରହଣ ହେବ। ତେଣୁ ଏବେଠାରୁ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଦେଖାଦେଲାଣି। କୋରାପୁଟ ବିଧାୟକ ରଘୁରାମ ପଡ଼ାଲଙ୍କ ଉପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁନଃ ଆସ୍ଥା ପ୍ରକଟ କରି ଲଢ଼ିବାକୁ ସୁଯୋଗ ଦେଇଛନ୍ତି। କିନ୍ତୁ ବିଜେଡି ବ୍ୟତୀତ ଅନ୍ୟ ଦୁଇ ପ୍ରମୁଖ ଦଳ କଂଗ୍ରେସ ଓ ବିଜେପିରୁ କିଏ ପ୍ରାର୍ଥୀ ହେବେ, ତାକୁ ନେଇ ବର୍ତ୍ତମାନ ସାଧାରଣରେ ଉତ୍କଣ୍ଠା ରହିଛି। କଂଗ୍ରେସ ଓ ବିଜେପିରେ ଥିବା ଏକାଧିକ ଆଶାୟୀ ସମସ୍ୟା ସୃଷ୍ଟି କରୁଥିବା ବେଳେ ଦଳୀୟ ହାଇକମାଣ୍ଡ କାହାକୁ ଟିକଟ ଦେବେ ଓ କାହାର କାଟିବେ, ତାକୁ ନେଇ ଏହି ଦୁଇ ଦଳର ନେତାମାନେ ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି।

୧୯୫୧ରୁ ୨୦୧୯ ମଧ୍ୟରେ ହୋଇଥିବା ୧୬ଟି ନିର୍ବାଚନରେ କଂଗ୍ରେସ ଏଠାରୁ ୯ଥର ବିଜୟୀ ହୋଇଥିବା ବେଳେ ଜନତା ପାର୍ଟି, ଜନତା ଦଳ ଥରେ ଲେଖାଏଁ, ବିଜେଡି ଦୁଇଥର ଏବଂ ଅନ୍ୟମାନେ ୩ଥର ବିଜୟୀ ହୋଇଛନ୍ତି। ବିଜେଡି ଶାସନର ୨୪ ବର୍ଷ ମଧ୍ୟରେ ୨୦୦୦ ଓ ୨୦୦୪ରେ କଂଗ୍ରେସରୁ ତାରାପ୍ରସାଦ ବାହିନୀପତି ଦୁଇଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ତେବେ ୨୦୦୯ରୁ ଏହି ଆସନଟି ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷିତ ହେବା ପରେ ୨୦୦୯ ଓ ୨୦୧୯ରେ ବିଜେଡିରୁ ରଘୁରାମ ପଡ଼ାଲ ଦୁଇଥର ଓ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ କୃଷ୍ଣ ସଗରିଆ ନିର୍ବାଚିତ ହୋଇଥିଲେ।

**୨୦୧୯ ନିର୍ବାଚନ ଫଳାଫଳ**

ଭୋଟର ସଂଖ୍ୟା-୧୬୬୪୦୪,
ମତଦାନ ହାର ୭୧.୮୬%
ରଘୁରାମ ପଡ଼ାଲ (ବିଜେଡି)-୪୮, ୧୭୧ (୩୫%)
କୃଷ୍ଣ କୁଲଦୀପ (କଂଗ୍ରେସ)-୪୧, ୮୮୬ (୩୧%)
ତ୍ରିପୁରାରୀ ଗରଡ଼ା (ବିଜେପି)-୩୩, ୦୦୪(୨୫%)

କୋରାପୁଟ, ସୁନାବେଡ଼ା ପୌରପରିଷଦ ସମେତ ଲମତାପୁଟ ବ୍ଲକ୍, କୋରାପୁଟ ବ୍ଲକ୍‌ର ୧୦ଟି ଓ ବୈପାରୀଗୁଡ଼ା ବ୍ଲକର ୮ଟି ପଞ୍ଚାୟତକୁ ନେଇ କୋରାପୁଟ ବିଧାନସଭା ଗଠିତ। ୨୦୨୪ ଭୋଟର୍ ତାଲିକା ଅନୁଯାୟୀ, କୋରାପୁଟ ବିଧାନସଭା କ୍ଷେତ୍ରରେ ମୋଟ ୧ ଲକ୍ଷ ୯୦ ହଜାର ୩୪୧ଜଣ ଭୋଟର୍ ରହିଥିବା ଜଣାପଡ଼ିଛି। ମହିଳା ଭୋଟର ସର୍ବାଧିକ ୯୭ ହଜାର ୪୦୮ (୫୧.୧୭%) ରହିଥିବା ବେଳେ ପୁରୁଷ ଭୋଟର୍ ୯୨ ହଜାର ୯୨୧(୪୮.୪୧%) ଏବଂ ମାତ୍ର ୧୨ଜଣ ତୃତୀୟଲିଙ୍ଗୀ ଭୋଟର୍ ରହିଛନ୍ତି। ତେବେ କୋରାପୁଟ ବିଧାନସଭା କ୍ଷେତ୍ରରେ ମହିଳା ଭୋଟର୍ ପ୍ରାୟ ୫ ହଜାର ଅଧିକ ରହିଥିବାରୁ ମହିଳା ଭୋଟରଙ୍କ ନିଷ୍ପତ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି। ସେହିପରି ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ (ପାଖାପାଖି ୭୦ ପ୍ରତିଶତ) ଭୋଟର୍ ଥିବାରୁ ଗତଥର ପରି ଏଥର ନିର୍ବାଚନରେ ମଧ୍ୟ ସେମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ବିଭିନ୍ନ କାରଣ ପାଇଁ ସହରାଞ୍ଚଳ ଭୋଟ୍ ବିଭିନ୍ନ ଦଳ ମଧ୍ୟରେ ବିଭାଜିତ ହେବାର ଅଧିକ ସମ୍ଭାବନା ରହିଛି। କିନ୍ତୁ ରାଜ୍ୟ ସରକାରଙ୍କ ଏକାଧିକ ଜନକଲ୍ୟାଣକାରୀ ଯୋଜନା, ମିଶନ୍ ଶକ୍ତି ମା'ମାନଙ୍କ ସଶକ୍ତୀକରଣ ଭଳି କାର୍ଯ୍ୟକ୍ରମ ଯୋଗୁଁ ବିଜେଡି ଏଠାରୁ ଅଧିକ ଫାଇଦା ପାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତା' ସାଙ୍ଗକୁ ଶ୍ରୀ ପଡ଼ାଲଙ୍କ ଦୃଢ଼ ସଂଗଠନ, ବ୍ୟକ୍ତିଗତ ଜନସମ୍ପର୍କ ଏବଂ ଗତ ୫ ବର୍ଷରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତାଙ୍କୁ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଆଗରେ ରଖିବ ବୋଲି ଏହି ମହଲ ଆକଳନ କରିଛି।

ସେମାନଙ୍କ କହିବା କଥା, ମାତ୍ର ୨ ବର୍ଷ ତଳେ ଅର୍ଥାତ୍ ୨୦୨୨ରେ ଅନୁଷ୍ଠିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ଫଳାଫଳରେ ଶାସକ ବିଜେଡିର ସ୍ଥିତି ମଜଭୁତ ରହିଥିଲା। କୋରାପୁଟ ଓ ସୁନାବେଡ଼ା ପୌର ପରିଷଦରେ ବିଜେଡିର ଅଧ୍ୟକ୍ଷ, ଉପାଧ୍ୟକ୍ଷ ସମେତ ପ୍ରାୟ ୭୦ ପ୍ରତିଶତ କାଉନସିଲର ରହିଛନ୍ତି। ସେହିପରି ପଞ୍ଚାୟତ ନିର୍ବାଚନରେ ଲମତାପୁଟ ଓ ବୈପାରୀଗୁଡ଼ା ବ୍ଲକ୍‌ରେ ବିଜେଡିର ଅଧ୍ୟକ୍ଷ, କୋରାପୁଟ, ଲମତାପୁଟ ଓ ବୈପାରୀଗୁଡ଼ା ବ୍ଲକର ୭ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ୨ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଅପରପକ୍ଷେ ୩ଟି ବ୍ଲକ୍‌ର ପ୍ରାୟ ୮୦ ପ୍ରତିଶତ ସରପଞ୍ଚ ବିଜେଡି ସମର୍ଥିତ ରହିଛନ୍ତି।

**ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ**

## ମୟୂରଭଞ୍ଜ ଓ ସୁନ୍ଦରଗଡ଼ରେ ପ୍ରାର୍ଥୀ ଦେବ ଜେଏମ୍ଏମ୍

**ରାଇରଙ୍ଗପୁର, ୨୯ ।୩ (ସମିସ):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନଙ୍କ ବାସଭବନରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍ଏମ୍) ଓଡ଼ିଶା ରାଜ୍ୟ କମିଟିର ଏକ ବୈଠକ ହୋଇଛି। ନିର୍ବାଚନରେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାକୁ କେତେ ପ୍ରାର୍ଥୀ ଦେବେ, ସେନେଇ ଆଲୋଚନା ହୋଇଥିଲା। ମୟୂରଭଞ୍ଜ ଲୋକସଭା ଆସନରେ ଜେଏମ୍ଏମ୍ ପ୍ରାର୍ଥୀ ଦେବା ସହ ୭ଟି ବିଧାନସଭା ଓ ସୁନ୍ଦରଗଡ଼ ୩ ବିଧାନସଭା ଆସନରେ ପ୍ରାର୍ଥୀ ଦେବେ ବୋଲି ସ୍ଥିର ହୋଇଛି। ଏହା ପରେ କଂଗ୍ରେସ ସହ ଆଲୋଚନା କରିବା ପରେ ପ୍ରାର୍ଥୀ ଘୋଷଣା କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଅଞ୍ଜନୀ ସୋରେନ ମୟୂରଭଞ୍ଜ ଲୋକସଭା ନିର୍ବାଚନ ପାଇଁ ଜେଏମ୍ଏମ୍‌ର ପ୍ରାର୍ଥୀ ହେବା ନେଇ ଏକପ୍ରକାର ସ୍ପଷ୍ଟ ହୋଇଥିବା ଜଣାପଡ଼ିଛି। ଅଞ୍ଜନୀ ୨୦୧୯ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲା ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ସେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଏମ୍ଏମ୍ ସୁପ୍ରିମୋ ଶିବୁ ସୋରେନଙ୍କ ଝିଅ ଏବଂ



ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭଉଣୀ। ସେ ମୟୂରଭଞ୍ଜ ଜିଲ୍ଲାର ବୋହୂ ମଧ୍ୟ। ବର୍ତ୍ତମାନ ସେ ଜେଏମ୍ଏମ୍‌ର ରାଜ୍ୟ ସଭାପତି ରହିଛନ୍ତି। କଂଗ୍ରେସ ସହ ଜେଏମ୍ଏମ୍‌ର ମେଣ୍ଟ ହେବା ନେଇ ଆଲୋଚନା ହେଉଥିବା ବେଳେ ଜେଏମ୍ଏମ୍ ଏହି ରିପୋର୍ଟ କଂଗ୍ରେସ କେନ୍ଦ୍ରୀୟ କମିଟିକୁ ଜଣାଇବା ପରେ ପ୍ରାର୍ଥୀଙ୍କ ନାମ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଜେଏମ୍ଏମ୍ ଓଡ଼ିଶା ରାଜ୍ୟ ସାଧାରଣ ସମ୍ପାଦକ ଦୁବରାଜ ନାଗ ସୂଚନା ଦେଇଛନ୍ତି।

ବ୍ରହ୍ମପୁର ଲୋକସଭା

## ତେଲୁଗୁ ଭୋଟରଙ୍କ ଉପରେ ନଜର

ବ୍ରହ୍ମପୁର, ୨୯ ।୩ (ସମିସ)

ରାଜ୍ୟ ରାଜନୀତିରେ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଅବିଭକ୍ତ ଗଞ୍ଜାମ ଓ ଗଜପତି ଜିଲ୍ଲାର ରାଜନୀତିର ବ୍ଲୁ-ପ୍ରିଣ୍ଟ ଏହିଠାରେ ହିଁ ପ୍ରସ୍ତୁତ ହୁଏ, କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ ପଞ୍ଚାୟତ ହେଉ କି ପୌର ଅଥବା ସାଧାରଣ ନିର୍ବାଚନ; ସବୁଥିରେ ବ୍ରହ୍ମପୁରର ଗୁରୁତ୍ୱ ଅଧିକ ରହିଥାଏ। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ବ୍ରହ୍ମପୁର ଲୋକସଭା ଆସନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିର୍ବାଚନକୁ ଆଉ ୨ ମାସରୁ କମ୍ ସମୟ ଥିବାରୁ ଏବେଠାରୁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବଳ କଷାକଷି ଆରମ୍ଭ ହୋଇଗଲାଣି। ତେବେ ଏହି ଲୋକସଭା ନିର୍ବାଚନମଣ୍ଡଳୀରେ ମହିଳା, ଚାଷୀ ଓ ଅନ୍ୟ କିଛି ପ୍ରମୁଖ ବର୍ଗକୁ ଛାଡ଼ିଦେଲେ ତେଲୁଗୁ ଭୋଟର୍‌ଙ୍କ ଉପରେ ସବୁ ଦଳର ନଜର ରହିଥାଏ। ପ୍ରତି ନିର୍ବାଚନରେ ଏହି ବର୍ଗର ଭୋଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଓ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ।




ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ମୋହନା, ଗଞ୍ଜାମର ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଚିକିଟି ଓ ଦିଗପହଣ୍ଡି ବିଧାନସଭା କ୍ଷେତ୍ରକୁ ନେଇ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଗଠିତ। ଦିଗପହଣ୍ଡି ଓ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀ ବ୍ୟତୀୟ ଅନ୍ୟ ସମସ୍ତ ବିଧାନସଭା କ୍ଷେତ୍ରରେ ତେଲୁଗୁ ଭୋଟର୍ ରହିଛନ୍ତି। ଏମାନେ ଆଗାମୀ ସାଧାରଣ ନିର୍ବାଚନରେ ନୂଆ ଜନପ୍ରତିନିଧି ବାଛିବାରେ ନିଜର ସ୍ୱତନ୍ତ୍ରତା ପ୍ରତିପାଦନ କରିବାକୁ ଯାଉଛନ୍ତି। ପାରଳାଖେମୁଣ୍ଡି ମ୍ୟୁନିସିପାଲଟି ଓ ବ୍ଲକ୍, ଗୁମ୍ମା ବ୍ଲକ, କାଶୀନଗର ଏନ୍ଏସି ଓ ବ୍ଲକକୁ ନେଇ ଗଠିତ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ତେଲୁଗୁ ଭୋଟର୍‌ଙ୍କ ସଂଖ୍ୟା ଅଧିକ। ବିଶେଷକରି ପାରଳାଖେମୁଣ୍ଡି ସହରରେ ହିଁ ୪୦ ପ୍ରତିଶତ ତେଲୁଗୁ ଭୋଟର୍ ରହିଛନ୍ତି। ସେହିଭଳି କାଶୀନଗର ବ୍ଲକରେ ମଧ୍ୟ ତେଲୁଗୁ ଭୋଟର ଭାଇ ଭଉଣୀଙ୍କ ଦବଦବା ରହି ଆସିଛି।

ସେହିଭଳି ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେସନ୍ (ବିଏମସି)ର ୩୭ଟି ୱାର୍ଡକୁ ନେଇ ଗଠିତ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ୩୦ ପ୍ରତିଶତ ତେଲୁଗୁ ଭୋଟର୍ ରହିଥିବା ବେଳେ ପୌର ସମେତ ସାଧାରଣ ନିର୍ବାଚନରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଅନୁରୂପ ଭାବେ ଅନ୍ୟ ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ଚିକିଟିରେ ତେଲୁଗୁ ଭୋଟର୍‌ଙ୍କ ସଂଖ୍ୟା ଅଧିକ। ଏହି ନିର୍ବାଚନମଣ୍ଡଳୀ ଆନ୍ଧ୍ର ସୀମାକୁ ଲାଗି ରହିଥିବା ବେଳେ ସୀମାନ୍ତର ଅନେକ ପଞ୍ଚାୟତରେ ତେଲୁଗୁ ଭାଷାଭାଷୀ ଭାଇ-ଭଉଣୀ ବସବାସ କରନ୍ତି। ଚିକିଟି ଏନ୍ଏସି, ଚିକିଟି ବ୍ଲକ୍ ଓ ପାତ୍ରପୁର ବ୍ଲକ୍‌କୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ମଧ୍ୟ ୩୦ରୁ ଊର୍ଦ୍ଧ୍ୱ ପ୍ରତିଶତ ତେଲୁଗୁ ଭୋଟର୍ ରହିଛନ୍ତି। ଏଠାକାର ବରଙ୍ଗ, ଖମ୍ବାରିଙ୍ଗା, ବିନୂଆଗାଁ, ଗୁଡ଼ିପଦର, ଝଟିପଦର, ପିତାତଳି, ରମ୍ଭା, ସୁବାଣି ଆଦି ପଞ୍ଚାୟତରେ ତେଲୁଗୁ ଭୋଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି। ସେହିପରି ଜିଲ୍ଲା ମୁଖ୍ୟାଳୟ ଛତ୍ରପୁର ନିର୍ବାଚନ ମଣ୍ଡଳୀ, ଛତ୍ରପୁର, ରମ୍ଭା, ଗଞ୍ଜାମ ସହର ସମେତ ଛତ୍ରପୁର ଓ ଗଞ୍ଜାମ ବ୍ଲକକୁ ନେଇ ଗଠିତ। ଏଠାରେ ମଧ୍ୟ ପ୍ରାୟ ୨୦ ପ୍ରତିଶତ ତେଲୁଗୁ ଭୋଟର ରହିଥିବା ଜଣାଯାଏ। ଏଠାକାର ନରେନ୍ଦ୍ରପୁର, ବଡ଼ ମାଧପୁର, ଚମାଖଣ୍ଡି, ଲକ୍ଷ୍ମୀପୁର, ଚିକଲଖଣ୍ଡି, ପୋଇରାଣି, ପଲ୍ଲୀବନ୍ଧ ଆଦି ପଞ୍ଚାୟତରେ ତେଲୁଗୁ ଭୋଟର ରହିଛନ୍ତି।

ବ୍ରହ୍ମପୁର ଲୋକସଭା କ୍ଷେତ୍ରର ଅନ୍ୟ ଏକ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ ଗୋପାଳପୁରରେ ମଧ୍ୟ ତେଲୁଗୁ ଭୋଟର ସବୁବେଳେ ବଡ଼ ଭୂମିକା ଗ୍ରହଣ କରି ଆସିଛନ୍ତି। ଏଠାରେ ମଧ୍ୟ ୩୦ରୁ ୪୦ପ୍ରତିଶତ ଭୋଟର୍ ତେଲୁଗୁ ଭାଷାଭାଷୀ। ଗୋପାଳପୁର ଏନ୍ଏସି, ରଙ୍ଗେଇଲୁଣ୍ଡା ବ୍ଲକ, ବ୍ରହ୍ମପୁର ମହାନଗର ନିଗମର ୫ଟି ୱାର୍ଡ ସମେତ କୁକୁଡ଼ାଖଣ୍ଡି ବ୍ଲକର କିଛି ପଞ୍ଚାୟତକୁ ନେଇ ଗୋପାଳପୁର ନିର୍ବାଚନମଣ୍ଡଳୀ ଗଠିତ। ଏଠାକାର ଲଉଡ଼ି ଗାଁ, ତୁଳୁ, ମାର୍କେଣ୍ଡି, ବକ୍ସିପଲ୍ଲୀ, ହାତିପାଦ, ଗୋଳାବନ୍ଧ, କରାପଲ୍ଲୀ ଆଦି ପଞ୍ଚାୟତରେ ତେଲୁଗୁ ଭୋଟର୍ ନିର୍ଣ୍ଣାୟକ ଭୂମିକା ଗ୍ରହଣ କହିଛନ୍ତି। ଏହି ତେଲୁଗୁ ଭୋଟର ଆଗାମୀ ଦିନରେ ଉଭୟ ଲୋକସଭା ଓ ବିଧାନସଭା ଲାଗି ନିଜ ଜନପ୍ରତିନିଧି ଚୟନ କରିବାରେ ଯେ ଏକ ପ୍ରମୁଖ ଭୂମିକା ନିଭାଇବେ; ଏଥିରେ ଦ୍ୱିମତ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦିଅନ୍ତି। ତେଣୁ ଏହି ଭୋଟର୍‌ଙ୍କୁ ଆକୃଷ୍ଟ କରିବାକୁ ପ୍ରମୁଖ ରାଜନୈତିକ ଦଳମାନଙ୍କ ପକ୍ଷରୁ କଷରତ ଆରମ୍ଭ ହୋଇଛି। ଏପରିକି ଏମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ଲାଗି କିଛି ନେତା ତେଲୁଗୁ ଶିଖିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଉପରୋକ୍ତ ନିର୍ବାଚନମଣ୍ଡଳୀରେ ପ୍ରଚାର ସମୟରେ ତେଲୁଗୁ ସଙ୍ଗୀତକୁ ପ୍ରାଥମିକତା ଦିଆଯାଇଥାଏ।

ପ୍ରକାଶଯୋଗ୍ୟ ଯେ ବ୍ରହ୍ମପୁର ଲୋକସଭା କ୍ଷେତ୍ରରେ ସମୁଦାୟ ୧୫ଲକ୍ଷ ୬୯ହଜାର ୯୪୧ଜଣ ଭୋଟର୍ ରହିଛନ୍ତି। ତନ୍ମଧ୍ୟରୁ ଚିକିଟିରେ ୨୧ଲକ୍ଷ, ୪୪ହଜାର ୩୧ଜଣ, ଦିଗହପଣ୍ଡିରେ ୨ଲକ୍ଷ ୨୪ହଜାର ୩୯୭, ବ୍ରହ୍ମପୁରରେ ୨ଲକ୍ଷ ୨୨ହଜାର ୭୪୯, ଗୋପାଳପୁରରେ ୨ଲକ୍ଷ ୨୪ହଜାର ୫୯୩, ଛତ୍ରପୁରରେ ୨ଲକ୍ଷ ୨୪ ହଜାର ୫୪୩, ମୋହନାରେ ୨ଲକ୍ଷ ୪୩ହଜାର ୫୨୨ଜଣ ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୫ହଜାର ୭୦୬ଜଣ ଭୋଟର୍ ରହିଛନ୍ତି। ବର୍ତ୍ତମାନ ବ୍ରହ୍ମପୁର ଲୋକସଭା ଲାଗି ବିଜେପି ତା'ର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜୁ ଜନତା ଦଳର ଘୋଷଣା ଉପରେ ସମସ୍ତଙ୍କ ନଜର ରହିଛି।




ଟିକଟ ପାଇବା ପରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ 'ନବୀନ ଓଡ଼ିଶା ଅଧ୍ୟକ୍ଷ' କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟୁଛନ୍ତି ଦଳୀୟ ନେତା

**ନବୀନ ନିବାସରେ ଗଞ୍ଜାମ ନେତା**

# ନବୀନ ଦେଲେ ବିଜୟ ମନ୍ତ୍ର

**ନିଖୁଣ ରଣକୌଶଳ ସହ ବିଜୟରେ ରେକର୍ଡ଼ କରିବାକୁ ପାଣ୍ଡିଆନଙ୍କ ପରାମର୍ଶ**

**ବିଜୟ ବ୍ୟବଧାନ ଓ ଭୋଟ ହାର ବୃଦ୍ଧି ନିମନ୍ତେ କାର୍ଯ୍ୟ ଲାଗି ପ୍ରଣବଙ୍କ ଆହ୍ୱାନ**

**ବ୍ରହ୍ମପୁର ପର୍ଯ୍ୟବେକ୍ଷକ ମାନସଙ୍କ ସହ ଜିଲ୍ଲାର ସାଂସଦ, ବିଧାୟକ ଉପସ୍ଥିତ**

**ଭୁବନେଶ୍ୱର, ୨୯ ।୩(ସମିସ):** ଆସନ୍ତା ନିର୍ବାଚନରେ ରାଜ୍ୟରେ ୧୨୫ରୁ ଅଧିକ ବିଧାନସଭା ଏବଂ ୫୦ ପ୍ରତିଶତ ଭୋଟ ହାସଲ ଲକ୍ଷ୍ୟ ରଖିଛି ଶାସକ ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଦଳ ଏନେଇ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରି ସେହି ଅନୁଯାୟୀ ପ୍ରାର୍ଥୀ ଚୟନ ଏବଂ ସାଂଗଠନିକ କାର୍ଯ୍ୟକ୍ରମ ଜାରି ରହିଛି। ଏହିକ୍ରମରେ ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି ଗଞ୍ଜାମ ଜିଲ୍ଲାର ଛାମୁଆ ନେତା। ଆଗାମୀ ନିର୍ବାଚନରେ ଦଳ କିପରି ଏଠାରେ ସମସ୍ତ ଆସନରେ ବିଜୟୀ ହେବ ସେନଇ ମୁଖ୍ୟମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ଭିନ୍ନଭିନ୍ନ ଆସନରେ ସଫଳତା ହାସଲ ପାଇଁ ଭିନ୍ନଭିନ୍ନ ରଣକୌଶଳ ଆପଣେଇବା ନିମନ୍ତେ ମୁଖ୍ୟମନ୍ତ୍ରୀ ଦଳୀୟ ନେତାଙ୍କୁ ଦେଇଛନ୍ତି ଗୁରୁମନ୍ତ୍ର।

ମିଳିଥିବା ସୂଚନା ଅନୁଯାୟୀ ଦଳର ନିର୍ବାଚନ ପ୍ରସ୍ତୁତି, ଲୋକଙ୍କ ସହ ନେତାଙ୍କ ଜନସମ୍ପର୍କ ଏବଂ ବିଭିନ୍ନ ନିର୍ବାଚନମଣ୍ଡଳୀରେ ପ୍ରାର୍ଥିତ୍ୱ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଦଳୀୟ ନେତାଙ୍କ ସହ ବ୍ୟାପକ ଆଲୋଚନା କରିଛନ୍ତି। ଲୋକଙ୍କ ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇଥିବା ବେଳେ ରାଜ୍ୟରେ ରୂପାନ୍ତରଣ କାର୍ଯ୍ୟକ୍ରମ ଜାରି ରହିଛି। ରାଜ୍ୟ ସରକାରଙ୍କ ବିକାଶ ବାର୍ତ୍ତାକୁ ଲୋକଙ୍କ ନିକଟରେ ଶତ ପ୍ରତିଶତ ଭାବେ ପହଞ୍ଚାଇବା ସହ ନିର୍ବାଚନମଣ୍ଡଳୀରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ନିର୍ବାଚନୀ ପ୍ରସ୍ତୁତିରେ ଲାଗିପଡ଼ିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦଳର ପ୍ରତ୍ୟେକ ନେତା ନିଜନିଜ ମଧ୍ୟରେ ସମନ୍ୱୟ ରଖି ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଦଳ ପକ୍ଷରୁ ନିର୍ଦ୍ଧାରିତ ରଣକୌଶଳ ଆଧାରରେ ପ୍ରତ୍ୟେକ କର୍ମୀ ଓ ନେତାଙ୍କୁ କାର୍ଯ୍ୟ କରିବା ନିମନ୍ତେ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରାଜ୍ୟରେ ଦଳ ବିପୁଳ ବିଜୟ ସହ ରେକର୍ଡ଼ କରିବ ବୋଲି ଉଲ୍ଲେଖ କରି ଗଞ୍ଜାମ ଜିଲ୍ଲାରେ ଭୋଟ ହାର ସହ ବିଜୟ ବ୍ୟବଧାନକୁ ବୃଦ୍ଧି କରିବାକୁ ଦଳୀୟ ନେତାଙ୍କୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବ୍ରହ୍ମପୁର ଲୋକସଭା ଆସନ ପର୍ଯ୍ୟବେକ୍ଷକ ତଥା ସାଂସଦ ମାନସରଞ୍ଜନ ମଙ୍ଗରାଜ ଉପସ୍ଥିତ ଥିଲେ।

ମିଳିଥିବା ସୂଚନା ଅନୁସାରେ ଆଜି ଅପରାହ୍ନରେ ଗଞ୍ଜାମ ବହୁ ବରିଷ୍ଠ ନେତା ନବୀନ ନିବାସରେ ପହଞ୍ଚିଥିଲେ। ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡାଙ୍କ ସହ ବ୍ରହ୍ମପୁର ମହାନଗର ନିଗମ ବହୁ କର୍ପୋରେଟର ଏବଂ ଅନ୍ୟ କେତେକ ନେତା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି।

## ୭୩ ବର୍ଷ ପରେ ବସ୍ତାରେ ପ୍ରଥମ ମହିଳା ପ୍ରାର୍ଥୀ

**ବସ୍ତା ବ୍ଲକ, ୨୯ ।୩ (ସମିସ):** ସାଧାରଣ ନିର୍ବାଚନ ପାଇଁ ବିଗୁଲ୍ ବାଜିବା ପରେ ଏବେ ସବୁ ରାଜନୈତିକ ଦଳର ଶିବିର ଚଳଚଞ୍ଚଳ। ପ୍ରାର୍ଥୀ ଚୟନ ପାଇଁ ସବୁ ଦଳରେ ଚାଲିଛି ମାନସମନ୍ଥନ। ଏହି କ୍ରମରେ ଦେଖିବାକୁ ଗଲେ, ବିଜେଡି ବୁଧବାର ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏଥିରେ ବାଲେଶ୍ୱର ଜିଲ୍ଲାର କେବଳ ଦୁଇଟି ଆସନ; ବସ୍ତା ଓ ଜଳେଶ୍ୱର ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀ ଘୋଷଣା କରିଛନ୍ତି। ବସ୍ତାରୁ ରାଜ୍ୟ କାର୍ଯ୍ୟକାରୀ ମହିଳା ସଭାପତି ଦାୟିତ୍ୱ ତୁଲାଉଥିବା ସୁବାସିନୀ



ଜେନାଙ୍କୁ ବିଜେଡି ଟିକଟ୍ ମିଳିଥିବା ବେଳେ ଜଳେଶ୍ୱରରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଦଳ ପୁନରାବୃତ୍ତି କରିଛି। ବିଧାନସଭା ନିର୍ବାଚନରେ ସୁବାସିନୀ ନୂଆ ମୁହଁ। ଗତ ୧୦ ବର୍ଷ ଧରି ସୁବାସିନୀ ନିର୍ବାଚନ ମଣ୍ଡଳୀରେ ନିଜର ସ୍ଥିତି ଦୃଢ଼ କରିବାରେ ଲାଗି ରହିଥିବା ବେଳେ ତାଙ୍କୁ ଏଥର ଟିକଟ୍ ମିଳିବ ବୋଲି ସେଠାକାର ବିଜେଡି ଶିବିର ଆଶା ବାନ୍ଧିଥିଲା। ଅପରପକ୍ଷେ, ବସ୍ତାରେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରି ବିଜେଡି ନୂଆ ଇତିହାସ ରଚିଛି। ୧୯୫୧ ମସିହାରୁ ଗତ ୨୦୧୯ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ; ୭୩ ବର୍ଷର ଇତିହାସରେ ବସ୍ତା ବିଧାନସଭା ଆସନରୁ କେହି ମହିଳା ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇନାହାନ୍ତି। ଚଳିତ ନିର୍ବାଚନରେ ବିଜେଡି ପ୍ରଥମଥର ପାଇଁ ମହିଳା ପ୍ରାର୍ଥିନୀ ଭାବେ ସୁବାସିନୀଙ୍କୁ ସୁଯୋଗ ଦେଇଛି।

ବସ୍ତା ନିର୍ବାଚନମଣ୍ଡଳୀ ବସ୍ତା ଓ ବାଲିଆପାଳକୁ ନେଇ ଗଠିତ। ବସ୍ତା ବ୍ଲକ୍‌ର ୩୧ ପଞ୍ଚାୟତରୁ ୧୭ଟି ବସ୍ତା ଓ ୧୪ଟି ଜଳେଶ୍ୱର ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି। ତେଣୁ ବସ୍ତା ଓ ଜଳେଶ୍ୱର ବିଧାନସଭା ଆସନ ଉପରେ ବସ୍ତା ବ୍ଲକ୍‌ବାସୀଙ୍କ ନଜର ଅଧିକ ରହିଥାଏ। ସୂଚନାଯୋଗ୍ୟ, ରାଜ୍ୟର ୩୭ ନମ୍ବର ବିଧାନସଭା ଆସନ କୁହାଯାଉଥିବା ବସ୍ତାରେ ଗତ ୨୦୧୯ ନିର୍ବାଚନରେ ସବୁଠାରୁ ପଛରେ ପ୍ରାର୍ଥୀ ଘୋଷଣା ହୋଇଥିଲା। ମାତ୍ର ଚଳିତ ନିର୍ବାଚନରେ ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ଘୋଷଣା ହୋଇଛି। ଅନ୍ୟପକ୍ଷେ ପ୍ରାର୍ଥୀ ଘୋଷଣା ପାଇଁ ବିଜେପି ଓ କଂଗ୍ରେସ ନିଜ ନିଜ ସ୍ତରରେ ମାନସ ମନ୍ଥନ ଚଳାଇଥିବା ବେଳେ ଏହା ଉପରେ ସମସ୍ତଙ୍କ ନଜର ରହିଛି।

**ପ୍ରଶାନ୍ତ, ଅପରାଜିତାଙ୍କୁ ବିରୋଧ**

# ସମୂହ ଇସ୍ତଫା ଧମକ

**ଖୋର୍ଦ୍ଧାରେ କାଳୁ ସମର୍ଥକ ବିଜେପି କର୍ମୀଙ୍କ ମେଳି**



**ଖୋର୍ଦ୍ଧା, ୨୯ ।୩ (ସମିସ):** ଗତ ନିର୍ବାଚନରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ କାଳୁଚରଣ ଖଣ୍ଡେଇତରାୟଙ୍କୁ ଉପେକ୍ଷା କରି ବିଶୃଙ୍ଖଳିତ ନେତା ପ୍ରଶାନ୍ତ ଜଗଦେବଙ୍କୁ ଏଥର ପ୍ରାର୍ଥୀ କରିବାକୁ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଯୋଜନାକୁ ବିଜେପି କର୍ମୀମାନେ ଘୋର୍ ବିରୋଧ କରିଛନ୍ତି। ପ୍ରଶାନ୍ତଙ୍କୁ ଏଠାରୁ ପ୍ରାର୍ଥୀ କରାଗଲେ ହଜାର ହଜାର ବିଜେପି କର୍ମୀ ସମୂହ ଇସ୍ତଫା ଦେବେ ବୋଲି ଚରମବାଣୀ ଶୁଣାଇଛନ୍ତି।

ଖୋର୍ଦ୍ଧା ଉପକଣ୍ଠ ମଳିପଡ଼ାସ୍ଥିତ କାର୍ଯ୍ୟାଳୟଠାରେ ଶୁକ୍ରବାର ସନ୍ଧ୍ୟା ୬ଟାରୁ ଦୀର୍ଘ ୨ଘଣ୍ଟା ଧରି ସହସ୍ରାଧିକ ବିଜେପି କର୍ମୀ ସାମିଲ ହୋଇ ଅପରାଜିତା ଓ ପ୍ରଶାନ୍ତଙ୍କ ବିରୋଧରେ ନାରାବାଜି କରିଥିଲେ। କର୍ମୀଙ୍କ ସହ ରହିଥିବା ନେତାଙ୍କୁ ଟିକଟ ଦେବାକୁ ସେମାନେ ଦାବି କରିଥିଲେ। ଖବର ପାଇ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ମଣ୍ଡଳ ସଭାପତିଙ୍କ ସମେତ ଆଗଧାଡ଼ିର ଜିଲ୍ଲାସ୍ତରୀୟ ନେତାମାନେ ମଧ୍ୟ ସେଠାରେ ପହଞ୍ଚି ଖୋର୍ଦ୍ଧାରୁ ପ୍ରଶାନ୍ତଙ୍କୁ ଟିକଟ ପ୍ରଦାନକୁ ବିରୋଧ କରିଥିଲେ। ଦଳ ଖୋର୍ଦ୍ଧାରେ ଶ୍ରୀ ଖଣ୍ଡେଇତରାୟଙ୍କୁ ପ୍ରାର୍ଥୀ ନକଲେ, ସଭାପତିଙ୍କ ସମେତ କର୍ମୀମାନେ ଦଳରୁ ସମୂହ ଇସ୍ତଫା ଦେବେ ବୋଲି ଘୋଷଣା କରିଥିବା କର୍ମୀଙ୍କ ମହଲରୁ ଜଣାଯାଇଛି।

**■ ଧର୍ମଶାଳା ନିର୍ବାଚନମଣ୍ଡଳୀ**

## ପ୍ରଣବଙ୍କ ବିପକ୍ଷରେ ପ୍ରାର୍ଥୀ କିଏ?

**ଧର୍ମଶାଳା, ୨୯ ।୩ (ସମିସ):** ସାଧାରଣ ନିର୍ବାଚନ ବିଗୁଲ ବାଜିବା ପରେ ଏବେ ବିଭିନ୍ନ ଦଳର ଟିକଟ୍ ଘୋଷଣାକୁ ନେଇ ନିର୍ବାଚନମଣ୍ଡଳୀରେ ଆଲୋଚନା ଜୋର୍ ଧରିଛି। ବିଜେଡି ସର୍ବପ୍ରଥମେ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଧର୍ମଶାଳାରୁ ତୃତୀୟଥର ପାଇଁ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। କିନ୍ତୁ ବିଜେପି ଓ କଂଗ୍ରେସ ପକ୍ଷରୁ ଦଳ ପକ୍ଷରୁ ଏଯାଏ ପ୍ରାର୍ଥୀ ଘୋଷଣା ହୋଇ ନଥିବାରୁ କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ, ତାକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା-ପର୍ଯ୍ୟାଲୋଚନା ଜାରି ରହିଛି। ପ୍ରଣବଙ୍କ ବିପକ୍ଷରେ ଏଥର ବିଜେପି ଓ କଂଗ୍ରେସର ପ୍ରାର୍ଥୀ କିଏ ହେବ, ତାକୁ ନେଇ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଛନ୍ତି ଦୁଇ ଦଳର ସମର୍ଥକ।

ଗତ ୨୦୧୪ ଓ ୨୦୧୯ରେ ବିଜେପିରୁ ପ୍ରାର୍ଥୀ ହୋଇଥିବା ରମେଶ ଚନ୍ଦ୍ର ପରିଡ଼ା ଏବେ ବିଜେଡିରେ। ସେହିପରି ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସ୍ମୃତିରେଖା ପହି ଦଳ ପରିବର୍ତ୍ତନ କରି ଏବେ ବିଜେପିର ଆଶାୟୀ ପ୍ରାର୍ଥୀ। ତେବେ ଏଥର କଂଗ୍ରେସ ଓ ବିଜେପି ପ୍ରାର୍ଥୀ ଚୟନରେ ନୂଆମୁହଁ ହେବା ସମ୍ଭାବନା ରହିଛି। ବିଜେପିରୁ ହିମାଂଶୁ ଶେଖର ସାହୁ ଦଳୀୟ ପ୍ରାର୍ଥୀ ଚର୍ଚ୍ଚାରେ ବେଶ୍ ଆଗରେ ରହିଛନ୍ତି। ଅନ୍ୟତମ ସଂଗଠକ ସର୍ବେଶ୍ୱର ବେହୁରା ବି ଟିକଟ୍ ଲବିରେ ରହିଛନ୍ତି। ରାଜ୍ୟ ନେତୃବୃନ୍ଦ ଏହି ତିନି ଆଶାୟୀଙ୍କ ମଧ୍ୟରୁ କାହା ଉପରେ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ଆସ୍ଥା ରଖୁଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶନ ପଣ୍ଡା ଦଳୀୟ ପ୍ରାର୍ଥୀ ଲବିରେ ରହିଛନ୍ତି। ଗତ ୨୦୦୦ରୁ ସେ ଟିକଟ ଆଶାୟୀ ଥିଲେ ମଧ୍ୟ ରାଜ୍ୟ ନେତୃବୃନ୍ଦଙ୍କ ଅଣଦେଖା ଯୋଗୁଁ ପ୍ରାର୍ଥୀ ହେବାରୁ ବାରମ୍ବାର ବଞ୍ଚିତ ହୋଇଆସୁଛନ୍ତି। ସେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି କଂଗ୍ରେସ ସହ ଜଡ଼ିତ ଅଛନ୍ତି। ନିର୍ବାଚନ ଲଢ଼ିବା ପାଇଁ ସେ ମଧ୍ୟ ପ୍ରସ୍ତୁତ ଅଛନ୍ତି। ଗାଁକୁ ଗାଁ ବୁଲି କଂଗ୍ରେସ କର୍ମୀଙ୍କୁ ଏକଜୁଟ କରୁଛନ୍ତି। ତାଙ୍କ ଉପରେ ଏଥର ଦଳର ପ୍ରାର୍ଥୀ ମୋହର ବାଜିବ ବୋଲି ତାଙ୍କ ସମର୍ଥକ ଆଶା ବାନ୍ଧିଛନ୍ତି। ତେବେ ବିଜେପି ଓ କଂଗ୍ରେସ କାହାକୁ ଏଥର ପ୍ରଣବଙ୍କ ବିପକ୍ଷରେ ମଇଦାନକୁ ଛାଡୁଛି, ଭୋଟରଙ୍କ ଅପେକ୍ଷା ରହିଛି।

# ବିଳମ୍ବିତ ଟିକଟ ଘୋଷଣା କଂଗ୍ରେସକୁ ମହଙ୍ଗା!

**ଭୁବନେଶ୍ୱର, ୨୯ ।୩ (ସମିସ):** ରାଜ୍ୟ କଂଗ୍ରେସକୁ ଭାରି ପଡ଼ିବ ବିଳମ୍ବିତ ଟିକଟ ଘୋଷଣା। ଅନ୍ୟ ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପି ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିସାରିଥିବା ବେଳେ ଏଯାବତ୍ କଂଗ୍ରେସ ଉଭୟ ଲୋକସଭା କିମ୍ବା ବିଧାନସଭା ଆସନ ପାଇଁ ଗୋଟିଏ ବି ପ୍ରାର୍ଥୀ ଘୋଷଣା କରି ନଥିବାରୁ ରାଜନୈତିକ ମହଲରେ ଏପରି ଏକ ଚର୍ଚ୍ଚା ଆରମ୍ଭ ହୋଇଛି। ଅପରପକ୍ଷେ, ଟିକଟ ଘୋଷଣାରେ ବିଳମ୍ବ ଓ ନିର୍ବାଚନୀ ପରିଚାଳନା ନେଇ କୌଣସି ସ୍ପଷ୍ଟତା ଆସୁ ନଥିବାରୁ ଦଳର ବହୁ ହେଭିୱେଟ୍ ଅନ୍ୟ ଦଳକୁ ଚାଲିଗଲେଣି। କିଛି ନେତା ଦଳ ଛାଡ଼ି ସାରିଥିବା ବେଳେ ଏକାଧିକ ନେତା ଏଥିପାଇଁ ସଜବାଜ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଗତକାଲି (ଗୁରୁବାର) ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ କଂଗ୍ରେସରୁ ଇସ୍ତଫା ଦେବା ପରେ ଆଜି ବିଜେଡିରେ ମିଶିଛନ୍ତି। ୩୮ ବର୍ଷ ଧରି ସେ କଂଗ୍ରେସ ସହ ରହି ଆସିଥିଲେ। ଦଳ ଛାଡ଼ିବା ପୂର୍ବରୁ ସେ ବଲାଙ୍ଗିର ଜିଲ୍ଲା କଂଗ୍ରେସ ସଭାପତି ପଦରେ ଅବସ୍ଥାପିତ ଥିଲେ। ତେଣୁ ସେ ଦଳ ଛାଡ଼ିବା ପରେ କଂଗ୍ରେସକୁ ବିଶେଷକରି ବଲାଙ୍ଗିରରେ ଏକ ବଡ଼ ଝଟ୍‌କା ଲାଗିଛି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

କେବଳ ସୁରେନ୍ଦ୍ର ନୁହେଁ, ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ବହୁ ହେଭିୱେଟ୍ ନେତା କଂଗ୍ରେସ ଛାଡ଼ି ଅନ୍ୟ ଦଳକୁ ଯିବା ପାଇଁ ଗୋଡ଼ ଟେକି ବସିଛନ୍ତି। ଏଥିରେ ଜଗତସିଂହପୁର ଜିଲ୍ଲାର ଜଣେ ହେଭିୱେଟ୍ ଓ କେନ୍ଦ୍ରାପଡ଼ାର ଜଣେ ଟାଣୁଆ କଂଗ୍ରେସ ନେତା ରହିଛନ୍ତି। ସେହିପରି ବର୍ତ୍ତମାନର ପଶ୍ଚିମ ଓଡ଼ିଶାର ଜଣେ କଂଗ୍ରେସ ବିଧାୟକ, ଦକ୍ଷିଣ ଓଡ଼ିଶାର ଦୁଇଜଣ କଂଗ୍ରେସ ବିଧାୟକ ମଧ୍ୟ ଦଳ ଛାଡ଼ିବା ନେଇ ଜୋରଦାର ଚର୍ଚ୍ଚା ହେଉଛି। ସେହିପରି କଂଗ୍ରେସର ଦୁଇଜଣ ହେଭିୱେଟ୍ ନେତାଙ୍କ ପୁଅ ଓ ଝିଅ ଅନ୍ୟ ଦଳକୁ ଯାଇ ସେଠାରୁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି।

**ଏକାଧିକ ବିଧାୟକ ଦଳ ଛାଡ଼ିବାକୁ ସଜବାଜ**

**ଏପ୍ରିଲ୍ ପ୍ରଥମ ସପ୍ତାହରେ ପ୍ରାର୍ଥୀ ତାଲିକା ଘୋଷଣା ସମ୍ଭାବନା**

ଏମିତିରେ କଂଗ୍ରେସକୁ ପୂର୍ବରୁ ପ୍ରାର୍ଥୀ ସଂକଟ ଘାରିଥିବା ବେଳେ ତା' ଉପରେ ଏଭଳି ସ୍ଥିତି ହେଲେ, ରାଜ୍ୟ କଂଗ୍ରେସ ଓଡ଼ିଶାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ମଧ୍ୟ କଷ୍ଟକର ହୋଇପଡ଼ିବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି।

ସୂଚନାଯୋଗ୍ୟ, ମାର୍ଚ୍ଚ ପ୍ରଥମ ସପ୍ତାହରୁ ଟିକଟ ଘୋଷଣା ହେବ ବୋଲି ପୂର୍ବରୁ ବହୁ କଂଗ୍ରେସ ନେତା କହି ଆସୁଥିଲେ। ହେଲେ ମାର୍ଚ୍ଚ ଯାଇ ଏପ୍ରିଲ୍ ଆରମ୍ଭ ହେବାକୁ ବସିଲାଣି; ମାତ୍ର ଓଡ଼ିଶା ପାଇଁ ଏଆଇସିସି ପକ୍ଷରୁ ଜଣଙ୍କ ନାଁ ମଧ୍ୟ ଘୋଷଣା ହୋଇପାରିଲା ନାହିଁ। ତେବେ କେଉଁ କାରଣରୁ କଂଗ୍ରେସ ଟିକଟ ଘୋଷଣା କରିପାରୁନାହିଁ ତାକୁ ନେଇ ମଧ୍ୟ ଭିନ୍ନ ଚର୍ଚ୍ଚା ହେଉଛି।

ଅନ୍ୟପଟେ ଏଆଇସିସି ପକ୍ଷରୁ କଂଗ୍ରେସର ବରିଷ୍ଠ ନେତା ଭକ୍ତ ଦାସଙ୍କୁ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯିବା ପରେ ସେ ଓଡ଼ିଶା ଆସି ଦଳୀୟ ପ୍ରଚାରକୁ କିପରି ଆଗକୁ ବଢ଼ାଯିବ, ସେନେଇ ରଣନୀତି ପ୍ରସ୍ତୁତ କରିଛନ୍ତି। ତାଙ୍କ କହିବାନୁଯାୟୀ, ଆସନ୍ତା ଏପ୍ରିଲ୍ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା ହେବ ବୋଲି ସେ ସୂଚନା ଦେଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ କଂଗ୍ରେସରୁ କିଏ କେଉଁ ଆସନରୁ ପ୍ରାର୍ଥୀ ହେବ, ତାହା ସ୍ଥିର ହୋଇପାରି ନଥିବା ବେଳେ ଉଭୟ କର୍ମୀ ଓ ନେତା ସନ୍ଦିହାନ ଅବସ୍ଥାରେ ରହିଛନ୍ତି। ତେଣୁ କିପରି ଆଗାମୀ ଦିନରେ ଦଳର ପ୍ରାର୍ଥୀ ମଇଦାନକୁ ଓହ୍ଲାଇବେ ଓ ନିର୍ବାଚନୀମଣ୍ଡଳୀରେ ଅସ୍ଥାନ ଜମାଇ ବସିଥିବା ବିରୋଧୀ ପ୍ରାର୍ଥୀଙ୍କ ସହ ମୁକାବିଲା କରିବେ, ତାହା ସେମାନଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ ବୋଲି କୁହାଯାଉଛି।

## ପ୍ରଚାର ସାମଗ୍ରୀ ପାଇଁ ପ୍ରାର୍ଥୀ ଦେବେ ୫୦ ହଜାର

**ଭୁବନେଶ୍ୱର, ୨୯ ।୩(ସମିସ):** ନିର୍ବାଚନୀ ପାଣ୍ଠି ଚିନ୍ତାରେ ପିସିସି ସଭାପତି। ଦଳ ପାଖରେ ନିର୍ବାଚନ ଲଢ଼ିବାକୁ ଟଙ୍କା ନାହିଁ, ପ୍ରାର୍ଥୀମାନଙ୍କୁ ପ୍ରଚାର ସାମଗ୍ରୀ ଦଳ ମାଗଣା ଦେଇ ପାରିବ ନାହିଁ। ତେଣୁ ଯେଉଁମାନେ ନିର୍ବାଚନରେ ପ୍ରାର୍ଥୀ ହେବେ, ସେମାନଙ୍କୁ ପ୍ରଚାର ସାମଗ୍ରୀ ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ଆଗୁଆ ଦେବାକୁ ପଡ଼ିବ। ପିସିସି ସଭାପତି ଏ ସଂକ୍ରାନ୍ତରେ ଦଳର ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ଚିଠି ଲେଖିଛନ୍ତି। ଏହି ଅର୍ଥ ଆଗୁଆ ଚେକ୍‌ରେ ପ୍ରଦାନ କରିବାକୁ ମଧ୍ୟ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

**ଆଶାୟୀ ପ୍ରାର୍ଥୀଙ୍କୁ ଚିଠି ଲେଖିଲେ ପିସିସି ସଭାପତି**

ଏନେଇ ପ୍ରାଥମିକ ପର୍ଯ୍ୟାୟରେ ଯେଉଁ ଆଶାୟୀମାନେ କଂଗ୍ରେସରୁ ଟିକଟ ପାଇବା ପାଇଁ ମନୋନୀତ ହୋଇଛନ୍ତି ସେମାନଙ୍କ ନିକଟକୁ ପିସିସି ସଭାପତି ଶରତ ପଟ୍ଟନାୟକ ଏକ ଚିଠି ଲେଖିଛନ୍ତି। ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିବା ପରେ ଦଳ ପକ୍ଷରୁ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ପ୍ରଚାର କାର୍ଯ୍ୟରେ ସମସ୍ତ ପ୍ରକାରର ସହଯୋଗ କରିବାକୁ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ପ୍ରାର୍ଥୀଙ୍କୁ ଆବଶ୍ୟକ ହେଉଥିବା ପ୍ରଚାର ସାମଗ୍ରୀ ପ୍ରଦାନ କରିବାକୁ ମଧ୍ୟ କୁହାଯାଇଛି। ଏହାସହିତ ରାଜ୍ୟରେ କଂଗ୍ରେସକୁ ସୁଦୃଢ଼ ଓ ନିର୍ବାଚନରେ କିପରି ବିଜୟ ହୋଇପାରିବ ସେ ନେଇ ଚୂଡ଼ାନ୍ତ ପ୍ରାର୍ଥୀଙ୍କୁ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାରଙ୍କୁ ଭେଟି ରଣନୀତି ନେଇ ଆଲୋଚନା କରିବାକୁ ମଧ୍ୟ କୁହାଯାଇଛି। ଗୁରୁବାର ପୁରୀରେ କଂଗ୍ରେସର ପ୍ରାର୍ଥୀ ଚୟନ ଏବଂ ରଣନୀତି ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ସେଠାରେ ମଧ୍ୟ ଏହି ବିଷୟରେ ଆଲୋଚନା ହୋଇଛି। କଂଗ୍ରେସର ବରିଷ୍ଠ ନେତା ତାରା ପ୍ରସାଦ ବାହିନିପତି ମଧ୍ୟ ଗଣମାଧ୍ୟମ ଆଗରେ ଏ ସମ୍ପର୍କରେ ଖୋଲାଖୋଲି କରିବା ସହିତ ଏହି ଅର୍ଥ କାହା ଘରକୁ ଯିବନି ବୋଲି କହିଛନ୍ତି।

ଅନ୍ୟପଟେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ଓ ପ୍ରାର୍ଥୀ ହେବାକୁ ଥିବା ନେତା କେତେ ଟଙ୍କା ଖର୍ଚ୍ଚ କରିବେ ତାହା ନିର୍ବାଚନ କମିସନ ନିର୍ଦ୍ଧାରଣ କରିଛନ୍ତି। ତେଣୁ ପ୍ରାର୍ଥୀମାନେ ଯେଉଁ ୫୦ ହଜାର ଟଙ୍କା ପ୍ରଦାନ କରିବେ ସେହି ଅର୍ଥ ରାଶି ଖର୍ଚ୍ଚ ପରୀସିମା ମଧ୍ୟରେ ସାମିଲ ହେବ କି ନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ରାଜନୈତିକ ଦଳଗୁଡ଼ିକ ସର୍ବାଧିକ କେତେ ଟଙ୍କା ଖର୍ଚ୍ଚ କରିପାରିବେ, ସେ ନେଇ କୌଣସି ସୀମା ନିର୍ଦ୍ଧାରଣ କରାଯାଇ ପାରି ନ ଥିବାରୁ କଂଗ୍ରେସ ପାଇଁ ଏହା ସହାୟକ ହେବ ବୋଲି ଆଲୋଚନା ହେଉଛି। ଅନ୍ୟପଟେ କଂଗ୍ରେସ ୨୫ ବର୍ଷ ହେଲା ରାଜ୍ୟରେ ଏବଂ ୧୦ ବର୍ଷ ହେଲା ଦେଶରେ ସରକାରରେ ନ ଥିବାରୁ ଦଳ ପାଖରେ ପାଣ୍ଠିର ଅଭାବ ରହିଛି ବୋଲି ଦଳୀୟ ନେତା ଖୋଲାଖୋଲି କହୁଛନ୍ତି। ଏହାସହିତ ଦଳୀୟ ନେତା ଓ ସାଧାରଣ ଲୋକଙ୍କଠାରୁ କଂଗ୍ରେସ 'ଦେଶ ପାଇଁ ଦାନ' ଅଭିଯାନ କରି ପାଣ୍ଠି ସଂଗ୍ରହ କରିଛି। ସେହିପରି କଂଗ୍ରେସ ଆକାଉଣ୍ଟ ସିଜ୍ କରାଯିବା ସହ ନିକଟରେ ଆୟକର ବିଭାଗ ୧୮୨୩ କୋଟି ଟଙ୍କା ଟିକସ ମାଗି ଥିବାରୁ ଦଳ ଘୋର ଆର୍ଥିକ ସଂକଟ ଦେଇ ଗତି କରୁଛି ବୋଲି ଦଳୀୟ ନେତା କହୁଛନ୍ତି।

## ଦେବଗଡ଼ରେ କଂଗ୍ରେସକୁ ଶକ୍ତ ଧକ୍କା

**ଦେବଗଡ଼, ୨୯ ।୩(ସମିସ):** ଦେବଗଡ଼ରେ କଂଗ୍ରେସକୁ ଶକ୍ତ ଧକ୍କା ଲାଗିଛି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ତଥା ୨୦୧୯ ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଉମାଶଙ୍କର ସାହୁ ଦଳ ଛାଡ଼ିଛନ୍ତି। ଶ୍ରୀ ସାହୁଙ୍କ ସମେତ ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ, ନଗର ସଭାପତି, ଦେବଗଡ଼ ପୌରାଞ୍ଚଳ ଏବଂ ସମସ୍ତ ୩ ବ୍ଲକ୍‌ର ପ୍ରାୟ ୮୦ଜଣ ପୂର୍ବତନ ଦଳୀୟ ପଦାଧିକାରୀଙ୍କ ସମେତ ୧୫୦ କଂଗ୍ରେସ କର୍ମୀ ଶୁକ୍ରବାର ସାମୂହିକ ଭାବେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ ଇସ୍ତଫା ଘୋଷଣା କରିଛନ୍ତି। ରାଜ୍ୟ କଂଗ୍ରେସ ଶୀର୍ଷ ନେତୃବୃନ୍ଦଙ୍କ ଦଳ ପରିଚାଳନାରେ ଅପାରଗତାକୁ ଦାୟୀ କରି ସମସ୍ତ ଦଳୀୟ ପଦାଧିକାରୀ ଓ କର୍ମୀ ଇସ୍ତଫା ଦେଇଥିବା ସେ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ପ୍ରଥମେ ଶ୍ରୀ ସାହୁଙ୍କ ଆବାହକତ୍ୱରେ ଜିଲ୍ଲାର ସମସ୍ତ ୩ଟି ବ୍ଲକ ଓ ପୌରାଞ୍ଚଳର ପୂର୍ବତନ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କଂଗ୍ରେସ ନେତୃବୃନ୍ଦ ଜିଲ୍ଲାର ତୃଣମୂଳସ୍ତରରେ ସଂଗଠନ ତିଆରି କରୁଥିବା ଦଳୀୟ କର୍ମୀଙ୍କୁ ଅଣଦେଖା କରୁଛନ୍ତି। ଏଭଳି ଅଭିଯୋଗ କରି ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କଂଗ୍ରେସରେ ରହି ଲୋକଙ୍କୁ ସେବା ଯୋଗାଇବା ଅସମ୍ଭବ ବୋଲି ହୃଦ୍‌ବୋଧ କରି ଶେଷରେ ସେମାନେ ସାମୂହିକ ଇସ୍ତଫା ଦେଇଥିବା କହିଛନ୍ତି।

**ଶତାଧିକ କଂଗ୍ରେସ କର୍ମୀଙ୍କ ସମୂହ ଇସ୍ତଫା**

**ଦଳ ଛାଡ଼ିଲେ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ**

**କଂଗ୍ରେସରେ ରହି ଲୋକଙ୍କ କାମ କରିବା ଅସମ୍ଭବ**

## ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା: ଶରତ

**ପୁରୀ, ୨୯ ।୩ (ସମିସ):** ସାଧାରଣ ନିର୍ବାଚନକୁ ନେଇ ସବୁ ଦଳ ରଣନୀତି ପ୍ରସ୍ତୁତ କରୁଛନ୍ତି। ତେବେ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା କରି ନଥିବା କଂଗ୍ରେସ ପକ୍ଷରୁ ଦୁଇଦିନ ଧରି ପୁରୀର ଏକ ହୋଟେଲରେ ଚାଲିଥିବା ବୈଠକ ଶୁକ୍ରବାର ଶେଷ ହୋଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କିଏ କେଉଁଠୁ ସାଂସଦ ଏବଂ ବିଧାୟକ ପ୍ରାର୍ଥୀ ହେବେ, ତାକୁ ନେଇ ମାନସମନ୍ଥନ କରାଯାଇଥିଲା। ତେବେ ବୈଠକ ଶେଷରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି, ଖୁବ୍‌ଶୀଘ୍ର କଂଗ୍ରେସ ତା'ର ପାର୍ଥୀ ତାଲିକା ଘୋଷଣା କରିବ। ଏଆଇସିସି ମାର୍ଗଦର୍ଶିକା ଅନୁସାରେ ସ୍ୱତନ୍ତ୍ର ୱେବ୍‌ସାଇଟ୍ 'ପ୍ରଗମନ୍' ଦ୍ୱାରା କର୍ମୀମାନେ ଯୋଡ଼ି ହେବା ସହ ସେମାନଙ୍କର ନିର୍ବାଚନ ଲଢ଼ିବା ନେଇ ଦକ୍ଷତା ଓ ଲୋକସମ୍ପର୍କ ଆଦିକୁ ଦେଖି ପ୍ରାର୍ଥୀ ଚୟନ କରାଯିବ। ତେବେ କେନ୍ଦ୍ରୀୟ କଂଗ୍ରେସ କମିଟିର ନିଷ୍ପତ୍ତି ଓ ଗାଇଡ୍‌ଲାଇନ୍ ଆଧାରରେ ୫୦ ହଜାର ଟଙ୍କା ମଗାଯାଇଥିବା କଥା ସ୍ପଷ୍ଟ କରିଛନ୍ତି ପିସିସି ସଭାପତି।

## ତ୍ରୁଟି ସଂଶୋଧନ

୧. ଦୈନିକ ଖବରକାଗଜ 'ସକାଳ' ତା.୨୯.୦୩.୨୦୨୪ ପୃଷ୍ଠା-୧୯ ରେ ପ୍ରକାଶିତ ଶ୍ରୀ ମନ୍ମଥ କୁମାର ରାଉତରାୟ, ନିର୍ବାଚନ କ୍ଷେତ୍ର 18-BHUBANESWAR PC ଙ୍କର Format C-7ର Sl. No.2ରେ ଉଲ୍ଲେଖିତ Indian Airforce ବଦଳରେ Air India ଏବଂ Sl. No.3ରେ Odisha State Assembly ବଦଳରେ 18-BHUBANESWAR Parliamentary Constituency ପଢ଼ିବାକୁ ଅନୁରୋଧ।

୨. ଦୈନିକ ଖବରକାଗଜ 'ସକାଳ' ତା.୨୯.୦୩.୨୦୨୪ ପୃଷ୍ଠା-୧୧ ରେ ପ୍ରକାଶିତ ଶ୍ରୀ ପ୍ରଦୀପ ମାଝିଙ୍କର Format C-7ରେ ଉଲ୍ଲେଖିତ ନିର୍ବାଚନ କ୍ଷେତ୍ର 05-NABARANGPUR (ST) PC ବଦଳରେ ଲୋକସଭା ନିର୍ବାଚନ କ୍ଷେତ୍ର 12-NABARANGPUR (ST) PC ଏବଂ Sl. No.3ରେ Odisha State Assembly ବଦଳରେ 12-NABARANGPUR (ST) Parliamentary Constituency ପଢ଼ିବାକୁ ଅନୁରୋଧ।

୩. ଦୈନିକ ଖବରକାଗଜ 'ସକାଳ' ତା.୨୯.୦୩.୨୦୨୪ ପୃଷ୍ଠା-୧୧ ରେ ପ୍ରକାଶିତ ଶ୍ରୀ ସୁଦାମ ମାର୍ଣ୍ଡିଙ୍କର Format C-7ରେ ଉଲ୍ଲେଖିତ Sl. No.3ରେ Odisha State Assembly ବଦଳରେ 05-MAYURBHANJ (ST) Parliamentary Constituency ପଢ଼ିବାକୁ ଅନୁରୋଧ।

# ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ କାମନାକଲେ ବିଧାୟକ ଦେବେଶ



**ବରଗଡ଼, ୨୯।୩(ସମିସ):** ବରଗଡ ବିଧାନସଭା ବିଜେଡି ପ୍ରାର୍ଥୀ ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁଣିଥରେ ଦେବେଶ ଆଚାର୍ଯ୍ୟଙ୍କ ନାମ ଘୋଷଣା କରିବା ପରେ ବରଗଡ଼ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏଥିସହ ବିଜେଡି କର୍ମୀମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ବରଗଡ଼ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତିକୁ ଆହୁରି ତ୍ୱରାନ୍ୱିତ କରିବା ପାଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁଣି ଥରେ ଦେବେଶଙ୍କ ଉପରେ ଆସ୍ଥା ପ୍ରକଟ କରି ବରଗଡ଼ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ କରିଥିବାରୁ ଶ୍ରୀ ଆଚାର୍ଯ୍ୟ ଭୁବନେଶ୍ୱର ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇବା ସହ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରଗଡ଼ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହ ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ପ୍ରଦାନ କରିଛନ୍ତି ।

# ଦୁର୍ଘଟଣାରେ ତିନି ଜଣ ଛାତ୍ର ଗୁରୁତର

**ବରଗଡ଼, ୨୯।୩(ସମିସ):** ବରଗଡ଼ ଘୁଲିପାଲି ଛକରେ ଦୁର୍ଘଟଣାରେ ତିନିଜଣ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକମାନେ ବାଲେଶ୍ୱର ବାହାନଗାର ଦୀପକ ମଲ୍ଲିକ, ଗଞ୍ଜାମ ବେଲଗୁଣ୍ଠାର ଶୁଭମ ପ୍ରଧାନ ଏବଂ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକର ମାନସ କୁମାର ବୋଲି ଜଣାପଡିଛି। ସୋମନେ କଳାହାଣ୍ଡି ସରକାରୀ ଇଂଜିନିୟରିଂ କଲେଜର ଛାତ୍ର ହୋଇଥିବା ବେଳେ ଗତ ଗୁରୁବାରରୁ ସମ୍ବଲପୁର ସମଲେଇ ମନ୍ଦିର ଦର୍ଶନ ତଥା ପାଇକମାଲସ୍ଥିତ ନୃସିଂହନାଥ ମନ୍ଦିର ଦର୍ଶନ ପାଇଁ ବାହାରିଥିଲେ। ଶୁକ୍ରବାର ସକାଳେ ବରଗଡ଼ ଘୁଲିପାଲି ଛକରେ ଏକ ମିନି ଟ୍ରକକୁ ଧକ୍କା ନେଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଏହି ସମୟରେ ସଂକଳ୍ପ ପରିବାରର ସଦସ୍ୟ ବିକାଶ ଅଗ୍ରୱାଲ ଏକ ଘରୋଇ ହସ୍ପିଟାଲକୁ ଜଣେ ବନ୍ଧୁଙ୍କୁ ଦେଖିବାକୁ ଯାଉଥିବା ସମୟରେ ଦୁର୍ଘଟଣା ହୋଇଥିବା ଯୁବକ ମାନଙ୍କୁ ଦେଖିଥିଲେ। ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଆହତ ଛାତ୍ରମାନଙ୍କୁ ବୁର୍ଲା ଭିମସାରକୁ ସ୍ଥାନାନ୍ତର କରାଯାଇଛି।

## ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଦ୍ଧାର

ଆହତ ଛାତ୍ରମାନଙ୍କ ମଧ୍ୟରୁ ଜଣକର ଗୋଡ଼ ଓ ଅନ୍ୟ ଦୁଇ ଜଣଙ୍କ ହାତ ଭାଙ୍ଗିବା ସହିତ ଶରୀରର ଅନ୍ୟ ସ୍ଥାନରେ ମଧ୍ୟ ଆଘାତ ଲାଗିଥିବା ଜଣାପଡିଛି। ବିକାଶ ଅଗ୍ରୱାଲଙ୍କ ସହିତ ସଂକଳ୍ପ ପରିବାରର ଶେଷଦେବ ପଧାନ, ବନ୍ତ, ସୁମନ୍ତ ଓ ନିଲେସ ଓ ଅକ୍ଷୟ ମିଶ୍ର ପ୍ରମୁଖ ଭିମସାର ବୁର୍ଲାକୁ ତିନିଜଣ ଛାତ୍ରଙ୍କୁ ନେଇଥିବା ବେଳେ ସେଠାରେ ଆହତ ଛାତ୍ରମାନେ ଚିକିତ୍ସିତ ହେଉଥିବା ଜଣାପଡିଛି। ଅପରପକ୍ଷେ ବରଗଡ଼ ପୁଲିସ ମିନିଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି।



# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଭେଡେନ, ୨୯।୩(ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ପଧାନଟିକିରା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ହାଡ଼ିବନ୍ଧୁ ମହାପାତ୍ର (୯୧)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ଲାପୀ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ପଧାନଟିକିରାସ୍ଥିତ



ବାସଭବନରେ ଶେଷ ଦର୍ଶନ କରିଥିଲେ। ତାଙ୍କର ଦୁଇପୁଅ ବ୍ରଜକିଶୋର ମହାପାତ୍ର, ସନ୍ତୋଷ ମହାପାତ୍ର, ଝିଅ ସଂଯୁକ୍ତା ମହାପାତ୍ର ଓ ସମସ୍ତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ପାର୍ଥ ଶିରୀରକୁ ଏକ ଶୋଭାଯାତ୍ରାରେ ନିକଟସ୍ଥ ଶ୍ମଶାନକୁ ନିଆଯାଇଛି। ତାଙ୍କ ବଡ଼ପୁଅ ବ୍ରଜକିଶୋର ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ମିଲେଟ ଶକ୍ତି କାଫେ: ଖୁବ୍‌ଶୀଘ୍ର ମିଳିବ କୁଦୋ ଚାଉଳର ବିରିଆନି









**ବରଗଡ଼, ୨୯।୩(ସମିସ)**

ଚା, କଫିଠାରୁ ଆରମ୍ଭ କରି ଲସି ପର୍ଯ୍ୟନ୍ତ ତିଆରି ହେଉଛି ମାଣ୍ଡିଆରେ। ସେହିପରି ବିଭିନ୍ନ ପ୍ରକାର ଜଳଖିଆଠାରୁ ଆରମ୍ଭ କରି ଆରିଶା କାକରା ମଧ ତିଆରି କରୁଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା। ବରଗଡ଼ ସହରର ମଧ୍ୟସ୍ଥଳୀ ଗାନ୍ଧୀ ଛକରେ



## ଆକର୍ଷିତ କରୁଛି ଚା' ସହ ମନପସନ୍ଦର ସୁସ୍ୱାଦୁ ଜଳଖିଆ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରାସ୍ତା କଡରେ ରହିଛି ଏହି ମିଲେଟ ଶକ୍ତି କାଫେ। ବରଗଡ଼ ଖଜୁରଟିକ୍ରା ସ୍ଥିତ ସିଦ୍ଧିଦାତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହା ପରିଚାଳିତ ହେଉଥିବା ବେଳେ ପ୍ରତିଦିନ ସକାଳ ଏବଂ ସଂଧ୍ୟାରେ ମିଲେଟରେ ପ୍ରସ୍ତୁତ ହେଉଛି ସୁସ୍ୱାଦୁ ଖାଦ୍ୟ। ସକାଳ ବେଳା ଏଠାରେ କୁଦୋ ତିଆରି ଉପମାର ବେଶ୍ ଚାହିଦା ରହିଛି। ସେହିପରି ମାଣ୍ଡିଆରେ ପ୍ରସ୍ତୁତ ହେଉଛି ଇଡଲି, ବରା, ଆଲୁ ଚପ ସହ ରସବରା, ଗୁଲାବ ଜାମୁନ, ଲବଙ୍ଗଲତା ପରି ବହୁ ପ୍ରକାର ଜଳଖିଆ ଓ ମିଠା। ତେବେ ମାଣ୍ଡିଆରେ ପ୍ରସ୍ତୁତ ଚା, କଫି ତଥା ଲସି ଏଠାକାର ଅଧିବାସୀଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଅନୁରୂପ ଭାବେ ସଂଧ୍ୟାରେ ମାଣ୍ଡିଆରେ ପ୍ରସ୍ତୁତ ମନଚୁରିଏନ ପାଇଁ ଲୋକଙ୍କ ଭିଡ ପରିଲକ୍ଷିତ ହେଉଛି ଏହି ମିଲେଟ ଶକ୍ତି କାଫେରେ। ସେହିପରି ମାଣ୍ଡିଆରେ କାକରା, ଆରିଶା, ମଡା ପରି ପାରମ୍ପରିକ ପିଠାର ମଧ ଚାହିଦା ରହିଥିବା ବେଳେ ଖୁବ ଅଳ୍ପ ଦିନ ମଧ୍ୟରେ ଏହି ମିଲେଟ କାଫେ ଏକ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛି। ବରଗଡ଼ ଖଜୁରଟିକ୍ରା ସ୍ଥିତ ସିଦ୍ଧିଦାତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୨୦୧୭ରୁ ଗଠିତ ହୋଇଥିବା ବେଳେ ଏଥିରେ ୧୦ ଜଣ ସଦସ୍ୟା ରହିଛନ୍ତି । ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ପିଙ୍କି ଦାଶ ଏବଂ ସଂପାଦିକା ସୁବଳୟା ବର୍ଗେଙ୍କ ସମେତ ସମସ୍ତ ସଦସ୍ୟା ଏହି ମିଲେଟ ଶକ୍ତି କାଫେ ପରିଚାଳନା କରୁଥିବା ବେଳେ ସକାଳ ଚା'ଠାରୁ ଆରମ୍ଭ କରି ଜଳଖିଆ ତିଆରି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିଥାନ୍ତି। ପୂର୍ବରୁ ସିଦ୍ଧିଦାତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ ସଭାସମିତିରେ ଅର୍ଡର ଅନୁସାରେ ମିଲେଟରେ ଜଳଖିଆ ତିଆରି କରିଆସୁଥିଲେ। କିଛି ଦିନ ପୂର୍ବେ ସରକାରଙ୍କ ତରଫରୁ ଗାନ୍ଧୀ ଛକ ନିକଟରେ ତାଙ୍କୁ ମିଲେଟ ଶକ୍ତି ନିର୍ମାଣ କରାଯାଇ ଦିଆଯାଇଥିଲା। ସେଠାରେ ପ୍ରତିଦିନ ମିଲେଟରେ ଜଳଖିଆ ତିଆରି କରି ବିକ୍ରି କରିବା ସହ ଆଗକୁ ବଢ଼ି ଚାଲିଛନ୍ତି। ତେବେ ଦିନକୁ ଦିନ ମିଲେଟ ଖାଦ୍ୟର ବୃଦ୍ଧି ପାଇବା ସହ ଏହି ମିଲେଟ ଶକ୍ତି କାଫେରେ ମଧ ଭିଡ ବଢ଼ିବାକୁ ଲାଗିଛି ଏବଂ ଅର୍ଡର ଅନୁଯାୟୀ ଖାଦ୍ୟର ଚାହିଦା ମଧ ବଢୁଛି ବୋଲି କହିଛନ୍ତି। ସଭାନେତ୍ରୀ ଏବଂ ସଂପାଦିକାଙ୍କ ବ୍ୟତିତ ସାଗରିକା ବର୍ଗେ , ଜାନକି ମାଝୀ, ସୁଷମା ବଗର୍ତି, ନିରୁପମା ବର୍ଗେ, ସୁଜାତା ଭୋଇ, ସନ୍ତୋଷିନୀ ପ୍ରଧାନ, ଆରତୀ ପାତ୍ର ଏବଂ ଗୀତାଞ୍ଜଳୀ ପାଣ୍ଡେ ପ୍ରମୁଖ ସଦସ୍ୟା ମିଲେଟ ଶକ୍ତି କେଫେ ପରିଚାଳନାରେ ସକ୍ରିୟ ସହଯୋଗ କରୁଛନ୍ତି। ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଯୋଜନା ଯୋଗୁଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବେଶ ଉପକୃତ ହୋଇପାରିବା ସହ ଧିରେ ଧିରେ ସେମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରୁଛନ୍ତି ବୋଲି ସିଦ୍ଧିଦାତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କହିଛନ୍ତି। ଖୁବଶୀଘ୍ର କୁଦୋ ଚାଉଳରେ ବିରିଆନି ତିଆରି କରାଯାଇ ବିକ୍ରି କରାଯିବ ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସୂଚନା ଦେଇଥିବା ବେଳେ କିଛି ଦିନ ପୂର୍ବରୁ ଏହାର ଉଦଘାଟନ ହୋଇଥିବା ବେଳେ ଏହାର ଚାହିଦା ବେଶ୍ ରହିଛି।

# ଗୁଦେରପାଲିରେ ପୁଷ୍ଟିଖାଦ୍ୟର ହାଣ୍ଡିଶାଳ

**ଗୁଦେରପାଲି, ୨୯।୩(ସମିସ):** କୁଦୋ, ଗୁରଜି ଏବଂ ମାଣ୍ଡିଆରେ ପ୍ରଚୁର ପରିମାଣରେ ଖାଦ୍ୟସାର ରହୁଥିବାରୁ ଦିନକୁ ଦିନ ଚାହିଦା ବଢିବାରେ ଲାଗିଛି। ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ବସଷ୍ଟାଣ୍ଡରେ ମାଁ ସିଂହବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଲେଟ୍ ମିଶନ ଶକ୍ତି ଜଳଖିଆ ସେଣ୍ଟର ବା ମାଣ୍ଡିଆ ହାଣ୍ଡି ଶାଳ ନାମକ ଏକ ଜଳଖିଆ ସେଣ୍ଟର ଖୋଲିଛନ୍ତି। ଏସଏଚଜି ମହିଳାମାନେ ଏଠାରେ ମାଣ୍ଡିଆ, ଗୁରଜି ଏବଂ କୁଦୋରେ ତିଆରି ରସଗୋଲା, ମାଲପୁଆ, ବରା, ପକୁଡି ଏବଂ ମାଣ୍ଡିଆ ଚା' ତିଆରି କରୁଛନ୍ତି। ଏ ମିଲେଟ ମିଶନ ଶକ୍ତି ମାଣ୍ଡିଆ ଜଳଖିଆ ସେଣ୍ଟର ମହିଳା ମାନଙ୍କ ରୋଜଗାରରେ ସହାୟକ ହେବ ବୋଲି କୁହାଯାଉଛି। ଏହି ମିଲେଟ ମିଶନ ଶକ୍ତି ଜଳଖିଆ ସେଣ୍ଟରକୁ ସରପଞ୍ଚ ରାମଚନ୍ଦ୍ର ପାତ୍ର, ବରିଷ୍ଠ ବିଜେଡି ନେତା ମୁକେଶ ମୁରାରୀ କେଡିଆ ଓ ନିର୍ମଳ ପଧାନ ପରିଦର୍ଶନ ପାଇଁ ଯାଇ ମିଶନ ଶକ୍ତି ମାଁଙ୍କୁ କୃତଜ୍ଞତା ଜଣାଇଥିଲେ।




# ହାତୀ ନେଲା ଜୀବନ: ବନ ବିଭାଗ ଅଜଣା

**ଝାରବନ୍ଧ, ୨୯।୩(ସମିସ):** ଝାରବନ୍ଧ ବ୍ଲକରେ ହାତୀ ଘୂରି ବୁଲୁଛି। ଜଣେ ବ୍ୟକ୍ତି ଏହାର ଶିକାର ହୋଇ ପ୍ରାଣ ହରାଇଥିବା ବେଳେ ବନ ବିଭାଗ ପାଖରେ ଏନେଇ କୌଣସି ସୂଚନା ସ୍ପଷ୍ଟ କରାଯାଇ ନାହିଁ।

ସୂଚନା ଅନୁସାରେ, ଗୋଠୁଗୁଡା ପଞ୍ଚାୟତ ପୁଟୁକିଡୁଙ୍ଗୁରି ଗ୍ରାମକୁ ହାତୀ ଆସିଥିବାରୁ ଗ୍ରାମବାସୀ ଭୟଭୀତ ଥିଲେ। କିଛି ଦିନ ପରେ ଏକ ପଚି ଯାଇଥିବା ମୃତଦେହ କିଛି ବ୍ୟକ୍ତି ଦେଖିଥିଲେ। ଯାହାକୁ ହାତୀ ଆକ୍ରମଣ କରିଥିବା ସମ୍ପର୍କରେ ବନ ବିଭାଗ, ପୁଲିସକୁ ଖବର ଦିଆଯାଇଥିଲା। ଶବ ପଚି ବହୁତ ଦୁର୍ଗନ୍ଧ ହେଉଥିଲା। ପେଟରେ ଓ ମୁଣ୍ଡ ପଟରେ ଆଘାତର ଚିହ୍ନ ରହିଥିଲା। ମୃତ ବ୍ୟକ୍ତି ଜଣକ ଲକ୍ଷ୍ମୀଲାଲ ବଞ୍ଜାରା ବୋଲି ଜଣାପଡ଼ିଛି। ଜିଲ୍ଲା ଜାଞ୍ଜିର ହୋଇଥିବା ବେଳେ ଦୁଇବର୍ଷ ହେବ ପୁଟୁକିଡୁଙ୍ଗୁରି ରହିଆସୁଥିଲେ। ଦୁଇ ଦିନ ହେବ ନିଖୋଜ ଥିବାର ସୂଚନା ରହିଛି। ହାତୀ ଆକ୍ରମଣ ଖବର ପାଇ ଘଟଣାସ୍ଥଳକୁ ଝାରବନ୍ଧ ଥାନା ଏସଆଇ ରୋଜିନିୟସ ବାଘ, ପ୍ରଦୀପ ଶବର, ପାଇକମାଳ ରେଞ୍ଜର ହୃଦାନନ୍ଦ ମିଶ୍ର, ଫରେଷ୍ଟର ରାଜେନ୍ଦ୍ର ଭୋଇ, ରଜନୀକାନ୍ତ ଭୋଇ, ଗିରିରାଜ କୁମ୍ଭାର, ଫରେଷ୍ଟ ଗାର୍ଡ ପ୍ରିୟବତୀ ବେହେରା, ପ୍ରତିମା ସୁନା, ସଂଗୀତା ଜଗତ ଯାଇଥିଲେ। ଝାରବନ୍ଧ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଇଛି। ହାତୀ ଆସିବା ପରେ ବନ ବିଭାଗର ସଚେତନ କରିବା ଅତ୍ୟନ୍ତ ଜରୁରୀ ଅଟେ। ସଂରକ୍ଷିତ ଜଙ୍ଗଲରେ ଶବ ପଡି ରହିଥିଲେ ମଧ ବନ ବିଭାଗ ପାଖରେ ଖବର ନଥିଲା।

# ନେତା-କର୍ମୀଙ୍କ ସହ ନିରଞ୍ଜନଙ୍କ ରଣନୀତି ପ୍ରସ୍ତୁତି

**ସୋନପୁର, ୨୯।୩ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ସୋନପୁର(୬୫) ଏବଂ ବୀରମହାରାଜପୁର (୬୪) ଦୁଇଟି ବିଧାନସଭା କ୍ଷେତ୍ର। ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ବିଭିନ୍ନ ଦଳ ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଥିଲା। ବୁଧବାର ଘୋଷଣା ହୋଇଥିବା ବିଜେଡିର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ସୋନପୁର ବିଧାନସଭା କ୍ଷେତ୍ର ପାଇଁ ନିରଞ୍ଜନ ପୂଜାରୀଙ୍କ ନାମ ସ୍ଥାନ ପାଇଛି। ନିରଞ୍ଜନ ଭୁବନେଶ୍ୱରରୁ ସୋନପୁରରେ ପହଞ୍ଚି ଦଳୀୟ ନେତା ଏବଂ କର୍ମୀଙ୍କୁ ଭେଟି ଆଲୋଚନା କରିବା ଆରମ୍ଭ କରିଛନ୍ତି।

ତେବେ ନିରଞ୍ଜନଙ୍କୁ ବିଜେଡି ଟିକଟ ମିଳିବା ପରେ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ଏବେ ବିଜେପି ଏବଂ କଂଗ୍ରେସ ଶିବିରରେ ଚର୍ଚ୍ଚା ଲାଗି ରହିଛି। ଅନ୍ୟପକ୍ଷେ ଦିନ ଯେତିକି ଗଡୁଛି କଂଗ୍ରେସ ଓ ବିଜେପି ଆଶାୟୀ ପ୍ରାର୍ଥୀଙ୍କ ଭିତରେ ଉତ୍କଣ୍ଠା ମଧ ସେତିକି ବୃଦ୍ଧି ପାଉଛି। ବିଜେପିରେ ଆଶାୟୀଙ୍କ ଲମ୍ବା ତାଲିକା ରହିଛି। ବିଜେପି ଜିଲ୍ଲା ସଭପତି ପ୍ରମୋଦ ମହାପାତ୍ର, ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅଶୋକ ପୂଜାରୀ, ବଳଦେବ ବେଦବାକ, ସାନନ୍ଦ ମେହେର, ନବ ଦନ୍ତା ପ୍ରମୁଖ ବିଜେପି ପାଇଁ ଆଶାୟୀ ଅଛନ୍ତି। ସେହିପରି କଂଗ୍ରେସ ପାଇଁ ପ୍ରିୟବ୍ରତ ସାହୁ ଏବଂ ସୁଧୀର ପଣ୍ଡା ଟିକଟ ଆଶାୟୀ ରହିଛନ୍ତି। ପୂର୍ବତନ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ବିନୋଦ ପାତ୍ର କେଉଁଠାରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଚାହିଁବେ ତାହା ଗୁରୁତ୍ୱପୂର୍ଣ୍ଣ। ସେ ବୀରମହାରାଜପୁର ସଂରକ୍ଷିତ ଆସନରେ ଲଢିବେ ନା ପୂର୍ବତନ ବିଧାୟକ ହିସାବରେ ସୋନପୁରରେ ପୁଣି ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଚାହିଁବେ ତାହା ତାଙ୍କ ଉପରେ ନିର୍ଭର କରୁଛି। ସୂଚନାଯୋଗ୍ୟ, ମେ ୨୦ରେ ଉଭୟ ସୋନପୁର ଏବଂ ବୀରମହାରାଜପୁର ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ ହେବ।



# ରାସ୍ତା କାମରେ ବାଧା ସୃଷ୍ଟି ଅଭିଯୋଗ

**ତୁରେକେଲା,୨୯।୩(ସମିସ):** ସରକାର ଗ୍ରାମାଞ୍ଚଳ ଗମନାଗମନ ପାଇଁ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଥିବା ଉପାନ୍ତ ଗାଁକୁ ଅନେକ ସମୟରେ ସଂଯୋଗ ବିଚ୍ଛିନ୍ନ ରହିଥାଏ। ସେହି ଉପାନ୍ତ ଅଞ୍ଚଳକୁ ରାସ୍ତା ନିର୍ମାଣ କାମ ଚାଲୁଥିବା ବେଳେ ରାସ୍ତା କାମରେ କିଛି ଦୁର୍ବୃତ୍ତ ବାଧା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ମହୁଲପାଟି ଗାଁରୁ ଢୋଲମାନ୍ଦଲ ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲୁଛି। ନୂତନ ଭାବେ ପିଚୁ ହୋଇଥିବା ରାସ୍ତାରୁ କିଛି ଧାରୁଆ ଅସ୍ତ୍ରରେ ପିଚୁ ଉପାଡି ଦେଇଥିବା ନଜର ହେଉଛି। ଏନେଇ ଠିକାଦାର ରୂପେଶ ଅଗ୍ରୱାଲ କହିଛନ୍ତି, 'ଏହା କିଏ କରିଛି ତାହା ଜଣାପଡୁନାହିଁ। ମୁ ଥାନାର ଦ୍ୱାରସ୍ଥ ହୋଇ ମୁଁ ଆଇନର ଆଶ୍ରୟ ନେବି'।



# 'ଅଙ୍ଗ ମହୋତ୍ସବ': ତିନି ନାଟକ ପରିବେଷିତ

**ପଦ୍ମପୁର, ୨୯।୩ (ସମିସ)**

ନାଟ୍ୟ ଆଶ୍ରମର ଅଙ୍ଗ ମଞ୍ଚରେ 'ଲୁ' ନାଟ୍ୟସଂସ୍ଥା ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ 'ଅଙ୍ଗ ମହୋତ୍ସବ-୨୦୨୪' ପାଳିତ ହୋଇଯାଇଛି। ୨୭ ତାରିଖ ଉଦ୍‌ଘାଟନୀ ସନ୍ଧ୍ୟାରେ ସଂପାଦକ ପ୍ରଫେସର କେଶରଂଜନ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ସହ ବିଶ୍ୱ ନାଟ୍ୟ ଦିବସ ପରିପ୍ରେକ୍ଷୀରେ ସମ୍ବଲପୁରୀ-କୋଶଲି ଭାଷାରେ ବାର୍ତ୍ତା ଉପସ୍ଥାପନ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମନୋରଂଜନ ସିଂ ବରିହା ଓ ଗ୍ରାମର ବରିଷ୍ଠ ଭଦ୍ର ବ୍ୟକ୍ତି ରାହାସ ବିହାରୀ ସାହୁ, ମାଁ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ରମେଶ ଗୁର୍ଲାଙ୍କ ସଂଯୋଜନାରେ ଗଜାନନ ନାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଂଜଳି ପରିଡାଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଜଗନ୍ନାଥ ସେଠଙ୍କ ଦ୍ୱାରା ମୁନସି ପ୍ରେମଚାନ୍ଦଙ୍କ ଉପନ୍ୟାସ 'ରଙ୍ଗଭୂମି' ମଞ୍ଚସ୍ଥ



କରାଯାଇଥିଲା। ଜୟ ନାରାୟଣ ତ୍ରିପାଠୀ ଓ ଚନ୍ଦ୍ର ପୁରୋହିତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

୨୮ ତାରିଖ ଉଦ୍‌ଯାପନୀ ସନ୍ଧ୍ୟାରେ ପ୍ରଫେସର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ 'ମୋର ନାଟକ ଆମର ନାଟକ' ଶୀର୍ଷକରେ ଅଶୋକ ବହିଦାର ଓ ରାଜେନ୍ଦ୍ର ମହାନ୍ତି ଆଲୋଚନା କରିଥିଲେ। କେଶରଂଜନ ପ୍ରଧାନଙ୍କ ଦ୍ୱାରା ଅନୁଦିତ ଅଶୋକ ମିଶ୍ରଙ୍କ ଚର୍ଚ୍ଚିତ ହିନ୍ଦୀ ନାଟକ 'ଗାନ୍ଧୀଛକ' ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ କରାଯାଇଥିଲା। ଆମେ ସଚେତନ ହେମା, ଢୋଲବନ୍ଧର କଳାକାରମାନେ ରାଜକୁମାର ସାହୁଙ୍କ ଲିଖିତ ଓ ଜଗନ୍ନାଥ ସେଠଙ୍କ ନିର୍ଦ୍ଦେଶିତ ନାଟକ 'ତରପନି' ମଞ୍ଚସ୍ଥ କରିଥିଲେ। ପ୍ରାଧାପିକା ଉମା ପ୍ରଧାନ, ଗୋବିନ୍ଦ ସାହୁ ଓ ମୁରଲୀଧର ମହାପାତ୍ର ଉଭୟ ନାଟକର କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିକ୍ରମ ସାହୁ, ଦିବ୍ୟ ବରିହା, ସୁଧୀର ସୁନା, ଜୁବୁଲି ପଣ୍ଡା, ସୋନାଲିକା ଶବର, ଜୀବନରାମ ପଣ୍ଡା, ସୁବ୍ରତ ପଟ୍ଟନାୟକ, ରକ୍ମଣ ସେଠ, ବିକାଶ ଡନସନା, ଉଦ୍ଧବ ଘିବିଲା ପ୍ରମୁଖ ସହଯୋଗ କରିଥିଲେ।

# ବାହାଘରରେ ଡିଜେକୁ ନେଇ ମହିଳାଙ୍କ ଗୋଷ୍ଠୀ ସଂଘର୍ଷ

**କଣ୍ଟାବାଞ୍ଜି,୨୯।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହର ରେଳବାଇ ଖେଳପଡ଼ିଆ ନିକଟସ୍ଥ ଧୁବାପଡ଼ାଠାରେ ବାହାଘର ଉତ୍ସବ ଚାଲିଥିଲା ବେଳେ ଡିଜେ ବଜାଇବାକୁ ନେଇ ଦୁଇ ମହିଳା ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଶୁକ୍ରବାର ଧୁବାପଡାର ଡେଙ୍ଗୁ ସେଠଙ୍କ ବାହାଘର ଥିଲା। ଭବାନୀପାଟଣାର ଜଗଦୀଶ ସେଠୀ ତାଙ୍କ ନାତୁଣୀ ବାହାଘର ପାଇଁ ଧୁବାପଡାକୁ ସପରିବାର ଆସିଥିଲେ। ଉତ୍ସବରେ ଡିଜେ ବଜାଇବାକୁ ନେଇ ସ୍ଥାନୀୟ କିଛି ଜଣ ଯୁବକଙ୍କ ସହ ଜଗଦୀଶଙ୍କ କଥା କଟାକଟି ହୋଇଥିଲା। ପରେ ଏହି ଘଟଣା ଉଗ୍ର ରୂପ ନେଇଥିଲା। ନାତୁଣୀ ବାହାଘରକୁ ଆସିଥିବା ଆଈ ମଞ୍ଜୁ ସେଠୀ (୪୨)ଙ୍କ ମୁଣ୍ଡରେ ଆକ୍ରମଣ ହୋଇଥିଲା ବେଳେ ମେନକା ସେଠୀଙ୍କ ଡାହାଣ ହାତରେ ଆକ୍ରମଣ ହୋଇଥିବା ଜଣାପଡିଛି। ସୁଷମା ସେଠୀଙ୍କ ୧ ଭରି ଗହଣା ଓ ମଞ୍ଜୁଙ୍କ ସୁନାଗହଣା ମଧ ଲୁଟି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ମୁସକାନ ବାନୋ (୨୨), ରାନୀ ବାନୋ(୨୭) ମଧ ଆକ୍ରମଣର ଶିକାର ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଉଭୟ ଗୋଷ୍ଠୀର ମହିଳା କଣ୍ଟାବାଞ୍ଜି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଏହି ଘଟଣାରେ କିଛି ଯୁବକ ସମ୍ପୃକ୍ତ ଥିବା ଜଣାପଡିଛି। ୨ ଗୋଷ୍ଠୀ କଣ୍ଟାବାଞ୍ଜି ଜିଆରପି ଥାନାର ଦ୍ୱାରସ୍ଥ ହୋଇଛନ୍ତି।



# ପାତାଳୀ ଜଙ୍ଗଲରେ ବିରଳ ପ୍ରଜାତିର ଚିଲ

**ସୋନପୁର, ୨୯।୩ (ସମିସ)**

ପରିବେଶ ପ୍ରଦୂଷଣ, ଆଧୁନିକୀକରଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ବହୁ ପଶୁ ପକ୍ଷୀ କାଳକ୍ରମେ ଲୋପ ପାଇବାକୁ ବସିଲେଣି। ଯେଉଁଭଳି ଭାବେ ଘର ଚଟିଆ, ବଣି, ଶାଗୁଣା ଆଦି ପକ୍ଷୀ ଆଉ ଆଗଭଳି ଦେଖିବାକୁ ମିଳୁ ନାହାନ୍ତି ସେହିଭଳି ବିଭିନ୍ନ ପ୍ରଜାତିର ଚିଲ ମଧ୍ୟ ଲୁପ୍ତପ୍ରାୟ ହୋଇ ଗଲେଣି। ତେବେ ସୁବର୍ଣ୍ଣପୁର ଜିଲ୍ଲାର ପକ୍ଷୀପ୍ରେମୀ ଏକ ବିରଳ ପ୍ରଜାତିର ଚିଲ ଠାବ କରି ପରିବେଶବିତ୍‌ମାନଙ୍କ ମୁହଁରେ ଆଶା ସଞ୍ଚାର କରିଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ପାତାଳୀ ଶ୍ରୀକ୍ଷେତ୍ରର ପାହାଡ ଉପରେ ଏଭଳି ଏକ ଚିଲ ଉଡୁଥିବାର ଦୃଶ୍ୟ ନିଜ କ୍ୟାମେରାରେ ଦିନେଶ ରଞ୍ଜନ ମିଶ୍ର, ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା ଏବଂ ସୁମିତ ଶତପଥୀ କଏଦ କରିଛନ୍ତି। ଏହା ବିରଳ ପ୍ରଜାତିର ରଫସ୍ ବେଲିଡ୍ ଇଗଲ ବୋଲି ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା କହିଛନ୍ତି। ଏଭଳି ଚିଲ ଲୋପ ପାଇବାକୁ ବସିଲେଣି। ଆଗଭଳି ପ୍ରାୟତଃ ଆଉ ଦେଖିବାକୁ ମିଳୁ ନାହାନ୍ତି ବୋଲି ପକ୍ଷୀ ଗବେଷକ ଦିନେଶ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ତେବେ ବସା ବାନ୍ଧିବା ପାଇଁ ଏହି ଚିଲ କୁଟା କାଠି ଆଦି ନେଉଥିବା ଦେଖି ଏହି ପକ୍ଷୀପ୍ରେମୀଙ୍କ ଉତ୍ସାହ ଦ୍ୱିଗୁଣିତ ହୋଇଛି। କିଛି ବର୍ଷ ହେଲା ଏହି ପାହାଡରେ ଚିଲଟି ବସାବାନ୍ଧି ରହୁଥିବାର ସେମାନେ ଅନୁମାନ କରୁଛନ୍ତି। ଏଭଳି ଚିଲ ପ୍ରାୟତଃ ପାହାଡିଆ ଅଞ୍ଚଳରେ ଦେଖା ଯାଆନ୍ତି ଏବଂ ଲୋପ ପାଇ ଯାଉଥିବା ପକ୍ଷୀଙ୍କ ମଧ୍ୟରେ ଏମାନେ ସ୍ଥାନ ପାଇଲେଣି। ତେବେ ପାତାଳୀ ଶ୍ରୀକ୍ଷେତ୍ରରେ ବଂଶ ବିସ୍ତାର ପାଇଁ ବସା ବାନ୍ଧିଥିବାରୁ ପକ୍ଷୀ ପ୍ରେମୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ୨ ବର୍ଷ ତଳେ ଓମ୍‌ପ୍ରକାଶ ରାଉତ ପ୍ରଥମେ ପାତାଳୀ ଶ୍ରୀକ୍ଷେତ୍ରଠାରେ ଏଭଳି ପ୍ରଜାତିର ଚିଲ ଉଡୁଥିବାର ଦେଖିଥିଲେ। ସୂଚନାଯୋଗ୍ୟ ସୁବର୍ଣ୍ଣପୁର ଏବେ ଦେଶ ବିଦେଶର ପକ୍ଷୀଙ୍କ ହବ୍ ହେଲାଣି। ପକ୍ଷୀ ହବ୍ ଭାବେ ଅନ୍ତର୍ଜାତୀୟ ସ୍ତରରେ ସୁବର୍ଣ୍ଣପୁର ଜିଲ୍ଲାର ର୍‌ୟାଙ୍କ ୨୬ରୁ ୬କୁ ବୃଦ୍ଧି ପାଇଛି। ୨୫୦ରୁ ଅଧିକ ପ୍ରଜାତିର ପକ୍ଷୀ ଜିଲ୍ଲାରେ ଚିହ୍ନଟ ହୋଇ ସାରିଲେଣି।



● ୩ ଫଟୋଗ୍ରାଫରଙ୍କ କ୍ୟାମେରାରେ ଫଟୋ କଏଦ

## ଶିକ୍ଷକ ବିଷ୍ଣୁପ୍ରସାଦ ତ୍ରିପାଠୀ ସମ୍ମାନିତ



**ମନମୁଣ୍ଡା, ୨୯।୩(ସମିସ):** ମନମୁଣ୍ଡା ନିବାସୀ ତଥା ବୌଦ୍ଧ ବ୍ଲକ ନୂଆଁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀଙ୍କୁ ସାରଳା ସମ୍ମାନରେ ସମ୍ମାନିତ କରାଯାଇଛି।

ନୟାଗଡ଼ କେ ସି କ୍ଲବ୍‌ରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସୃଜନିକାର ଉଦ୍‌ଘାଟନୀ ଉତ୍ସବରେ ତାଙ୍କୁ ଏହି ସମ୍ମାନ ମିଳିଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ପ୍ରବୀର ମହାନ୍ତି, ସୂର୍ଯ୍ୟନାରାୟଣ ତ୍ରିପାଠୀ, ଡ. ନିର୍ମଳ ଚନ୍ଦ୍ର ସୁରଦେଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ରାଇସ୍ ମିଲ୍‌ରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଡୁଙ୍ଗୁରିପାଲି, ୨୯।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ବନ୍ଧପାଲି ନିକଟ ସତ୍ୟବାଦୀ ରାଇସ୍ ମିଲ୍‌ରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ବରପାଲି ଥାନା ଝୁଲପିଆପାଲି ଗ୍ରାମର ମୋହନ ବିଶି (୩୪)। କାର୍ଯ୍ୟ କରୁଥିବାବେଳେ ଅଚାନକ ସେ ଅସୁସ୍ଥ ହୋଇପଡ଼ିଥିଲେ। ମିଲ୍ ମାଲିକଙ୍କ ଗାଡିରେ ତାଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ମନମୁଣ୍ଡା, ୨୯।୩(ସମିସ):** ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ଗୁହୁଲିଆ ପଞ୍ଚାୟତ ଏକ ଗ୍ରାମର ଜଣେ ୪ ମାସର ଗର୍ଭବତୀଙ୍କୁ ଅସଦାଚରଣ ପ୍ରଦର୍ଶନ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ଘରେ ଏକୁଟିଆ ଥିଲାବେଳେ ଜଣେ ବ୍ୟକ୍ତି ଟଣା ଓଟରା କରିଥିଲା। ମହିଳା ଜଣକ ଚିତ୍କାର କରିବାରୁ ଅଭିଯୁକ୍ତ ତାଙ୍କୁ ମାଡ ମାରି ହତ୍ୟା ଧମକ ଦେବା ସହ ଉଦ୍ୟମ କରିଥିଲା। ମହିଳା ଜଣକ କ୍ଷତାକ୍ତ ହୋଇଥିଲା ବେଳେ ଅଭିଯୁକ୍ତ ସେଠାରୁ ଖସି ପଳାଇଥିଲା। ତେବେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ଆଇଆଇସି ରାମ ମୁର୍ମୁ କହିଛନ୍ତି।

## ୫୦ କେଜି ଗଞ୍ଜେଇ ସହ ୨ ଗିରଫ




**ସୋନପୁର, ୨୯।୩(ସମିସ):** ସୋନପୁର ଅବକାରୀ ବିଭାଗ ପଟାଭାଡ଼ି ଛକରେ ଏକ କାର୍‌ରୁ ୫୦ କେଜି ଗଞ୍ଜେଇ ଜବତ କରିଛି। ଏହା ସହ ୨ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଅନଗୋଳ ଜିଲ୍ଲା କିଶୋରନଗର ଥାନା ଡୁରୁଡ଼ା ଗ୍ରାମର ଶରତ ନାଏକ (୩୮) ଏବଂ କରଡିଙ୍ଗାବାହାଲ ଗ୍ରାମର ରଞ୍ଜନ ସିଂହ (୩୯)। ଏକ କାର୍‌ରେ ସୋନପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ପଟାଭାଡ଼ି ଛକରେ ଯାଞ୍ଚ କରିଥିଲା। ଏହି ସମୟରେ ତେଲନଦୀ ପଟୁ ଆସୁଥିବା ଓଡି ୦୫ ଟି-୯୭୩୬ ନମ୍ବର ବିଶିଷ୍ଟ କାର୍‌କୁ ଅଟକାଇ ଯାଞ୍ଚ କରାଯିବାରୁ ଗଞ୍ଜେଇ ବାହାରିଥିଲା। ଏହି ଚଢ଼ଉରେ ଅବକାରୀ ଇନ୍‌ସପେକ୍ଟର ପ୍ରକାଶ ସା, ଇନ୍‌ସପେକ୍ଟର ହରପ୍ରସାଦ ରଣା, ଏସ୍ଆଇ ସୁମିତ୍ରା ହେମ୍ବ୍ରମ, ଏସ୍ଆଇ ଶାନ୍ତନୁ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

## କର୍ମୀଙ୍କୁ ଗ୍ୟାରେଣ୍ଟି କାର୍ଡ ଉପରେ ଅବଗତ କରାଇଲେ ନେତା

**ଡୁଙ୍ଗୁରିପାଲି, ୨୯।୩(ସମିସ):** ସ୍ଥାନୀୟ ସାଇ ଗେଷ୍ଟ ହାଉସରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ବ୍ଲକ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ଉପରେ ମଞ୍ଚାସୀନ ନେତା କର୍ମୀଙ୍କୁ ଅବଗତ କରାଇଥିଲେ। କର୍ଣ୍ଣରାଜ ପ୍ରଧାନ, ଜିଲ୍ଲା ଉପ ସଭାପତି ଭୀଷ୍ମ ଦେବ ମଲ୍ଲିକ, ପ୍ରିୟବ୍ରତ ସାହୁ, ଜିଲ୍ଲା ମହିଳା ସଭାନେତ୍ରୀ ଶ୍ରୀଭବାନୀ ଦେବ, ସୁଧୀର ପଣ୍ଡା, ରୁଶୁଭ ଭୁଏ, ସମିତା ବାଗ, ଲକ୍ଷ୍ମଣ ସୁନା, ଶୁରୁବାବୁ ନନ୍ଦଙ୍କ ସହ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ୧୦ ବର୍ଷ ପରେ ବି ସମ୍ପୂର୍ଣ୍ଣ ହେଉନି ଗୋଷ୍ଠୀ କେନ୍ଦ୍ର

**ଜହ୍ନାପଙ୍କ, ୨୯।୩(ସମିସ):** ବୌଦ୍ଧ ସଦର ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ ନୂଆଁସାହିରେ ନିର୍ମାଣ ହୋଇଥିବା ଆଦିବାସୀ ସଙ୍ଘର ଅସମ୍ପୂର୍ଣ୍ଣ ଗୋଷ୍ଠୀ କେନ୍ଦ୍ର ୧୦ ବର୍ଷ ହେଲା ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ୨୦୧୩ ମସିହାରେ ସ୍ଥାନୀୟ ବିଧାୟକ ପାଣ୍ଠିରୁ ନୂଆଁସାହିରେ ଆଦିବାସୀ ସଙ୍ଘର ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ୧ ଲକ୍ଷ ଟଙ୍କା ଅନୁଦାନ ଦିଆ ଯାଇଥିଲା। ତେବେ ଏହି ନିର୍ମାଣ କାର୍ଯ୍ୟ ଫାଉଣ୍ଡେସନ ପର୍ଯ୍ୟନ୍ତ ହୋଇ ପଡ଼ି ରହିଥିଲା। ଏହାକୁ ସମ୍ପୂର୍ଣ କରିବା ପାଇଁ ଆଦିବାସୀ ସଙ୍ଘ ଦୀର୍ଘ ଦିନ ହେଲା ଦାବି କରିବାରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲା ପରିଷଦ ଅନୁଦାନରୁ ୧ ଲକ୍ଷ ଓ ବିଧାୟକ ପାଣ୍ଠିରୁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ତେବେ ଆଜିକୁ ୨ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ତ ଦୂରର କଥା ଏ ପର୍ଯ୍ୟନ୍ତ ବାଲି ମୁଠାଏ ମଧ୍ୟ ପଡ଼ିନାହିଁ। ଏହା ଫଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଗୋଟିଏ ଅନୁଦାନର ଅର୍ଥ ନ ସରୁଣୁ କିପରି ଆଉ ଗୋଟିଏ ଅନୁଦାନ ଦିଆଗଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।



● ସପ୍ତାହେ ହେବ ଅଚଳ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ

## ପାଣି ପାଇଁ ଡହକବିକଳ ଗୁଡ଼ଭେଲିପଦର ଗ୍ରାମବାସୀ

**ଶଗଡ଼ା, ୨୯।୩(ସମିସ):** ସରକାର ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଅନେକ ଯୋଜନା ପ୍ରଣୟନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଖରାଦିନେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଣ୍ଟାମାଳ ବ୍ଲକ ଗୁଡ଼ଭେଲିପଦର ଗ୍ରାମର ଲୋକ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ଗ୍ରାମର ଲୋକେ ପାଣି ପାଇଁ ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ସହ ନଳକୂପ ଉପରେ ନିର୍ଭର କରି ଚଳୁଥିଲେ; ହେଲେ ଗତ ୧ସପ୍ତାହ ହେବ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇଛି। ଏହା ଫଳରେ ପ୍ରଚଣ୍ଡ ଖରା ସହ ପାନୀୟ ଜଳ ସମସ୍ୟା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା ନଳକୂପ ଲୋକଙ୍କ ଆବଶ୍ୟକତା ମେଣ୍ଟାଇ ପାରୁନି।



ଏଣୁ ଲୋକେ ପାଣି ପାଇଁ ଖରାରେ ଲମ୍ବା ଲାଇନ୍ ଲଗାଉଛନ୍ତି। ଖରା ଆରମ୍ଭ ହୋଇଥିବାରୁ ପାଣି ପାଇଁ ଲୋକଙ୍କ ସମସ୍ୟା ଦ୍ୱିଗୁଣିତ ହେଉଛି। ଅନ୍ୟପଟେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପ୍ରତ୍ୟେକ ଘରକୁ ପାଇପ ସହ ଷ୍ଟାଣ୍ଡ ପୋଷ୍ଟ ବସା ଯାଇଛି; ହେଲେ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ପାଣି ଯୋଗାଣ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସହ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି; ହେଲେ ସମସ୍ୟାର ସମାଧାନ ହେଇପାରୁନି।

## ବୌଦ୍ଧରେ ଅସହ୍ୟ ଖରା; ଜନଜୀବନ ଅସ୍ତବ୍ୟସ୍ତ

**ବୌଦ୍ଧ, ୨୯।୩(ସମିସ):** ବୌଦ୍ଧରେ ଗତ ୨ ଦିନ ହେଲା ତାପମାତ୍ରା ୩୯.୫ ଡିଗ୍ରୀ ରହୁଥିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପ୍ରବଳ ଖରା ଯୋଗୁଁ ଜନସାଧାରଣ ବିଭିନ୍ନ ଲସି, ସରବତ, ଥଣ୍ଡା ପାନୀୟ ଆଦି ମିଳୁଥିବା ଦୋକାନ ସମ୍ମୁଖରେ ଭିଡ ଜମାଇ ନିଜର ଶୋଷ ମେଣ୍ଟାଉଛନ୍ତି। ଅନ୍ୟପଟେ ବୌଦ୍ଧ ସହରରେ କେତେକ ସ୍ଥାନରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଖରା ବଢୁଥିଲେ ସୁଦ୍ଧା କେତେକ ସ୍ଥାନରେ ଥିବା ଥଣ୍ଡା ପାନୀୟ ପ୍ରକଳ୍ପ ବ୍ୟବହାର ଉପଯୋଗୀ ହେଉନି। ବର୍ଷ ବର୍ଷ ଧରି ଏଗୁଡ଼ିକ ଏମିତି ଭାଙ୍ଗିରୁଜି ରହିଛି। ଏହାଫଳରେ ମଧ୍ୟାହ୍ନ ସମୟ ହେଲେ ବାଟୋଇ ହେଉ କି ବସ୍ ଯାତ୍ରୀ ଥଣ୍ଡା ପାଣି ଟୋପାଏ ପାଇଁ ବିକଳ ହେଉଛନ୍ତି। ସେହିଭଳି ବୌଦ୍ଧ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ କଥା ନ କହିବା ଭଲ। ମୁଣ୍ଡ ଉପରକୁ ଖରା ଗଲା ପରେ ଏମାନେ ଗଛ ଛାଇରେ ଆଶ୍ରୟ ନେଉଛନ୍ତି। ଖରା ପାଇଁ କାମ କରିବାର ସମୟ ସୀମା କମ୍ କରାଯାଇଥିଲେ ମଧ୍ୟ ଏଠି ନିୟମକୁ ଠିକାଦାର ମାନୁ ନାହାନ୍ତି ମଧ୍ୟାହ୍ନ ପରେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଉଛି। ମାର୍ଚ୍ଚ ମାସ ସରିବାକୁ ବସିଥିଲେ ମଧ୍ୟ ସହରର କୌଣସି ସ୍ଥାନରେ ଜଳଛତ୍ର ଖୋଲା ଯାଇନି।



## ପ୍ଲିନ୍ଥରେ ଅଟକି ରହିଛି ମାର୍କେଟ କମ୍ପ୍ଲେକ୍ସ

**ଶଗଡ଼ା, ୨୯।୩(ସମିସ):** କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଜାମୂମାଳ ଗ୍ରାମର ଅନତି ଦୂରରେ ଅଧ ପନ୍ତରିଆ ଅବସ୍ଥାରେ ଏକ ମାର୍କେଟ କମ୍ପ୍ଲେକ୍ସ ପଡ଼ି ରହିଥିବା ଦେଖିବାକୁ ମିଳିଛି। କିଛି ବର୍ଷ ତଳେ ପଞ୍ଚାୟତ ପକ୍ଷରୁ ୧୦ଲକ୍ଷ ଟଙ୍କା ଅନୁଦାନରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା; ମାତ୍ର ସେ ସମୟର ତତ୍କାଳୀନ ସରପଞ୍ଚଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହା ସମ୍ପୂର୍ଣ୍ଣ ନ ହୋଇ ପ୍ଲିନ୍ଥ ପର୍ଯ୍ୟନ୍ତ କାମ ହୋଇ ପଡ଼ି ରହିଛି। ତେବେ ଏ ସମ୍ପର୍କରେ କଣ୍ଟାମାଳ ବିଡିଓ ଶାମୀ ଜୟଶ୍ରୀ ରେ‡ୀଙ୍କୁ ପଚାରିବାରୁ ଏହାର ନିର୍ମାଣ କାର୍ଯ୍ୟ ଅତି ଶୀଘ୍ର କରାଯିବ ବୋଲି କହିଛନ୍ତି।



● ଶୁକପାଲି ଧୋବା ସାହିଠାରୁ ବରୁଆଲ୍ ବନ୍ଧ ପର୍ଯ୍ୟନ୍ତ ରାସ୍ତା କାମରେ ଦୁର୍ନୀତି

## ୫୦ ହଜାର ଲେଖାଏଁ ତଣ୍ଡ ଗଣିବେ ୫ଜଣ

**ବୌଦ୍ଧ, ୨୯।୩(ସମିସ):** ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତ ଶୁକପାଲି ଗ୍ରାମରେ ମନରେଗା ଦୁର୍ନୀତି ମାମଲାରେ ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଅର୍ଥ ଆଦାୟ ପାଇଁ ମନରେଗା ଅମ୍ବୁଡସମ୍ୟାନ ଦିଲ୍ଲୀପ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମନରେଗା ଯୋଜନାରେ ଶୁକପାଲି ଧୋବା ସାହିଠାରୁ ବରୁଆଲ୍ ବନ୍ଧ ପର୍ଯ୍ୟନ୍ତ ରାସ୍ତା କାମରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଲଇଗାଁ ଗ୍ରାମର ବାବୁଲା ଦେହୁରୀଙ୍କ ଅଭିଯୋଗ ଆଧାରରେ ଅମ୍ବୁଡସମେନ ଶ୍ରୀ ମହାପାତ୍ର ଏକ ମାମଲା ରୁଜୁ କରି ତଦନ୍ତ କରିଥିଲେ। ଏହି କାମରେ ଦୁର୍ନୀତି ହୋଇଥିବା ପ୍ରମାଣ ପାଇବା ସହ ସମ୍ପୃକ୍ତ କର୍ମଚାରୀ ଏବଂ ନିର୍ବାଚିତ ପ୍ରତିନିଧିଙ୍କଠାରୁ ଅର୍ଥ ଆଦାୟ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ହରଭଙ୍ଗା ବ୍ଲକ ଏପିଓ ହେମନ୍ତ ପ୍ରଧାନ, ଲୁଣିବାହାଲ୍ ସରପଞ୍ଚ, ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ମନୋଜ ପ୍ରଧାନ, ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ପୁରନ୍ଦର ଠେଲା ଏବଂ ତତ୍କାଳୀନ ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ ପଣ୍ଡା ପ୍ରତ୍ୟେକ ୫୦ ହଜାର ୩୨୧ ଟଙ୍କା ୮୮ ପଇସା ଲେଖାଏଁ ଏକ ମାସ ମଧ୍ୟରେ ପଇଠ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।



● ମନରେଗା ଦୁର୍ନୀତିର ପ୍ରମାଣ ପାଇଲା ପରେ ମନରେଗା ଅମ୍ବୁଡ୍ସମ୍ୟାନଙ୍କ କାର୍ଯ୍ୟାନୁଷ୍ଠାନ

● ଫସିଲେ ହରଭଙ୍ଗା ବ୍ଲକ୍ ଏପିଓ, ଲୁଣିବାହାଲ୍ ସରପଞ୍ଚ, ତତ୍କାଳୀନ କନିଷ୍ଠ ଯନ୍ତ୍ରୀ, ତତ୍କାଳୀନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ତତ୍କାଳୀନ ଗ୍ରାମ ରୋଜଗାର ସେବକ

## ସାହାଜପାଲ ଅଞ୍ଚଳରେ ଫାଣ୍ଡି ନିର୍ମାଣ ଦାବି

**ସାହାଜପାଲ, ୨୯।୩(ସମିସ):** ବୌଦ୍ଧ ବ୍ଲକ ତାଳସରଡ଼ା ପଞ୍ଚାୟତ ସାହାଜପାଲ ବଜାର ଛକ ଏକ ଜନଗହଳି ପୂର୍ଣ୍ଣ ଅଞ୍ଚଳ। ଏହି ଛକ ଉପରେ ଦିନକୁ ଦିନ ଚୋରି, ଡକାୟତ, ଦୁର୍ଘଟଣା, ବେଆଇନ ଭାବେ ମଦ ଓ ଗଞ୍ଜେଇ ବ୍ୟାପାର ଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହି ଛକ ଉପରେ ନିକଟସ୍ଥ ୧୦ଟି ପଞ୍ଚାୟତର ଜନସାଧାରଣ ନିର୍ଭରଶୀଳ ଥିବା ବେଳେ ସ୍କୁଲ କଲେଜ ଛାତ୍ରଛାତ୍ରୀ ମଧ୍ୟ ଏଠାରୁ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାତାୟାତ କରନ୍ତି। ଏଠାରେ କୌଣସି ଦୁର୍ଘଟଣା ବା ଅସାମାଜିକ କାର୍ଯ୍ୟ ସଙ୍ଗଠିତ ହେଲେ ବାଉଁସୁଣୀ ଥାନାରୁ ସାହାଜପାଲ ଛକକୁ ୧୧ କିଲୋମିଟର ଦୂର ହେଉଥିବାରୁ ଘଟଣା ସ୍ଥଳରେ ପୁଲିସ ପହଞ୍ଚିବା ପାଇଁ ବିଳମ୍ବ ହୋଇଥାଏ। ଆଗରୁ ଏ ଛକରେ ପୁଲିସ ବିଟ୍ ହାଉସ୍ ଥିବାବେଳେ ସେହି ବିଟ୍ ହାଉସ୍‌ରେ କୌଣସି ପୁଲିସ କର୍ମଚାରୀ ରହୁ ନ ଥିବା ବେଳେ ମୁକୁଳା ହୋଇ ପଡ଼ିଛି ବିଟ୍ ହାଉସ୍। ତୁରନ୍ତ ସାହାଜପାଲ ଅଞ୍ଚଳରେ ଏକ ପୁଲିସ ଫାଣ୍ଡି ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## କେଜ୍ରିୱାଲଙ୍କ ଗିରଫ ପ୍ରତିବାଦରେ କର୍ମୀଙ୍କ ଧାରଣା



**ବୀରମହାରାଜପୁର, ୨୯।୩ (ସମିସ):** ଆମ ଆଦମୀ ପାର୍ଟିର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫକୁ ନେଇ ସାରା ଦେଶରେ ଦଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏହିକ୍ରମରେ ସୁବର୍ଣ୍ଣପୁର ବୀରମହାରାଜପୁର ବିଧାନସଭା ମଣ୍ଡଳୀରେ ମଧ୍ୟ ଆମ୍ ଆଦମୀ ପାର୍ଟି ତରଫରୁ ପ୍ରତିବାଦ କରାଯାଇଛି। ବୀରମହାରାଜପୁର ମୁଖ୍ୟ ଛକରେ ଦଳର ନେତା ଓ କର୍ମୀ ସାମୂହିକ ଉପବାସରେ ରହି ଧାରଣା ଦେଇଥିଲେ। ଜିଲ୍ଲା ସଭାପତି ସୁରେଶ କଲତା, ଉପ ସଭାପତି ପୃଥ୍ୱୀରାଜ ଜଗଦଲା, ଜିଲ୍ଲା ସମ୍ପାଦକ ରଞ୍ଜନ ବଗର୍ତ୍ତୀ, ମାଧବ ମହାକୁର, ଘନଶ୍ୟାମ ଭୋଇ, ସୁଦାମ କୁଅର ପ୍ରମୁଖ ଯୋଗ ଦେଇଥିଲେ।

ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ବାର୍ଷିକୋତ୍ସବ

# 'ଶୃଙ୍ଖଳା ଓ ପରିଶ୍ରମ ହିଁ ସଫଳତାର ଚାବିକାଠି'

**ବୀରମହାରାଜପୁର, ୨୯।୩(ସମିସ)**

ବୀରମହାରାଜପୁର ଉପଖଣ୍ଡ ଭଙ୍ଗାମୁଣ୍ଡାସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ଦ୍ୱାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳା ଓ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଏଥିରେ ମତ ପ୍ରକାଶ ପାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଏକାଦଶୀ ଜେନା ମୁଖ୍ୟ ଅତିଥି, ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁ ମୁଖ୍ୟବକ୍ତା, ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ପରାମର୍ଶଦାତା ଡ. ପ୍ରଫୁଲ୍ଲ ରଥ ଓ ଅବସରପ୍ରାପ୍ତ ଶିକ୍ଷକ ତଥା ବାଲୁକା ଶିଳ୍ପୀ କରୁଣାକର ଘଣ୍ଟୁଆଳ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପାଇଁ ଅନୁଷ୍ଠାନର ପୁରାତନ ଛାତ୍ର କୃଶ୍ କୁଦେଇ, ଓମ୍ ପ୍ରକାଶ ସେଠ୍ ଓ ଅଗ୍ନି ଅମୃତେଶ୍ୱରୀ ଖମାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ପଙ୍କଜ ଖମାରୀ ସଭା ପରିଚାଳନା କରିଥିଲେ।



ଅଜୟ କୁମାର ଓ ପ୍ରାଣକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀ ଆକାଂକ୍ଷା ଅର୍ପିତା ପ୍ରଧାନ ଓ ପ୍ରିୟଙ୍କା ସେଠ, ଶିକ୍ଷକ ଯୁଧିଷ୍ଠିର ଖମାରୀ, ରଣମୋହନ ଭୋଇ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଗୋକୁଳା ପଟେଲ ଗାନ୍ଧୀ ବେଶରେ ସଜ୍ଜିତ ହୋଇ ବିଶେଷ ଆକର୍ଷଣର କେନ୍ଦ୍ର ପାଲଟି ଥିଲେ। ଶେଷରେ ସଚେତନତା ଧର୍ମୀ କୋଶଲୀ ନାଟିକା 'ଉକିଆ' ପରିବେଷିତ ହୋଇଥିଲା। ଶୁଭଶ୍ରୀ ଦେହୁରୀ, ଶୁଭଶ୍ରୀ ବିଶ୍ୱାଳ, ଆକାଂକ୍ଷା ପଧାନ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ରାଜେଶ ଶତପଥୀ, ଚିତ୍ତରଞ୍ଜନ, କାର୍ତ୍ତିକ ଭୋକ୍ରା, ସୁଦର୍ଶନ ବିଶ୍ୱାଳ, ଜୀତେନ୍ଦ୍ର ପ୍ରମୁଖ ସଙ୍ଗୀତ ପରିଚାଳନାରେ ସହଯୋଗ କରିଥିଲେ।

# ଆଇପିଏଲ୍‌ର ସବୁଠାରୁ ବ୍ୟୟବହୁଳ ୫ ଓଭର


ହର୍ଷଲ ପଟେଲ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ର ୧୭ତମ ସଂସ୍କରଣ ଆରମ୍ଭ ହୋଇସାରିଛି । ଇତିମଧ୍ୟରେ କେତୋଟି ନୂଆ ରେକର୍ଡ ଦେଖିବାକୁ ମିଳିଛି । ଟି-୨୦ ଫର୍ମାଟରେ ଫଟାଫଟ୍ କ୍ରିକେଟର ମଜା ନେବାକୁ ଦର୍ଶକମାନେ ଏହି ଲିଗ୍ ନେଇ ବେଶ୍ ଉତ୍ସାହିତ ରହିଛନ୍ତି । ଲିଗ୍‌ରେ ଛକା ଚୌକାର ବର୍ଷା ଦେଖିବାକୁ ମିଳିଛି । ଫଳରେ ବୋଲରମାନେ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି । ଆଇପିଏଲରେ ସବୁଠାରୁ ବ୍ୟୟବହୁଳ ୫ ଓଭର ଓ ଏହି ଓଭର ବୋଲିଂ କରିଥିବା ବୋଲରମାନଙ୍କୁ ନେଇ ଆଲୋଚନା କରିବା । ଏହି କ୍ରମରେ ହର୍ଷଲ ପଟେଲ ଓ ପ୍ରଶାନ୍ତ ପରମେଶ୍ୱରନ ଶୀର୍ଷରେ ରହିଛନ୍ତି । ଦୁହେଁ ଗୋଟିଏ ଓଭରରେ ସମାନ ୩୭ ରନ ବ୍ୟୟ କରିଥିଲେ ।

### ହର୍ଷଲ ପଟେଲ (୩୭ ରନ)

୨୦୨୧ ଆଇପିଏଲ୍‌ରେ ହର୍ଷଲ ପଟେଲ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ତରଫରୁ ବୋଲିଂ କରି ୩୭ ରନକରି ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ । ଚେନ୍ନାଇ ସୁପର କିଙ୍ଗସର ରବୀନ୍ଦ୍ର ଜାଡେଜା ତାଙ୍କ ଗୋଟିଏ ଓଭରରେ ୫ଟି ଛକା, ଗୋଟିଏ ଚୌକା ଓ ୨ ରନ ସଂଗ୍ରହ କରିଥିଲେ । ଏଥିସହ ହର୍ଷଲ ପ୍ରଶାନ୍ତ ପରବେଶ୍ୱରନଙ୍କ ସମକକ୍ଷ ହୋଇଥିଲେ ।

### ପ୍ରଶାନ୍ତ ପରମେଶ୍ୱରନ (୩୭ ରନ)

୨୦୧୧ ଆଇପିଏଲରେ କୋଚି ଟସ୍କର୍ସ କେରଳ ତରଫରୁ ବୋଲିଂ କରି ପ୍ରଶାନ୍ତ ପରମେଶ୍ୱର ଗୋଟିଏ ଓଭରରେ ସମାନ ୩୭ ରନ ସଂଗ୍ରହ କରି ଲିଗ୍‌ର ସବୁଠାରୁ ବ୍ୟୟବହୁଳ ବୋଲର ସାବ୍ୟସ୍ତ ହୋଇଥିଲେ । ବେଙ୍ଗାଲୁରୁ ତରଫରୁ ପ୍ରତିନିଧିତ୍ୱ କରିଥିବା କ୍ରିସ ଗେଲ ତାଙ୍କର ଗୋଟିଏ ଓଭରରେ ୪ଟି ଛକା ଓ ୩ଟି ଚୌକା ମାରିଥିଲେ ।

### ଡାନିଏଲ ସାମ୍ସ (୩୫ ରନ)

୨୦୨୨ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ପ୍ରତିନିଧିତ୍ୱ କରି ଡାନିଏଲ ସାମ୍ସ ୩୫ ରନ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ । କୋଲକାତା ନାଇଟ ରାଇଡର୍ସ ପ୍ୟାଟ କୁମିନ୍ସ ତାଙ୍କୁ ନିର୍ଦ୍ଧୁମ ପ୍ରହାର କରି ଗୋଟିଏ ଓଭରରେ ୪ଟି ଛକା ଦୁଇଟି ଚୌକା ଓ ଗୋଟିଏ ନୋ ବଲ୍‌ରେ ୨ ରନ ସଂଗ୍ରହ କରିଥିଲେ ।

### ରବି ବୋପାରା (୩୩ ରନ)

୨୦୧୦ ଆଇପିଏଲରେ କିଙ୍ଗ୍‌ସ ଏକାଦଶ ପଞ୍ଜାବ ତରଫରୁ ପ୍ରତିନିଧିତ୍ୱ କରି ସ୍ପିନର ରବି ବୋପାରା ବେଶ ମହଙ୍ଗା ସାବ୍ୟସ୍ତ ହୋଇଥିଲେ । କୋଲକାତା ନାଇଟ ରାଇଡର୍ସ ତରଫରୁ କ୍ରିସ ଗେଲ୍ ବୋପାରାଙ୍କ ଗୋଟିଏ ଓଭରରୁ ୩୩ ରନ ସଂଗ୍ରହ କରିଥିଲେ । ସେ ଏହି ଓଭରରେ ୪ଟି ଛକା, ଦୁଇଟି ସିଙ୍ଗଲ ଓ ଗୋଟିଏ ୱାଇଡ ୫ ରନ ନେଇଥିଲେ ।

### ପରବିନ୍ଦର ଆୱାନା (୩୩ ରନ)

୨୦୧୪ ଆଇପିଏଲ୍‌ରେ କିଙ୍ଗ୍‌ସ ଏକାଦଶ ପଞ୍ଜାବ ତରଫରୁ ପ୍ରତିନିଧିତ୍ୱ କରି ପରବିନ୍ଦର ଆୱାନା ୩୩ ରନ ଦେଇଥିଲେ । ଚେନ୍ନାଇ ସୁପର କିଙ୍ଗସ ବ୍ୟାଟର ସୁରେଶ ରାଇନା ତାଙ୍କର ଏହି ଓଭରରେ ଦୁଇଟି ଛକା, ୫ଟି ଚୌକା ମାରିଥିଲେ । ଏହି କ୍ରମରେ ଦେଖିବାକୁ ଗଲେ ୩୧ ରନ ଦେଇ ରାହୁଲ ଶର୍ମା ଷଷ୍ଠ, ଆଣ୍ଡ୍ରୁ ସାଇମଣ୍ଡସ ୩୦ ଦେଇ ୭ମ, ଜୋହାନ ଭାନ ଡେର ୱାଥ ୩୦ ରନ ବ୍ୟୟ କରି ୮ମ, ଶିଭିଲ କୌଷିକ ୩୦ ରନ ଦେଇ ୯ମ, ଶେଲଡନ କଟ୍ରେଲ ସମାନ ୩୦ ରନ ଦେଇ ୧୦ମ ସ୍ଥାନରେ ରହିଛନ୍ତି ।

■ ଭାରତୀୟ ମହିଳା ଲିଗ୍-୨

## ନୀତା ଫୁଟବଲ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୨୯।୩(ସମିସ): କୋଲକାତାରେ ଚାଲିଥିବା ଭାରତୀୟ ମହିଳା ଲିଗ୍ ଫୁଟବଲର ଏକ ମ୍ୟାଚ୍‌ରେ ନୀତା ଆମ୍ବାନି ଫୁଟବଲ ଏକାଡେମୀ ଚମତ୍କାର ବିଜୟ ହାସଲ କରିଛି । କୋଲକାତାର ଅମଲ ଦତ୍ତ କ୍ରୀଡ଼ାଙ୍ଗନରେ ଗୁରୁବାର ଅନୁଷ୍ଠିତ ମୁକାବିଲାରେ ଓଡ଼ିଶାର ଏହି ଦଳ ୩-୨ ଗୋଲରେ ମହାରାଷ୍ଟ୍ର ପୁଣେ କ୍ରୀଡ଼ା ପ୍ରବୋଧିନୀ ଏକାଡେମୀକୁ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ନୀତା ଆମ୍ବାନି ଏକାଡେମୀ ପକ୍ଷରୁ ପ୍ରିୟା ରୁଇଦାସ ଦୁଇଟି ଓ ନିବେଦିତା ନାୟକ ଗୋଟିଏ ଗୋଲ ଦେଇଥିଲେ । ପ୍ରଥମ ଦୁଇଟି ଗୋଲ ନୀତା ଆମ୍ବାନି ଏକାଡେମୀ ଦେଇଥିଲାବେଳେ ପୁଣେ ଦଳ ଏହାକୁ ଶୁଝାଇ ଖେଳକୁ ସମାନ ସ୍ତରକୁ ଆଣିଥିଲେ । କିନ୍ତୁ ଖେଳର ଶେଷ ଭାଗରେ ପ୍ରିୟା ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ତୃତୀୟ ଗୋଲ ଦେବା ଫଳରେ ନୀତା ଏକାଡେମୀ ବିଜୟୀ ହୋଇଥିଲା । ଏହି ବିଜୟ ଲାଗି ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଏକାଡେମୀ ଚେୟାରମ୍ୟାନ୍ ଇଂ ସୁବ୍ରତ ଦାସ ଅଭିନନ୍ଦନ ଜଣାଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଏହି ଓଡ଼ିଶା ଦଳ ଏ ପର୍ଯ୍ୟନ୍ତ ଅପରାଜେୟ ରହିଛି । ଏହି ପ୍ରଦର୍ଶନ ଯୋଗୁ ଦଳ ପ୍ରଥମ ଦୁଇଟି ସ୍ଥାନରେ ରହିବାର ଯଥେଷ୍ଟ ସମ୍ଭାବନା ରହିଛି ।

■ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ହକି ଲିଗ୍

## ନାଭାଲ ଟାଟା ଏଚ୍‌ପିସି ମ୍ୟାଚ୍ ଡ୍ର ରଖିଲା



ଭୁବନେଶ୍ୱର, ୨୯।୩(ସମିସ): ଲକ୍ଷ୍ନୌରେ ଚାଲିଥିବା ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ହକି ଲିଗ୍‌ରେ ଶୁକ୍ରବାର ୪ଟି ଲିଗ୍ ମ୍ୟାଚ୍ ଖେଳାଯାଇଛି । ଏହା ମଧ୍ୟରୁ ଏଚ୍‌ଏଆର ହକି ଏକାଡେମୀ ସହ ଖେଳିଥିବା ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି । ଏହି ମ୍ୟାଚ୍‌ରେ ଓଡ଼ିଶା ଦଳ ପକ୍ଷରୁ ସୋନାଲି ଏକ୍କା ଓ ସୁପ୍ରିୟା ଗୋଲ ସ୍କୋର କରି ପଏଣ୍ଟ ଭାଗ କରିବାରେ ସମର୍ଥ ହୋଇଥିଲେ । ଅନ୍ୟ ମ୍ୟାଚ୍ ମଧ୍ୟରୁ ବିଳାସପୁର ରାଜ୍ୟ ହକି ସେଣ୍ଟର ୩-୦ ଗୋଲରେ ଭାଇ ବେହଲୋ ହକି ଏକାଡେମୀକୁ, ଜୟ ଭାରତ ହକି ଏକାଡେମୀ ୧୦-୦ ଗୋଲରେ ରାଜା କରଣ ହକି ଏକାଡେମୀକୁ ପରାସ୍ତ କରିଛି । ପ୍ରୀତମ ସ୍ୱିୱାଚ ହକି ଏକାଡେମୀ ସହ ସାଇ ବାଲ ଟିମ୍ ୩-୩ ଗୋଲରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି ।

**ମିଆମି ଓପନ୍ ଟେନିସ୍**

## ଫାଇନାଲରେ ବୋପାନ୍ନା-ଏବଡେନ୍

ମିଆମି, ୨୯ ।୩(ଏଜେନ୍ସି): ଭାରତୀୟଅଭିଜ୍ଞ ଟେନିସ ତାରକା ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ଏଠାରେ ଚାଲିଥିବା ମିଆମି ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ପୁରୁଷ ଯୁଗଳ ପ୍ରତିଯୋଗିତାରେ ଶ୍ରେଷ୍ଠ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ସେମିଫାଇନାଲରେ ୬-୧, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଯୋଡି ସ୍ପେନ୍‌ର ମାର୍ସେଲ ଗ୍ରାନୋଲେର୍ସ ଓ ଆର୍ଜେଣ୍ଟିନାର ହୋରାସିଓ ଜେବାଲୋସଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି । ବୋପାନ୍ନା ଓ ଏବଡେନ୍ ଟାଇଟଲ ପାଇଁ ଫାଇନାଲରେ କ୍ରୋଏସିଆର ଇଭାନ ଡୋଡିଗ୍ ଓ ଆମେରିକାର ଅଷ୍ଟିନ କ୍ରାଜିସେକଙ୍କୁ ଭେଟିବେ । ଡୋଡିଗ୍ ଓ କ୍ରାଜିସେକ୍ ଅନ୍ୟଏକ ସେମିଫାଇନାଲରେ ୭ମ ସିଡ୍ ଯୋଡି ଜର୍ମାନୀର କେଭିନ୍ କ୍ରାୱିଜ ଓ ଟିମ୍ ପୁଇଜ୍‌ଙ୍କୁ ୬-୪, ୬-୭, ୧୦-୭ ସେଟ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି ।

### କଲିନ୍ସ-ରିବାକିନା ଫାଇନାଲ

ମିଆମି ଓପନ୍ ମହିଳା ଏକକ ପ୍ରତିଯୋଗିତାର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି । ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଆମେରିକାର ଡାନିଏଲେ କଲିନ୍ସ ଓ କାଜାଖସ୍ତାନର ଏଲିନା ରିବାକିନା ପରସ୍ପରକୁ ଭେଟିବେ । ସେମିଫାଇନାଲରେ କଲିନ୍ସ ୬-୩, ୬-୨ ସେଟ୍‌ରେ ୧୪ତମ ସିଡ୍ ରୁଷିଆର ଏକାଟେରିନା ଆଲେଜାଣ୍ଡ୍ରୋଭାଙ୍କୁ ଓ ରିବାକିନା ୬-୪, ୦-୬, ୭-୬ ସେଟ୍‌ରେ ୨୭ତମ ସିଡ୍ ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କାଙ୍କୁ ହରାଇ ଫାଇନାଲକୁ ଉଠିଛନ୍ତି ।

**ଆଲକାରାଜଙ୍କ ବିପର୍ଯ୍ୟୟ**

### ଡିମିଟ୍ରୋଭ-ଜ୍ୱେରେଭ ସେମିଫାଇନାଲ

ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସେମିରେ ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ଓ ଚତୁର୍ଥ ସିଡ୍ ଜର୍ମାନୀ ଆଲେକାଜାଣ୍ଡର ଜ୍ୱେରେଭ ମୁହାଁମୁହିଁ ହେବେ । ଡିମିଟ୍ରୋଭ ୬-୨, ୬-୪ ସେଟ୍‌ରେ ସ୍ପେନର ଟପ୍ ସିଡ୍ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛନ୍ତି । ସେହିପରି ଜ୍ୱେରେଭ ୬-୩, ୭-୫ ସେଟ୍‌ରେ ହଙ୍ଗେରୀର ଫାବିଆନ୍ ମାରୋଜସାନଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି ।



## ୟୁରୋକପ୍ ପାଇଁ ୟୁକ୍ରେନ୍‌ର ଯୋଗ୍ୟତା

ୱାରସ, ୨୯ ।୩(ଏଜେନ୍ସି): ୟୁରୋପ ମହାଦେଶର ସର୍ବବୃହତ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ୟୁରୋକପ୍ ପାଇଁ ଯୁଦ୍ଧବିଧ୍ୱସ୍ତ ୟୁକ୍ରେନ ଯୋଗ୍ୟତା ହାସଲ କରିଛି । ରୁଷିଆର ଆକ୍ରମଣ ପରେ ୟୁକ୍ରେନ୍ ପ୍ରଥମଥର ପାଇଁ ଏହି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିବା ଏକ ବଡ଼ ଉପଲବ୍ଧି ବୋଲି ବିଚାର କରାଯାଉଛି । ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ୟୁକ୍ରେନ୍ ୨-୧ ଗୋଲରେ ଆଇସ୍‌ଲାଣ୍ଡକୁ ପରାସ୍ତ କରି ଏହି ସଫଳତା ପାଇଛି । ୟୁକ୍ରେନ ପାଇଁ ଭିକ୍ଟର ସିହାଙ୍କୋଭ ୫୪ ଓ ମିଖାଇଲୋ ମୁଡରିକ୍ ୮୪ତମ ମିନିଟ୍‌ରେ ଗୋଲ ଦେଇଥିଲେ । ଅନ୍ୟପଟେ ଆଇସ୍‌ଲାଣ୍ଡ ତରଫରୁ ଆଲବର୍ଟ ଗୁମୁଣ୍ଡସନ ୩୦ତମ ମିନିଟ୍‌ରେ ଦଳ ପାଇଁ ଏକମାତ୍ର ଗୋଲ ସ୍କୋର କରିଥିଲେ ।

## ୧ ରନ୍‌ରେ ଜିତିଲା ଭୁବନେଶ୍ୱର-ବି


ଲୀଳାଧର ପ୍ରଧାନ


ସୁଶୀଲ ବାରିକ

**କଳାହାଣ୍ଡି କପ୍**

କଟକ, ୨୯।୩(ସମିସ)

କଟକରେ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ଦ୍ୱିତୀୟ ପର୍ଯ୍ୟାୟ ଜାରି ରହିଛି । ଏଠାରେ ନୟାଗଡ଼ ଏବଂ ଭୁବନେଶ୍ୱର-ବି ଲଗାତର ଦ୍ୱିତୀୟ ବିଜୟ ହାସଲ କରିଛନ୍ତି । ଡ୍ରିମସ ଗ୍ରାଉଣ୍ଡରେ ଭୁବନେଶ୍ୱର-ବି ଏବଂ କେନ୍ଦୁଝର ମଧ୍ୟରେ ହୋଇଥିବା ମୁକାବିଲା ରୋମାଞ୍ଚକ ସ୍ଥିତିରେ ଶେଷ ହୋଇଥିଲା । ମାତ୍ର ୧ରନରେ ଏହି ମ୍ୟାଚ୍ ଜିତିଥିଲା ଭୁବନେଶ୍ୱର-ବି ଦଳ । କେନ୍ଦୁଝର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ସୁଶୀଲ ବାରିକଙ୍କ ୫୩ରନ ସହାୟତାରେ ଭୁବନେଶ୍ୱର-ବିର ପାଳି ୧୫୨ରନରେ ସୀମିତ ରହିଥିଲା । କେନ୍ଦୁଝର ପକ୍ଷରୁ ଆଶୁତୋଷ ରାୟ ୪ଟି ଏବଂ ପଙ୍କଜ ସେନାପତି ୩ଟି ୱିକେଟ ଅକ୍ତିଆର କରିଥିଲେ । ୧୫୩ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା କେନ୍ଦୁଝର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦଳ ୯୧ରନରେ ୭ଟି ୱିକେଟ ହରାଇଥିଲା । ଅସିତ ସାହୁ ଏବଂ ଋତୁରାଜ ମହାପାତ୍ର ୮ମ ୱିକେଟରେ ୫୩ରନର ଭାଗିଦାରୀ ସୃଷ୍ଟି କରି ବିଜୟ ଆଶା ସଞ୍ଚାରିଥିଲେ । ମାତ୍ର ଅସିତ ୩୦ରନରେ ଏବଂ ଋତୁରାଜ ୨୯ ରନରେ ଆଉଟ ହେବା ଯୋଗୁଁ କେନ୍ଦୁଝର ଶିବିରରେ ନିରାଶା ଖେଳି ଯାଇଥିଲା । ନିମ୍ନକ୍ରମର ବ୍ୟାଟରଙ୍କ ଉଦ୍ୟମ ସତ୍ତ୍ୱେ ଦଳ ସମସ୍ତ ୱିକେଟ ହରାଇ ୧୫୧ରନ କରିପାରିଥିଲା । ଭୁବନେଶ୍ୱର-ବିର ଆଶୁତୋଷ ନାୟକ ଏବଂ ମନୋଜ ବାରିକ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ସୁଶୀଲଙ୍କୁ ୨ଟି ୱିକେଟ ମିଳିଥିଲା ।

ରେଭେନ୍ସା ଗ୍ରାଉଣ୍ଡରେ ନୟାଗଡ଼ ୩୭ରନରେ ମୟୂରଭଞ୍ଜକୁ ପରାସ୍ତ କରିଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ନୟାଗଡ଼ ସମସ୍ତ ୱିକେଟ ହରାଇ ୨୩୬ରନ କରିଥିଲା । ଲୀଳାଧର ପ୍ରଧାନ ସର୍ବାଧିକ ୬୬ରନ କରିଥିଲେ । ଜବାବରେ ମୟୂରଭଞ୍ଜ ୧୯୯ରନରେ ସୀମିତ ରହିଥିଲା । ନୟାଗଡ଼ର ନିହାର ପଟ୍ଟନାୟକ ଏବଂ ନିଶିକାନ୍ତ ମାନସିଂହ ଯଥାକ୍ରମେ ୩ଟି ଏବଂ ୨ଟି ୱିକେଟ ଦଖଲ କରିଥିଲେ । ସେହିପରି ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ପୁରୀ ୬ ୱିକେଟରେ କୋରାପୁଟକୁ ପରାସ୍ତ କରିଥିଲା । କୋରାପୁଟ ପକ୍ଷରୁ ଧାର୍ଯ୍ୟ ୧୧୫ରନର ବିଜୟ ଲକ୍ଷ୍ୟକୁ ୨୨.୪ ଓଭରରେ ୪ ୱିକେଟ ହରାଇ ପୁରୀ ହାସଲ କରିଥିଲା ।

**ପ୍ୟାରିସ ଅଲିମ୍ପିକ୍ସ**

## ସେନ୍‌ଙ୍କ ଯୋଗ୍ୟତା; ଏଥେନ୍ସ ପରେ ପ୍ରଥମଥର ଦୁଇ ଭାରତୀୟ

ନୂଆଦିଲ୍ଲୀ, ୨୯ ।୩ (ଏଜେନ୍ସି): ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଖୁସି ଖବର । ଦେଶର ଦ୍ୱିତୀୟ ମାନ୍ୟତା ପୁରୁଷ ଏକକ ଖେଳାଳି ଲକ୍ଷ୍ୟ ସେନ ଗାଣିତିକ ହିସାବରେ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଚଳିତ ୟୁରୋପିଆନ ଗସ୍ତରେ ଚମତ୍କାର ପ୍ରଦର୍ଶନ କରି ଆବଶ୍ୟକ ଯୋଗ୍ୟତା ମାର୍କକୁ ଲକ୍ଷ୍ୟ ହାସଲ କରିନେଇଛନ୍ତି । ଫଳରେ ପ୍ୟାରିସ ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନର ପୁରୁଷ ଏକକରେ ଦୁଇଜଣ ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ । ପୂର୍ବରୁ ଏଚ୍‌ଏସ୍ ପ୍ରଣୟ ମଧ୍ୟ ଯୋଗ୍ୟତା ଲାଗି ଆବଶ୍ୟକ ମାର୍କ ହାସଲ କରିସାରିଛନ୍ତି । ଏଥିସହ ଦୀର୍ଘ ଦୁଇ ଦଶନ୍ଧିର ବ୍ୟବଧାନ ପରେ ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ପୁରୁଷ ଏକକରେ ଦୁଇଜଣ ଖେଳାଳି ଭାରତ ପକ୍ଷରୁ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି । ଶେଷଥର ଲାଗି ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଭାରତରୁ ଅଭିନ୍ନ ଶ୍ୟାମ ଗୁପ୍ତା ଓ ନିଖିଲ କନେତକର୍ ଏକକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ।



ଗୋଟିଏ ଦେଶରୁ ସର୍ବାଧିକ ଦୁଇ ଜଣ ଖେଳାଳି ଅଲିମ୍ପିକ୍ସରେ ବ୍ୟାଡ୍‌ମିଣ୍ଟନ ପୁରୁଷ ଏକକରେ ଅଂଶଗ୍ରହଣ କରିପାରିବେ, ଯଦି ଉଭୟ ବିଶ୍ୱ ମାନ୍ୟତାର ଟପ୍-୧୬ରେ ରହିଥାନ୍ତି । ଏହିକ୍ରମରେ ବର୍ତ୍ତମାନ ପ୍ରଣୟ ୭୪, ୮୯୭ ପଏଣ୍ଟ ସହ ବିଶ୍ୱ ମାନ୍ୟତାର ୯ମ ଏବଂ ଲକ୍ଷ୍ୟ ସେନ (୬୪୦୨୧) ୧୨ତମ ସ୍ଥାନରେ ରହିଛନ୍ତି । ପ୍ୟାରିସ ଅଲିମ୍ପିକ୍ସ ଲାଗି ଚୂଡ଼ାନ୍ତ ବିଶ୍ୱ ର୍ୟାଙ୍କିଂ ଏପ୍ରିଲ ୨୮ରେ ପ୍ରକାଶ ପାଇବ । ଏଥିରେ ଉଭୟ ପ୍ରଣୟ ଓ ଲକ୍ଷ୍ୟ ଟପ୍-୧୬ ମଧ୍ୟରେ ରହିବା ଏକପ୍ରକାର ନିଶ୍ଚିତ । ତେଣୁ ଉଭୟ ଅଲିମ୍ପିକ୍ସ ପଦାର୍ପଣ ପ୍ୟାରିସରେ କରିବେ ।

■ ନଂ-୧ ସ୍ଥାନରେ କ୍ରମାଗତ ଦଶମ ସପ୍ତାହ

## ସାଇନାଙ୍କୁ ପଛରେ ପକାଇଲେ ସାତ୍ୱିକ-ଚିରାଗ

ନୂଆଦିଲ୍ଲୀ, ୨୯ ।୩(ଏଜେନ୍ସି): ଭାରତୀୟ ପୁରୁଷ ଯୁଗଳ ଯୋଡି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚରାଗ ସେଟ୍ଟୀ ଏକ ବିରଳ ରେକର୍ଡ ଅଧିକାରୀ ହୋଇଛନ୍ତି । ବିଶ୍ୱ ବ୍ୟାଡିମିଣ୍ଟନ ଫେଡେରେସନ



(ବିଡବ୍ଲ୍ୟୁଏଫ୍) ମାନ୍ୟତାରେ ଏହି ଯୋଡି କ୍ରମାଗତ ୧୦ମ ସପ୍ତାହ ଶୀର୍ଷ ସ୍ଥାନରେ ରହିଛନ୍ତି । ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ୨୦୨୩ ଅକ୍ଟୋବର ୧୦ରେ ଏହି ଯୋଡି ପ୍ରଥମଥର ପାଇଁ ନଂ ୧ ସ୍ଥାନ ଅଧିକାର କରିଥିଲେ । ଏହି କ୍ରମରେ ଏହି ଯୋଡି ଅନ୍ୟତମ ଭାରତୀୟ ଅଭିଜ୍ଞ ମହିଳା ଖେଳାଳି ସାଇନା ନେହ୍ୱାଲଙ୍କୁ ପଛରେ ପକାଇଛନ୍ତି । ୨୦୧୫ ଏପ୍ରିଲ୍‌ରେ ସାଇନା ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ବିଡବ୍ଲ୍ୟୁଏଫ୍ ମାନ୍ୟତାର ନଂ ୧ ସ୍ଥାନ ଅଧିକାର କରି ଇତିହାସ ସୃଷ୍ଟି କରିଥିଲେ । ଅଲ ଇଂଲଣ୍ଡ ଫାଇନାଲରେ ପ୍ରବେଶ କରି ସେ ଏହି ସଫଳତା ପାଇଥିଲେ । ୨୦୧୫ ଅକ୍ଟୋବର ୨୧ ଅର୍ଥାତ କ୍ରମାଗତ ୯ ମାସ ଧରି ସେ ନଂ ୧ ସ୍ଥାନରେ ରହିଥିଲେ ।

ସେହିପରି ଭାରତର କିଦାମ୍ବି ଶ୍ରୀକାନ୍ତ ପ୍ରଥମ ଭାରତୀୟ ପୁରୁଷ ଖେଳାଳି ଭାବେ ବିଡବ୍ଲ୍ୟୁଏଫ୍ ମାନ୍ୟତାର ନଂ ୧ ସ୍ଥାନ ହାସଲ କରିଥିଲେ । ସେ ୨୦୧୭ ଏପ୍ରିଲ ୧୨ରେ ଏହି ଐତିହାସିକ ଉପଲବ୍ଧୀ ହାସଲ କରିଥିଲେ । ତେବେ ସେ ମାତ୍ର ଗୋଟିଏ ସପ୍ତାହ ପରେ ଶୀର୍ଷ ସ୍ଥାନ ହରାଇଥିଲେ ।

**ଇଣ୍ଡିଆନ ସୁପର୍ ଲିଗ୍-୧୦**

## ବେଙ୍ଗାଲୁରୁ-ଓଏଫ୍‌ସି ମୁକାବିଲା ଆଜି

ବେଙ୍ଗାଲୁରୁ, ୨୯ ।୩ (ଏଜେନ୍ସି)

କିଛିଦିନର ବିରତି ପରେ ପୁଣିଥରେ ଆକ୍ସନକୁ ଫେରିଛି ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍) ଫୁଟ୍‌ବଲ ପ୍ରତିଯୋଗିତା । ଚଳିତ ୧୦ମ ସଂସ୍କରଣ ଏକ ରୋମାଞ୍ଚକ ମୁକାବିଲାରେ ଶନିବାର ଘରୋଇ ବେଙ୍ଗାଲୁରୁ ଏଫ୍‌ସି ଓ ଓଡ଼ିଶା ଫୁଟ୍‌ବଲ୍ କ୍ଲବ (ଓଏଫ୍‌ସି) ସାମ୍ନାସାମ୍ନି ହେବାକୁ ଯାଉଛନ୍ତି । ସ୍ଥାନୀୟ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ସନ୍ଧ୍ୟା ୫ଟାରେ ଏହି ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଜିତି ଉଭୟ ଦଳ ପଏଣ୍ଟ ଟେବଲ୍‌ରେ ସ୍ଥିତି ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛନ୍ତି ।

ଆଇଏସ୍‌ଏଲ୍‌ର ଚଳିତ ସଂସ୍କରଣର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ଏଫ୍‌ସି ପ୍ରଭାବୀ ପ୍ରଦର୍ଶନ କରି ବହୁତ ଦିନ ଧରି ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନରେ ରହିଥିଲା । ତେବେ ଗତ ୪ଟି ମୁକାବିଲାରେ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରି ୪ର୍ଥ ସ୍ଥାନକୁ ଖସି ଆସିଛି । ଶେଷ ମୁକାବିଲାରେ ଓଡ଼ିଶା ଏଫ୍‌ସି ୧-୨ ଗୋଲରେ ଚେନ୍ନାଇନ ଏଫ୍‌ସି ନିକଟରୁ ପରାସ୍ତ ହୋଇଥିଲା । ଭୁବନେଶ୍ୱରଭିତ୍ତିକ ଏହି କ୍ଲବ ବର୍ତ୍ତମାନ ୧୮ ମ୍ୟାଚ୍ ଖେଳି ୧୦ ବିଜୟ, ୩ ପରାଜୟ ଓ ୫ ଅମୀମାଂସିତ ସହ ୩୫ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି । ଶନିବାର ଯଦି ଓଡ଼ିଶା ଏଫ୍‌ସି ବିଜୟୀ ହୁଏ ତେବେ ଗୋଟିଏ ସ୍ଥାନ ଉପରକୁ ଉଠିବ । ତେବେ ସର୍ଜିଓ ଲୋବେରାଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ପାଇଁ ଏହା ସହଜ ହେବ ନାହିଁ । ଏହି ଷ୍ଟାଡିୟମରେ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୨ଟି ମ୍ୟାଚରେ ବେଙ୍ଗାଲୁରୁ ବାଜିମାତ୍ କରିଛି । ତେବେ ଓଡ଼ିଶା ପାଇଁ ଆଶ୍ୱସ୍ତିଜନକ କଥା ହେଉଛି ଚଳିତ ସିଜନର ପ୍ରାରମ୍ଭରେ କଳିଙ୍ଗ ଷ୍ଟାଡିୟମରେ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ମ୍ୟାଚକୁ ଓଡ଼ିଶା ଏଫ୍‌ସି ୩-୨ରେ



ଜିତିଥିଲା । ତେଣୁ ଓଏଫ୍‌ସି ସିଜନରେ ବେଙ୍ଗାଲୁରୁ ବିପକ୍ଷରେ ଡବଲ୍ ବିଜୟ ଲକ୍ଷ୍ୟରେ ଶନିବାର ପଡ଼ିଆକୁ ଓହ୍ଲାଇବ ।

ଅପରପକ୍ଷରେ ସୁନିଲ ଛେତ୍ରୀଙ୍କ ବେଙ୍ଗାଲୁରୁ ଏଫ୍‌ସି ବର୍ତ୍ତମାନ ସୁଦ୍ଧା ୧୮ ମ୍ୟାଚ୍ ଖେଳି ୫ ବିଜୟ ଓ ୮ ପରାଜୟ ସହ ୨୧ ପଏଣ୍ଟ ପାଇ ୭ମ ସ୍ଥାନରେ ରହିଛି । ଯଦି ବେଙ୍ଗାଲୁରୁ ଏହାର ପରବର୍ତ୍ତୀ ୩ଟି ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରେ ତେବେ ପ୍ଲେ-ଅଫ୍‌ରେ ପ୍ରବେଶ କରିବାର ସମ୍ଭାବନା ରହିଛି । ରେକର୍ଡ ଉପରେ ନଜର ପକାଇଲେ ଓଡ଼ିଶା ଏଫ୍‌ସି ବିପକ୍ଷରେ ବେଙ୍ଗାଲୁରୁ ପଲା ଭାରି ରହିଛି । ଏହି ଦୁଇ ଦଳ ମୋଟ୍ ଉପରେ ୧୩ଥର ସାମ୍ନାସାମ୍ନି ହୋଇଛନ୍ତି । ଯେଉଁଥିରେ ଓଡ଼ିଶା ୫ ଓ ବେଙ୍ଗାଲୁରୁ ୭ ମ୍ୟାଚରେ ବିଜୟୀ ହୋଇଛନ୍ତି । ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି । ତେଣୁ ଶନିବାର ମ୍ୟାଚ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି ।

# ନ୍ୟାୟ ବିଚାର



ସହରର ଆର ପାଖରେ ଗାଁଟିଏ । ନାଁଟି ତା'ର ଭଦ୍ରପୁର । ନାଁ ଯେପରି, ସେଠାରେ ଥିବା ଲୋକମାନେ ମଧ୍ୟ ସେହିପରି ଶାନ୍ତ ଆଉ ଭଦ୍ର । ସେମାନେ ପରସ୍ପର ଭାଇବନ୍ଧୁ ଭଳି ଚଳନ୍ତି । ନିଜ ମଧ୍ୟରେ କେବେ କଳିଝଗଡ଼ା କରନ୍ତି ନାହିଁ । ଯଦି କେବେ ଗାଁରେ କାହାକୁ ବିପଦ ଆସେ, ଗାଁ ସାରା ଲୋକ ତା' ପାଖରେ ଛିଡ଼ା ହୁଅନ୍ତି । ନିଜେ ନିଜର ସ୍ୱାର୍ଥକୁ ପଛରେ ପକାଇ ସବୁବେଳେ ଅନ୍ୟମାନଙ୍କ ପାଇଁ ଚିନ୍ତା କରନ୍ତି । ସେଥିପାଇଁ ଏ ଗାଁ ଅନ୍ୟ ଗାଁଠାରୁ ଭିନ୍ନ । ଲୋକମାନଙ୍କ ମଧ୍ୟରେ ଥିବା ଭଲପାଇବା , ସେମାନଙ୍କ ପାଖରେ ଥିବା ପରୋପକାର ଗୁଣ ପାଇଁ ଏହି ଗାଁଟି ଆଲୋଚନାର ବିଷୟ ହୋଇଥାଏ । ସବୁଠାରୁ ବେଶ୍ ଆଲୋଚନାର ବିଷୟ ପାଲଟି ଥା'ନ୍ତି, ସେହି ଗାଁର ମୁଖିଆ ଧନୀ ମହାପାତ୍ର । ସେ ସବୁବେଳେ ନ୍ୟାୟରେ ଚାଲନ୍ତି । ସେ କେବେ ସତ ଛଡ଼ା ମିଛକୁ ପ୍ରଶ୍ରୟ ଦିଅନ୍ତି ନାହିଁ । ଯେତେ ବିପଦ ଆସିଲେ ମଧ୍ୟ, କେବେ ତାଙ୍କ ବିଚାରରୁ ଓହରନ୍ତି ନାହିଁ । ମହାପାତ୍ରଙ୍କୁ ଗାଁ ଲୋକେ ଭଗବାନ ଭଳି ମାନନ୍ତି ।

ଥରେ ଧନୀ ମହାପାତ୍ରଙ୍କ ପୁଅ ସହ ଆଉ କେତେଜଣଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଗଲା । ବଚସା ଏପରି ସ୍ତରରେ ପହଞ୍ଚି ଥିଲା ଶେଷରେ ,ବାଡ଼ାବାଡ଼ି ପର୍ଯ୍ୟନ୍ତ କଥାଗଲା । ସଭିଏଁ ଜାଣନ୍ତି ମୁଖିଆଙ୍କ ପୁଅ ଟିକେ ଦୁଷ୍ଟ । ସେ ଚାଲିଗଲା ଶଗଡ଼ରେ ହାତ ମାରିଦେବା ପିଲା । ଗାଁ ଲୋକେ ଯେତେ ବୁଝାଇଲେ, ସେ କାହା କଥା ଶୁଣିବାକୁ ରାଜି ନ ଥିଲା । ଶେଷରେ କଥା ମୁଖିଆଙ୍କ ପାଖକୁ ଗଲା । ମୁଖିଆ କହିଲେ , "କାଲି ଏକଥାର ବିଚାର ପଞ୍ଚାୟତରେ ହେବ । " ତା' ପରଦିନ ବରଗଛ ମୂଳେ ପଞ୍ଚାୟତ ବସିଲା । ସମସ୍ତ ଗୁରୁଜନଙ୍କ ସହ, ଯେଉଁମାନେ ଝଗଡ଼ାରେ ଲିପ୍ତଥିଲେ ସେମାନେ ଉପସ୍ଥିତ ରହିଲେ । ବିଚାର ଆରମ୍ଭ ହେଲା । ଉଭୟ ପକ୍ଷଙ୍କ କଥା ଶୁଣି ବିଚାରପତି ଏହି ନିଷ୍ପତ୍ତି ନେଲେ କି , "ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖିଆଙ୍କ ପୁଅ ଗାଁ ସାରା ବୁଲିବୁଲି ଭୁଲ୍ ମାଗିବେ । ଯେହେତୁ ସେ ପ୍ରଥମେ ଝଗଡ଼ା ଆରମ୍ଭ କରିଛନ୍ତି, ସେଥିପାଇଁ ସେ ଏପରି ଦଣ୍ଡ ପାଇବାର ଯୋଗ୍ୟ । ସେତିକି ନୁହେଁ, ତାଙ୍କ ପିତା ଯେ କି ନିଜ ପୁତ୍ରକୁ ଭଲ ବାଟରେ ନେବାରେ ସମର୍ଥ ହୋଇପାରିନାହାନ୍ତି, ସେ ମଧ୍ୟ ଦୋଷୀ, ତେଣୁ ସେ ବି ଗାଁ ସାରା ବୁଲି ବୁଲି ଭୁଲ୍ ମାଗିବେ । ଆଗକୁ ଯେପରି ଏମିତି କିଛି ନ ଘଟିବ ସେଥିପ୍ରତି ଧ୍ୟାନ ଦେବାକୁ ହେବ । " ବିଚାରପତିଙ୍କ ଫଇସଲାରେ ସାରା ଗାଁ ସ୍ତବ୍ଧ ହୋଇଯାଇଥିଲା । ସଭିଏଁ ବାକ୍‌ଶୂନ୍ୟ ହୋଇଯାଇଥିଲେ , କାରଣ ସେ ସଭାରେ ମୁଖ୍ୟ ବିଚାରପତି ନିଜେ ହିଁ ମୁଖିଆ ଥିଲେ । ଏତେ ବଡ଼ ଦଣ୍ଡ କିପରି ବିଚାରପତି ଶୁଣାଇପାରିଲେ । ସଭିଏଁ ଭାବିଥିଲେ ଯେହେତୁ ମୁଖିଆଙ୍କ ପୁଅ, ସେ କେବେ ବି ତାକୁ ଦଣ୍ଡ ଦେବେନାହିଁ । କିନ୍ତୁ ସବୁକିଛି ଓଲଟା ହୋଇଗଲା । ଭାବନାଠାରୁ ବହୁତ ଭିନ୍ନ ଥିଲା ବିଚାର । ଗାଁସାରା ଲୋକେ ମୁଖିଆଙ୍କ ବିଚାରରେ ନିଜକୁ ଗର୍ବବୋଧ କରୁଥିଲେ । ଏପରି ମୁଖିଆ ପାଇ ସେମାନେ ଧନ୍ୟ ହୋଇଗଲେ । ଲୋକଙ୍କ କଥା ଶୁଣି ମୁଖିଆ କହିଲେ , "ମୁଁ ଆଜି ଯାହା ବି ନିଷ୍ପତ୍ତି ନେଇଛି, ଏକ ବିଚାରକ ଭାବରେ । ପିତା ହିସାବରେ ବିଚାରକଲେ କିଛିମାତ୍ରାରେ ତ ପୁଅ ପ୍ରତି ନରମ ହେବାକୁ ପଡ଼ିବ । କିନ୍ତୁ ମୁଁ ସେପରି କରି ନଥିଲି, କାରଣ ତାକୁ ଆଜି ପ୍ରଶ୍ରୟ ଦେଲେ ଆଗକୁ ସେ ବହୁତ ବଡ଼ ଭୁଲ କରିବ । ଛୋଟ ଛୋଟ ଭୁଲ୍‌କୁ ଯଦି ଆମେ ନ ସୁଧାରିବା ସେ ଦିନେ ବଡ଼ ଅସୁବିଧା ଆଣି ଛିଡ଼ା କରିଦେବ । ଭୁଲ୍‌କୁ ପ୍ରଶ୍ରୟ ଦେବା ଜଣେ ବିଚାରକର ଧର୍ମ ନୁହେଁ । ପୁଅକୁ ପାଳନ କରିବାରେ ମୋର କିଛି ଦୋଷଥିବାରୁ ମୁଁ ବି ଦଣ୍ଡ ପାଇବାର ଯୋଗ୍ୟ । " ■



ଅର୍ଜୁନ ଦାସ


ନିଆଳି, କଟକ
ମୋ-୭୭୩୫୯୫୭୧୫୧


## କୁନି ତାରକା




## ପହେଳି

ଶୀତଋତୁ ପରେ ଧରାକୁ ଆସେ
ଫାଲଗୁନ ଚଇତ୍ର ଏ ଦୁଇ ମାସେ
ଧରଣୀ କୋଳରେ କରେ ବିହାର
ଋତୁରାଜ ବୋଲି ନାମଟି ତା'ର
ମଳୟ ପବନ ବହେ
ସେଇ ନାମ ଗୋଟି ଯିଏ କହିଦେବ
ମିଠେଇ ଖାଇବ ସିଏ !

ଉତ୍ତର :-ବସନ୍ତ ଋତୁ



ଫୁଲ ଫୁଟିଅଛି ଆମ୍ବ ଗଛରେ
ବାସ ଚହଟୁଛି ଚଉଦିଗରେ
କୁହୁଡ଼ି ପଡ଼ିଲେ ମଉଳି ଯାଏ
ଫୁଲଟିର ନାଆଁ କହିବ କିଏ
ତିନୋଟି ଅକ୍ଷରେ ନାମ ତାହାର
ସେ ନାମରେ ନାହିଁ ଯୁକ୍ତଅକ୍ଷର !

ଉତ୍ତର :-ବଉଳ

କାଉ ନୁହେଁ ତା'ର ରଙ୍ଗଟି କଳା
ଗୀତ ଗାଇବାରେ ସୁନ୍ଦର ଗଳା
ପଞ୍ଚମ ସ୍ୱରରେ କରଇ ଗାନ
ଶୁଣିବାକୁ ଜନ ଡେରନ୍ତି କାନ
କୁହୁ କୁହୁ ମିଠା ସ୍ୱର
ନାଆଁ କହିଦିଅ ତାର !

ଉତ୍ତର :-କୋଇଲି


- ଜଗଦୀଶ ସାହୁ
ସଂଜପଡ଼ା, ଢେଙ୍କାନାଳ
ମୋ :-୯୦୭୮୧୮୫୬୧୬




## କଳାର ସ୍ଥଳ ଉତ୍କଳ

କଳିଙ୍ଗ, ଉଡ୍ର ଅବା ଉତ୍କଳ
ନାମ ଓଡ଼ିଶାର କଳାର ସ୍ଥଳ ।
ବନ୍ଦେ ଉତ୍କଳ ଜନନୀ ଗାଇ
ନଦୀନାଳ ଏଠି ଯାଏରେ ବହି ।
ଓଡ଼ିଶା ସଂସ୍କୃତି ଓଡ଼ିଶୀ ନୃତ୍ୟ
ଅଟଇ ବଢ଼ିଆ ବିଶ୍ୱ ବିଖ୍ୟାତ ।
ଡଙ୍ଗାଭସା, ରଜ, ପବିତ୍ର ହୋଲି
ପାଳୁ ଏକ ହୋଇ ବିଭେଦ ଭୁଲି ।
ପୁରୀ ଓ କୋଣାର୍କ ଗର୍ବ ଆମରି
କାଳିଆ ଠାକୁର ପ୍ରତ୍ୟକ୍ଷ ଭାରି ।

କାରିଗରଙ୍କର ନିହଣ ମୁନ
ପ୍ରସ୍ତର ମୂର୍ତ୍ତି ଦିଏ ଜୀବନ ।
ଖଣ୍ଡଗିରି ଗୁମ୍ଫା, ଧଉଳି ସ୍ତୁପ
ସାଧନା ଶାନ୍ତିର ପବିତ୍ର ପୀଠ ।
ଫକୀରମୋହନ, ମଧୁସୂଦନ
ଅଭୁଲା ତାଙ୍କର ସାହିତ୍ୟ ଦାନ ।
ଓଡ଼ିଆ ଭାଷାର କାବ୍ୟ କବିତା
ସବୁଠୁ ନିଆରା ଲାଗଇ ମିଠା ।
ମାତୃଭାଷା ମୋର ଓଡ଼ିଆ କହେ

ପାଇକ ରକତ ଆମଠି ବହେ ।
ଜୟୀ ରାଜଗୁରୁ, ବାଜି ରାଉତ
ତାଙ୍କ ପାଇଁ ମାତୃଭୂମି ଗର୍ବିତ ।
ବୀର ନେତାଜୀଙ୍କ ନିର୍ଭୀକ ବାଣୀ
ଶତ୍ରୁ ଆଗେ ଶକ୍ତି ଯୋଗାଏ ପୁଣି ।
ଜୀବେ ଦୟା ଭାବ ମାନବ ସେବା
ଉତ୍କଳମଣିଙ୍କ ଠାରୁ ଶିଖିବା ।
ଘଣ୍ଟଘଣ୍ଟି ଶୁଭେ ମଠ ମନ୍ଦିରୁ
ଗୀତା, ଭାଗବତ ପୁରାଣ ପଢୁ ।
ସଂକୀର୍ତ୍ତନ, ପାଲା, ଦାସକାଠିଆ
କେନ୍ଦରା, ଭଜନ ଅତିବଢ଼ିଆ ।

ବଣ, ପାହାଡ଼ ଓ ସବୁଜ ବିଲ
ଘୋଡ଼ା ନାଚଗୀତ ଲାଗଇ ଭଲ ।
ଉତ୍କଳ ଦିବସ ଦିଅଇ ବାର୍ତ୍ତା
ମାଟି, ଭାଷା ପ୍ରତି ରଖ ମମତା । ■



କ୍ଷିତୀଶ ଜେନା


କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ-୭୮୭୩୫୧୦୦୨୭




## ଓଡ଼ିଶୀ ପ୍ରେମରେ ଶ୍ରଦ୍ଧା ଅନନ୍ୟା

**ସେ ପିଲାଟିଦିନୁ କଳାପ୍ରେମୀ । ଧୂଳିମାଟିରେ ଖେଳିବା ବୟସରେ କେଉଁଠି ବାଦ୍ୟ କି ସଙ୍ଗୀତ ବାଜି ଉଠିଲେ ଅଥୟ ହେଉଥିଲା ତାଙ୍କ କୁନି କୁନି ପାଦ । ଖୁବ୍ କମ୍ ବୟସରୁ ଓଡ଼ିଶୀର ରାଗ, ତାଳ, ଲୟ, ଛନ୍ଦରେ ବାନ୍ଧି ହୋଇଯାଇଥିବା ଏହି କୁନି ପ୍ରତିଭା ଜଣକ ହେଉଛନ୍ତି ରାଉରକେଲା, କଳିଙ୍ଗ ବିହାରର ଶ୍ରଦ୍ଧା ଅନନ୍ୟା । ବୟସ ତାଙ୍କୁ ୧୦ ବର୍ଷ । ଏଇ ବୟସରେ ସେ ଯେତେବେଳେ ପାଦରେ ଘୁଙ୍ଗୁର ବାନ୍ଧି ମଞ୍ଚ ଉପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରନ୍ତି, ଦର୍ଶକଙ୍କ କରତାଳିରେ ଚାରିଆଡ଼ ପ୍ରକମ୍ପିତ ହୁଏ ।**

ଶିଶୁ ପ୍ରତିଭା

ଶ୍ରଦ୍ଧା ବେଦବ୍ୟାସ ସ୍ଥିତ ସେଣ୍ଟ ଆରନୋଲ୍ଡ ସ୍କୁଲରେ ଚତୁର୍ଥ ଶ୍ରେଣୀରେ ଏବେ ପାଠ ପଢୁଛନ୍ତି । ପ୍ରବୀର କୁମାର ଜେନା ଓ ଅଞ୍ଜଳି ଜେନାଙ୍କ ସୁପୁତ୍ରୀ ଶ୍ରଦ୍ଧାଙ୍କର ପିଲାଦିନରୁ ନୃତ୍ୟ ପ୍ରତି ଆଗ୍ରହ ଦେଖି ଏ ଦିଗରେ ତାଲିମ ଦେବା ପାଇଁ ତାଙ୍କ ପିତାମାତା ଚିନ୍ତା କରିଥିଲେ । ଏହାପରେ ଓଡ଼ିଶୀ ନୃତ୍ୟ ଗୁରୁ ସୁନିତା ପଟ୍ଟନାୟକଙ୍କ ଠାରୁ ସେ ଓଡ଼ିଶୀ ଶିଖିବା ଆରମ୍ଭ କଲେ । ଶ୍ରଦ୍ଧା ପ୍ରଥମେ ନିଜର ସ୍କୁଲ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ । ତା'ପରେ ରାଉରକେଲାର ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଆୟୋଜିତ ସାଂସ୍କୃତିକ ମଞ୍ଚରେ ସେ ନୃତ୍ୟ ପରିବେଷଣ କରି ଏବେ କେବଳ ରାଉରକେଲା ନୁହେଁ ସମଗ୍ର ରାଜ୍ୟରେ ଶ୍ରଦ୍ଧା ଜଣେ କୁନି ଓଡ଼ିଶୀ ନୃତ୍ୟାଙ୍ଗନା ଭାବେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି । ରାଜ୍ୟ ତଥା ଜାତୀୟ ସ୍ତରୀୟ ନୃତ୍ୟ ମହୋତ୍ସବରେ ସେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ସାଉଁଟିଛନ୍ତି ଅନେକ ପୁରସ୍କାର ଓ ମାନପତ୍ର । ରାଉରକେଲାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଡ଼ିଶୀ ନୃତ୍ୟ ଉତ୍ସବରେ ସେ ଚମତ୍କାର ଓଡ଼ିଶୀ ନୃତ୍ୟ ପରିବେଷଣ କରି ତ୍ରିବେଣୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ସେହିପରି ବାରାଣସୀ ଠାରେ ନୃତ୍ୟ ପ୍ରଦର୍ଶନ କରି ଗୁରୁ ମୀରା କଳାମଣି ସମ୍ମାନ, ଉତ୍ତରାଖଣ୍ଡରେ ଭାରତୀୟ ସଂସ୍କୃତି ଦର୍ପଣ ସମ୍ମାନ, ଉତ୍କଳ ରଙ୍ଗମଞ୍ଚ ଦ୍ୱାରା ନୃତ୍ୟମଣି ସମ୍ମାନ, ନୃତ୍ୟକଳିକା ସମ୍ମାନ, ପୁରୀରେ ନୃତ୍ୟନିପୁଣା ଉଦୀୟମାନ ଶିଶୁ ପ୍ରତିଭା ସମ୍ମାନ ସଂକଳ୍ପ, କଟକର କଳାବିକାଶ କେନ୍ଦ୍ର ଦ୍ୱାରା ଜାତୀୟ ନୃତ୍ୟମଣି ସମ୍ମାନ, ଭୁବନେଶ୍ୱରରେ ଗୁରୁ ବିକ୍ରମ ସାମଲ ଦ୍ୱାରା ଭାରତ କଳା ସଂସ୍କୃତି ସମ୍ମାନ, ଉତ୍ତର ପ୍ରଦେଶର ଆଜମଗଡ଼ର ହୁନର ରଙ୍ଗ ସମ୍ମାନ ସମେତ ଆହୁରି ଅନେକ ଆଞ୍ଚଳିକ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଭବିଷ୍ୟତରେ ସେ ଦେଶ ଓ ବିଦେଶରେ ବିଭିନ୍ନ ମଞ୍ଚରେ ଓଡ଼ିଶୀ ପରିବେଷଣ କରି ରାଜ୍ୟ ତଥା ଦେଶ ପାଇଁ ଗର୍ବ ଗୌରବ ଆଣିବା କଥା କହିଛନ୍ତି । ଶ୍ରଦ୍ଧାଙ୍କ ପାଇଁ ଆଜି ତାଙ୍କ ପିତାମାତା, ଗୁରୁଜନ ତଥା ବିଦ୍ୟାଳୟରେ ସମସ୍ତେ ଗର୍ବିତ । ପିଲାଦିନୁ ନିଜର ଅନ୍ତର୍ନିହିତ ଗୁଣାବଳୀର ପୂର୍ଣ୍ଣ ବିକାଶ ଦିଗରେ ଦୃଢ଼ ନିଷ୍ଠା ଓ ସାଧନା ଜାରି ରଖି ସେ ଆଜି ତାଙ୍କ ବିଦ୍ୟାଳୟକୁ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଷ୍ଠିତ କରାଇ ପାରିଛନ୍ତି । ଶ୍ରଦ୍ଧାଙ୍କର ସଫଳତାର କାହାଣୀ ଏବେ ଅନେକ ଶିଶୁଙ୍କୁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଉଛି । ■



- ଦେବବ୍ରତ ପଟ୍ଟନାୟକ, ରାଉରକେଲା

## ଶିଖିବା ଆସ ପନ୍ଦରକ

ପନ୍ଦରକେ ପନ୍ଦର
ଆମ ଓଡ଼ିଶା ସୁନ୍ଦର ।।
ପନ୍ଦର ଦି ଗୁଣେ ତିରିଶି
ସୈନିକ ଭାଇ ବଡ଼ ସାହସୀ ।।
ପନ୍ଦର ତିରିକି ପଇଁଚାଳିଶି
ଚୋରକୁ ଧରେ ପୁଲିସ୍ ।।
ପନ୍ଦର ଚଉକୁ ଷାଠିଏ
ସଞ୍ଜ ହେଲେ ଆଇ ଗପ କହେ ।।
ପନ୍ଦର ପଞ୍ଚା ପଞ୍ଚସ୍ତରି
ପଢ଼ିବା ପାଠ ଚକାପାରି ।।
ପନ୍ଦର ଷୋହକ ନବେ
କହିବାନି ମିଛ କେବେ ।।
ପନ୍ଦର ସତାଁ ଶହେ ପାଞ୍ଚ
ସକାଳ ପରେ ଆସେ ସଞ୍ଜ ।।
ପନ୍ଦର ଅଷ୍ଟାଁ ଶହେ କୋଡ଼ିଏ
ଜହ୍ନ ଉଇଁ ଆସେ ମାରି ଘଡ଼ିଏ ।।
ପନ୍ଦର ନୂଆଁ ଶହେ ପଇଁତିରିଶି
ଭୂମି ତଳେ ଜଳ ଥାଏ ବେଶି ।।
ପନ୍ଦର ଦଶାଁ ଶହେ ପଚାଶ
ପ୍ରଣାମ କଲ କଟେ ଦୋଷ ।।
ଆସ ଶିଖିବା ପନ୍ଦରକ
ଗୁଣନ ଖନ୍ଦା ଶିକ୍ଷା ତକ ।। ■



ଧ୍ରୁବ ଚରଣ ବେହେରା


ଅଠରବାଟିଆ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


### ସକାଳ ଶିଶୁ କୁଇଜ୍-୧୧୨

(୧) ମୌର୍ଯ୍ୟ ସାମ୍ରାଜ୍ୟର ସ୍ଥାପନା କିଏ କରିଥିଲେ?
ଉତ୍ତର :______________________
(୨) ୟୁକ୍ରେନ୍‌ର ରାଜଧାନୀର ନାମ କ'ଣ?
ଉତ୍ତର :______________________
(୩) 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସର ଲେଖକ କିଏ?
ଉତ୍ତର:______________________
(୪) ଭାରତର ପ୍ରଥମ ପରମାଣୁ ରିଆକ୍ଟରର ନାମ କ'ଣ?
ଉତ୍ତର:______________________
(୫) ଫଟୋଗ୍ରାଫିରେ କେଉଁ ରାସାୟନିକ ଦ୍ରବ୍ୟର ବ୍ୟବହାର କରାଯାଏ?
ଉତ୍ତର:______________________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

**ଗତ ସପ୍ତାହର କୁଇଜ୍ ବିଜେତା**

- ପ୍ରୀତିପଦ୍ମା ବାରିକ୍, ପାତ୍ରପଡ଼ା, ଭୁବନେଶ୍ୱର
- ଜୀମୂତ ବରଣ ପ୍ରଧାନ, ବେତନଟୀ, ମୟୂରଭଞ୍ଜ
- ଅନିମେଷ ପଟ୍ଟନାୟକ, ରେମୁଣା, ବାଲେଶ୍ୱର


ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯












ବିଘ୍ନେଶ ପଣ୍ଡା
ସପ୍ତମ ଶ୍ରେଣୀ
ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ
ବାଲେଶ୍ୱର



ଜ୍ୟୋତିକ୍ରିଷ୍ଣା ପୃଷ୍ଟି
ଷଷ୍ଠ ଶ୍ରେଣୀ
ଚୁଳିଆପୋଷି
ମୟୂରଭଞ୍ଜ



ସ୍ନେହାଂଶୁ ପ୍ରଧାନ
ଷଷ୍ଠ ଶ୍ରେଣୀ
ମଡର୍ଣ୍ଣ ପବ୍ଲିକ୍ ସ୍କୁଲ୍
ବାଲେଶ୍ୱର



ସୋମ ଆଶୀର୍ବାଦ ତ୍ରିପାଠୀ
ଷଷ୍ଠ ଶ୍ରେଣୀ
ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ
ଭୁବନେଶ୍ୱର

# ପ୍ୟାରିସ ଅଲିମ୍ପିକ୍ସରେ ନୀରଜ ପତାକା ବହନ କରିବା ଉଚିତ: ଅଞ୍ଜୁ



ନୂଆଦିଲ୍ଲୀ, ୨୯ ।୩(ଏଜେନ୍ସି): ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଆଥଲେଟିକ୍ ସୁପରଷ୍ଟାର ନୀରଜ ଚୋପ୍ରା ଭାରତୀୟ ପତାକା ତ୍ରିରଙ୍ଗା ବାହକ ହେବା ଉଚିତ୍ ବୋଲି କିମ୍ବଦନ୍ତୀ ମହିଳା ଆଥଲେଟ୍ ଅଞ୍ଜୁ ବବି ଜର୍ଜ କହିଛନ୍ତି। କିନ୍ତୁ ପୂର୍ବରୁ ଅଭିଜ୍ଞ ପୁରୁଷ ଟେବଲ ଟେନିସ ଖେଳାଳି ଅଚନ୍ତା ଶରତ କମଲ ଭାରତୀୟ ପତାକା ବହନ କରିବେ ବୋଲି ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ତରଫରୁ ଘୋଷଣା କରାଯାଇସାରିଛି। ତେଣୁ ଆଇଓଏର ଏହି ନିଷ୍ପତ୍ତି ନେଇ ଅଞ୍ଜୁ ପ୍ରଶ୍ନ ଉଠାଇଛନ୍ତି। ଜାଭେଲିନ୍ ଥ୍ରୋରେ ପ୍ରାୟ ସବୁ ପ୍ରକାର ସଫଳତା ହାସଲ କରିସାରିଥିବା ନୀରଜ ଭାରତୀୟ ଆଥଲେଟିକ୍ସକୁ ନୂଆ ସୋପାନରେ ପହଞ୍ଚାଇଛନ୍ତି। ସେ ହିଁ ପତାକା ବହନ କରିବା ଉଚିତ ବୋଲି ଅଞ୍ଜୁ ଯୁକ୍ତି ବାଢ଼ିଛନ୍ତି। ଆଇଓଏର ଏହି ନିଷ୍ପତ୍ତିରେ ସେ ଅସନ୍ତୋଷ ଜାହିର କରିଛନ୍ତି। ସେହିପରି ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ତଥା କିମ୍ବଦନ୍ତୀ ମହିଳା ବକ୍ସର ମେରିକମ୍ ଭାରତୀୟ ଦଳର ଚେଫ୍ ଡି ମିଶନ ଓ ୱିଣ୍ଟର ଅଲିମ୍ପିଆନ ଶିବ କେଶବନ ଡେପୁଟି ଚେଫ୍ ଡି ମିଶନ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଇଓଏ ଘୋଷଣା କରିଥିଲା।

■ ୧୪ ବର୍ଷରୁ କମ୍ ଏସୀୟ ର୍ୟାଙ୍କିଙ୍ଗ୍ ଟେନିସ୍

# ଯୁଗଳରେ ଆହାନ ମିଶ୍ର ଚାମ୍ପିଅନ



ଭୁବନେଶ୍ୱର, ୨୯।୩(ସମିସ): ଓଡ଼ିଶାର ଆହାନ ମିଶ୍ର ପଶ୍ଚିମବଙ୍ଗର ସଙ୍କଳ୍ପ ସାହାଣୀଙ୍କ ସହ ଯୋଡି ହୋଇ କୋଲକାତାରେ ଶୁକ୍ରବାର ଶେଷ ହୋଇଥିବା ୧୪ ବର୍ଷରୁ କମ୍ ଏସୀୟ ଟେନିସ ଚାମ୍ପିଅନସିପ୍‌ର ଯୁଗଳ ବିଭାଗରେ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାର ଫାଇନାଲରେ ଆହାନ ଓ ସଙ୍କଳ୍ପଙ୍କ ଯୋଡି ୬-୧, ୬-୨ ସେଟ୍‌ରେ କର୍ଣ୍ଣାଟକର ଇଶାନ ବଡାଗି ଓ ଓଡ଼ିଶାର ସାଇ ସ୍ୱସ୍ତିକ ମହାନ୍ତିଙ୍କୁ ହରାଇଥିଲେ। ଓଡ଼ିଶାର ସାଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ସେହିପରି ଏକକ ବିଭାଗ କ୍ୱାର୍ଟର ଫାଇନାଲରେ ଆହାନ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ। ଏଥିରେ ସେ ଷଷ୍ଠ ସ୍ଥାନରେ ରହିଥିଲେ। ଓଡ଼ିଶା ଟେନିସ ଏକାଡେମୀରେ କୋଚ୍ ସନ୍ତୋଷ ମଲ୍ଲିକଙ୍କଠାରୁ ପ୍ରଶିକ୍ଷଣ ନେଉଥିବା ଆହାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି କୁହାଯାଉଛି।

■ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍

# ଆୟୁଷିଙ୍କ ହ୍ୟାଟ୍ରିକ୍; ୟୁନିଟ-୬ ବିଜୟୀ



କଟକ, ୨୯।୩(ସମିସ): ସିଡିଏ ଗ୍ରାଉଣ୍ଡରେ ଚାଲିଥିବା ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗରେ ଶୁକ୍ରବାର ୧୫ବର୍ଷରୁ କମ୍ ବୟସ ବର୍ଗର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଏକାଦଶ ଏବଂ ସ୍ପୋର୍ଟସ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଥିଲା। ଓଡ଼ିଶା ଏକାଦଶ ପକ୍ଷରୁ ପାୟଲ ଜେନା ଏବଂ ସ୍ପୋର୍ଟସ ଓଡ଼ିଶାର ରୂପଶ୍ରୀ ମୁଣ୍ଡା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଫାଓ ଏକାଡେମୀ ୨-୦ ଗୋଲରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ପରାସ୍ତ କରିଛି। ବିଜୟୀ ଦଳର ଲକ୍ଷ୍ମୀପ୍ରିୟା ବାରିକ ଏବଂ ତୁଳସୀ ଟପ୍ପୋ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ୟୁନିଟ-୬ ଆଥଲେଟିକ ଆସୋସିଏସନ ୬-୦ ଗୋଲରେ ଯୋବ୍ରା ମ୍ୟୁନିସିପାଲିଟି ବାଳିକା ଉଚ୍ଚବିଦ୍ୟାଳୟକୁ ହରାଇଛି। ୟୁନିଟ-୬ ପକ୍ଷରୁ ଆୟୁଷି ଜେନା ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏ. ପ୍ରିୟଦର୍ଶିନୀ ୨ଟି ଏବଂ ମଣି କେରାଇ ଗୋଟିଏ ଗୋଲ ଦେଇଥିଲେ।

## ଆଇପିଏଲ୍-୧୭ : ବିରାଟ କୋହଲିଙ୍କ ଲଢୁଆ ଅର୍ଦ୍ଧଶତକ ବ୍ୟର୍ଥ

# ବେଙ୍ଗାଲୁରୁକୁ ହରାଇଲା କୋଲକାତା

ବେଙ୍ଗାଲୁରୁ, ୨୯।୩(ଏଜେନ୍ସି)



ବିରାଟ କୋହଲି : ୮୩*



ସଲ୍ଟ: ୩୦ ଓ ନାରିନ: ୪୭ (କୋଲକାତା)

ସୁନୀଲ ନାରିନ୍‌ଙ୍କ ନେତୃତ୍ୱରେ ବ୍ୟାଟରଙ୍କ ମିଳିତ ପ୍ରଚେଷ୍ଟା ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ୧୦ମ ଲିଗ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୭ ୱିକେଟରେ ଆୟୋଜକ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହା ଫଳରେ ୨୦୧୫ ପରଠାରୁ ଏଠାରେ ବେଙ୍ଗାଲୁରୁ ବିପକ୍ଷରେ କୋଲକାତା ଅପରାଜେୟ ରହିଛି। ଏହି ମ୍ୟାଚ୍‌ରେ ବିରାଟ କୋହଲି ୫୯ ବଲ୍‌ରେ ଅପରାଜିତ ୮୩ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟରେ ୧୮୨ ରନ୍ କରିଥିଲା। ଜବାରେ କୋଲକାତା ୧୬.୫ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ମ୍ୟାଚ୍ ଜିତିଲାବେଳକୁ ଅଧିନାୟକ ଶ୍ରେୟସ ଆୟର ୨୪ ବଲ୍‌ରେ ୩୯ ଓ ରିଙ୍କୁ ସିଂ ୫ ରନ୍‌ରେ ଅପରାଜିତ ରହିଥିଲେ। ଦଳ ପକ୍ଷରୁ ଭେଙ୍କଟେଶ ଆୟର ୩୦ ବଲ୍ ଖେଳି ସର୍ବାଧିକ ୫୦ ରନ୍ କରିଥିଲେ। କିନ୍ତୁ ଫିଲିପ୍ ସଲ୍ଟ ଓ ସୁନୀଲ ନାରିନ୍ ପ୍ରଥମ ୱିକେଟରୁ ୮୬ ରନ୍ ଉଠାଇ ବିଜୟ ମୂଳଦୁଆ ପକାଇଥିଲେ। ସେହିପରି ତୃତୀୟ ୱିକେଟରୁ ଦୁଇ ଆୟର ଭେଙ୍କଟେଶ ଓ ଶ୍ରେୟସ ୪୪ ବଲ୍‌ରୁ ୭୫ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ନାରିନ୍ ମାତ୍ର ୨୨ ବଲ୍ ଖେଳି ୨ ଚୌକା ଓ ୫ ଛକା ସହ ୪୭ ଓ ସଲ୍ଟ ୨୦ ବଲ୍‌ରୁ ୩୦ ରନ୍ କରିଥିଲେ। କୋଲକାତା ଦ୍ୱିତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରିଥିଲାବେଳେ ବେଙ୍ଗାଲୁରୁ ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ବରଣ କରିଛି।

### କୋହଲିଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ

ଏହି ମ୍ୟାଚ୍‌ରେ ଟସ୍ ହାରି ବେଙ୍ଗାଲୁରୁ ଦଳ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ପାଇଥିଲା। କିନ୍ତୁ ଅଧିନାୟକ ଫାଫ ଡୁ ପ୍ଲେସି ମାତ୍ର ୮ ରନ୍ କରି ପ୍ରଥମ ଖେଳାଳି ଭାବେ ଆଉଟ ହୋଇଯାଇଥିଲେ। ଏହା ପରେ ଚାପରେ ପଡ଼ିଥିଲେ ଅନ୍ୟତମ ବରିଷ୍ଠ ଖେଳାଳି ବିରାଟ କୋହଲି। ସେ ଧୈର୍ଯ୍ୟ ଓ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ବିଭିନ୍ନ ଯୋଡିଦାରଙ୍କୁ ଦ୍ରୁତ ରନ୍ ସଂଗ୍ରହ କରିବାକୁ ସୁଯୋଗ ଦେଇଥିଲେ। ସେ ତିନୋଟି ପାର୍ଟନରସିପ୍ ମାଧ୍ୟମରେ ଦଳର ସ୍କୋରକୁ ଆଗକୁ ନେଇଥିଲେ। ପ୍ରଥମେ କାମେରନ ଗ୍ରୀନ୍‌ଙ୍କ ସହ ଦ୍ୱିତୀୟ ୱିକେଟରୁ ୪୨ ବଲ୍‌ରେ ୬୫, ତୃତୀୟ ୱିକେଟରୁ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ସହ ୩୧ ବଲ୍‌ରେ ୪୨ ରନ୍ ଓ ୬ଷ୍ଠ ୱିକେଟରେ ଦିନେଶ କାର୍ତ୍ତିକଙ୍କ ସହ ୧୫ ବଲ୍‌ରୁ ୩୧ ରନ୍ ଉଠାଇବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିପାରିଥିଲା। କୋହଲି ଶେଷ ପର୍ଯ୍ୟନ୍ତ ଆଉଟ ନ ହୋଇ ୫୯ ବଲ୍‌ରୁ ୪ଟି ଚୌକା ଓ ୪ଟି ଛକା ସହାୟତାରେ ୮୩ ରନ୍ କରିଥିଲେ। ତାଙ୍କ ବ୍ୟତୀତ ଅନ୍ୟ ସମସ୍ତ ବ୍ୟାଟର ସଂଘର୍ଷ କରିଥିଲେ। ଗ୍ରୀନ୍ ୨୧ ବଲ୍‌ରେ ୪ ଚୌକା ଓ ୨ ଛକା ସହ ୩୩, ଦୁଇଟି ଜୀବନଦାନ ପାଇଥିବା ମ୍ୟାକ୍ସୱେଲ ୧୯ ବଲ୍‌ରେ ୨୮ ଓ ଦିନେଶ କାର୍ତ୍ତିକ ୮ ବଲ୍‌ରେ ୩ଟି ଛକା ସହ ୨୦ ରନ୍ କରିଥିଲେ। ବେଙ୍ଗାଲୁରୁ ପାଳିର ପ୍ରଥମ ଭାଗରେ ବଲ ଠିକ୍ ଭାବେ ବ୍ୟାଟକୁ ଆସିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ମନ୍ଥର ହେବାରୁ ରନ୍ ସଂଗ୍ରହ କଷ୍ଟକର ହୋଇ ପଡ଼ିଥିଲା।

କୋଲକାତା ପକ୍ଷରୁ ହର୍ଷିତ ରାଣା ଓ ଆନ୍ଦ୍ରେ ରସେଲ ୨ଟି ଲେଖାଏଁ ୱିକେଟ ପାଇଥିଲେ। କିନ୍ତୁ ଦଳର ପ୍ରମୁଖ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ପୁଣିଥରେ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ବାମହାତୀ ସ୍ପିନର ଅନୁକୂଳ ରୟ ୨ ଓଭର ବୋଲିଂ କରି ମାତ୍ର ୬ ରନ୍ ଦେଇଥିଲେ ମଧ୍ୟ ସେ ତାଙ୍କ ବୋଲିଂ କୋଟା ପୂରଣ କରିବାରେ ଅସମର୍ଥ ହୋଇଥିଲେ। ଏଭଳିସ୍ଥଳେ ଫିଲ୍ଡରମାନେ ୩ଟି ସହଜ କ୍ୟାଚ୍ ହାତଛଡ଼ା କରିବା ମଧ୍ୟ ମହଙ୍ଗା ପଡ଼ିଥିଲା। ଏହି ମ୍ୟାଚ୍‌ରେ କୋଲକାତା ବୋଲରମାନେ ଫାଇଦା ଉଠାଇବାରେ ସମର୍ଥ ହୋଇଥିଲେ।

> **ଆଇପିଏଲ୍-୧୭**
> **ଆଜିର ମ୍ୟାଚ୍**
> **ଲକ୍ଷ୍ନୌ - ପଞ୍ଜାବ**
> ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭ଟା ୩୦
> - ପ୍ରସାରଣ -
> ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଟି-୨୦ରେ ୫୦୦ମ୍ୟାଚ୍ ଖେଳିବାରେ ରସେଲ ଚତୁର୍ଥ

ଏହି ମ୍ୟାଚ୍‌ରେ ପଦାର୍ପଣ କରି ଆନ୍ଦ୍ରେ ରସେଲ ବିଶ୍ୱର ମାତ୍ର ଚତୁର୍ଥ ଖେଳାଳି ଭାବେ ୫୦୦ତମ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ତାଙ୍କ ପୂର୍ବରୁ ନିଜ ଦେଶର ଦୁଇ ଖେଳାଳି କାଇରନ ପୋଲାର୍ଡ (୬୬୦ ମ୍ୟାଚ୍) ଓ ଡ୍ୱେନ୍ ବ୍ରାଭୋ ୫୭୩ ମ୍ୟାଚ୍ ଖେଳି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ପାକିସ୍ତାନର ଅଲରାଉଣ୍ଡର ଶୋଏବ ମଲିକ ୫୪୨ଟି ମ୍ୟାଚ୍ ଖେଳି ତୃତୀୟ ସ୍ଥାନରେ ରହିଛନ୍ତି।

### ୧୦୦୦ ରନ୍ ଓ ୧୦୦ ୱିକେଟ୍ ନେବାରେ ପଞ୍ଚମ ଅବସର

ଏଠାରେ ଆନ୍ଦ୍ରେ ରସେଲ ଆଇପିଏଲ୍‌ର ପଞ୍ଚମ ଖେଳାଳି ଭାବେ ୧, ୦୦୦ ରନ୍ ଓ ୧୦୦ ୱିକେଟ ନେବାରେ ପଞ୍ଚମ ଖେଳାଳି ସାବ୍ୟସ୍ତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ସେ ରଜତ ପଟିଦାରଙ୍କୁ ଆଉଟ କରି ନିଜ ଆଇପିଏଲ୍ କ୍ୟାରିୟରରେ ୧୦୦ତମ ୱିକେଟ ପାଇଥିଲେ। ଏହା ସହ ସେ ବ୍ୟାଟିଂ କରିବା ପୂର୍ବରୁ ୨୩୨୬ ରନ୍ ମଧ୍ୟ ସଂଗ୍ରହ କରିଥିଲେ। ରବୀନ୍ଦ୍ର ଜାଡେଜା ୨୭୨୪ ରନ୍ କରିବା ସହ ୧୫୨ ୱିକେଟ, ଡ୍ୱେନ୍ ବ୍ରାଭୋ ୧୫୬୦ ରନ୍ କରିବା ସହ ୧୮୩ ୱିକେଟ, ଅକ୍ଷର ପଟେଲ ୧୪୫୪ ରନ୍ କରିବା ସହ ୧୧୩ଟି ୱିକେଟ ଓ ସୁନିଲ ନାରିନ୍ ୧୦୯୫ ରନ୍ କରିବା ସହ ୧୬୫ଟି ୱିକେଟ ନେଇ ଏହି କ୍ଲବ୍‌ରେ ସାମିଲ ହୋଇଛନ୍ତି।

# ସ୍ପେନ୍ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ: କ୍ୱାର୍ଟରରେ ହାରିଲେ ସିନ୍ଧୁ

ମାଦ୍ରିଦ୍, ୨୯ ।୩(ଏଜେନ୍ସି)



ଏଠାରେ ଚାଲିଥିବା ସ୍ପେନ୍ ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଦୁଇଥର ଅଲିମ୍ପିକ୍ସ ପଦକ ଜିତିଥିବା ପିଭି ସିନ୍ଧୁ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଦ୍ୱିତୀୟ ସିଡ୍ ମାନ୍ୟତା ପାଇଥିବା ସିନ୍ଧୁ ୨୬-୨୪, ୧୭-୨୧, ୨୦-୨୨ରେ ଥାଇଲାଣ୍ଡର ଷଷ୍ଠ ସିଡ୍ ଖେଳାଳି ସୁପନିଦା କେଟଥୋଙ୍ଗ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପ୍ରଥମ ଗେମ୍‌ରେ ସଂଘର୍ଷ କରି ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇଟି ଗେମ୍‌ରେ ସେ ଏହି ସଫଳତାକୁ ଦୋହରାଇପାରି ନଥିଲେ। ପୂର୍ବର କିଦାମ୍ବି ଶ୍ରୀକାନ୍ତଙ୍କ ପରାଜୟ ସହ ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ପୁରୁଷ ଏକକ ଅଭିଯାନ ଶେଷ ହୋଇଥିଲା।

### ସେମିରେ ସୁମିତ-ସିକ୍କି ରେଡ୍ଡୀ

ଅନ୍ୟପଟେ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ବି ସୁମିତ ରେଡ୍ଡୀ ଓ ଏନ୍ ସିକ୍କି ରେଡ୍ଡୀଙ୍କୁ ନେଇ ଗଠିତ ଭାରତୀୟ ଯୋଡି ସେମିଫାଇନାଲରେ ପ୍ରବେଶ କରିଛି। ଅଣସିଡ୍ ଏହି ଯୋଡି ୧୪-୨୧, ୨୧-୧୧, ୨୧-୧୭ରେ ଇଣ୍ଡୋନେସିଆ ଯୋଡି ରେହାନ ନୌଫାଲ କୁଶରଜାନ୍ତୋ ଓ ଲିସା ଆୟୁ କୁସମାବତୀଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି।

### ପୋନାପ୍ପା- କ୍ରାଷ୍ଟୋ କ୍ୱାର୍ଟରରୁ ନେଲେ ବିଦାୟ

ସେହିପରି ମହିଳା ଯୁଗଳ ପ୍ରତିଯୋଗିତାରେ ଅଣସିଡ୍ ଭାରତୀୟ ଯୋଡି ଅଶ୍ୱିନୀ ପୋନାପ୍ପା ଓ ତନିଷା କ୍ରାଷ୍ଟୋ ମଧ୍ୟ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ଯୋଡି ୧୩-୨୧, ୧୯-୨୧ରେ ତାଇୱାନ ଯୋଡି ଲି ଚିଆ- ସିନ ଓ ତେଙ୍ଗ ଚୁନ୍ ସୁନଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଛକାରେ ଧୋନି, ଗେଲ୍‌ଙ୍କୁ ପଛରେ ପକାଇଲେ କୋହଲି

ବେଙ୍ଗାଲୁରୁ, ୨୯ ।୩ (ଏଜେନ୍ସି)

କୋଲାକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚରେ କୋହଲି ୫୯ ବଲରୁ ୮୩ ରନର ଅପରାଜିତ ପାଳି ଖେଳିଛନ୍ତି। ଯେଉଁଥିରେ ସେ ୪ଟି ଲେଖାଏ ଚୌକା ଓ ଛକା ମାରିଛନ୍ତି। ଆଇପିଏଲ୍‌ରେ କୋହଲିଙ୍କ ଏହା ୫୨ତମ ଅର୍ଦ୍ଧଶତକ ଥିଲା। ଏଥିସହ ସେ ଆଇପିଏଲ୍ ଇତିହାସରେ ସର୍ବାଧିକ ଛକା ମାରିବାରେ ଚେନ୍ନାଇ ସୁପର୍ କିଙ୍ଗ୍‌ସର ପ୍ରାକ୍ତନ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ପଛରେ ପକାଇ ଦେଇଛନ୍ତି। ଆଇପିଏଲ୍‌ରେ କୋହଲିଙ୍କ ଛକା ସଂଖ୍ୟା ବର୍ତ୍ତମାନ ୨୪୧ରେ ପହଞ୍ଚିଥିବାବେଳେ ଧୋନି (୨୩୯) ତାଙ୍କଠାରୁ ପଛରେ ପଡ଼ିଯାଇଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ଛକା ମାରିବାରେ କ୍ରିସ୍ ଗେଲ୍ (୩୫୭ଟି), ରୋହିତ୍ ଶର୍ମା (୨୬୧) ଓ ଏବି ଡି ଭିଲର୍ସ (୨୪୧)ଙ୍କ ପଛକୁ କୋହଲି ଓ ଧୋନି ରହିଛନ୍ତି।

ଏହି ଅର୍ଦ୍ଧଶତକୀୟ ପାଳି ଅବସରରେ କୋହଲି ମଧ୍ୟ ଆଉ ଏକ ରେକର୍ଡ ବେଙ୍ଗାଲୁରୁ ଫ୍ରାଞ୍ଚାଇଜ ପାଇଁ କରିଛନ୍ତି। ବେଙ୍ଗାଲୁରୁ ପାଇଁ ସର୍ବାଧିକ ଛକା ମାରିବାରେ ସେ କ୍ରିସ୍ ଗେଲ୍‌ଙ୍କୁ ପଛରେ ଟପିଯାଇଛନ୍ତି। ଗେଲ୍ ରୟାଲ୍ ଚ୍ୟାଲେଞ୍ଜର୍ସ ପାଇଁ ୨୩୯ଟି ଛକା ମାରିଛନ୍ତି। କିନ୍ତୁ ୨୦୦୮ରୁ ବେଙ୍ଗାଲୁରୁ ପାଇଁ ଖେଳିଆସୁଥିବା କୋହଲି ବର୍ତ୍ତମାନ ସୁଦ୍ଧା ୨୪୧ ଛକା ସହ ଆଗରେ ରହିଛନ୍ତି। ଏହି ତାଲିକାରେ ଡି ଭିଲର୍ସ (୨୩୮) ୩ୟ ସ୍ଥାନ ହାସଲ କରିଛନ୍ତି।

## ଆମେରିକା ଟି-୨୦ ଦଳରେ ଚାନ୍ଦଙ୍କୁ ମିଳିଲାନି ସ୍ଥାନ

# ୬ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବେ ଆଣ୍ଡରସନ୍

ନୂଆଦିଲ୍ଲୀ, ୨୯ ।୩ (ଏଜେନ୍ସି)

କାନାଡା ବିପକ୍ଷରେ ଏପ୍ରିଲ ୭ରୁ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜ ଲାଗି ଆମେରିକା ଦଳ ଘୋଷଣା ହୋଇଛି। ଯେଉଁଥିରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଉନ୍ମୁକ୍ତ ଚାନ୍ଦଙ୍କୁ ସ୍ଥାନ ମିଳିନାହିଁ। ଚାନ୍ଦ ୨୦୨୧ରେ ଭାରତୀୟ କ୍ରିକେଟ୍‌ରୁ ଅବସର ନେଇ ଆମେରିକା ଚାଲିଯାଇ ସେଠାରେ ଘରୋଇ କ୍ରିକେଟ୍ ଖେଳିଥିଲେ। ଚଳିତ ବର୍ଷ ଜାନୁଆରୀରେ ଆମେରିକା ଜାତୀୟ ଦଳ ପକ୍ଷରୁ ଖେଳିବାକୁ ସେ ଯୋଗ୍ୟ ହୋଇଥିଲେ। କିନ୍ତୁ କାନାଡା ବିପକ୍ଷ ଘୋଷିତ ୧୫ ଜଣିଆ ଦଳରେ ତାଙ୍କୁ ନିଆଯାଇ ନାହିଁ। ଫଳରେ ଜୁନ ପ୍ରାରମ୍ଭରୁ ଆମେରିକାରେ ଆରମ୍ଭ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଖେଳିବା ନେଇ ଚାନ୍ଦ ଦେଖିଥିବା ସ୍ୱପ୍ନ ଏବେ ଆଶଙ୍କା ମଧ୍ୟକୁ ଚାଲିଯାଇଛି।



କୋରି ଆଣ୍ଡରସନ୍



ଉନ୍ମୁକ୍ତ ଚାନ୍ଦ

ଆମେରିକାରେ ଅନୁଷ୍ଠିତ ମେଜର ଲିଗ୍ କ୍ରିକେଟ୍ (ଏମ୍‌ସିଏଲ୍)ରେ ଉନ୍ମୁକ୍ତ ୪୫ ମ୍ୟାଚରୁ ୧୫୦୦ ରନ କରିଥିଲେ। ପ୍ରତିଯୋଗିତାରେ ସେ ଦ୍ୱିତୀୟ ସର୍ବାଧିକ ସ୍କୋରର ରହିଥିଲେ। ଏତେ ଭଲ ପ୍ରଦର୍ଶନ ସତ୍ତ୍ୱେ ସେ ଆମେରିକା ଦଳରେ ସୁଯୋଗ ପାଇବାରେ ବିଫଳ ହୋଇଛନ୍ତି। ଅପରପକ୍ଷରେ ନ୍ୟୁଜିଲାଣ୍ଡର ପ୍ରାକ୍ତନ ଅଲ୍‌ରାଉଣ୍ଡର କୋରି ଆଣ୍ଡରସନଙ୍କୁ ଘୋଷିତ ଆମେରିକା ଦଳରେ ସ୍ଥାନ ମିଳିଛି। ଫଳରେ ୩୩ ବର୍ଷୀୟ ଆଣ୍ଡରସନ ଦୀର୍ଘ ୬ ବର୍ଷ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିଛନ୍ତି। ଆଣ୍ଡରସନ ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ପାଇଁ ୧୩ ଟେଷ୍ଟ, ୪୯ ଏକଦିବସୀୟ ଓ ୩୧ ଟି-୨୦ ମ୍ୟାଚ୍ ଖେଳି ମୋଟ୍ ୨୧୦୦ରୁ ଊର୍ଦ୍ଧ୍ୱ ରନ ଏବଂ ୯୦ ୱିକେଟ୍ ନେଇଥିଲେ। ଏବେ ସେ ଆମେରିକା ପାଇଁ ଖେଳିବେ।

■ ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ

# ପ୍ରଥମ ଦିନରେ ଓଡ଼ିଶାକୁ ସଫଳତା




ଭୁବନେଶ୍ୱର, ୨୯ ।୩ (ସମିସ)

ବିହାରର ପାଟନାଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ କନିଷ୍ଠ ମହିଳା ସନ୍ତରଣ ସିରିଜର ପ୍ରଥମ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ପ୍ରଥମ ଦିବସରେ ମୋଟ୍ ୫୦ ପୁରସ୍କାରରୁ ଓଡ଼ିଶାର ସନ୍ତରଣକାରୀମାନେ ୨୬ଟି ହାତେଇନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ୨୦୦ ମିଟର ବ୍ରେଷ୍ଟ ଷ୍ଟୋକରେ ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ୧୫ ବର୍ଷରୁ କମ୍ ୨୦୦ ମିଟର ବ୍ରେଷ୍ଟ ଷ୍ଟୋକରେ ଅଞ୍ଚଳ ବାଗ୍, ୧୦୦ ମିଟର ବଟରଫ୍ଲାଏରେ ଅର୍ପିତା ସାମଲ, ୨୦୦ ମିଟର ଫ୍ରି-ଷ୍ଟାଇଲ୍‌ରେ ଅଂଶିକା ଆରାଧନା ସାହୁ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଭଦ୍ରା ଶତପଥୀ (୨୦୦ ମି. ଫ୍ରିଷ୍ଟାଇଲ), ମାହିକା ମହାକୁଡ଼ (୧୦୦ମି. ବ୍ୟାକ୍‌ଷ୍ଟୋକ), ୧୫ ବର୍ଷରୁ କମ୍‌ରେ ପ୍ରିୟଦର୍ଶିନୀ ରାଉତ (୧୦୦ମି. ବ୍ୟାକ୍‌ଷ୍ଟୋକ), ଆକାଂକ୍ଷା ନାୟକ (୧୦୦ମି. ବଟରଫ୍ଲାଏ), ୧୫ ବର୍ଷରୁ କମ୍‌ରେ ସ୍ରିଷ୍ଟି କଳସ ସାଇନି (୧୦୦ମି. ବଟରଫ୍ଲାଏ), ଆଲ୍ୟାନ ପଣ୍ଡା (୨୦୦ମି. ବ୍ରେଷ୍ଟଷ୍ଟୋକ) ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ।

ଭାରତୀୟ ସନ୍ତରଣ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ। ଏଥିରେ ଓଡ଼ିଶା ସମେତ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶର ସନ୍ତରଣକାରୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମରୁ ୫ମ ସ୍ଥାନ ମଧ୍ୟରେ ରହିଥିବା ସନ୍ତରଣକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର